

ଗଜାନନଂ ଭୂତଗଣାଦି ସେବିତମ୍
କପିତ୍ଥ ଜମ୍ବୁଫଳଚାରୁ ଭକ୍ଷଣମ୍,
ଉମାସୁତଂ ଶୋକ ବିନାଶକାରକମ୍
ନମାମି ବିଘ୍ନେଶ୍ୱର ପାଦପଙ୍କଜମ୍ ॥


RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

VOLUME- 43 ◆ISSUE-63 ◆WEDNESDAY ◆27 AUGUST 2025 ◆PAGE-12 ◆₹ 6.00 | BHUBANESWAR | ◆ବର୍ଷ-୪୩ ◆ସଂଖ୍ୟା-୬୩ ◆ବୁଧବାର ◆୨୭ ଅଗଷ୍ଟ ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦





ପାର୍ବଣ ପୂର୍ବରୁ ଯୁବ ଓ ଛାତ୍ର ବିଜେଡିର ନବକଳେବର

# ଚିନ୍ମୟ ଯୁବ ଓ ଇପ୍‌ସିତା ଛାତ୍ର ସଭାପତି

ଭୁବନେଶ୍ୱର,୨୬।୮ (ସମିସ): ନବକଳେବର ହୋଇଛି ବିଜେଡିର ଦୁଇ ଛାମୁଆ ସଙ୍ଗଠନ ଯୁବ ବିଜେଡି ଓ ଛାତ୍ର ବିଜେଡି। ମଙ୍ଗଳବାର ଦଳର ସଭାପତି ନବୀନ ପଟ୍ଟନାୟକ ଉଭୟ ସଙ୍ଗଠନର ସଭାପତିଙ୍କ ନାମ ଘୋଷଣା କରିଛନ୍ତି । ଛାତ୍ର ଓ ଯୁବ ରାଜନୀତିରେ ଅଭିଜ୍ଞ ଚିନ୍ମୟ ସାହୁଙ୍କୁ

**ଯୁବ ସଙ୍ଗଠନରେ ବ୍ୟୋମକେଶ, ରାଜେନ୍ଦ୍ର, ଅମରେଶ, ସଞ୍ଜିତଙ୍କୁ ସ୍ୱତନ୍ତ୍ର ଦାୟିତ୍ୱ**
**ଛାତ୍ର ସଙ୍ଗଠନରେ ଦେବେଶ, ଦେବୀ, ସୁଭାଶିଷ, ସୌଭିକଙ୍କୁ ସ୍ୱତନ୍ତ୍ର ଦାୟିତ୍ୱ**

ଯୁବ ବିଜେଡି ସଭାପତି ରୂପେ ନିଯୁକ୍ତି ଦିଆଯାଇଥିବାବେଳେ ପ୍ରଥମଥର ପାଇଁ ଛାତ୍ର ବିଜେଡିର ମଙ୍ଗ ଜଣେ ମହିଳା ଯୁବ ନେତ୍ରୀଙ୍କ ଉପରେ ନ୍ୟସ୍ତ କରାଯାଇଛି ।ଏହା ସହିତ ଦୁଇ ସଙ୍ଗଠନର ସାଙ୍ଗଠନିକ ଶକ୍ତି ବୃଦ୍ଧି ଓ ଦିଶା ନିର୍ଦ୍ଦେଶ ନିମନ୍ତେ ଚାରି ଜଣ ଲେଖାଏଁ ଅନୁଭବୀ ତଥା ବରିଷ୍ଠ ନେତାଙ୍କ ଉପରେ ଦାୟିତ୍ୱ ନ୍ୟସ୍ତ କରାଯାଇଛି। ଯୁବ ବିଜେଡି ସଙ୍ଗଠନକୁ ଦୃଢ଼ କରିବା ନିମନ୍ତେ ପୂର୍ବତନ ଯୁବ ସଭାପତି ତଥା ବିଧାୟକ ବ୍ୟୋମକେଶ ରାୟଙ୍କୁ ବରିଷ୍ଠ ସାଧାରଣ ସମ୍ପାଦକ, ଯୁବ ନେତା ତଥା ପୂର୍ବତନ ବିଧାୟକ




ରାଜେନ୍ଦ୍ର କୁମାର ସାହୁ, ପୂର୍ବତନ ଯୁବ ସଭାପତି ଅମରେଶ ପତ୍ରୀ ଏବଂ ସଞ୍ଜିତ ମହାନ୍ତିଙ୍କୁ ସ୍ୱତନ୍ତ୍ର ଦାୟିତ୍ୱ ପ୍ରଦାନ କରାଯାଇଛି। ଛାତ୍ର ବିଜେଡି ସଙ୍ଗଠନରେ ଦେବେଶ ଆଚାର୍ଯ୍ୟଙ୍କ ବରିଷ୍ଠ ସାଧାରଣ ସମ୍ପାଦକ ଦାୟିତ୍ୱ ପ୍ରଦାନ କରାଯାଇଛି। ଏହା ସହ ବିଧାୟକ ଦେବୀ ରଞ୍ଜନ ତ୍ରିପାଠୀ, ସାଂସଦ ସୁଭାଶିଷ ଖୁଣ୍ଟିଆ ଓ ବିଧାୟକ ସୌଭିକ୍ ବିଶ୍ୱାଳଙ୍କୁ ସାଧାରଣ ସମ୍ପାଦକ ଦାୟିତ୍ୱ ଦିଆଯାଇଛି । ପାର୍ବଣ ପୂର୍ବରୁ ନବୀନ ଉଭୟ ଛାମୁଆ ସଂଗଠନର ନବ କଳେବର କରିଥିବା ବେଳେ ଖୁବଶୀଘ୍ର ଅନ୍ୟ ପଦାଧିକାରୀଙ୍କୁ ମଧ୍ୟ ଦାୟିତ୍ୱ ପ୍ରଦାନ କରାଯିବ ବୋଲି ସୂଚନା ମିଳିଛି ।

ବାଲେଶ୍ୱରରେ ଚାଞ୍ଚଲ୍ୟ

# ନାବାଳିକାକୁ ୫ ମାସ ଧରି ଗଣଦୁଷ୍କର୍ମ

ଭୋଗରାଇ,୨୬।୮ (ସମିସ): ପ୍ରେମ ଜାଲରେ ଫସାଇ ଜଣେ ନାବାଳିକାକୁ ଅପହରଣ ଏବଂ ତାଙ୍କ ଧର୍ମ ପରିବର୍ତ୍ତନ କରିବା ସହ ୫ ମାସ ଧରି ଗଣଦୁଷ୍କର୍ମ କରିବା ଭଳି ଘଟଣା ଆଜି ବାଲେଶ୍ୱର ଜିଲ୍ଲା ଭୋଗରାଇ ବ୍ଲକ୍‌ରେ ତୀବ୍ର ଆଲୋଡ଼ନ ସୃଷ୍ଟି କରିଛି। ଗଣଦୁଷ୍କର୍ମର ଶିକାର ହୋଇଥିବା ପୀଡ଼ିତାଜଣଙ୍କ ଆଜି ଏ ସଂପର୍କରେ ଭୋଗରାଇ ଥାନାରେ ଅଭିଯୋଗ କରିଛନ୍ତି। ପୁଲିସ୍ ଏକ ମାମଲା ରୁଜୁ କରିବା ସହ ପୀଡ଼ିତାଙ୍କ ବୟାନ ଆଧାରରେ ଛାନଭିନ୍ ଆରମ୍ଭ କରିଛି। ଏହାସହ ପୀଡ଼ିତାଙ୍କ ଡାକ୍ତରୀମାଇନା କରାଇବା ପରେ ଆଜି ସଂଧ୍ୟାରେ ତାଙ୍କୁ ବାଲେଶ୍ୱର ନାରୀ ସୁରକ୍ଷା ସମିତି ସୁଧାର ଗୃହକୁ ପଠାଇ ଦେଇଛି।

ଥାନାରେ ହୋଇଥିବା ଅଭିଯୋଗ ଅନୁଯାୟୀ, ପୀଡ଼ିତାଜଣଙ୍କ ଜଣେ କବାଡ଼ି ଖେଳାଳି। କିଛି ଦିନ ତଳେ ତାଙ୍କ ସହ ବାଲେଶ୍ୱର ସଦର ଥାନା ଅଞ୍ଚଳର ଫକୀର ଖାଁଙ୍କ ପୁଅ ଅବଦୁଲ ଗଫର୍‌ଙ୍କ ଚିହ୍ନା ପରିଚୟ ହୋଇଥିଲା। ଅବଦୁଲ ତାଙ୍କୁ ପ୍ରେମ ଜାଲରେ ଫସାଇଥିଲେ। ନାବାଳିକାଙ୍କ ପରିବାରଲୋକେ ଝିଅକୁ ଅନ୍ୟତ୍ର ବିବାହ ଦେବା ଲାଗି ସଜବାଜ ହେଉଥିବା ବେଳେ ଗତ ମାର୍ଚ୍ଚ ୧ ତାରିଖରେ ଅବଦୁଲ ସମ୍ପୃକ୍ତା ନାବାଳିକାଙ୍କୁ ଅପହରଣ କରିନେଇଥିଲା। ଏନେଇ ନାବାଳିକାଙ୍କ ପରିବାରଲୋକ ଭୋଗରାଇ ଥାନାରେ

**■ ଥାନାରେ ପୀଡ଼ିତାଙ୍କ ଅଭିଯୋଗ**
**■ ପ୍ରେମ ଜାଲରେ ଫସାଇ କରିଥିଲା ଅପହରଣ**
**■ ସୁଧାର ଗୃହକୁ ଗଲେ ପୀଡ଼ିତା**

ଅଭିଯୋଗ କରିଥିଲେ। ଭୋଗରାଇ ପୁଲିସ୍ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା। ତେବେ ହଠାତ ସମ୍ପୃକ୍ତ ନାବାଳିକା ସହିତ ତାଙ୍କ ମାତାପିତା ଓ ଓକିଲ ଆଜି ଭୋଗରାଇ ଥାନାରେ ପହଞ୍ଚିଥିଲେ। ପୁଲିସ ଓ ଗଣମାଧ୍ୟମ ସମ୍ମୁଖରେ କହିଥିଲେ ଯେ ଅବଦୁଲ ଗତ ୫ମାସ ହେଲା ତାଙ୍କ ଝିଅକୁ ଏକ ଘରେ ନଜରବନ୍ଦୀ କରି ରଖିଥିଲା। ସେଠାରେ ସେ ତା'ର ଧର୍ମ ପରିବର୍ତ୍ତନ କରିବା ସହ ସହଯୋଗୀଙ୍କ ସହ ବାରମ୍ବାର ଗଣଦୁଷ୍କର୍ମ କରିଥିଲା। ପୀଡ଼ିତାଜଣଙ୍କ ମଧ୍ୟ କହିଛନ୍ତି ଯେ ତାଙ୍କ ପଡ଼ୋଶୀ ଯୁବକମାନେ ଅବଦୁଲଙ୍କ ସହ ମିଶି ତାଙ୍କୁ ଘରୁ ଅପହରଣ କରିଥିଲା। ପ୍ରଥମେ ତାଙ୍କୁ ବାରିପଦାରେ ଏକ ଭଡ଼ାଘରେ ରଖି ସାଙ୍ଗସାଥୀଙ୍କ ସହ ମିଶି ଗଣଦୁଷ୍କର୍ମ କରିବା ପରେ ପୁଣି ବୈଶିଙ୍ଗାରେ ୧ ମାସ ରଖିଥିଲା। ପରେ ଅବଦୁଲ ତାଙ୍କୁ ନିଜ ଘରକୁ ନେଇ ଆସିଥିଲା। ଘରେ ସଂପର୍କୀୟଙ୍କ ସହ ମିଶି ଅବଦୁଲ ତାଙ୍କୁ ୫ମାସ ଧରି ଗଣଦୁଷ୍କର୍ମ କରି ଚାଲିଥିଲା। ଏହାସହ ଘରୁ ଗୋଡ଼ କାଢ଼ିଲେ, ଜୀବନରୁ ମାରିଦେବାର ଧମକ ଦେଉଥିଲା। ତେବେ ଘରେ କେହି ନଥିବାର ସୁଯୋଗ ନେଇ ସେ କୌଶଳକ୍ରମେ ସେଠାରୁ ଖସି ଆସିଛନ୍ତି ବୋଲି ନାବାଳିକାଜଣଙ୍କ କହିଛନ୍ତି।

## ଅକ୍ଟୋବର ୧୨ରେ ଓସିଏସ୍ ପ୍ରିଲିମିନାରୀ ପରୀକ୍ଷା

ଭୁବନେଶ୍ୱର, ୨୬।୮ (ସମିସ): ଓଡ଼ିଶା ସିଭିଲ୍ ସର୍ଭିସ୍ (ଓସିଏସ୍) ପରୀକ୍ଷା ୨୦୨୪ ପ୍ରିଲିମିନାରୀ ପରୀକ୍ଷା ତାରିଖ ପ୍ରକାଶ ପାଇଛି। ଅକ୍ଟୋବର ୧୨ ତାରିଖରେ ପରୀକ୍ଷା କରିବା ପାଇଁ ଓଡ଼ିଶା ଲୋକସେବା ଆୟୋଗ (ଓପିଏସ୍‌ସି) ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ଚଳିତଥର ମୋଟ୍ ୨୦୦ ପଦ ପାଇଁ ଆଶାୟୀମାନେ ପରୀକ୍ଷା ଦେବେ। ଏହାସହ ଓସିଏସ୍-୨୦୨୩ର ପ୍ରମାଣପତ୍ର ଯାଞ୍ଚ ପାଇଁ ମଧ୍ୟ ବିଜ୍ଞପ୍ତି ପ୍ରକାଶ ପାଇଛି। ସେପ୍ଟେମ୍ବର ୬ରୁ ୧୮ ମଧ୍ୟରେ ପ୍ରମାଣପତ୍ର ଯାଞ୍ଚ ହେବ। ଏହା ମଧ୍ୟରେ କେବଳ ୧୩ତାରିଖ ଦିନ ବନ୍ଦ ରହିବ। କଟକସ୍ଥିତ ଓପିଏସ୍‌ସି କାର୍ଯ୍ୟାଳୟରେ ୨୯୩ ଜଣ ମହିଳାଙ୍କ ସମେତ ମୋଟ୍ ୮୦୬ଜଣ ଉତ୍ତୀର୍ଣ୍ଣ ପରୀକ୍ଷାର୍ଥୀଙ୍କ ପ୍ରମାଣପତ୍ର ଯାଞ୍ଚ କରାଯିବ ବୋଲି କୁହାଯାଇଛି।

## '୫-ଟି' ଓ 'ମୋ ସରକାର' ବ୍ୟବସ୍ଥାର କପି ପେଷ୍ଟ 'ଆମ ଶାସନ': ବିଜେଡି

ଭୁବନେଶ୍ୱର,୨୬।୮ (ସମିସ): ରାଜ୍ୟ ସରକାରଙ୍କ ଦ୍ୱାରା ଆଜି ଆରମ୍ଭ କରାଯାଇଥିବା 'ଆମ ଶାସନ' ବ୍ୟବସ୍ଥା ପୂର୍ବ ସରକାରଙ୍କ ଦ୍ୱାରା ୨୦୧୯ ମସିହାରୁ କାର୍ଯ୍ୟକାରୀ ହୋଇ ଆସୁଥିବା '୫-ଟି' ଓ 'ମୋ ସରକାର' ବ୍ୟବସ୍ଥାର କପି ପେଷ୍ଟ। ବିରୋଧୀ ଦଳର ଦାୟିତ୍ୱ ନିର୍ବାହ କରିବା ସମୟରେ ବିଜେପି ଏହି ବ୍ୟବସ୍ଥାକୁ ସମାଲୋଚନା କରି ଆସୁଥିଲା। ତେବେ ସରକାରକୁ ଆସିବାର ୧୪ ମାସ ପରେ ସମାନ ବ୍ୟବସ୍ଥାକୁ କେବଳ ନାମ ପରିବର୍ତ୍ତନ କରି ଲାଗୁ କରିଛି ଏବଂ '୫-ଟି ଓ ମୋ ସରକାର' ବ୍ୟବସ୍ଥାର ଉପାଦେୟତାକୁ ବିଜେପି ସରକାର ସ୍ୱୀକାର କରିଛି ବୋଲି କହିଛି ବିଜେଡି ।

ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ପୂର୍ବତନ ମନ୍ତ୍ରୀ ତଥା ଦଳର ଉପସଭାପତି ଅତନୁ ସବ୍ୟସାଚୀ ନାୟକ କହିଛନ୍ତି ଯେ ପୂର୍ବ ସରକାରଙ୍କ ଦ୍ୱାରା ପ୍ରଣୟନ କରାଯାଇଥିବା ଅନେକ ଲୋକପ୍ରିୟ ଯୋଜନାକୁ କେବଳ ନାମ ପରିବର୍ତ୍ତନ କରି ଓ ପୂର୍ବ ସରକାରଙ୍କ ଦ୍ୱାରା ସମ୍ପୂର୍ଣ୍ଣ ହୋଇଥିବା ସରକାରୀ ଭବନ ଗୁଡିକର ରଙ୍ଗ ପରିବର୍ତ୍ତନ କରିବା ପ୍ରାଥମିକତା ହୋଇଛି। ପୂର୍ବତନ



ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ପ୍ରଣୟନ କରାଯାଇଥିବା ବିଭିନ୍ନ ଯୋଜନା ଗୁଡିକ ଭିତରୁ ୨୪ଟି ଯୋଜନାର ନାମ ପୂର୍ବରୁ ହୋଇସାରିଥିଲା ଓ ଆଜି ଆରମ୍ଭ ହୋଇଥିବା 'ଆମ ଶାସନ' ବ୍ୟବସ୍ଥା ପରେ ଏହି ସଂଖ୍ୟା ୨୫କୁ ଛୁଇଁଲା। ନବୀନ ପଟ୍ଟନାୟକଙ୍କ ଦ୍ୱାରା ୨୦୧୯ ମସିହା ଗାନ୍ଧୀ ଜୟନ୍ତୀ ଦିନ ଆରମ୍ଭ ହୋଇଥିବା '୫-ଟି' ମୋ ସରକାର ବ୍ୟବସ୍ଥା ଜାତୀୟସ୍ତରରେ ବହୁ ପ୍ରଶଂସିତ

**■ '୫-ଟି ଓ ମୋ ସରକାର' ବ୍ୟବସ୍ଥାର ଉପାଦେୟତାକୁ ବିଜେପି ସ୍ୱୀକାର କରିଛି**
**■ ଆମ ଶାସନକୁ ମିଶାଇ ୨୫ ଯୋଜନାର ନାମ ପରିବର୍ତ୍ତନ କରି ଲାଗୁ ହୋଇଛି**

ହୋଇଥିଲା । କେନ୍ଦ୍ର ସରକାରଙ୍କ ସଂସ୍ଥା ନୀତି ଆୟୋଗ ଏହାକୁ ପ୍ରଶଂସା କରିଥିବା ବେଳେ ତତ୍କାଳୀନ କେନ୍ଦ୍ରମନ୍ତ୍ରୀ ଜିତେନ୍ଦ୍ର ସିଂ ଏହାକୁ ପ୍ରଶଂସା କରିବା ସହିତ ଏହି ବ୍ୟବସ୍ଥାକୁ ଅନ୍ୟ ରାଜ୍ୟମାନେ ମଧ୍ୟ ଲାଗୁ କରିବା ଦରକାର ବୋଲି କହିଥିଲେ। କେନ୍ଦ୍ର ସରକାରଙ୍କ ସୁଶାସନ ଇଣ୍ଡେକ୍ସ ଓ ପ୍ରଧାନମନ୍ତ୍ରୀଙ୍କ ଅଫିସ ମଧ୍ୟ ଓଡ଼ିଶାର ଏହି ବ୍ୟବସ୍ଥାକୁ ପ୍ରଶଂସା କରିଥିଲେ; କିନ୍ତୁ ରାଜ୍ୟର ବିଜେପି ନେତାମାନେ ଏହାକୁ ରାଜନୀତି କରି ସମାଲୋଚନା କରି ଆସୁଥିଲେ। ବର୍ତ୍ତମାନ କେବଳ ନାମ ପରିବର୍ତ୍ତନ କରି ସମାନ ବ୍ୟବସ୍ଥାକୁ ଲାଗୁ କରାଯାଇଛି। କେବଳ ନାମ ପରିବର୍ତ୍ତନ କରି ଏହାକୁ ଲାଗୁ କରିବା, ଖଡା ବଡି ଥୋଡ ନା ଥୋଡ ବଡି ଖଡା ସଦୃଶ୍ୟ ହୋଇଛି। ନାମ ବଦଳେଇ ବିଭିନ୍ନ ଯୋଜନାକୁ ରାଜ୍ୟ ସରକାର ଲାଗୁ କରିଥିଲେ ହେଁ, ଫିଡବ୍ୟାକ ବ୍ୟବସ୍ଥାର ଅନୁପସ୍ଥିତ କାରଣରୁ ଏହି ଯୋଜନା ଗୁଡିକ ଅନ୍ତସାର ଶୂନ୍ୟ ହୋଇଯାଇଛି । ଜନସାଧାରଣ ଏହାର ସୁଫଳ ପାଇପାରୁ ନାହାନ୍ତି । ରାଜ୍ୟ ସରକାରଙ୍କ କାର୍ଯ୍ୟ କେବଳ କପି ପେଷ୍ଟରେ ସୀମିତ ହୋଇ ରହିଯାଇଛି।

## ୨୯ ତାରିଖକୁ ଛୁଟି ଘୋଷଣା କଲେ ମୁଖ୍ୟମନ୍ତ୍ରୀ

**■ ସେପ୍ଟେମ୍ବର ୧୩ ତାରିଖକୁ କାର୍ଯ୍ୟ ଦିବସ ଭାବେ ଘୋଷଣା**

ଭୁବନେଶ୍ୱର,୨୬।୮ (ସମିସ): ଆସନ୍ତା ୨୯ ତାରିଖ(ଶୁକ୍ରବାର)କୁ ସରକାରୀ ଛୁଟି ଭାବେ ଘୋଷଣା କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ୨୯ ତାରିଖ ନୂଆଖାଇର ପରଦିନ। ପଶ୍ଚିମ ଓଡ଼ିଶାର ସାଂସ୍କୃତିକ ଐତିହ୍ୟକୁ ସମ୍ମାନ ଦେଇ ମୁଖ୍ୟମନ୍ତ୍ରୀ ଉପରୋକ୍ତ ନିଷ୍ପତ୍ତି ନେଇଛନ୍ତି ବୋଲି ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ କୁହାଯାଇଛି। ଏହା ପରିବର୍ତ୍ତେ ସେପ୍ଟେମ୍ବର ୧୩ତାରିଖ (ଦ୍ୱିତୀୟ ଶନିବାର)କୁ କାର୍ଯ୍ୟ ଦିବସ ଭାବେ ଘୋଷଣା କରାଯାଇଛି। ଏନେଇ ରାଜସ୍ୱ ବିଭାଗ ପକ୍ଷରୁ ମଧ୍ୟ ବିଜ୍ଞପ୍ତି ପ୍ରକାଶ ପାଇଛି।

ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଜାରି ପ୍ରେସ୍ ବିଜ୍ଞପ୍ତି ଅନୁଯାୟୀ, କୃଷିଭିତ୍ତିକ ଗଣପର୍ବ ନୂଆଖାଇ ଅବସରରେ ପ୍ରତିବର୍ଷ ଛୁଟି ଘୋଷଣା କରାଯାଇଥାଏ। ଚଳିତବର୍ଷ ଅଗଷ୍ଟ ୨୮କୁ ଛୁଟି ଘୋଷଣା କରାଯାଇଛି। ତେବେ ନୂଆଖାଇ ପରଦିନ ମଧ୍ୟ ପଶ୍ଚିମ ଓଡ଼ିଶାବାସୀଙ୍କ ପାଇଁ ଖୁବ୍ ଗୁରୁତ୍ୱପୂର୍ଣ୍ଣ। ସେ ଦିନ ଆତ୍ମୀୟସ୍ୱଜନମାନେ ପରସ୍ପର ସହ ସାକ୍ଷାତ କରି 'ନୂଆଖାଇ ଜୁହାର' କରନ୍ତି ଏବଂ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମରେ ଭାଗ ନିଅନ୍ତି। ପାରିବାରିକ, ସାମାଜିକ ଓ ସାଂସ୍କୃତିକ ଐତିହ୍ୟକୁ ସୁରକ୍ଷିତ କରିବା ଦିଗରେ ଏହା ଏକ ମହତ୍ୱପୂର୍ଣ୍ଣ ଦିନ। ଏହାକୁ ଦୃଷ୍ଟିରେ ରଖି ମୁଖ୍ୟମନ୍ତ୍ରୀ ୨୯ ତାରିଖକୁ ସମସ୍ତ ସରକାରୀ କାର୍ଯ୍ୟାଳୟ ତଥା ମାଜିଷ୍ଟ୍ରେରିଆଲ କୋର୍ଟ (କାର୍ଯ୍ୟନିର୍ବାହୀ) ପାଇଁ ଛୁଟି ଘୋଷଣା କରିଛନ୍ତି। ସମାନ ଭାବେ ଉଚ୍ଚଶିକ୍ଷା ଏବଂ ଗଣଶିକ୍ଷା ବିଭାଗ ପକ୍ଷରୁ ମଧ୍ୟ ଶୁକ୍ରବାରକୁ ସରକାରୀ ଛୁଟି ଭାବେ ଘୋଷଣା କରାଯାଇଛି।

## ପରିବା କିଆରି ଜଗିଥିଲେ — ହାତୀ ଆକ୍ରମଣରେ ଦମ୍ପତି ମୃତ

ପାଇକମାଲ, ୨୬।୮ (ସମିସ): ବରଗଡ଼ ଜିଲ୍ଲା ପାଇକମାଲ ବ୍ଲକ୍ ଟେମରୀ ପଞ୍ଚାୟତ ଧାନ୍ଦୁପାଲି ଗାଁରେ ଆଜି ଏକ ହାତୀ ଆକ୍ରମଣରେ ଏକ ଦମ୍ପତିଙ୍କ ମୃତ୍ୟୁ ହୋଇଛି। ମୃତ ଦମ୍ପତି ହେଲେ, ଗାଁର ବଳରାମ ରଣା (୬୧) ଓ ତାଙ୍କ ପତ୍ନୀ ଶଶି ରଣା (୫୭)। ଏହି ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ଦେଖାଦେଇଥିଲା। ଖବର ପାଇ ବନ ବିଭାଗ ଘଟଣାସ୍ଥଳରୁ ଦମ୍ପତିଙ୍କ ଶବ

**ମୃତ ପରିବାରକୁ ୨ ଲକ୍ଷ ଟଙ୍କା କ୍ଷତିପୂରଣ**

ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ପଠାଇଥିବା ଜଣାଯାଇଛି।

ସୂଚନାନୁଯାୟୀ, ବଳରାମ ଓ ଶଶି ନିଜର ଝାଳବୁହା ପରିଶ୍ରମରେ ଗାଁ ପାଖ ବାଡ଼ିରେ ପନିପରିବା ଫସଲ କରିଥିଲେ। କିଛି ଦିନ ହେବ ଗନ୍ଧମାର୍ଦ୍ଦନ ପାହାଡ଼ରୁ ଏକ ହାତୀପଲ ଅଞ୍ଚଳରେ ଉପଦ୍ରବ କରୁଥିବାରୁ ଫସଲକୁ ସୁରକ୍ଷା ଦେବା ପାଇଁ ଦୁହେଁ ଗତରାତିରେ ଜଗି ରହିଥିଲେ। ଏହି ସମୟରେ ଏକ ହାତୀପଲ ସେମାନଙ୍କ ପରିବା କ୍ଷେତକୁ ଆସି ବ୍ୟାପକ ଫସଲ ନଷ୍ଟ କରିଥିଲେ। ଏହାଦେଖି ସ୍ୱାମୀ-ସ୍ତ୍ରୀ ହାତୀପଲକୁ ଘଉଡ଼ାଇବାକୁ ଚେଷ୍ଟା କରିଥିଲେ। ହାତୀପଲ ମଧ୍ୟରୁ ଗୋଟିଏ ହାତୀ ସେମାନଙ୍କୁ ଆକ୍ରମଣ କରିଥିଲା। ଶୁଣ୍ଢରେ ଟେକି କଚାଡ଼ି ଦେବା ପରେ ପାଦରେ ଦଳିଦେଇଥିଲା। ଫଳରେ ଘଟଣାସ୍ଥଳରେ



ଦୁହିଁଙ୍କ ମୃତ୍ୟୁ ହୋଇଯାଇଥିଲା। ଆଜି ସକାଳୁ କିଛି ଗ୍ରାମବାସୀଙ୍କ ଏହା ଦେଖିବା ପରେ ବନ ବିଭାଗକୁ ଖବର ଦେଇଥିଲେ। ରେଞ୍ଜର୍ ହୃଦାନନ୍ଦ ମିଶ୍ର, ରଜନୀକାନ୍ତ ବଡ଼େଇ, ଦୋଳଗୋବିନ୍ଦ ବରିହା, ବସନ୍ତ ବାଗ, ରମେଶ ପ୍ରଧାନ, ଦିବାକର ବାଗ ପ୍ରମୁଖଙ୍କ ସମେତ ବନକର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିଲେ। ଏହାକୁ ନେଇ ଘଟଣାସ୍ଥଳରେ ଉତ୍ତେଜନା ପ୍ରକାଶ ପାଇଥିଲା। ବାରମ୍ବାର ହାତୀପଲ ଉପଦ୍ରବ କରୁଥିବା ବେଳେ ବନ ବିଭାଗ ପକ୍ଷରୁ କୌଣସି ଠୋସ୍ ପଦକ୍ଷେପ ନିଆଯାଉନଥିବା ଅଭିଯୋଗ କରିଥିଲେ। ତେବେ ବନ ବିଭାଗ ବୁଝାସୁଝା କରିବା ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା। ପରେ ଦମ୍ପତିଙ୍କ ଶବକୁ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ବନ ବିଭାଗ ପଠାଇଥିଲା।

ଅପରପକ୍ଷେ, ଖବର ପାଇ ପଦ୍ମପୁର ବିଧାୟିକା ବର୍ଷା ସିଂ ବରିହା ଓ ବ୍ଲକ୍ ପ୍ରଶାସନ ମୃତ ଦମ୍ପତିଙ୍କ ପରିବାରବର୍ଗଙ୍କୁ ଭେଟି ସମବେଦନା ଜଣାଇବା ସହ ଶୀଘ୍ର କ୍ଷତିପୂରଣ ଦେବାକୁ ସରକାରଙ୍କୁ ନିବେଦନ କରିଛନ୍ତି। ବନବିଭାଗ ତରଫରୁ ଅନୁକମ୍ପାମୂଳକ ଭାବେ ୨ଲକ୍ଷ ଟଙ୍କା କ୍ଷତିପୂରଣ ଦିଆଯାଇଛି। ଆଉ ୧୮ ଲକ୍ଷ ଦିଆଯିବ ବୋଲି ଡିଏଫ୍ଓ ସରୋଜ ପଣ୍ଡା ସୂଚନା ଦେଇଛନ୍ତି। ସେହିପରି ଟେମରୀ ସରପଞ୍ଚ ଦିଲୀପ ବେହେରା ପରିବାର ପାଖରେ ପହଞ୍ଚି ସମବେଦନା ଜଣାଇଛନ୍ତି।

## ବଜ୍ରପାତରେ ନଣନ୍ଦ-ଭାଉଜ ସମେତ ୩ ମୃତ

ଛତ୍ରପୁର, ୨୬।୮ (ସମିସ): ଗଂଜାମ ଜିଲ୍ଲାରେ ଆଜି ବଜ୍ରପାତ ୩ ମହିଳାଙ୍କ ଜୀବନ ନେଇଛି। ସେମାନେ ହେଲେ, ଛତ୍ରପୁର ବ୍ଲକ ଅନ୍ତର୍ଗତ ସରଭୀମପୁର ଗ୍ରାମର କୁନି ଗୌଡ଼ ଓ ନିରୁପମା ଗୌଡ଼ ଏବଂ ଗଞ୍ଜାମ ବ୍ଲକ୍ ଅନ୍ତର୍ଗତ ରାଉଳିବନ୍ଧ ଗ୍ରାମର ମିନି ଗୌଡ଼। କୁନି ଓ ନିରୁପମା ସଂପର୍କରେ ନଣନ୍ଦ-ଭାଉଜ। ସମସ୍ତେ ଧାନ ବିଲରେ କାମ କରୁଥିବା ବେଳେ ବଜ୍ରପାତରେ ପ୍ରାଣ ହରାଇଛନ୍ତି।

ସୂଚନାନୁଯାୟୀ, କୁନି ଓ ନିରୁପମା ଆଜି ଦିନ ବେଳା ବିଲରେ କାମ କରୁଥିଲେ। ଅପରାହ୍ଣରେ କଳାହାଣ୍ଡିଆ ମେଘ ଘୋଟି ଆସିବା ସହ ଘନଘନ ବଜ୍ରପାତ ହୋଇଥିଲା। ଏହି ସମୟରେ ଦୁହିଁଙ୍କ ଉପରେ ଏକ ବଜ୍ରପାତ ହେବାରୁ ଘଟଣାସ୍ଥଳରେ ଦୁହେଁ ଟଳି ପଡ଼ିଥିଲେ। ଏହା ଦେଖି ଗ୍ରାମବାସୀ ସେମାନଙ୍କୁ ଉଦ୍ଧାର କରି ଛତ୍ରପୁର ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରାଇଥିଲେ। କିନ୍ତୁ ସେତେବେଳକୁ ଦୁହିଁଙ୍କ ଦେହରେ ଆଉ ଜୀବନ ନଥିଲା। ଡାକ୍ତର ମୃତ ଘୋଷଣା କରିଥିଲେ। ସେହିପରି, ରାଉଳିବନ୍ଧ ଗ୍ରାମର ମିନି ମଧ୍ୟ ବିଲରେ ଧାନ ରୋଇବା ବେଳେ ବର୍ଷା, ବଜ୍ରପାତ ହୋଇଥିଲା। ତାଙ୍କ ଉପରେ ଗୋଟିଏ ବଜ୍ରପାତ ହୋଇଥିଲା। ତାଙ୍କୁ ଛତ୍ରପୁର ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। କିନ୍ତୁ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

ଛତ୍ରପୁର ବିଧାୟକ କୃଷ୍ଣଚନ୍ଦ୍ର ନାୟକ ମେଡିକାଲରେ ପହଞ୍ଚି ମୃତକଙ୍କ ପରିବାରକୁ ସମବେଦନା ଜଣାଇବା ସହ ସରକାରଙ୍କ ପକ୍ଷରୁ ତୁରନ୍ତ କ୍ଷତିପୂରଣ ପ୍ରଦାନ ଲାଗି ଚେଷ୍ଟା କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ।

## ସାପ କାମୁଡ଼ାରେ ଭାଇ-ଭଉଣୀ ମୃତ

ବଣାଇଁ, ୨୬।୮ (ସମିସ): ସୁନ୍ଦରଗଡ଼ ଜିଲ୍ଲା ଚାନ୍ଦିପୋଷ ଥାନା ଅଞ୍ଚଳରେ ଆଜି ଏକ ଦୁଃଖଦ ଘଟଣା ଘଟିଛି। ସାପ କାମୁଡ଼ାରେ ଭାଇ-ଭଉଣୀଙ୍କ ମୃତ୍ୟୁ ହୋଇଛି। ମୃତକଦ୍ୱୟ ହେଲେ, ତାମଡ଼ା ପଞ୍ଚାୟତ ଝିରପାଣି ଗ୍ରାମର ଇସାକ ଏକ୍କାଙ୍କ ପୁଅ ଏମ୍ରୋଲନ ଏକ୍କା (୬) ଏବଂ ଝିଅ ଆବଲିନା ଏକ୍କା (୮)। ଗତରାତିରେ ସମସ୍ତେ ଖାଇପିଇ ଶୋଇଥିଲେ। ତେବେ ରାତି ପ୍ରାୟ ୧୧ଟା ବେଳେ ଏମ୍ରୋଲନ ଓ ଆବଲିନାଙ୍କୁ ଏକ ସାପ କାମୁଡ଼ି ଦେଇଥିଲା। ଏହି ଘଟଣା ଜଣାପଡ଼ିବା ପରେ ପରିବାରଲୋକେ ତାଙ୍କୁ ଚିକିତ୍ସା ପାଇଁ ରାଉରକେଲା ସରକାରୀ ଡାକ୍ତରଖାନାରେ ଭର୍ତ୍ତି କରାଇଥିଲେ। କିନ୍ତୁ ସେଠାରେ ଡାକ୍ତର ଦୁହିଁଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ଚାନ୍ଦିପୋଷ ପୁଲିସ୍ ଡାକ୍ତରଖାନାରେ ପହଞ୍ଚି ଶବଦ୍ୱୟକୁ ବ୍ୟବଚ୍ଛେଦ କରାଇ ପରିବାରଲୋକଙ୍କୁ ହସ୍ତାନ୍ତର କରିଛି। ଏଥିସହ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। ଏହି ଖବର ପ୍ରଚାରିତ ହେବା ପରେ ଝିରପାଣି ଗ୍ରାମ ସମେତ ଆଖପାଖ ଅଞ୍ଚଳରେ ଗଭୀର ଶୋକ ପ୍ରକାଶ ପାଇଛି।

## ସୃଷ୍ଟି ହେଲା ଲଘୁଚାପ — ଆଜିଠୁ ବଢ଼ିବ ବର୍ଷା

ଭୁବନେଶ୍ୱର,୨୬।୮ (ସମିସ): ଉତ୍ତର-ପଶ୍ଚିମ ବଙ୍ଗୋପସାଗରରେ ଏକ ଲଘୁଚାପ ସୃଷ୍ଟି ହୋଇଛି। ଆସନ୍ତା୨୪ଘଣ୍ଟାମଧ୍ୟରେ ଏହା ଅଧିକ ଘନୀଭୂତ ହେବାର ସମ୍ଭାବନା ରହିଛି। ପ୍ରଭାବରେ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ହେବ। ଏହି ଲଘୁଚାପ ଧୀରେଧୀରେ ଶକ୍ତିଶାଳୀ ହେଉଥିବାରୁ ପ୍ରାୟ ୩୦ ତାରିଖ ପର୍ଯ୍ୟନ୍ତ ରାଜ୍ୟରେ ବର୍ଷା ଜାରି ରହିବ ବୋଲି ପାଣିପାଗ କେନ୍ଦ୍ର ଆକଳନ କରିଛି।

ପାଣିପାଗ ବିଶେଷଜ୍ଞ ପ୍ରଫେସର ସୁରେନ୍ଦ୍ରନାଥ ପଶୁପାଳକ କହିଛନ୍ତି ଯେ ଓଡ଼ିଶା ସଂଲଗ୍ନ ବଙ୍ଗୋପସାଗରରେ ସୃଷ୍ଟ ଲଘୁଚାପ ବିଶେଷ ଶକ୍ତି ଗୋଟାଇ ପାରୁନାହିଁ। ବୁଧବାର ଏହା ସେହି ସ୍ଥାନରେ ରହି ୨୯ରେ ସମ୍ଭବତଃ ଛତିଶଗଡ଼ରେ ପହଞ୍ଚିପାରେ। ତେବେ ଏହି ଲଘୁଚାପ ଯୋଗୁଁ ବୁଧବାର ରାଜ୍ୟର ଅଧିକାଂଶ ଅଞ୍ଚଳରେ ସକାଳ ଓଳି ପାଗ ଶୁଖିଲା ଓ ଖରାଟିଆ ରହିବ। ସକାଳ ୯-୧୦ଟା ପରେ ଭୁବନେଶ୍ୱରରେ ସମେତ କଟକ, ପୁରୀ, ଖୋର୍ଦ୍ଧା, ଗଞ୍ଜାମ ଓ ନୟାଗଡ଼ରେ ପାଗ ପରିବର୍ତ୍ତନ ଆସିବ ଓ ବର୍ଷା ହୋଇପାରେ। ରାଜ୍ୟର ଅନ୍ୟାନ୍ୟ ସ୍ଥାନରେ ଉପରବେଳା ୨ଟା ପରେ ପାଗ ମେଘୁଆ ସହିତ ସ୍ୱଳ୍ପ ବର୍ଷା ହୋଇପାରେ। ୨୮ ତାରିଖ ଗୁରୁବାରରେ ପାଗ ମଙ୍ଗଳବାର ପରି ହେବାର ସମ୍ଭାବନା ରହିଥିବା ବେଳେ ୨୯ରେ କେନ୍ଦ୍ରୀୟ ଓ ଉତ୍ତର ଓଡ଼ିଶା, ୩୦ରେ ଉତ୍ତର ଓ ପଶ୍ଚିମ ଓଡ଼ିଶା ଏବଂ ୩୧ରେ ପ୍ରାୟତଃ ଅଧିକାଂଶ ସ୍ଥାନରେ ସ୍ୱଳ୍ପ ଏବଂ ଅଳ୍ପ କେତେକ ସ୍ଥାନରେ ମଧ୍ୟମଧରଣର ବର୍ଷା ହୋଇପାରେ। ଅନ୍ୟପଟେ ୩ ବେଳକୁ ଆଉ ଏକ ଲଘୁଚାପ ସମ୍ଭାବନା ଥିବା ବେଳେ ତାହା ମଧ୍ୟ ବିଶେଷ ଶକ୍ତିଶାଳୀ ହୋଇପାରିବ ନାହିଁ ବୋଲି ପ୍ରଫେସର ପଶୁପାଳକ କହିଛନ୍ତି।

**ବନ୍ୟା ପାଣିରେ ଉତ୍ତର ଓଡ଼ିଶା**

ରାଜ୍ୟର ବର୍ତ୍ତମାନ ବିଭିନ୍ନ ସ୍ଥାନରେ ସୃଷ୍ଟି ହୋଇଥିବା ବନ୍ୟା ସ୍ଥିତି ଯୋଗୁଁ ବହୁ ଅଞ୍ଚଳ ଜଳମଗ୍ନ ହୋଇଛି। ସୁବର୍ଣ୍ଣରେଖା ଏବେ ବି ଜାମଶୋଳା ଗେଟ୍ ଓ ରାଜଘାଟଠାରେ ବିପଦ ସଂକେତ ଉପରେ ପ୍ରବାହିତ ହେଉଛି। ଜଳ ସମ୍ପଦ ବିଭାଗ ସର୍ବୋଚ୍ଚ ଯନ୍ତ୍ରୀ ଚନ୍ଦ୍ରଶେଖର ପାଢ଼ୀ କହିଛନ୍ତି ଯେ ଗତକାଲି ସୁବର୍ଣ୍ଣରେଖା ବେସିନ କି ଜାମଶୋଳା ଗେଟ୍‌ରେ ବେଶି ବର୍ଷା ହୋଇନି। ଆଖୁଆପଦାରେ ବୈତରଣୀ ବିପଦ ସଂକେତ ତଳେ ଅଛି। ସେହିପରି, ଦକ୍ଷିଣ ଓଡ଼ିଶାର ବଂଶଧରା, ନାଗାବଳୀ ଓ କୋଲାବରେ ସାମାନ୍ୟ ଅଧିକ ବର୍ଷା ହୋଇଛି। ହେଲେ ଅନ୍ୟ କେଉଁ ବେସିନରେ ବର୍ଷା ହୋଇନି। ହୀରାକୁଦରେ ୪ଟି ଗେଟ୍ ବନ୍ଦ ହେବାରୁ ୮ଟି ଗେଟ୍ ଦେଇ ଏବେ ଜଳ ନିଷ୍କାସନ ହେଉଛି। ମୁଣ୍ଡଳୀରେ ୩ଲକ୍ଷ କ୍ୟୁସେକ୍ ଜଳ ପ୍ରବାହିତ ହେଉଛି, ଯାହା ସ୍ୱାଭାବିକ। ବାଲେଶ୍ୱରରେ ବନ୍ୟା ଯୋଗୁଁ ବସ୍ତା, ଭୋଗରାଇ, ବାଲିଆପାଳ ଓ ଜଳେଶ୍ୱର ପ୍ରଭାବିତ ହୋଇଛି। ଯାଜପୁର ଜିଲ୍ଲାର ଦଶରଥପୁର ବ୍ଲକ ଓ ଭଦ୍ରକ ଜିଲ୍ଲା ଭଣ୍ଡାରିପୋଖରୀ, ତିହିଡି, ଧାମନଗର ବ୍ଲକ ବି ପ୍ରଭାବିତ ହୋଇଛି। ଯାଜପୁରରେ କାଣୀ ନଦୀ ଘାଇ ଯୋଗୁଁ ସର୍ବାଧିକ ପ୍ରଭାବିତ ହୋଇଛି।

# ଗଠନ ହେଲା ଶ୍ରୀମନ୍ଦିର ପରିଚାଳନା କମିଟି

**୧୦ ମନୋନୀତ ସଦସ୍ୟଙ୍କ ନାଁରେ ବାଜିଲା ମୋହର**

ପୁରୀ,୨୬।୮ (ସମିସ): ଦୀର୍ଘ ବର୍ଷେ ୧୩ଦିନ ପରେ ଗଠନ ହୋଇଛି ଶ୍ରୀଜଗନ୍ନାଥ ମନ୍ଦିର ପରିଚାଳନା କମିଟି। ଫଳରେ ନୂଆ କମିଟିକୁ ନେଇ ଯେଉଁ ଆଶା ଆଶଙ୍କା ଲାଗି ରହିଥିଲା, ସେଥିରେ ପୂର୍ଣ୍ଣଚ୍ଛେଦ ପଡ଼ିଛି। ରାଜ୍ୟ ସରକାରଙ୍କ ଆଇନ ବିଭାଗ ପକ୍ଷରୁ ମଙ୍ଗଳବାର ଏ ସଂକ୍ରାନ୍ତରେ ବିଜ୍ଞପ୍ତି ପ୍ରକାଶ ପାଇଛି। ବିଜ୍ଞପ୍ତିରେ କମିଟିର ମନୋନୀତ ୧୦ ସଦସ୍ୟଙ୍କ ନାଁରେ ମୋହର ମାରିଛନ୍ତି ରାଜ୍ୟ ସରକାର। ମନୋନୀତ ସଦସ୍ୟଙ୍କ ମଧ୍ୟରେ ଅଧିକ ନୂଆମୁହଁ ରହିଛନ୍ତି। ଶ୍ରୀମନ୍ଦିର ପରିଚାଳନା ପାଇଁ ୮ ନୂଆ ମୁହଁକୁ ନିଆଯାଇଥିବା ବେଳେ ୨ଜଣ ପୁରୁଣା ମୁହଁଙ୍କୁ ପୁଣି ସୁଯୋଗ ଦିଆଯାଇଛି।

ବିଜ୍ଞପ୍ତି ଅନୁଯାୟୀ, କମିଟିରେ ମୁକ୍ତିମଣ୍ଡପ ପକ୍ଷରୁ ଦେଉଳ ପୁରୋହିତ ଡ. ସିଦ୍ଧେଶ୍ୱର ମହାପାତ୍ରଙ୍କୁ ନିଆଯାଇଛି। ସେହିପରି ୫ ସେବାୟତ ନିଯୋଗ ପକ୍ଷରୁ ପୂଜାପଣ୍ଡା ନିଯୋଗରୁ ଜଗନ୍ନାଥ ପୂଜାପଣ୍ଡା, ପୁଷ୍ପାଳକ ନିଯୋଗରୁ ମଧୁସୂଦନ ସିଂହାରୀ, ପ୍ରତିହାରୀ ନିଯୋଗରୁ ରାମନାରାୟଣ ଗୋଚ୍ଛିକାର, ସୁଆର ମହାସୁଆର ନିଯୋଗରୁ କୃଷ୍ଣଚନ୍ଦ୍ର ସାମନ୍ତରାୟ ଏବଂ ଦଇତାପତି ନିଯୋଗରୁ ଗଣେଶ ଦାସମହାପାତ୍ର ସ୍ଥାନ ପାଇଛନ୍ତି। ସେହିପରି ମଠାଧୀଶଙ୍କ ପକ୍ଷରୁ ବଳରାମକୋଟ ମଠ ମହନ୍ତ ରଘୁବୀର ଦାସ ମହାରାଜ, ଚାର୍ଟାର୍ଡ ଆକାଉଣ୍ଟାଣ୍ଟ ଭାବେ ଏ.କେ. ସାବତ କମିଟିରେ ସ୍ଥାନ ପାଇଥିବା ବେଳେ ବିଭିନ୍ନ କ୍ଷେତ୍ରରେ ପ୍ରତିଷ୍ଠା ଲାଭ କରିଥିବା ଦୁଇ ବୁଦ୍ଧିଜୀବୀ ଭାବେ ପୂର୍ବତନ ସିଏଜି ଡ. ଗିରୀଶ

**ବର୍ଷେ ପରେ ନୂଆ କମିଟି, ୮ ନୂଆମୁହଁ**

ଚନ୍ଦ୍ର ମୁର୍ମୁ ଏବଂ ସଂସ୍କୃତି ଗବେଷକ ମହେଶ କୁମାର ସାହୁ ସ୍ଥାନ ପାଇଛନ୍ତି।

ପରିଚାଳନା କମିଟିରେ ସ୍ଥାନ ପାଇଥିବା ୫ ସେବାୟତ ପ୍ରତିନିଧି ହେଉଛନ୍ତି ନୂଆ ମୁହଁ। ସେହିପରି ମୁକ୍ତିମଣ୍ଡପରୁ ଡ. ସିଦ୍ଧେଶ୍ୱର ମହାପାତ୍ର ପୂର୍ବରୁ ପରିଚାଳନା କମିଟି ସଦସ୍ୟ ରହିଥିଲେ। ତାଙ୍କୁ ପୁଣିଥରେ ସୁଯୋଗ ମିଳିଛି। ମଠାଧୀଶଙ୍କ ପକ୍ଷରୁ ପ୍ରତିନିଧିତ୍ୱ କରିବା ପାଇଁ ମହନ୍ତ ରଘୁବୀର ଦାସ ମହାରାଜଙ୍କୁ ପ୍ରଥମଥର ସୁଯୋଗ ମିଳିଛି। ସେହିପରି କମିଟିରେ ସ୍ଥାନ ପାଇଥିବା ଚାର୍ଟାର୍ଡ ଆକାଉଣ୍ଟାଣ୍ଟ ଏ.କେ. ସାବତ ପୂର୍ବରୁ ସଦସ୍ୟ ରହି ସାରିଥିବା ବେଳେ ୨ ବୁଦ୍ଧିଜୀବୀ ହେଉଛନ୍ତି ନୂଆମୁହଁ। ତେଣୁ ୧୦ ମନୋନୀତ ସଦସ୍ୟଙ୍କ ମଧ୍ୟରୁ ୮ ନୂଆମୁହଁ ହୋଇଥିବା ବେଳେ ୨ଜଣ ପୁରୁଣା ସଦସ୍ୟଙ୍କୁ ପୁଣି ସୁଯୋଗ ଦିଆଯାଇଛି। ଅନ୍ୟପକ୍ଷରେ ୨୦୨୧ ଅଗଷ୍ଟ ୧୨ରେ ଗଠିତ ପରିଚାଳନା କମିଟିର ତିନିବର୍ଷିଆ କାର୍ଯ୍ୟକାଳ ଗତ ଅଗଷ୍ଟ ୧୧ରେ ଶେଷ ହୋଇଥିଲା। ପୁରୁଣା କମିଟି କାର୍ଯ୍ୟକାଳ ପୂରିବାର ବର୍ଷେ ପରେ ପରିଚାଳନା କମିଟି ପୁନର୍ଗଠିତ ହୋଇଛି।

ସୂଚନାଯୋଗ୍ୟ, ଶ୍ରୀମନ୍ଦିର ପରିଚାଳନା କମିଟି ସଦସ୍ୟ ସଂଖ୍ୟା ୧୮। ଏହାର ସ୍ଥାୟୀ ଅଧ୍ୟକ୍ଷ ଗଜପତି ମହାରାଜା ରହିଥିବା ବେଳେ ଅତିରିକ୍ତ ମୁଖ୍ୟ ଶାସନ ସଚିବ ରାଙ୍କର ଜଣେ ଅଧିକାରୀ କାର୍ଯ୍ୟକାରୀ ଅଧ୍ୟକ୍ଷ, ସଚିବ ରାଙ୍କର ଜଣେ ଅଧିକାରୀ ମୁଖ୍ୟ ପ୍ରଶାସକ, ଜିଲ୍ଲାପାଳ ଉପମୁଖ୍ୟ ପ୍ରଶାସକ, ଆଇନ ବିଭାଗର ଅତିରିକ୍ତ ସଚିବ, ଦେବୋତ୍ତର କମିଶନର, ଏସ୍‌ପି ଏବଂ ଏଏସ୍ଆଇ ଅଧୀକ୍ଷଣ ଯନ୍ତ୍ରୀ କମିଟିର ସଦସ୍ୟ ରହିଥା'ନ୍ତି। ଏମାନଙ୍କ ବାଦ୍ ଅନ୍ୟ ୧୦ ଜଣ ହେଉଛନ୍ତି ମନୋନୀତ ସଦସ୍ୟ। ଏମାନଙ୍କ ମଧ୍ୟରେ ୫ ଜଣ ସେବାୟତ ପ୍ରତିନିଧି, ଜଣେ ମଠ ପ୍ରତିନିଧି, ଜଣେ ମୁକ୍ତିମଣ୍ଡପ ପ୍ରତିନିଧି, ଜଣେ ଚାର୍ଟାର୍ଡ ଆକାଉଣ୍ଟାଣ୍ଟ ଏବଂ ଦୁଇଜଣ ବିଭିନ୍ନ କ୍ଷେତ୍ରରେ ପ୍ରତିଷ୍ଠାଲାଭ କରିଥିବା ବ୍ୟକ୍ତି ରହିଥା'ନ୍ତି। ତେବେ ପରିଚାଳନା କମିଟିରେ ନିର୍ଦ୍ଦିଷ୍ଟ ୫ ସେବାୟତ ନିଯୋଗରୁ ସଦସ୍ୟ ପ୍ରତିନିଧିତ୍ୱ କରୁଛନ୍ତି। ଏହାକୁ ନେଇ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲା ଖୁଣ୍ଟିଆ ନିଯୋଗ। ରୋଟେସନ୍ ପଦ୍ଧତିରେ ବିଭିନ୍ନ ନିଯୋଗ ସଦସ୍ୟ ପ୍ରତିନିଧିଙ୍କୁ ସ୍ଥାନ ଦେବା ଲାଗି ଗୁହାରି କରିଥିଲା। ହେଲେ ନୂତନ କମିଟିରେ ସେମିତି କିଛି ଫରକ୍ ଦେଖିବାକୁ ମିଳିନାହିଁ। ପୂର୍ବରୁ ଯେଉଁ ନିଯୋଗରୁ ସଦସ୍ୟମାନେ ପ୍ରତିନିଧିତ୍ୱ କରୁଥିଲେ, ସେହି ନିଯୋଗରୁ ହିଁ ପ୍ରତିନିଧିତ୍ୱ କରିଛନ୍ତି।





# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

•VOLUME- 43 •ISSUE-63 •WEDNESDAY •27 AUGUST 2025 •PAGE-12 •₹ 6.00


•ବର୍ଷ-୪୩ •ସଂଖ୍ୟା-୬୩ •ବୁଧବାର •୨୭ ଅଗଷ୍ଟ ୨୦୨୫ •ପୃଷ୍ଠା-୧୨ •ଟ.୬.୦୦


## ଆଜିଠୁ ୫୦% ଟ୍ରମ୍ପ ଟାରିଫ୍

◆ ଅତିରିକ୍ତ ୨୫ ପ୍ରତିଶତ ଶୁଳ୍କ ପାଇଁ ବିଜ୍ଞପ୍ତି ଜାରି
◆ ଆୟ କମିବ, ଚାକିରି ଯିବ, ହ୍ରାସ ପାଇବ ଅଭିବୃଦ୍ଧି
◆ ଫାର୍ମା କ୍ଷେତ୍ର ଉପରେ ୨୫୦% ଶୁଳ୍କ ଧମକ

■ ନୂଆଦିଲ୍ଲୀ, ୨୬।୮ (ଏଜେନ୍ସି): ଆସନ୍ତାକାଲିଠାରୁ ଭାରତ ଉପରେ ଲାଗିବ ୫୦ % ଟ୍ରମ୍ପ ଟାରିଫ୍। ଭାରତୀୟ ସମୟ ଅନୁସାରେ ଏହି ଶୁଳ୍କ ବୁଧବାର ସକାଳ ୯ଟା ୩୧ ମିନିଟ୍‌ରୁ କାର୍ଯ୍ୟକାରୀ ହେବ। ଟ୍ରମ୍ପ ପ୍ରଶାସନ ଏସଂକ୍ରାନ୍ତରେ ବିଜ୍ଞପ୍ତି ଜାରି କରିଛି। ଫଳରେ ଆସନ୍ତାକାଲିଠାରୁ ଆମେରିକାକୁ ରପ୍ତାନୀ ହେବାକୁଥିବା ଭାରତୀୟ ସାମଗ୍ରୀ ଉପରେ ୫୦% ଶୁଳ୍କ ଲାଗିବ। ଟ୍ରମ୍ପଙ୍କ ଏହି ଟାରିଫ୍ ବୋମା କେବଳ ଆମେରିକୀୟ ଉପଭୋକ୍ତାଙ୍କ ପାଇଁ କଷ୍ଟପ୍ରଦ ହେବ ନାହିଁ, ଭାରତୀୟ ରପ୍ତାନୀକାରୀଙ୍କ ପାଇଁ ବି ମହଙ୍ଗା ସାବ୍ୟସ୍ତ ହେବାକୁ ଯାଉଛି। ଭାରତରୁ ଆମେରିକାକୁ ପ୍ରତିବର୍ଷ ବିଭିନ୍ନ କ୍ଷେତ୍ରରେ ପ୍ରାୟ ୮ ଲକ୍ଷ କୋଟି ଟଙ୍କାର ସାମଗ୍ରୀ ରପ୍ତାନୀ ହୋଇଥାଏ।

▶ପୃଷ୍ଠା-୭




## ରାଜ୍ୟରେ ଆରମ୍ଭ ହେଲା 'ଆମ ଶାସନ'

### ଲୋକଙ୍କ ପରାମର୍ଶ ହେଉଛି ସୁଶାସନର ମୁଖ୍ୟ ଉପାଦାନ: ମୁଖ୍ୟମନ୍ତ୍ରୀ

**କାର୍ଯ୍ୟକ୍ରମ ଓ ଯୋଜନା ସମ୍ପର୍କରେ ସିଧାସଳଖ ନିଆଯିବ ଲୋକଙ୍କ ମତାମତ**

**ୱେବସାଇଟ୍, ହ୍ୱାଟ୍ସଆପ୍, ଟୋଲ୍-ଫ୍ରି ନମ୍ବରରେ ଦେଇପାରିବେ ମତାମତ**



■ ଭୁବନେଶ୍ୱର, ୨୬।୮ (ସମିସ): ଶାସନ ବ୍ୟବସ୍ଥାରେ ରହିଥିବା ତ୍ରୁଟି ବିଚ୍ୟୁତି ବୁଝିବା, ବିଭିନ୍ନ ଯୋଜନା ଓ କାର୍ଯ୍ୟକ୍ରମ ସମ୍ପର୍କରେ ସାଧାରଣ ଲୋକଙ୍କ ମତାମତ ନେବା, ସାଧାରଣ ସେବାଗୁଡ଼ିକ ସମ୍ପର୍କରେ ତଥ୍ୟ ସଂଗ୍ରହ ନିମନ୍ତେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରାଜ୍ୟରେ ପ୍ରଚଳନ କରିଥିଲେ 'ମୋ ସରକାର' ବ୍ୟବସ୍ଥା। ଏହି ବ୍ୟବସ୍ଥାରେ ଲୋକମାନଙ୍କଠାରୁ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ସିଧାସଳଖ ତଥ୍ୟ ସଂଗ୍ରହ କରୁଥିଲା ଓ ଲୋକମାନେ ମଧ୍ୟ ସରକାରୀ ସେବା, କାର୍ଯ୍ୟକ୍ରମ ଓ ଯୋଜନାରେ ରହୁଥିବା ତ୍ରୁଟିବିଚ୍ୟୁତି ସମ୍ପର୍କରେ ସିଧାସଳଖ ଆପତ୍ତି ଅଭିଯୋଗ କରିବାରେ ସକ୍ଷମ ହେଉଥିଲେ। ରାଜ୍ୟରେ କ୍ଷମତା ପରିବର୍ତ୍ତନ ପରେ ବିଜେପି ସରକାର 'ମୋ ସରକାର' ବ୍ୟବସ୍ଥାକୁ ବନ୍ଦ କରି ଦେଇଥିଲେ। ମାତ୍ର ଏବେ 'ମୋ

▶ପୃଷ୍ଠା-୭



# ଘରୋଇ ଋଣ ପ୍ରଦାନକାରୀ ସଂସ୍ଥାର ଲକ୍ଷାଧିକ ଟଙ୍କା ହଡ଼ପ

## ୨ କର୍ମଚାରୀଙ୍କ ନାଁରେ ମାମଲା

ବ୍ରହ୍ମପୁର,୨୬।୮ (ସମିସ)

ଘରୋଇ ଋଣ ପ୍ରଦାନକାରୀ ସଂସ୍ଥା ସତ୍ୟ ମାଇକ୍ରୋ କ୍ୟାପିଟାଲ ଲିମିଟେଡର ବ୍ରହ୍ମପୁର ଶାଖାରୁ ଲକ୍ଷାଧିକ ଟଙ୍କା ହଡ଼ପ କରାଯାଇଛି। ଏହି ସଂସ୍ଥାରେ କାର୍ଯ୍ୟରତ ୨ ଜଣ କର୍ମଚାରୀ ଗ୍ରାହକଙ୍କ ଠାରୁ ମାସିକ କିସ୍ତି ଆଦାୟ କରିବା ପରେ ତାହାକୁ କମ୍ପାନୀରେ ଜମା କରିବା ବଦଳରେ ହଡ଼ପ କରି ନେଇଥିବା ଅଭିଯୋଗ ହୋଇଛି। ଏନେଇ ଟାଉନ୍ ଥାନାରେ ଏକ ମାମଲା ରୁଜୁ ସହ ପୁଲିସ ଘଟଣାର ତଦନ୍ତ ଆରମ୍ଭ କରିଛି।

ସୂଚନା ପ୍ରକାରେ, ବ୍ରହ୍ମପୁର ରେଡ୍ଡି ଗ୍ୟାରେଜ ଛକ ନିକଟରେ ଥିବା ସୋମନାଥନଗର ଠାରେ ସତ୍ୟ ମାଇକ୍ରୋ କ୍ୟାପିଟାଲ୍ ଲିମିଟେଡ୍‌ର ଏକ ଶାଖା ରହିଛି। କମ୍ପାନୀ ପକ୍ଷରୁ ବ୍ରହ୍ମପୁର ସମେତ ଆଖାପାଖ ଅଞ୍ଚଳର ଲୋକଙ୍କୁ ଉଦ୍ୟୋଗ ପ୍ରତିଷ୍ଠା ପାଇଁ ତଥା ବ୍ୟବସାୟ ପାଇଁ ଋଣ ପ୍ରଦାନ କରାଯାଉଛି। ବ୍ରହ୍ମପୁର ଶାଖାରେ ରମ୍ଭା ନିକଟ କନକ ଗ୍ରାମର ଜଣେ ଯୁବତୀ ଓ ଖୋର୍ଦ୍ଧା ଜିଲ୍ଲା ସାରୁଆ ଅଞ୍ଚଳର ଜଣେ ଯୁବକ ଉଦ୍ୟୋଗ ଉନ୍ନୟନ ଅଧିକାରୀ ଭାବେ କାର୍ଯ୍ୟ କରୁଥିଲେ। ଏହି ୨ ଜଣ କର୍ମଚାରୀ କମ୍ପାନୀ ଠାରୁ ଋଣ ନେଇଥିବା ଲୋକଙ୍କ ଠାରୁ ମାସିକ କିସ୍ତି ସଂଗ୍ରହ କରି କମ୍ପାନୀ ଆକାଉଣ୍ଟରେ ଜମା କରୁଥିଲେ ଏବଂ ସେ ବାବଦ ରେକର୍ଡ ମଧ୍ୟ ପରିଚାଳନା କରୁଥିଲେ। ହେଲେ ଗତ କିଛି ମାସ ହେବ କମ୍ପାନୀରେ ଜମା ହୋଇଥିବା ଟଙ୍କା ଏବଂ ଗ୍ରାହକଙ୍କ ଠାରୁ ଆଦାୟ ହୋଇଥିବା କିସ୍ତି ମଧ୍ୟରେ ତାଳମେଳ ନଥିବା ଅଡିଟ୍ ବେଳେ ଜଣାପଡିଥିଲା। ଲକ୍ଷାଧିକ ଟଙ୍କା ହେରଫେର ଘଟଣା ସାମ୍ନାକୁ ଆସିବା ପରେ କମ୍ପାନୀ ପକ୍ଷରୁ ତଦନ୍ତ କରାଯାଇଥିଲା। ଋଣ ନେଇଥିବା ଗାହକମାନେ ମାସିକ ଦେଉଥିବା ସାମ୍ନାକୁ ଆସିଥିବା ବେଳେ ଉପରୋକ୍ତ ୨ କର୍ମଚାରୀ କିସ୍ତି ଟଙ୍କା ଜମା ନକରି ତାହାକୁ ହଡ଼ପ କରି ନେଇଥିବା ଜଣାପଡ଼ିଥିଲା। ମହିଳା କର୍ମଚାରୀ ଜଣଙ୍କ ୧ ଲକ୍ଷ ୧୨ ହଜାର ଟଙ୍କା ଓ ଯୁବକ ଜଣଙ୍କ ୬୩ ହଜାର ୧୦୦ ଟଙ୍କା ହଡ଼ପ କରିଥିବା ଜଣାପଡିଥିଲା। ତେବେ ଅଡିଟ୍ ବେଳେ ହଡ଼ପ ବିଷୟ ସାମ୍ନାକୁ ଆସିବା ପରେ ଉଭୟ କର୍ମଚାରୀ ଚାକିରି ଛାଡି ଦେଇଥିଲେ। କାର୍ଯ୍ୟାଳୟକୁ ଆସିନଥିଲେ କିମ୍ବା ହିସାବ ମଧ୍ୟ ଦେଇନଥିଲେ। ଘଟଣାକୁ ନେଇ କମ୍ପାନୀ ଡିଭିଜନାଲ ମ୍ୟାନେଜର ଟୁକୁନା ପ୍ରଧାନ ଟାଉନ ଥାନାରେ ଅଭିଯୋଗ କରିବା ପରେ ପୁଲିସ ଏକ ମାମଲା (ନଂ.୩୪୬/୨୫) ରୁଜୁ କରି ତଦନ୍ତ ଆରମ୍ଭ କରିଛି।

## ସିରିଜ୍ ଦୁର୍ଘଟଣା; ବସ୍ ଚାଳକ ଗୁରୁତର

ଗଞ୍ଜାମ/ହୁମ୍ମା,୨୬।୮ (ସମିସ): ହୁମା ଓ ଝାଡ଼କୁଦା ମଧ୍ୟସ୍ଥ ଦଷ୍ଟିଙ୍ଗ ନିକଟ ୧୬ନଂ ଜାତୀୟ ରାଜପଥରେ ମଙ୍ଗଳବାର ସିରିଜ ଦୁର୍ଘଟଣା ଘଟିଥିଲା। ରାସ୍ତାରେ ଏକ ଗାଈକୁ ଦେଖି ଟ୍ରକ ଚାଳକ ବେଗ କମାଇବା ପରେ ପ୍ରଥମେ ପଛରେ ଆସୁଥିବା ପିକଅପ୍ ଗାଡି ଟ୍ରକ ପଛରେ ପିଟି ହୋଇଥିଲା। ତା’ପରେ ପଛରୁ ଆସୁଥିବା ଟ୍ରକ୍ ପିକ୍‌ଅପକୁ ଧକ୍କା ଦେଇଥିଲା ଏବଂ ଟ୍ରକ ପଛରେ ଆସୁଥିବା ଖମ୍ବେଶ୍ୱରୀ ବସ ମଧ୍ୟ ଟ୍ରକର ପଛକୁ ପିଟି ହୋଇଯାଇଥିଲା। ଏହି ସିରିଜ ଦୁର୍ଘଟଣାରେ ବସ ଡ୍ରାଇଭର ଗୁରୁତର ହୋଇଥିବା ବେଳେ ଗାଡ଼ିର ଅନ୍ୟ ଦୁଇରୁ ତିନି ଜଣ ସାମାନ୍ୟ ଆହତ ହୋଇଛନ୍ତି। ହୁମା ଫାଣ୍ଡି ପୁଲିସ ଆହତ ଡ୍ରାଇଭରଙ୍କୁ ମେଡିକାଲ ପଠାଇଥିଲା। ଅଗ୍ନିଶମ ଗାଡି ମଧ୍ୟ ଘଟଣାସ୍ଥଳରେ ପହଞ୍ଚି ସ୍ଥାନୀୟ ଅଞ୍ଚଳର ପ୍ରଶାନ୍ତ ଛଟେଇ, ଶିବ ପ୍ରଧାନ, ବିଦ୍ୟା ସ୍ୱାଇଁଙ୍କ ସହ ମିଶି ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଥିଲା।

## ଜୁଆ ଆଡ୍ଡାରେ ଚଢ଼ଉ; ୭ ଗିରଫ



ଖଲ୍ଲିକୋଟ,୨୬।୮ (ସମିସ): ଖଲ୍ଲିକୋଟ ଥାନା ଅନ୍ତର୍ଗତ ପୂର୍ଣ୍ଣଚନ୍ଦ୍ରପୁର ଗ୍ରାମରେ ଚାଲିଥିବା ଜୁଆ ଆଡ୍ଡା ଉପରେ ପୁଲିସ ଚଢ଼ଉ କରି ୨୧ ହଜାର ୪୫୦ ଟଙ୍କା ସହ ୫ଟି ମୋବାଇଲ ଫୋନ ଜବତ କରିବା ସହ ୭ ଜୁଆଡ଼ିଙ୍କୁ ଗିରଫ କରିଛି। ସୂଚନା ଅନୁଯାୟୀ, ସୋମବାର ରାତିରେ ପୂର୍ଣ୍ଣଚନ୍ଦ୍ରପୁର ଗ୍ରାମରେ ଥିବା ଏକ ଘରେ ଜୁଆ ଖେଳ ଚାଲିଥିବା ନେଇ ଖବର ମିଳିବା ପରେ ଥାନା ଅଧିକାରୀ ରମେଶ କୁମାର ପ୍ରଧାନଙ୍କ ନିର୍ଦ୍ଦେଶ କ୍ରମେ ପୁଲିସ ଟିମ୍ ପୂର୍ଣ୍ଣଚନ୍ଦ୍ରପୁର ଗ୍ରାମରେ ଚଢ଼ଉ କରିଥିଲା। ୭ ଜଣ ଜୁଆଡ଼ିଙ୍କୁ ଗିରଫ କରିବା ସହ ଖଲ୍ଲିକୋଟ ଥାନାରେ ଏକ ମାମଲା ରୁଜୁ ହୋଇଥିବା ଥାନା ଅଧିକାରୀ ସୂଚନା ଦେଇଛନ୍ତି।

## ବିନାୟକ ଆଚାର୍ଯ୍ୟ ମହାବିଦ୍ୟାଳୟରେ ଇତିହାସ ବିଭାଗର ପାଠଚକ୍ର




ବ୍ରହ୍ମପୁର,୨୬।୮ (ସମିସ): ବିନାୟକ ଆଚାର୍ଯ୍ୟ ସରକାରୀ ମହାବିଦ୍ୟାଳୟ ସ୍ନାତକ ଓ ସ୍ନାତକୋତ୍ତର ଇତିହାସ ବିଭାଗ ପକ୍ଷରୁ “ଆର୍ଯ୍ୟଭଟ୍ଟ ଓ ତାଙ୍କ ଅବଦାନ’ ଶୀର୍ଷକ ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି। ପାଠଚକ୍ରକୁ ମହାବିଦ୍ୟାଳୟ ଅଧ୍ୟକ୍ଷା ଡ. ପ୍ରମିଳା ଖାଡ଼ଙ୍ଗା ଉଦ୍‌ଘାଟନ କରିଥିଲେ। ବିଭାଗ ମୁଖ୍ୟ ଡ. ଦେବରାଜ ସ୍ୱାଇଁ ଏହି ପାଠଚକ୍ର ପ୍ରସଙ୍ଗର ଆଭିମୁଖ୍ୟ ଓ ତାତ୍ପର୍ଯ୍ୟ ସମ୍ପର୍କରେ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ପାଠଚକ୍ରରେ ସ୍ନାତକୋତ୍ତର ଦ୍ୱିତୀୟ ବର୍ଷ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ମହେନ୍ଦ୍ର ସାହୁ, ଦୀପା ପରିଡ଼ା, ଏନ୍. ସ୍ୱପ୍ନାରାଣୀ ଦୋରା ଓ କଳ୍ପନା ଦଳବେହେରା ପ୍ରମୁଖ ସ୍ୱରଚିତ ପ୍ରବନ୍ଧମାନ ଉପସ୍ଥାପନ କରିଥିଲେ। ଅତିଥି ଅଧ୍ୟାପକ ଟି. ଗଣେଶ ପାଠଚକ୍ରର ସଂଯୋଜନା କରିଥିବା ବେଳେ ଅତିଥି ଅଧ୍ୟାପିକା ଶ୍ରୀୟା ସଂଜୀବନୀ ପାତ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି ଅବସରରେ ନୂତନ ମୁଖ୍ୟ ଭାବେ ଯୋଗଦେଇଥିବା ଇତିହାସ ବିଭାଗର ବରିଷ୍ଠ ସହକାରୀ ପ୍ରଫେସର୍ ଡ. ଦେବରାଜ ସ୍ୱାଇଁଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ଶେଷରେ ଅତିଥି ଅଧ୍ୟାପିକା ରୋଜାଲିନ୍ ଷଡ଼ଙ୍ଗୀ ଧନ୍ୟବାଦ ଅର୍ପଣ କରିଥିଲେ।

## ଆସିବେ ବିଦ୍ୟାଦାତା; ପ୍ରସ୍ତୁତ ମଣ୍ଡପ

ରମ୍ଭା,୨୬।୮ (ସମିସ): ଆସିବେ ବିଦ୍ୟାଦାତା ପ୍ରସ୍ତୁତ ହୋଇ ରହିଛି ମଣ୍ଡପ। ମୂର୍ତ୍ତି କିଣିବାକୁ ମଙ୍ଗଳବାର ଦିନ ତମାମ ମୂର୍ତ୍ତି ଦୋକାନ ଗୁଡ଼ିକରେ ବେଶ୍ ଭିଡ଼ ପରିଲକ୍ଷିତ ହୋଇଥିଲା। ସେହିପରି ହାଟବଜାରରେ ମଧ୍ୟ ପୂଜା ସାମଗ୍ରୀ ଓ ଲୁଗାପଟା ଭୋଗ କିଣିବାକୁ ନାହିଁ ନଥିବା ଭିଡ଼ ଜମିଥିଲା। ଚଳିତ ବର୍ଷ ବିଭିନ୍ନ ସାହି ବସ୍ତିରେ ଭିନ୍ନ ଭିନ୍ନ ଜାଗାରେ ଧୂମଧାମ୍‌ରେ ଗଣେଶ ପୂଜା କରିବାକୁ ବ୍ୟାପକ ପ୍ରସ୍ତୁତି ହୋଇଛି। ମୂର୍ତ୍ତି ସ୍ଥାପନ ନେଇ ପ୍ରତିଯୋଗିତା ଆରମ୍ଭ ହୋଇଯାଇଛି। ଏଥି ସହିତ ବିଭିନ୍ନ ସରକାରୀ,ବେସରକାରୀ ଓ ଶିକ୍ଷାନୁଷ୍ଠାନ, ଅନୁଷ୍ଠାନ ପକ୍ଷରୁ ଆୟୋଜିତ ପୂଜାରେ ମୂର୍ତ୍ତି ଆକର୍ଷଣ ହୋଇଥିବା ବେଳେ ତୋରଣର ପ୍ରତିଯୋଗିତା ଚାଲୁ ରହିଛି। ମୂର୍ତ୍ତି କାରିଗର ଛୋଟରୁ ବଡ଼ ମୂର୍ତ୍ତି ନିର୍ମାଣ କରି ସମସ୍ତଙ୍କୁ ସୁହାଇଲା ଭଳି ନିମଗ୍ନ ରହିଛି। ଏଇ ଠାରୁ ଆରମ୍ଭ ହେଲା କାରିଗର ମାନଙ୍କ ରୋଜଗାର, ବାର୍ଷିକ ଚଳଣି। କିନ୍ତୁ କଥା ରହିଲା ମୂର୍ତ୍ତି ନିର୍ମାଣରେ ସିଦ୍ଧହସ୍ତ, ବହୁ ପ୍ରତିଭାର ଅଧିକାରୀ, ବିଭିନ୍ନ ଟେରାକୋଟା କାମ ସହିତ ଅଭିଜ୍ଞତା ଥିବା ଓ ମୂର୍ତ୍ତି ନିର୍ମାଣରେ ଲାଗି ପଡ଼ିଥିବା କାରିଗର ଭଲ ଭାବରେ ଦୁଇ ପଇସା ରୋଜଗାର କରିବାକୁ ଲକ୍ଷ୍ୟ ରଖିଛନ୍ତି। କିନ୍ତୁ କଳାର ଉଚିତ ମୂଲ୍ୟ ମିଳୁ କିମ୍ବା ନ ମିଳୁ ଏମିତି ପର୍ବପର୍ବାଣୀକୁ ଚାହିଁ ବସିଥାନ୍ତି କାରିଗର। ବଡ଼ ବଡ଼ ମୂର୍ତ୍ତି ନିର୍ମାଣ କରିବାକୁ ଅଗ୍ରୀମ ମିଳୁଥିବା ବେଳେ ଛୋଟ ଛୋଟ ମୂର୍ତ୍ତିର ଚାହିଦା ଓ ନଗଦ ବେପାର ବଣିଜ ହେଉଥିବା ଜଣାଯାଇଛି।


## ଲଗାଣ ବର୍ଷାରେ ବୈପାରୀଗୁଡା ବେହାଲ

# ବୁଡ଼ିଲା ପୋଲ,ଯାତାୟାତ ବାଧାପ୍ରାପ୍ତ



ବୈପାରୀଗଡ଼ା,୨୬।୮ (ସମିସ): ଲଘୁଚାପ ପ୍ରଭାବରେ କୋରାପୁଟ ଜିଲ୍ଲା ବୈପାରୀଗୁଡାର ଅନେକ ସ୍ଥାନରେ ମଙ୍ଗଳବାର ପ୍ରବଳ ବର୍ଷା ଲାଗିରହିଛି। ଫଳରେ ଲୋକମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଥିବା ଦେଖାଯାଇଛି। ବିଶେଷ କରି ବ୍ଲକର ଶିରିବେଡା, କେନ୍ଦୁଗୁଡା, ସୋରିଷ ପଦର, ଦଶମନ୍ତପୁର, ଧଉଡାଗୁଡା, ବଳିଗୁଡା, ଚନ୍ଦ୍ରପୋଡା, ଖରାଗୁଡା, ପାଲିଗୁଡା, ଲିମ୍ବାଗୁଡା, ମୁଣ୍ଡାଗୁଡା, ବାଲିଗାଁ, କାଙ୍ଗୁଦୁଡା, ହଳଦୀକୁଣ୍ଡ, ଆଦି ଗାଁରେ ଚାଷ ଜମିରେ ପାଣି ମାଡ଼ିଯାଇଛି। ଏକର ଏକର ଚାଷ ଜମିରେ ପାଣି ମାଡ଼ିଯାଇଛି। ଶତାଧିକ ଚାଷୀଙ୍କ ଫସଲ ନଷ୍ଟ ହୋଇଯାଇଛି। ସୋରିଷ ପଦର, କେନ୍ଦୁଗୁଡା, ଅଟାଲଗୁଡା, ଗାଡ଼ପୁଟ ଗାଁରେ ବର୍ଷା ପାଣି ପଶି ଉପୁଜିଛି ବନ୍ୟା ପରିସ୍ଥିତି। ଜାତୀୟ ରାଜପଥରେ ଟାଙ୍ଗିଣୀଗୁଡା ନିକଟରେ ରାସ୍ତା ଉପରେ ଗଛ ପଡି ରାସ୍ତା ଅବରୋଧ ହୋଇଥିଲା। ସ୍ଥାନୀୟ ଅଗ୍ନିଶମ ବାହିନୀ ପହଞ୍ଚି ଗଛ ହଟାଇଥିଲେ। ବୋଦାପୁଟ ପଂଚାୟତର ଅଟାଲଗୁଡା ଗାଁରେ ଡ୍ରେନେଜ୍ ବ୍ୟବସ୍ଥା ନଥିବାରୁ ବର୍ଷା ପାଣି ଘରେ ପଶିଛି। ଶେଷରେ ବାଧ୍ୟ ହୋଇ ଗାଁ ରାସ୍ତା ମଝିରେ ନାଳ କାଟି ପାଣି ନିଷ୍କାସନ କରିଛନ୍ତି ଗ୍ରାମବାସୀ। ଗୁପ୍ତେଶ୍ୱର ପୀଠକୁ ସଂଯୋଗ ଦୁଉ ରାସ୍ତାରେ ଯାତାୟାତ ବାଧାପ୍ରାପ୍ତ ହୋଇଥିଲା। ରାମଗିରି-ଗୁପ୍ତେଶ୍ୱର ରାସ୍ତା ମଝିରେ ସୁକୁନାଳ ପୋଲ ଉପରେ ୩ ଫୁଟ ବନ୍ୟା ପାଣି ପ୍ରବାହିତ ହେଉଥିଲା। ଅନ୍ୟପଟେ ଗୁପ୍ତେଶ୍ୱର ବାଇପାସ୍ ରୋଡ୍ ଶିରିବେଡା ନିକଟରେ ରାସ୍ତା ଉପରେ ୪ ଫୁଟ ପାଣି ପ୍ରାୟ ଏକ କିଲୋମିଟର ପର୍ଯ୍ୟନ୍ତ ପ୍ରବାହିତ ହେଉଥିଲା। ଫଳରେ ଗୁପ୍ତେଶ୍ୱର ପୀଠକୁ ଯୋଗାଯୋଗ ବିଚ୍ଛିନ୍ନ ହୋଇଯାଇଯାଇଥିଲା। ଆଜି ସକାଳେ ୩୨୬ ନମ୍ବର ଜାତୀୟ ରାଜପଥରେ ଯାତାୟାତ ବାଧାପ୍ରାପ୍ତ ହୋଇଥିଲା। ବୈପାରୀଗୁଡା ଓ ଟାଙ୍ଗୁନିଗୁଡା ମଝିରେ ଥିବା କେରାପୁଟ ଛକରେ କୁରୁଲୁ ନଦୀ ଫୁଲିଥିଲା। ପୋଲ ଉପରେ ୩ ଫୁଟ ପାଣି ବହୁଥିଲା। ଫଳରେ ସକାଳ ୯ଟା ଠାରୁ ବାରଟା ପର୍ଯ୍ୟନ୍ତ ମାଲକାନଗିରି ଜୟପୁର ରାସ୍ତାରେ ଯାତାୟାତ ଠପ୍ ହୋଇଯାଥିଲା। ତେବେ ପାଣି କମିଲା ପରେ ଯାତାୟାତ ସ୍ୱାଭାବିକ ହୋଇଥିଲା।

## ଲଗାଣ ବର୍ଷା, ଜନଜୀବନ ଅସ୍ତବ୍ୟସ୍ତ



ନନ୍ଦପୁର,୨୬।୮ (ସମିସ): ତିନିଦିନ ହେଲା ନନ୍ଦପୁର, ଲମତାପୁଟ୍, ମାଛକୁଣ୍ଡ, ଜଲାପୁଟ ଅଞ୍ଚ ରେ ଲଘୁଚାପ ଜନିତ ଲଗାଣ ବର୍ଷା ସ୍ଥାନୀୟ ଅଞ୍ଚଳର ଜନଜୀବନକୁ ଅସ୍ତବ୍ୟସ୍ତ କରିଦେଇଛି। ସୂଚନା ଅନୁସାରେ ଏହି ଲଗାଣ ବର୍ଷାରେ ନନ୍ଦପୁର ବ୍ଲକ ଅଞ୍ଚଳରେ ୪ଟି ଘର ଭାଙ୍ଗିଛି। ସେଥିମଧ୍ୟରୁ ବାଡେଲ ପଞ୍ଚାୟତର ଜନ୍ତାପୁଟ ଗ୍ରାମର ଦୁଇଟି, ହାତୀବାରି ପଞ୍ଚାୟତର ଗୋଟିଏ ଓ ବିଲାପୁଟ ପଞ୍ଚାୟତରେ ଗୋଟିଏ ଘର ଭାଙ୍ଗିଥିବା ସୂଚନା ମିଳିଛି। ସେପଟେ ମାତ୍ରାଧିକ ବର୍ଷାଜଳ ଜଲାପୁଟ ଜଳଭଣ୍ଡାର ମଧ୍ୟକୁ ପ୍ରବେଶ କରୁଥିବା ବେଳେ ମଙ୍ଗଳବାର ଜଳଭଣ୍ଡାରରୁ ୧୨୦୦୦ କ୍ୟୁସେକ୍ ଜଳ ନିଷ୍କାସନ କରାଯାଇଥିବା ଜଣାପଡିଛି। ଜଳଭଣ୍ଡାରରୁ ଜଳ ନିଷ୍କାସନକୁ ନେଇ ତଳିଆ ଅଞ୍ଚଳବାସୀ ସମ୍ଭାବ୍ୟ ନଈବଢ଼ି ଆଶଙ୍କାରେ କାଳାତିପାତ କରୁଛନ୍ତି।

## ଶିଶୁ ଅଧିକାର ସୁରକ୍ଷା ଆୟୋଗ ଅଧ୍ୟକ୍ଷାଙ୍କ ଗଞ୍ଜାମ ଗସ୍ତ



ଛତ୍ରପୁର,୨୬।୮ (ସମିସ): ଦୁଇ ଦିନିଆ ଗଞ୍ଜାମ ଗସ୍ତରେ ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗ ଅଧ୍ୟକ୍ଷା ବବିତା ପାତ୍ର ବିଭିନ୍ନ ସ୍ଥାନ ପରିଦର୍ଶନ କରିଥିଲେ। ଶିଶୁଙ୍କ ଯତ୍ନ ଓ ତାର ସୁରକ୍ଷା ପ୍ରାଥମିକତା ଦିଆଯିବ ବୋଲି କହିଥିଲେ। ଶିଶୁ ମାନଙ୍କ ସୁରକ୍ଷା ଓ ସେମାନଙ୍କ ବିକାଶ ହୋଇପାରିବ, ସେମାନଙ୍କ ଶିକ୍ଷାଗତ ଅଧିକାର ପାଉଛନ୍ତି କି ନାହିଁ ସେନେଇ ଆଲୋଚନା କରାଯାଇଥିଲା। ଜିଲ୍ଲାରେ ଶିଶୁମାନଙ୍କ ବିକାଶକୁ ସୁନିଶ୍ଚିତ କରିବା, ସେମାନଙ୍କ ସୁରକ୍ଷାକୁ ସୁନିଶ୍ଚିତ କରିବା ଏବଂ ଶିଶୁ ମାନଙ୍କର ଆଗାମୀ ଦିନରେ କିଭଳି ଭାବରେ ଶିକ୍ଷାଗତ ତଥା ସାମାଜିକ କ୍ଷେତ୍ରରେ ବିକାଶ କରିବେ ତା’ଉପରେ ଆଲୋଚନା ହୋଇଥିଲା। ସରକାରଙ୍କ ମିଶନ ବାତ୍ସଲ୍ୟ, ପୋଷଣ, ସୁଭଦ୍ରା, ଶିକ୍ଷା, ଶିଶୁ ଚାଲାଣ ରୋକିବା ଆଦି ବିଭିନ୍ନ ବିଷୟରେ ସମୀକ୍ଷା କରାଯାଇଥିଲା। ଜିଲ୍ଲାରେ ଗ୍ରୀଷ୍ମ ଛୁଟି ଅବସରରେ ଶିକ୍ଷକମାନେ ଘରକୁ ଘର ବୁଲି ‘ଆସ ସ୍କୁଲ ଯିବା’ ଅଭିଯାନ କରାଯାଇଥିଲା। ଜିଲ୍ଲାରେ ପ୍ରାୟ ୧୫ ହଜାର ୧୦୬ ଜଣ ପିଲା ସ୍କୁଲ ଡ୍ରପ୍‌ଆଉଟ ଏବଂ କିଛି ପିଲା ଆଦୌ ସ୍କୁଲ ଯାଇନଥିବା ଚିହ୍ନଟ ହୋଇଥିଲେ। ୧୨ ହଜାର ୧୯୮ ପିଲା ଡ୍ରପ୍‌ଆଉଟ ଓ ୨୯୦୮ ପିଲା ଆଦୌ ସ୍କୁଲ ଯାଇନଥିବା ଚିହ୍ନଟ ହୋଇଥିବା ଜିଲ୍ଲା ଶିକ୍ଷାଧିକାରୀ କହିଥିଲେ। ସେଥି ମଧ୍ୟରୁ ୭୩୬ ପିଲା ବିଭିନ୍ନ ସ୍କୁଲରେ ଆଡମିଶନ ହୋଇଯାଇଥିବା ବେଳେ ୨୯୯୦ ପିଲାଙ୍କ ସହ ଯୋଗାଯୋଗରେ ଅଛୁ ବୋଲି ବୈଠିକରେ କୁହାଯାଇଥିଲା। ବୈଠକରେ ଗଞ୍ଜାମ ଜିଲାପାଳ ଭି. କୀର୍ତ୍ତି ଭାସନ, ଗଞ୍ଜାମ ଏସ୍‌ପି ଶୁଭେନ୍ଦୁ କୁମାର ପାତ୍ର, ବ୍ରହ୍ମପୁର ଏସ୍‌ପି ଶ୍ରବଣା ବିବେକ ଏମ୍, ଅତିରିକ୍ତ ଜିଲ୍ଲାପାଳ ଡ.ପ୍ରମୋଦ କୁମାର ପୃଷ୍ଟି, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ, ଜିଲ୍ଲା ମଙ୍ଗଳ ଅଧିକାରୀ, ଜିଲ୍ଲା ଶିକ୍ଷାଧିକାରୀ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀଙ୍କ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀ ଉପସ୍ଥିତ ରହିଥିଲେ।

## ପଞ୍ଚାୟତ ସମିତି ବୈଠକ

## କୃଷି ଓ ବିଦ୍ୟୁତ୍ ବିଭାଗ ଉପରେ ଖପ୍ପା ଜନପ୍ରତିନିଧି




ଶେରଗଡ଼,୨୬।୮ (ସମିସ): ଶେରଗଡ଼ ବ୍ଲକ ସପ୍ତମ ସମିତି ବୈଠକ ବ୍ଲକ ଅଧ୍ୟକ୍ଷ କୃଷ୍ଣଚନ୍ଦ୍ର ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ବୈଠକକୁ ବିଡ଼ିଓ ତୃପ୍ତିମୟୀ ଜେନା ସଂଯୋଜନା କରିଥିଲେ। ଏହି ବୈଠକରେ ତହସିଲଦାର ତ୍ରିଦେବ ରଥ, ବିଧାୟକଙ୍କ ଡିଆର୍‌ଡିଏ ପ୍ରତିନିଧି ଦେବାନନ୍ଦ ମହାପାତ୍ର, ବିଧାୟକଙ୍କ ବ୍ଲକ ପ୍ରତିନିଧି ଦିଗାମ୍ବର ନାହାକ, ଆସିକା ସାଂସଦଙ୍କ ବ୍ଲକ ପ୍ରତିନିଧି ଶିଶିର କୁମାର ମିଶ୍ର, ବ୍ଲକ ଉପାଧ୍ୟକ୍ଷା ସୁଧସ୍ମିତା ପଟ୍ଟନାୟକ ମଞ୍ଚାସୀନ ଥିଲେ। ପ୍ରଥମେ ନୂତନ ଭାବେ ଯୋଗ ଦେଇଥିବା ବିଡିଓ ଓ ସହକାରୀ ଯନ୍ତ୍ରୀ ରଶ୍ମିତା ଶବରଙ୍କୁ ସ୍ୱାଗତ କରାଯାଇଥିଲା। ସାରର ଅଭାବୀ ବିକ୍ରିକୁ ନେଇ ଜନପ୍ରତିନିଧି ମାନେ କୃଷି ଅଧିକାରୀଙ୍କ ଉପରେ କ୍ଷୋଭ ପ୍ରକାଶ କରିବା ସହିତ ସାରର କଳାବଜାରୀ ରୋକିବାକୁ ଦାବି କରିଥିଲେ। ବିଦ୍ୟୁତ ବିଭାଗ ସାଉଥକୋ ପାଖରୁ ଯେବେ ଠାରୁ ଟାଟା ପାୱାର ହାତକୁ ଯାଇଛି, ସେବେଠାରୁ ବିଦ୍ୟୁତ ବିଭାଗ ଉନ୍ନତ ସେବା ଯୋଗାଇବାରେ ବିଫଳ ହୋଇଥିବା ଜନପ୍ରତିନିଧି ମାନେ ବୈଠକରେ ଉଦ୍‌ବେଗ ପ୍ରକାଶ କରିଥିଲେ। ନିକଟରେ ରାଜ୍ୟ ସରକାର ନୂତନ ଭାବେ ୧୨ଟି ବିଜ୍ଞାପିତ ଅଞ୍ଚଳ ଘୋଷଣା କରିଥିଲେ, ଏଥିଧରେ ଶେରଗଡ଼ ନଥିବାରୁ ଜନପ୍ରତିନିଧି ମାନଙ୍କ ମଧ୍ୟରେ ଉଦ୍‌ବେଗ ପ୍ରକାଶ ପାଇଛି। ବୈଠକରେ ସିଡିପିଓ ମମତାଞ୍ଜଳି ପଣ୍ଡା, ବିଇଓ ଲକ୍ଷ୍ମୀ ନାରାୟଣ ପଣ୍ଡା, ସହକାରୀ ଯନ୍ତ୍ରୀ ରଶ୍ମିତା ଶବରଙ୍କ ସହିତ ବ୍ଲକର ସମସ୍ତ କନିଷ୍ଠ ଯନ୍ତ୍ରୀ, ସମସ୍ତ ନିର୍ବାଚିତ ପ୍ରତିନିଧିଙ୍କ ସହିତ ସମସ୍ତ ବିଭାଗର ବିଭାଗୀୟ ଅଧିକାରୀ ମାନେ ଉପସ୍ଥିତ ଥିଲେ।

## ଡିଜେ ଓ ବାଣ ଉପରେ କଟକଣା

ଜଗନ୍ନାଥପ୍ରସାଦ,୨୬।୮ (ସମିସ): ଜଗନ୍ନାଥପ୍ରସାଦ ପୁଲିସ ପକ୍ଷରୁ ଗଣେଶ ପୂଜା ଭସାଣିରେ ଡିଜେକୁ ବାରଣ କଲା ପ୍ରଶାସନ। ଗଞ୍ଜାମ ଅରକ୍ଷୀ ଅଧିକ୍ଷକ ଶୁଭେନ୍ଦୁ କୁମାର ପାତ୍ରଙ୍କ ନିର୍ଦ୍ଦେଶ କ୍ରମେ ମଙ୍ଗଳବାର ସନ୍ଧ୍ୟାରେ ଅଞ୍ଚଳର ବିଭନ୍ନ ସଂଗଠନ ପକ୍ଷରୁ ଆୟୋଜିତ ପୂଜା ମଣ୍ଡପ କମିଟିମାନଙ୍କୁ ଡକାଇ ଥାନା ପରିସରରେ ବୈଠକ କରାଯାଇଛି। ଏଥିରେ ଭଞ୍ଜନଗର ଆରକ୍ଷୀ ଅଧୀକ୍ଷକ ଡ଼ଃ ଦୀପକ କୁମାର ମିଶ୍ର, ଜଗନ୍ନାଥ ପ୍ରସାଦ ଥାନାଧିକାରୀ ପ୍ରମୋଦ କୁମାର ଲେଙ୍କା, ଏସଆଇ ବଂଶୀଧର ମଲ୍ଲିକ, ଜ୍ୟୋତିରଞ୍ଜନ ସାହୁ, ଏଏସଆଇ ପ୍ରିୟରଞ୍ଜନ ମିଶ୍ର, ବ୍ରହ୍ମାନନ୍ଦ ପ୍ରଧାନ ଏବଂ ଅନ୍ୟାନ୍ୟ ଅଧିକାରୀ ଉପସ୍ଥିତ ରହି ଡିଜେ ଏବଂ ବାଣ ଫୁଟାକୁ ସରକାର ନିୟମ ଅନୁଯାଇ ସମ୍ପୂର୍ଣ୍ଣ ବାରଣ କରାଯାଇଥିବା କହିଥିଲେ। କାର୍ଯ୍ୟକ୍ରମରେ ସ୍ଥାନୀୟ ଥାନା ଅଧୀନ ସମସ୍ତ ପୂଜା କମିଟି ନିଜସ୍ୱ ଅନୁମତି ପାଇଁ ଆବେଦନ କରିଥିଲେ।

## ରୋଗୀ କଲ୍ୟାଣ ସମିତି ବୈଠକ




ଧରାକୋଟ,୨୬।୭ (ସମିସ): ଧରାକୋଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭାରପ୍ରାପ୍ତ ଚିକିତ୍ସା ଅଧିକାରୀ ଡାକ୍ତର ଏମ୍‌ଭିକେ ଅଶୋକଙ୍କ ଆବାହକତ୍ୱରେ ରୋଗୀ କଲ୍ୟାଣ ସମିତି ବୈଠକ ଅନୁଷ୍ଠିତ ହୋଇଯାଇଛି। ସାନଖେମୁଣ୍ଡି ବିଧାୟକ ରମେଶ ଚନ୍ଦ୍ର ଜେନାଙ୍କ ପ୍ରତିନିଧି ହିମାଂଶୁ ଶେଖର ସ୍ୱାଇଁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକକୁ ଫାର୍ମାସିଷ୍ଟ କେଦାର ନାଥ ଆଚାର୍ଯ୍ୟ ସଂଯୋଜନା କରିଥିବା ବେଳେ ଅତିଥି ଭାବରେ ସାଂସଦ ଅନିତା ଶୁଭଦର୍ଶିନୀଙ୍କ ପ୍ରତିନିଧି ୟୁ ପାପା ରାଓ, ବ୍ଲକ ଅଧ୍ୟକ୍ଷା ସୁଲକ୍ଷଣା ଗୀତାଞ୍ଜଳିଙ୍କ ପ୍ରତିନିଧି ଶିବ ଶଙ୍କର ପାତ୍ର, ଜିପିଇଓ ଦେବରାଜ ନାୟକ, ଆରଡବ୍ଲୁଏସ୍‌ଏସ୍ ସହକାରୀ ଯନ୍ତ୍ରୀ ଚିନ୍ମୟୀ ରାଉତ, ସୁପରଭାଇଜର ଭଗ୍ୟଲତା ମଣ୍ଡଳ, ଏବିଇଓ ବିଭୁତି ଭୁଷଣ ପାତ୍ର, ଏଏସ୍‌ଆଇ ଅନୀଲ ଶବର, ମୁରଲୀଧର ରାଓ ପ୍ରମୁଖ ଉପସ୍ଥିତ ରହିଥିଲେ। ବିପିଏମ ଗୋଲକ ନାରାୟଣ ଗାରିଆ ଗଡୁ ସ୍ୱାସ୍ଥ୍ୟକେନ୍ଦ୍ରର ସ୍ଥିତାବସ୍ଥା ଓ ସରକାରୀ କାର୍ଯ୍ୟକ୍ରମ ସମ୍ପର୍କୀୟ ବିବରଣୀ ପାଠ କରିଥିଲେ। ଗ୍ରାମାଞ୍ଚଳରେ ରହିଥିବା ସ୍ୱାସ୍ଥ୍ୟକେନ୍ଦ୍ର ଗୁଡିକରେ ରୋଗୀଙ୍କୁ ସୁନିଶ୍ଚିତ ସେବା ଯୋଗାଇବା, ଅପେକ୍ଷା ଗୃହ ନିର୍ମାଣ, ୧୦୮ ଆମ୍ବୁଲାନ୍ସ ଗାଡ଼ି ଧରାକୋଟ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ରଖିବାକୁ ପଦକ୍ଷେପ ନେବାପାଇଁ ବିଧାୟକ ପ୍ରତିନିଧି ଦାବି ଉପସ୍ଥାପନ କରିଥିବା ବେଳେ ମେଡିକାଲର କର୍ମଚାରୀ ପଦ ପୂରଣ ସହ ଆନୁଷଙ୍ଗିକ ସୁବିଧା ପାଇଁ ସାଂସଦଙ୍କ ଦୃଷ୍ଟି ଆକର୍ଷଣ କରିବେ ବୋଲି ସାଂସଦ ପ୍ରତିନିଧି ପ୍ରକାଶ କରିଥିଲେ। ଭାରପ୍ରାପ୍ତ ଚିକିତ୍ସାଧିକାରୀ ଡାକ୍ତର ଅଶୋକ ମେଡ଼ିକାଲରେ ଜେନେରେଟର ନଥିବା, ମହାପ୍ରୟାଣ ଗାଡି, ଏକ୍ସରେ ବ୍ୟବସ୍ଥା ଓ ଏଲଟି ପଦବୀ ପୂରଣ ପାଇଁ ଦାବି ଉପସ୍ଥାପନ କରିଥିଲେ। ଗ୍ରାମାଞ୍ଚଳରେ କାର୍ଯ୍ୟରତ ଡାକ୍ତର ଅନୁପମା ମହାପାତ୍ର, ଡାକ୍ତର ସୌମ୍ୟ ଶ୍ରୀକ୍ଷେତ୍ର ଗୌଡ଼, ଡାକ୍ତର ଯୁଧିଷ୍ଠିର ପ୍ରଧାନ, ଡାକ୍ତର ଶଙ୍କର ନାରାୟଣ ବେହେରାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଫାର୍ମାସିଷ୍ଟ କେଦାରନାଥ ଆଚାର୍ଯ୍ୟ ଧନ୍ୟବାଦ ଅର୍ପଣ କରିଥିଲେ।

## ସମସ୍ୟାରେ କୁକୁଡ଼ାଖଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର

# ଛାତରୁ ଗଳୁଛି ପାଣି; ରୋଗୀ ହନ୍ତସନ୍ତ

କୁକୁଡ଼ାଖଣ୍ଡି,୨୬।୮ (ସମିସ)



ସାଧାରଣ ଲୋକଙ୍କୁ ହାତ ପାହାନ୍ତରେ ସ୍ୱାସ୍ଥ୍ୟସେବା ଯୋଗାଇ ଦେବାକୁ ସରକାର ପ୍ରତି ପଞ୍ଚାୟତ ଓ ବ୍ଲକ ମୁଖ୍ୟାଳୟ ମାନଙ୍କରେ ସ୍ୱାସ୍ଥ୍ୟକେନ୍ଦ୍ର ନିର୍ମାଣ କରିଛନ୍ତି। ତେବେ କେଉଁଠି ଡାକ୍ତର ଆସୁନଥିବାବେଳେ ଆଉ କେଉଁଠି ସ୍ୱାସ୍ଥ୍ୟକେନ୍ଦ୍ର ଛାତରୁ ପାଣି ଗଳୁଥିବାରୁ ରୋଗୀ ସେବା ବାଧାପ୍ରାପ୍ତ ହେଉଛି। କୁକୁଡ଼ାଖଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଏଭଳି ଘଟଣା ଦେଖିବାକୁ ମିଳିଛି। ବର୍ଷା ହେଲେ କେନ୍ଦ୍ରର ଛାତ ମଝିରୁ ଟୋପା ଟୋପା ପାଣି ପଡୁଥିବାରୁ ରୋଗୀ ମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏପରିକି ପାଣିପଡ଼ି ରୋଗୀଙ୍କ ନିମନ୍ତେ ଥିବା ବେଡ୍ ଗୁଡ଼ିକ ଓଦା ହୋଇଯାଉଛି। ତେବେ ଅନ୍ୟୋପାୟ ନଥିବାରୁ ବାଧ୍ୟ ହୋଇ ରୋଗୀମାନେ ସେହି ଓଦା ବେଡରେ ଚିକିତ୍ସା ହେଉଛନ୍ତି। ବ୍ଲକ ମୁଖ୍ୟାଳୟ ହୋଇଥିବାରୁ ଏହି ସ୍ୱାସ୍ଥ୍ୟ କେନ୍ଦ୍ର ଉପରେ ଶତାଧିକ ରୋଗୀ ନିର୍ଭର କରୁଛନ୍ତି। ଏନେଇ ସ୍ୱାସ୍ଥ୍ୟକେନ୍ଦ୍ର ଭାରପ୍ରାପ୍ତ ଅଧିକାରୀ ସୁମିତ କୁମାର ସାହୁଙ୍କୁ ପଚାରିବାରୁ ୧୯୭୭ରେ ଏହି କୋଠା ନିର୍ମାଣ ହୋଇଛି। ତେଣୁ ଏହା ପୁରୁଣା ହେଇଥିବାରୁ ପାଣି ଗଳୁଛି। ସେଥିପାଇଁ ନୂତନ କୋଠା ନିର୍ମାଣ ଚାଲିଛି, ଯାହା ଆସନ୍ତା ୬ମାସ ମଧ୍ୟରେ କାର୍ଯ୍ୟକ୍ଷମ ହେବ। ତେବେ ଛଅ ମାସ ମଧ୍ୟରେ ରୋଗୀ ସେବା କିପରି ହେବ ବୋଲି ପଚାରିବାରୁ ଉପରିସ୍ଥ ଅଧିକାରୀଙ୍କ ସହ ଏ ସମ୍ପର୍କରେ ଅବଗତ କରାଯାଇ ଯଥାଶୀଘ୍ର ଉପଯୁକ୍ତ ପଦକ୍ଷେପ ନିଆଯିବ ବୋଲି କହିଛନ୍ତି।

## ଦୁଇ ଚୋରି ଗାଡ଼ି ଉଦ୍ଧାର; ଜଣେ ଗିରଫ

ବ୍ରହ୍ମପୁର,୨୬।୮ (ସମିସ): ନିମଖଣ୍ଡି ଥାନା ଇଲାକାରୁ ସ୍କୁଟି ଓ ବାଇକ୍ ଚୋରି ଅଭିଯୋଗରେ ପୁଲିସ ସମ୍ପୃକ୍ତ ଅଭିଯୁକ୍ତକୁ ଗିରଫ କରି କୋର୍ଟଚାଲାଣ କରିଛି। ଗିରଫ ଅଭିଯୁକ୍ତ ଜଣକ ହେଲେ ସୁକୁଣ୍ଡା ରାଉଳ ସାହିର ନରସିଂହ ସାହୁ (୨୦)।



ଲୋଚାପଡ଼ା ବଡ଼ସାହି ନିବାସୀ ଜଗନ୍ନାଥ ସାହୁ (୨୮) ଗତ ୧୪ତାରିଖ ଦିନ ରାତିରେ ତାଙ୍କ ଘର ସମ୍ମୁଖରେ ଥିବା ସ୍କୁଟିକୁ ଦୁଇଜଣ ଦୁର୍ବୃତ୍ତ ଚୋରି କରି ନେଇଥିବା ସିସିଟିଭିରେ ଦେଖିଥିଲେ। ପରେ ଘଟଣାକୁ ନେଇ ନିମଖଣ୍ଡି ଥାନାରେ ଅଭିଯୋଗ କରିଥିଲେ। ପୁଲିସ ଘଟଣାସ୍ଥଳରେ ପହଞ୍ଚି ଦୁର୍ବୃତ୍ତଙ୍କ ଗତିବିଧି ଉପରେ ନଜର ପକାଇ ଜଣକୁ କାବୁ କରିଥିଲେ। ତାଠାରୁ ଚୋରି ହୋଇଥିବା ସ୍କୁଟି ଓ ଅନ୍ୟ ଏକ ଚୋରି ବାଇକ୍ ଉଦ୍ଧାର କରିଥିବା ଥାନା ଅଧିକାରୀ କୃଷ୍ଣ ସାହା ସୂଚନା ଦେଇଛନ୍ତି। ଏହି ଘଟଣାରେ ଅନ୍ୟ କାହାର ସମ୍ପୃକ୍ତି ରହିଛି ସେନେଇ ତଦନ୍ତ ଜାରି ରହିଥିବା ସେ କହିଛନ୍ତି।

## ଦୋକାନରୁ ସୁନାଚୋରି; ଗ୍ରାହକ ଗିରଫ

ବ୍ରହ୍ମପୁର,୨୬।୮ (ସମିସ): ଏକ ସୁନା ଦୋକାନରୁ ଅଳଙ୍କାର ଚୋରି କରିବା ଅଭିଯୋଗରେ ବଡ଼ବଜାର ଥାନା ପୁଲିସ ସମ୍ପୃକ୍ତ ଅଭିଯୁକ୍ତକୁ ଗିରଫ କରି କୋର୍ଟଚାଲାଣ କରିଛି। ସେ ହେଲେ ଦକ୍ଷିଣପୁର ଗ୍ରାମର ଲକ୍ଷ୍ମୀ ଆଚାରୀ (୪୫)। ସୂଚନାଯୋଗ୍ୟ ଯେ, ପ୍ରେମ ସପ୍ତମ ଲାଇନ ନିବାସୀ ଇ. ନାଗେଶ(୫୨)ଙ୍କ ସାନବଜାର ଛକରେ ସାଇନାଥ ନାମକ ଏକ ସୁନା ଦୋକାନ ରହିଛି। ସୋମବାର ଅପରାହ୍ନରେ ୨ ଜଣ ଅଜଣା ଗ୍ରାହକ ଦୋକାନକୁ ଆସି ସୁନାରୂପ ଓ ଗହଣା ଦେଖିଥିଲେ। ଭିଡ଼ର ସୁଯୋଗ ନେଇ ଜଣେ ଗ୍ରାହକ ୭.୭ଗ୍ରାମ ଏକ ସୁନା ବିସ୍କୁଟ ନେଇ ଚମ୍ପଟ ମାରିଥିଲେ। ନାଗେଶଙ୍କ ସନ୍ଦେହ ହେବାରୁ ସେ ସିସିଟିଭି ଯାଞ୍ଚ କରିଥିଲେ। ଯାଞ୍ଚ ବେଳେ ଜଣେ ଗ୍ରାହକ ଉକ୍ତ ସୁନା ନେଉଥିବା ଜାଣିପାରି ବଡ଼ବଜାର ଥାନାରେ ଅଭିଯୋଗ କରିଥିଲେ। ପୁଲିସ ଏକ ମାମଲା ରୁଜୁ କରିବା ସହ ଅଭିଯୁକ୍ତ ଗ୍ରାହକକୁ ଗିରଫ କରି କୋର୍ଟଚାଲାଣ କରିଥିବା ଥାନା ଅଧିକାରୀ ବାବା ଶଙ୍କର ସରଫ ସୂଚନା ଦେଇଛନ୍ତି।

## ଯୁବକଙ୍କୁ ଆକ୍ରମଣ ଅଭିଯୋଗ

ବ୍ରହ୍ମପୁର,୨୬।୮ (ସମିସ): ସ୍ଥାନୀୟ ତୁଳସୀନଗର ୯ମ ଲାଇନ୍ ନିବାସୀ ଅଶ୍ୱିନୀ ସେଠୀ ଗତ ୨୪ତାରିଖ ବିଳମ୍ବି ରାତିରେ ଟାଉନ ଥାନା ଅଞ୍ଚଳରେ ଗାଡ଼ିରୁ ଜିନିଷି ଓହ୍ଲାଇବା ସମୟରେ ଦୁଇଜଣ ଦୁର୍ବୃତ୍ତ ଏକ ବାଇକ୍‌ରେ ଆସି ତାଙ୍କୁ ଏକ ଲୁହା ରଡ୍ ଦେଖାଇ ଭୟଭୀତ କରି ଟଙ୍କା ଓ ମୋବାଇଲ ମାଗିଥିଲେ। ସେ ମନା କରିବାରୁ ଦୁର୍ବୃତ୍ତମାନେ ତାଙ୍କୁ ଲୁହା ରଡ଼ରେ ଆକ୍ରମଣ କରିଥିଲେ। ଏଥିରେ ସେ ଗୁରୁତର ଆହତ ହୋଇ ପ୍ରଥମେ ସିଟି ହସ୍ପିଟାଲ ଓ ପରେ ଏମ୍‌କେସିଜିକୁ ସ୍ଥାନାନ୍ତର ହୋଇଥିଲେ। ପରେ ଥାନାରେ ଅଭିଯୋଗ କରିବାରୁ ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି।

## ରାସ୍ତାରେ ମୋବାଇଲ୍ ଝାମ୍ପିନେଲେ ଦୁର୍ବୃତ୍ତ

ବ୍ରହ୍ମପୁର,୨୬।୮ (ସମିସ): ସ୍ଥାନୀୟ ଏମ୍‌କେସିଜି ମେଡ଼ିକାଲ ରୋଡ଼ରୁ ନିଳାଦ୍ରୀ ବିହାର ପ୍ରଥମ ଲାଇନ୍ ନିବାସୀ ମିରଜା ମୁମ୍‌ତିଜିମତ ବେଗ୍‌ଙ୍କ ମୋବାଇଲ ଲୁଟ୍ ହୋଇଥିବା ନେଇ ବିଏନ୍‌ପୁର ଥାନାରେ ଅଭିଯୋଗ ହୋଇଛି। ଗତ ୨୪ତାରିଖ ରାତି ୯ଟାରେ ନୂଆ ବସଷ୍ଟାଣ୍ଡରୁ ମେଡ଼ିକାଲ ଯିବାବେଳେ ଜଣେ ଦୁର୍ବୃତ୍ତ ତାଙ୍କୁ ପିଛା କରି ସେ ଧରିଥିବା ମୋବାଇଲ ଝାମ୍ପି ନେଇଥିଲା। ଏନେଇ ଥାନାରେ ଅଭିଯୋଗ ପରେ ପୁଲିସ ମାମଲା ରୁଜୁକରି ତଦନ୍ତ ଚଳାଇଛି।

## ରେଳ ଧାରଣାରୁ ଯୁବକଙ୍କ ମୃତଦେହ ଉଦ୍ଧାର

ବ୍ରହ୍ମପୁର,୨୬।୮ (ସମିସ): ଖୋଡ଼ାସିଂ ଏଲ୍‌ଆଇସି ଅଫିସ ପଛପଟ ରେଳଧାରଣାରୁ ଜଣେ ଯୁବକଙ୍କ ମୃତଦେହ ଉଦ୍ଧାର କରିଛି ଜିଆରପି ପୁଲିସ। ମୃତକ ଭାବିନୀପୁର ଅଞ୍ଚଳର ମଣ୍ଟୁ ରାଉଳ। ଗତ କିଛିଦିନ ହେଲା ମଣ୍ଟୁ ମାନସିକ ଚିନ୍ତାରେ ଥିଲେ। ସେ କିଛି ଲୋକଙ୍କଠାରୁ ଟଙ୍କା କରଜ ନେଇ ଫେରସ୍ତ କରିପାରୁନଥିଲେ। ଟଙ୍କା ଦେଇଥିବା ବ୍ୟକ୍ତିବିଶେଷ ତାଙ୍କୁ ବାରମ୍ବାର ଟଙ୍କା ମାଗୁଥିବାରୁ ସେ ଚିନ୍ତାରେ ଥିଲେ। ଗତକାଲି ସନ୍ଧ୍ୟାରେ ସେ ନିଜର ମୋବାଇଲ ବନ୍ଦ କରି ନିଜ ସ୍କୁଟିରେ ରେଳଧାରଣା ନିକଟକୁ ଯାଇ ଆତ୍ମହତ୍ୟା କରିଥିବା ଜଣାପଡ଼ିଛି। ଜିଆରପି ପୁଲିସ ମୃତଦେହ ଉଦ୍ଧାର କରି ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ ଜାରି ରଖିଛି। ମାନସିକ ଦୁଶ୍ଚିନ୍ତାରୁ ସେ ଆତ୍ମହତ୍ୟା କରିଥିବା ଅନୁମାନ କରାଯାଉଛି।

# ଗୋପାଳପୁର ବେଳାଭୂମି ଉନ୍ନତୀକରଣ ପାଇଁ ୩୨ କୋଟି

### ପର୍ଯ୍ୟଟନ ବିଭାଗର ପ୍ରସ୍ତାବିତ ୨ଟି ପ୍ରକଳ୍ପକୁ ମିଳିସାରିଛି ପ୍ରଶାସନିକ ଅନୁମୋଦନ

ବ୍ରହ୍ମପୁର,୨୬।୮ (ସମିସ):

ଗୋପାଳପୁର ବେଳାଭୂମିର ଶାନ୍ତ ପରିବେଶ ସାଧାରଣତଃ ପର୍ଯ୍ୟଟକଙ୍କୁ ଅଧିକ ଆକର୍ଷିତ କରିଥାଏ। ଏହାର ଉନ୍ନତିକରଣ ଓ ସୌନ୍ଦର୍ଯ୍ୟ ବୃଦ୍ଧି ପାଇଁ ପୂର୍ବ ସରକାର ଅମଳରେ ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଇଥିବା ବେଳେ ବର୍ତ୍ତମାନ ମଧ୍ୟ ଏଥିପ୍ରତି ଧ୍ୟାନ ଦିଆଯାଇଛି।

### ପୂର୍ବ ସରକାର ଅମଳରେ ଗୋଟିଏ ପ୍ରକଳ୍ପ ପାଇଁ ଆସି ସାରିଛି ୮ କୋଟି

### ବେଳାଭୂମିରେ ହେବ ଚେଞ୍ଜିଂ ରୁମ୍, ଶୌଚାଳୟ ଓ ୧୦୦ ଦୋକାନ ଗୃହ

ନବୀନ ପଟ୍ଟନାୟକଙ୍କ ସରକାର ଅମଳରେ ବେଳାଭୂମିର ପ୍ରମୁଖ ଭାଗର ଉନ୍ନତିକରଣ ପାଇଁ ୮କୋଟି ଟଙ୍କାର ବ୍ୟୟବରାଦ କରାଯାଇ ଏହି ଅର୍ଥ ୨୦୨୩ ଜୁଲାଇରେ ପ୍ରଦାନ କରାଯାଇଥିଲା। ତେବେ ବିଭିନ୍ନ କାରଣରୁ ଉକ୍ତ ଅର୍ଥ ବିନିଯୋଗ ହୋଇପାରିନଥିଲା। ଉକ୍ତ ଅର୍ଥକୁ ମିଶାଇ ବର୍ତ୍ତମାନ ପର୍ଯ୍ୟଟନ ବିଭାଗ ଦୁଇଟି ପ୍ରକଳ୍ପ ପାଇଁ ମୋଟ ୩୨ କୋଟି ଟଙ୍କାର ବ୍ୟୟ ମଞ୍ଜୁର କରିଥିବା ଜଣାପଡିଛି।





ପ୍ରଥମ ପ୍ରକଳ୍ପରେ ବେଳାଭୂମିର ସମ୍ମୁଖ ଭାଗରେ ଦୁଇଟି ପ୍ରବେଶ ଫାଟକ ଓ ସୁରକ୍ଷା ସେଡ୍, ପାର୍କିଂ ସ୍ଥଳୀ, ଶିଶୁ ଉଦ୍ୟାନ, ଦୁଇଟି ଓଚ୍ ଟାୱାର, ପର୍ଯ୍ୟଟକଙ୍କ ବସିବା ପାଇଁ ଚୌକିର ବ୍ୟବସ୍ଥା, ଡଷ୍ଟବିନ, ଭୂତଳ ପାଣି ଟାଙ୍କି, ସୂଚନାଫଳକ, ବିଦ୍ୟୁତ୍ ଟ୍ରାନ୍ସଫର୍ମରର ସୁଦୃଢ଼ୀକରଣ ଏବଂ ସିସିଟିଭି କ୍ୟାମେରା ଆଦି ବ୍ୟବସ୍ଥା କରିବାର ଯୋଜନା ରଖାଯାଇଛି। ଏଥିପାଇଁ ପ୍ରାୟ ୮କୋଟି ୯ଲକ୍ଷ ଟଙ୍କା ବିନିଯୋଗ କରାଯିବ। ସେହିଭଳି ଦ୍ୱିତୀୟ ପ୍ରସ୍ତାବିତ ପ୍ରକଳ୍ପ ପାଇଁ ୨୪କୋଟି ଟଙ୍କାର ଆର୍ଥିକ ମଞ୍ଜୁର ହୋଇସାରିଛି। ଏଥିରେ ପାନ୍ଥନିବାସ ପଛଭାଗରେ ୨.୩ କିଲୋମିଟର ଦୂରତା ପର୍ଯ୍ୟନ୍ତ ନୂତନ ବେଳାଭୂମି ବା ପୁରୁଣା ବେଳାଭୂମିକୁ ସମ୍ପ୍ରସାରିତ କରାଯିବ। ଯେଉଁଥିରେ ସଂଯୋଗ କରୁଥିବା ରାସ୍ତା ନିର୍ମାଣ ସହିତ ସ୍ୱତନ୍ତ୍ର ପାର୍କିଂର ବ୍ୟବସ୍ଥା, ଇକୋ ରିଟ୍ରିଟ୍ ପାଖରେ ବର୍ତ୍ତମାନ ଥିବା କାଠ ପୋଲ ବାରମ୍ବାର ସମୁଦ୍ର ପାଣି ଓ ପବନ ବାଜି ନଷ୍ଟ ହୋଇଯାଉଥିବାରୁ ସେଠାରେ ଭିନ୍ନ ମେଟାଲର ପୋଲ ନିର୍ମାଣ କରାଯିବ। ସେହିଭଳି ପର୍ଯ୍ୟଟକଙ୍କ ପାଇଁ ସ୍ୱତନ୍ତ୍ର ଚେଞ୍ଜିଂ ରୁମ ଓ ଶୌଚାଳୟ, ବର୍ଷା ଆଶ୍ରୟ ସ୍ଥଳୀ, ବେଳାଭୂମିର ସଫେଇ କାର୍ଯ୍ୟ, ଚଲା ରାସ୍ତା, ୧୦୦ଟି ଦୋକାନ ଗୃହ ଆଦି ନିର୍ମାଣ କରାଯିବାକୁ ପ୍ରସ୍ତାବ ରହିଛି। ଦ୍ୱିତୀୟ ପ୍ରକଳ୍ପରେ ସିଭିଲ କାମ ପାଇଁ ମୋଟ ୧୫କୋଟି ୩୦ଲକ୍ଷ ବ୍ୟୟ ଅଟକଳ ରହିଥିବା ବେଳେ ଇଲେକ୍ଟ୍ରିକାଲ କାମ ପାଇଁ ୨କୋଟି ୩୮ଲକ୍ଷ ଏବଂ ପାନୀୟଜଳ ଯୋଗାଣ ଓ ପରିମଳ ବ୍ୟବସ୍ଥା ପାଇଁ ୧କୋଟି ୧୯ଲକ୍ଷ ଟଙ୍କାର ବ୍ୟୟ ବରାଦ କରାଯାଇଛି। ବ୍ରହ୍ମପୁର ଉନ୍ନୟନ କର୍ତ୍ତୃପକ୍ଷଙ୍କ ଦ୍ୱାରା ଏହି ପ୍ରକଳ୍ପ କାର୍ଯ୍ୟ ଖୁବ୍‌ଶୀଘ୍ର ଆରମ୍ଭ ହେବ ବୋଲି ସୂଚନା ମିଳିଛି। ବର୍ତ୍ତମାନ ଗୋପାଳପୁର ଠାରେ ଏକମାତ୍ର ବେଳାଭୂମି ରହିଛି ଯାହାକୁ ପର୍ଯ୍ୟଟକମାନେ ସୁରକ୍ଷିତ ଉପଭୋଗ କରିପାରୁଛନ୍ତି। ତେବେ ପ୍ରସ୍ତାବିତ ଦ୍ୱିତୀୟ ବେଳାଭୂମି ନିର୍ମାଣ ଓ ସୌନ୍ଦର୍ଯ୍ୟକରଣ କାର୍ଯ୍ୟ ସମ୍ପୂର୍ଣ୍ଣ ହେଲେ ଏଥିପ୍ରତି ଅଧିକ ପର୍ଯ୍ୟଟକ ଆକୃଷ୍ଟ ହୋଇପାରିବେ ବୋଲି ଆଶା କରାଯାଇଛି। ସ୍ଥାନୀୟ ଲୋକଙ୍କ ଆର୍ଥିକ ଉନ୍ନତିକୁ ଦୃଷ୍ଟିରେ ରଖି ମଧ୍ୟ ପ୍ରସ୍ତାବିତ ଦ୍ୱିତୀୟ ବେଳାଭୂମିରେ ୧୦୦ଟି ଦୋକାନ ଗୃହ ନିର୍ମାଣ କରାଯିବ ଯାହା ସ୍ଥାନୀୟ ଲୋକଙ୍କୁ ରୋଜଗାର ଦେବା ସହିତ ପର୍ଯ୍ୟଟକଙ୍କ ପାଇଁ ବେଶ ସୁବିଧା ହେବ। ନିକଟରେ ଗଞ୍ଜାମ ଜିଲ୍ଲାପାଳ ଭି. କୀର୍ତ୍ତିଭାସନ, ବିଇଡିଏ ଉପାଧ୍ୟକ୍ଷ ପ୍ରଥମେଶ ଅରବିନ୍ଦ ରାଜସିର୍କେ ଓ ବ୍ରହ୍ମପୁର ଉପ ଜିଲ୍ଲାପାଳ ଅବିନାଶ କୁମାର ଗୋପାଳପୁର ବେଳାଭୂମି ଗସ୍ତ କରି ପ୍ରସ୍ତାବିତ ଉଭୟ ପ୍ରକଳ୍ପର ବିଭିନ୍ନ ଦିଗକୁ ନେଇ ସମୀକ୍ଷା କରିଥିଲେ। ସେହିଭଳି ଗୋପାଳପୁର ବିଜ୍ଞାପିତ ଅଞ୍ଚଳ ପରିଷଦ ପକ୍ଷରୁ ମଧ୍ୟ ବେଳାଭୂମିରେ ୭୦ଲକ୍ଷ ଟଙ୍କା ବ୍ୟୟରେ ବେଳାଭୂମିରୁ ସମୁଦ୍ର ଭିତରକୁ ଅନ୍ୟୁନ ଏକ କିଲୋମିଟର ଦୂରତା ପର୍ଯ୍ୟନ୍ତ ଏକ 'ସି-ୱେ' ବା 'ସମୁଦ୍ର ପଥ' ନିର୍ମାଣ କରିବାକୁ ଯୋଜନା ଥିବା ଜଣାପଡିଛି। ବେଳାଭୂମିରେ ଏହି ପ୍ରକଳ୍ପ ଗୁଡିକ କାର୍ଯ୍ୟକ୍ଷମ ହେଲେ ଗୋପାଳପୁରର ଚିତ୍ର ବଦଳିଯିବ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି। ତେବେ ବେଳାଭୂମିର ଆଲୋକୀକରଣ ଓ ପର୍ଯ୍ୟଟକଙ୍କ ସୁରକ୍ଷା ଉପରେ ଅଧିକ ଗୁରୁତ୍ୱ ଦେଇ ବିଭିନ୍ନ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହୋଇଛି।

## ଗଞ୍ଜାମରେ ୧୮୫ଜଣ ଅତିଥି ଶିକ୍ଷକ ନିଯୁକ୍ତ

### ୫୦ପଦବୀ ପୂରଣ ପାଇଁ ପ୍ରକ୍ରିୟା ଜାରି

### ଜିଲ୍ଲାରେ ଖୁବ୍‌ଶୀଘ୍ର ନିଯୁକ୍ତି ହେବେ ୪୫୩ ସ୍ଥାୟୀ ଶିକ୍ଷକ ଓ ଶିକ୍ଷୟିତ୍ରୀ

ବ୍ରହ୍ମପୁର,୨୬।୮ (ସମିସ): ଶିକ୍ଷକ ଓ ଶିକ୍ଷୟିତ୍ରୀଙ୍କ ଅବସର ପରେ ଜିଲ୍ଲାରେ ବହୁ ବିଦ୍ୟାଳୟରେ ଶିକ୍ଷକ ପଦ ଖାଲି ପଡ଼ିଛି। ଫଳରେ ବିଦ୍ୟାଳୟସ୍ତରରେ ଛାତ୍ରଛାତ୍ରୀଙ୍କ ଶିକ୍ଷାଦାନ ପ୍ରଭାବିତ ହୋଇଛି। ସେପଟେ କାର୍ଯ୍ୟରତ ଶିକ୍ଷକଙ୍କ ଉପରେ ଚାପ ବଢୁଛି। ଏହି ସମସ୍ୟାର ସମାଧାନ ପାଇଁ ଶିକ୍ଷାବିଭାଗ ପକ୍ଷରୁ ଜିଲ୍ଲାର ବିଭିନ୍ନ ବିଦ୍ୟାଳୟରେ ଅତିଥି ଶିକ୍ଷକ ନିଯୁକ୍ତି ନିମନ୍ତେ ପଦକ୍ଷେପ ନିଆଯାଇଛି। ଅବସରପ୍ରାପ୍ତ ଶିକ୍ଷକଙ୍କୁ ପୁନଃ ଅତିଥି ଶିକ୍ଷକ ଭାବେ ଖାଲି ପଡ଼ିଥିବା ପଦବୀରେ ନିଯୁକ୍ତି ଦିଆଯାଇଛି। ଜିଲ୍ଲାରେ ଥିବା ସରକାରୀ ଅନୁଦାନପ୍ରାପ୍ତ ଓ ବ୍ଲକଗ୍ରାଣ୍ଟ ଉଚ୍ଚ ବିଦ୍ୟାଳୟ ଏବଂ ସଂସ୍କୃତ ଟୋଲ୍ ବିଦ୍ୟାଳୟ ଗୁଡ଼ିକରେ ମୋଟ ୧୮୫ଜଣ ଅତିଥି ଶିକ୍ଷକ ଓ ଶିକ୍ଷୟିତ୍ରୀଙ୍କୁ ଜିଲ୍ଲା ଶିକ୍ଷାବିଭାଗ ପକ୍ଷରୁ ନିଯୁକ୍ତି ଦିଆଯାଇଛି। ଜିଲ୍ଲାରେ ମୋଟ ୫୯୯ଟି ଉଚ୍ଚ ବିଦ୍ୟାଳୟ ରହିଛି। ଏଥିରେ ଥିବା ଟିଜିଟି କଳା, ଟିଜିଟି ପିସିଏମ, ସିଜିଟି ସିବିଜେଡ଼, କ୍ଲାସିକାଲ ଓ ହିନ୍ଦୀ ଆଦି ବିଷୟରେ ଛାତ୍ରଛାତ୍ରୀଙ୍କୁ ପୁନଃନିଯୁକ୍ତ ଅତିଥି ଶିକ୍ଷକମାନେ ଅଧ୍ୟାପନା କରିବେ। ବିଦ୍ୟାଳୟ ଗୁଡିକରେ ଖାଲି ପଡ଼ିଥିବା ଶିକ୍ଷକ ଓ ଶିକ୍ଷୟିତ୍ରୀ ପଦବୀ ପୂରଣ କରିବାକୁ ଯାଇ ଆଗାମୀ ଦିନରେ ଅଧିକ ୫୦ଜଣ ଅତିଥି ଶିକ୍ଷକଙ୍କୁ ନିଯୁକ୍ତି ଦିଆଯିବ। ଅବସରପ୍ରାପ୍ତ ଶିକ୍ଷକଙ୍କୁ ଉଚ୍ଚ ବିଦ୍ୟାଳୟରେ ଅତିଥି ଶିକ୍ଷକ ଭାବେ ନିଯୁକ୍ତି ଦିଆଯାଇ ବିଦ୍ୟାଳୟରେ ଶିକ୍ଷକ ଅଭାବ ପୂରଣ ପାଇଁ ନିଆଯାଇଥିବା ପଦକ୍ଷେପକୁ ଅଭିଭାବକ ମହଲରେ ପ୍ରଶଂସା କରାଯାଇଛି। ଯେଉଁ ହାରରେ ଶିକ୍ଷକ ଓ ଶିକ୍ଷୟିତ୍ରୀ ଅବସର ଗ୍ରହଣ କରୁଛନ୍ତି ତାହା ଅନୁପାତରେ ସ୍ଥାୟୀ ଶିକ୍ଷକଙ୍କ ନିଯୁକ୍ତି ଖୁବ୍ କମ୍। ଏଭଳି ଅତିଥି ଶିକ୍ଷକଙ୍କୁ ନିଯୁକ୍ତି କେବଳ କାମଚଳା ବା ଅସ୍ଥାୟୀ ପଦକ୍ଷେପ ହେଉଥିବା ବେଳେ ସ୍ଥାୟୀ ପ୍ରତିକାର ଜରୁରୀ ବୋଲି ବୁଦ୍ଧିଜୀବୀ ମହଲରେ ଦାବି ହୋଇଛି। ସେପଟେ ରାଜ୍ୟରେ ଶିକ୍ଷକ ନିଯୁକ୍ତି ପ୍ରକ୍ରିୟା ଜାରି ରହିଥିବା ବେଳେ ଆଗାମୀ ଦିନରେ ବିଦ୍ୟାଳୟ ଓ ଗଣଶିକ୍ଷକ ବିଭାଗ ପକ୍ଷରୁ ଜିଲ୍ଲାକୁ ୪୫୩ଜଣ ଶିକ୍ଷକ ଓ ଶିକ୍ଷୟିତ୍ରୀଙ୍କ ନିଯୁକ୍ତି ହେବ ବୋଲି ଜିଲ୍ଲା ଶିକ୍ଷାଧିକାରୀ ଅଜୟ କୁମାର ପାତ୍ର ସୂଚନା ଦେଇଛନ୍ତି।

■ ଶ୍ରୀ ନୀଳକଣ୍ଠେଶ୍ୱର ସେବା ପ୍ରତିଷ୍ଠାନ କମିଟିର ସାମ୍ବାଦିକ ସମ୍ମିଳନୀ

## ୪ଶହ ବର୍ଷ ପୁରାତନ ମନ୍ଦିରର ଜିର୍ଣ୍ଣୋଦ୍ଧାର ନିଷ୍ପତ୍ତି

ବ୍ରହ୍ମପୁର,୨୬।୮ (ସମିସ): ଶ୍ରୀ ନୀଳକଣ୍ଠେଶ୍ୱର ସେବା ପ୍ରତିଷ୍ଠାନ କମିଟି ପକ୍ଷରୁ ମନ୍ଦିର ପରିସରରେ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ୪ଶହ ବର୍ଷ ପୁରାତନ ମନ୍ଦିର ପ୍ରାସାଦର ଜିର୍ଣ୍ଣୋଦ୍ଧାର ନିମନ୍ତେ କମିଟି ପକ୍ଷରୁ ନିଷ୍ପତି ହୋଇଛି। ଏହାକୁ ନେଇ ପଣ୍ଡିତ ଅଶୋକ କୁମାର ପାଢୀଙ୍କ ତତ୍ତ୍ୱାବଧାନରେ ଆଗାମୀ ୨୮ରେ ପରିଚାଳନା କମିଟି, ମନ୍ଦିର ପୂଜକ ବୃନ୍ଦ ଓ ସହର ବାସିନ୍ଦାଙ୍କୁ ନେଇ ଏକ ଆଲୋଚନା ବୈଠକ ଅନୁଷ୍ଠିତ ହେବ ବୋଲି ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ କମିଟି ସଭାପତି କାଳୀକିଙ୍କର ପାତ୍ର କହିଛନ୍ତି। ବର୍ଷାଦିନରେ ମନ୍ଦିରରେ ପାଣି ଜମୁଥିବା ବେଳେ ପୁରାତନ ମନ୍ଦିରଭାବେ ଏହାର ଉନ୍ନତି କାର୍ଯ୍ୟରେ ସହରବାସୀଙ୍କ ମତାମତ ସଂଗ୍ରହ ନେଇ କମିଟି ସ୍ଥିର କରିଛି। ଏଥିରେ ପ୍ରାୟ ୧୦କୋଟି ଟଙ୍କା ବିନିଯୋଗ ହେବ ବୋଲି ଜଣାପଡ଼ିଛି। ଏଥିରେ ବ୍ରହ୍ମପୁର ବିଧାୟକ କେ. ଅନୀଲ କୁମାର ମଧ୍ୟ ବିଶେଷ ସହଯୋଗର ହାତ ବଢ଼ାଇଥିବା କମିଟି ପକ୍ଷରୁ ସୂଚନା ମିଳିଛି। ସାମ୍ବାଦିକ ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ କମିଟିର ସମ୍ପାଦକ ଦାଶରଥି ବେହେରା, ଉପସଭାପତି ଜଗଦୀଶ ପାଣିଗ୍ରାହୀ, ସହ ସମ୍ପାଦକ ବି. ପ୍ରଶାନ୍ତ ପାତ୍ର, କୋଷାଧ୍ୟକ୍ଷ ଏ. ବାସୁଦେବ ରେଡ୍ଡୀ ଓ ମନ୍ଦିର ପୂଜକ ଚନ୍ଦ୍ରଶେଖର ପ୍ରତିନିଧି ପ୍ରମୁଖ ଉପସ୍ଥିତ ଥିଲେ।

## ପୋଖରୀରେ ବୁଡ଼ି ଜଣେ ମୃତ

ବ୍ରହ୍ମପୁର,୨୬।୮ (ସମିସ): ଗୋପାଳପୁର ଥାନା ଅନ୍ତର୍ଗତ ତାରିଣୀପେଣ୍ଠ ଗ୍ରାମର ଜଣେ ବ୍ୟକ୍ତିଙ୍କର ପୋଖରୀରେ ବୁଡ଼ି ମୃତ୍ୟୁ ଘଟିଛି। ମୃତକ ସେହି ଗ୍ରାମର ଗୋପାଳ ପ୍ରଧାନ (୫୩)। ଗୋପାଳ ସୋମବାର ସନ୍ଧ୍ୟାରେ ବିଲକୁ ଯାଇଥିବାବେଳେ କୌଣସି କାରଣରୁ କଦରପଲ୍ଲୀ ପୋଖରୀରେ ବୁଡ଼ି ଯାଇଥିଲେ। ତାଙ୍କ ପୁଅ ସୁଦର୍ଶନ ବହୁ ଖୋଜା ଖୋଜି କରିବା ପରେ ଖବର ପାଇଁ ପୋଖରୀ ନିକଟରେ ପହଞ୍ଚି ଗୋପାଳଙ୍କୁ ପାଣିରୁ ଉଦ୍ଧାର କରି ବ୍ରହ୍ମପୁର ମେଡିକାଲ ନେଇଥିଲେ। ସେଠାରେ ଡାକ୍ତର ଗୋପାଳଙ୍କୁ ମୃତ ଘୋଷଣା କରିଥିବା ପୁଅ ସୁଦର୍ଶନ ଗୋପାଳପୁର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁ ଶବ ବ୍ୟବଛେଦ ପରେ ମଙ୍ଗଳବାର ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

## ଆନ୍ତଃଜିଲ୍ଲା ସିନିଅର ମହିଳା ଫୁଟବଲ୍ ପ୍ରତିଯୋଗିତା ପାଇଁ ଗଞ୍ଜାମ ଦଳ ଘୋଷିତ

ବ୍ରହ୍ମପୁର,୨୬।୮ (ସମିସ): ଆସନ୍ତା ୭ରୁ ସୁନ୍ଦରଗଡ଼ଠାରେ ଆନ୍ତଃଜିଲ୍ଲା ସିନିଅର ମହିଳା ଫୁଟବଲ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହେବ। ଏଥିପାଇଁ ୧୬ ଜଣିଆ ଗଞ୍ଜାମ ଦଳ ଘୋଷିତ ହୋଇଛି। ସ୍ଥାନୀୟ ଖଲ୍ଲିକୋଟ ଏକକକ ବିଶ୍ୱବିଦ୍ୟାଳୟ ଖେଳପଡ଼ିଆରେ ଆୟୋଜିତ ଦୁଇଦିନିଆ ପ୍ରଶିକ୍ଷଣ ତଥା ଖେଳାଳି ଚୟନ ଶିବିରରେ ବରିଷ୍ଠ ଖେଳାଳିଙ୍କ ଦ୍ୱାରା ଖେଳାଳି ଚୟନ କରାଯାଇଥିଲା। ମ୍ୟାନେଜର ଭାବେ ଶିବାନୀ ସାହୁ ଓ କୋଚ୍ ଭାବେ ଗଞ୍ଜାମ ଜିଲ୍ଲା ଫୁଟବଲ୍ ସଂଘର ସମ୍ପାଦକ ମନ୍ମଥ ବାବୁ ଟିମ ସହିତ ସୁନ୍ଦରଗଡ଼ ଗସ୍ତ କରିବେ। ଆସନ୍ତା ୫ରେ ଗଞ୍ଜାମ ଦଳ ସୁନ୍ଦରଗଡ଼ ଅଭିମୁଖେ ଯାତ୍ରା କରିବ।



ଘୋଷିତ ଦଳକୁ ବ୍ରହ୍ମପୁର ମହାନଗର ନିଗମର କମିଶନର ପ୍ରଥମେଶ ଅରବିନ୍ଦ ରାଜସିର୍କେ ଶୁଭକାମନା ଜଣାଇଛନ୍ତି। ଦଳ ଚୟନ ଓ ପ୍ରଶିକ୍ଷଣ ସମୟରେ ସମସ୍ତ ଖେଳାଳିଙ୍କ ମଧ୍ୟରେ ସମନ୍ୱୟ ରହିଥିବାରୁ ଟୁର୍ଣ୍ଣାମେଣ୍ଟରେ ଗଞ୍ଜାମ ଉନ୍ନତ ଖେଳ ପ୍ରଦର୍ଶନ କରିବ ବୋଲି ଆଶା କରାଯାଉଛି।

### ଭରସା ପାଉନି; କୃଷି କୁଟୀର ଶିଳ୍ପ ହେଉନି

## ନାମମାତ୍ର ଚାଷୀ ଓ ଭୂମିହୀନ ମୂଲିଆ ଏବେ ଦାଦନ

ବ୍ରହ୍ମପୁର,୨୬।୮ (ସମିସ):


ଓଡ଼ିଶାରେ ଦାଦନ ସମସ୍ୟା ଉତ୍କଟ। କାରଣ ଚାଷ କାର୍ଯ୍ୟ ପ୍ରତି ଚାଷୀଙ୍କ ଆଉ ଭରସା ପାଉନି। ଏହାର ପ୍ରତିବଦଳରେ କୃଷି ଶିଳ୍ପ ବି ପ୍ରତିଷ୍ଠା ହୋଇପାରୁନି। ଫଳରେ ଦିନକୁ ଦିନ ନାମମାତ୍ର ଚାଷୀ, ଭୂମିହୀନ ମୂଲିଆ ଏବେ ଦାଦନ ଖଟିବାକୁ ବାଧ୍ୟ ହେଉଛନ୍ତି। ଯାହାକୁ ନେଇ ଉଦ୍‌ବେଗ ପ୍ରକାଶ କରିଛି ଋଷିକୁଲ୍ୟା ରୟତ ମହାସଭା। ସରକାର କୃଷିର ବିକାଶ ସହିତ କୃଷି ଶିଳ୍ପ ପ୍ରତିଷ୍ଠା କରି ଦାଦନ ମୁକ୍ତ ଓଡ଼ିଶା ଗଠନର ପରକାଷ୍ଠାକୁ ବାସ୍ତବ ରୂପ ଦେଇ ପାରିବେ ବୋଲି ସେ ପ୍ରସ୍ତାବ ଦେଇଛନ୍ତି।

ଋଷିକୁଲ୍ୟା ରୟତ ମହାସଭାର ସମ୍ପାଦକ ସୀମାଞ୍ଚଳ ନାହାକ କହିଛନ୍ତି ଯେ, ଓଡ଼ିଶା କୃଷି ପ୍ରଧାନ ରାଜ୍ୟ। ପ୍ରାକୃତିକ ସମ୍ପଦ ଭରି ରହିଛି। ୪୭୦ କିମି ସାଗର ବେଳାଭୂମି ରହିଛି। ଏହି ପ୍ରାକୃତିକ ସମ୍ପଦର ସୁରକ୍ଷା ତଥା ସଦ୍‌ବ୍ୟବହାର ହେଲେ ଓଡ଼ିଶା ନମ୍ବର-୧ ରାଜ୍ୟରେ ପରିଣତ ହୋଇପାରିବ। ଓଡ଼ିଶାରେ ନୂଆ ମୁଖ୍ୟମନ୍ତ୍ରୀ ଦାୟିତ୍ୱ ନେଲାପରେ ଓଡ଼ିଶାକୁ ୧ନଂ ରାଜ୍ୟ କରିବାକୁ ଘୋଷଣା କରିଛନ୍ତି। ତେବେ ପଶ୍ଚିମ ଓଡ଼ିଶା, ଦକ୍ଷିଣ ଓଡ଼ିଶା ଓ ଉପକୂଳ ଓଡ଼ିଶାର ଲକ୍ଷ ଲକ୍ଷ ଶ୍ରମିକ, ଚାଷୀ ମୂଲିଆ ଦାଦନ ଖଟିବାକୁ ସୁଦୂର କେରଳ, ମହାରାଷ୍ଟ୍ର ସୁରାଟ, ବମ୍ବେ, ମାଡ୍ରାସ୍, ଆନ୍ଧ୍ରପ୍ରଦେଶ, ତେଲେଙ୍ଗାନା, ଆଦି ରାଜ୍ୟକୁ ଯାଉଛନ୍ତି। ଓଡ଼ିଶାକୁ ନମ୍ବର -୧ ରାଜ୍ୟ କରିବାକୁ ହେଲେ ରାଜ୍ୟ ସରକାର ପ୍ରଥମେ ଦାଦନ ମୁକ୍ତ ଓଡ଼ିଶା ଘୋଷଣା କରି ପ୍ରତି ଗ୍ରାମରେ ଯୋଜନା କରି ଲୋକମାନଙ୍କୁ ସ୍ୱାବଲମ୍ବୀ କରିବାକୁ ହେବ।

ଜାତିର ପିତା ମହାତ୍ମାଗାନ୍ଧୀ କହିଥିଲେ ଯେ, 'ଗ୍ରାମର ଯୋଜନା ଗ୍ରାମରେ ହେଉ କୋର୍ଟ କଚେରୀକୁ କିଏ ନ ଯାଉ'। ଗ୍ରାମରେ କୁଟିର ଶିଳ୍ପ କୃଷିଭିତ୍ତିକ ଶିଳ୍ପ ପ୍ରତିଷ୍ଠା ହେଲେ ଗାମର ସର୍ବାଙ୍ଗୀନ ବିକାଶ ହୋଇପାରିବ। ତେବେ ଯାଇ ଗ୍ରାମ୍ୟ ସ୍ୱରାଜ୍ୟ ପ୍ରତିଷ୍ଠା ହୋଇପାରିବ। ସାଧାରଣତଃ ଗ୍ରାମରେ ପ୍ରାୟ ୪୦ରୁ ୫୦ଭାଗ ଲୋକଙ୍କ ଜମି ଥିବାବେଳେ ୫୦ରୁ ୬୦ ଭାଗ ପର୍ଯ୍ୟନ୍ତ ଜମିହୀନ, କୃଷି ଶ୍ରମିକମାନେ ରୁହନ୍ତି। କୃଷକ ଓ କୃଷି ଶ୍ରମିକଙ୍କ ସମ୍ପର୍କ ନଖକୁ ମାଉଁସ ଭଳି। କୃଷି ଶ୍ରମିକମାନେ ଜମି ମାଲିକଙ୍କର ଜମିରେ କାମ କରି ପରିବାର ପୋଷନ୍ତି। ମାତ୍ର ଦେଶ ସ୍ୱାଧୀନ ହେବାର ୭୫ବର୍ଷ ପରେ ସୁଦ୍ଧା ସବୁ ଚାଷ ଜମିକୁ

### ପର୍ଯ୍ୟାପ୍ତ ଜଳସେଚନର ସୁବିଧା ନାହିଁ, କୃଷି ଶ୍ରମିକ ବିଲୁପ୍ତ ପ୍ରାୟ

ଜଳସେଚନର ସୁବିଧା ହୋଇପାରିଲା ନାହିଁ। ଏ ପର୍ଯ୍ୟନ୍ତ ମାତ୍ର ୫୦ଭାଗ ଜମିକୁ ଜଳସେଚନର ସୁବିଧା ହୋଇପାରିଛି। ଦେଶ ସ୍ୱାଧୀନ ହେବା ପୂର୍ବରୁ କେବଳ ଗଂଜାମ ଜିଲ୍ଲାରେ ୨୨ଭାଗ ଜମିକୁ ଜଳସେଚନର ସୁବିଧା ରଜାରାଜୁଡ଼ା ସମୟରେ ହୋଇଥିଲା। ପ୍ରତିବର୍ଷ ଯଦି ୧ପ୍ରତିଶତ ଜମିକୁ ଜଳସେଚନର ସୁବିଧା କରାଯାଆନ୍ତା, ତେବେ ଏବେ ସୁଦ୍ଧା ସବୁ ଜମିକୁ ଜଳସେଚନର ସୁବିଧା ହୋଇପାରିଥାନ୍ତା। ତେବେ ଲୋକେ ଗାଁରେ ରହି ଚାଷ ବାଷ କାର୍ଯ୍ୟରେ ନିଜକୁ ନିୟୋଜିତ କରିପାରନ୍ତେ। ଏବେ ଗଞ୍ଜାମ ଜିଲ୍ଲାରୁ ପ୍ରତିବର୍ଷ ୫ଲକ୍ଷ କୃଷି ଶ୍ରମିକ ମୂଲିଆ ଓ ନାମ ମାତ୍ର ଚାଷୀ ପେଟ ପୋଷିବାକୁ ଦାଦନ ଯାଉଛନ୍ତି। ସବୁ ଚାଷ ଜମିକୁ ଜଳସଚେନର ସୁବିଧା, କୃଷିଜାତ ପଦାର୍ଥର ମାର୍କେଟିଂ ସୁବିଧା, କୃଷିଭିତ୍ତିକ ଶିଳ୍ପ କୁଟୀର ଶିଳ୍ପ ପ୍ରତିଷ୍ଠା ଆଦି କାର୍ଯ୍ୟକ୍ରମ କଲେ ଓଡ଼ିଶା ଦାଦନମୁକ୍ତ ସମ୍ଭବ ହୋଇପାରିବ ବୋଲି ଶ୍ରୀ ନାହକ କହିଛନ୍ତି। ମୋହନ ସରକାର ଧାନ କ୍ୱିଣ୍ଟାଲ ୩୧୦୦ ଟଙ୍କା କରିବା ସ୍ୱାଗତଯୋଗ୍ୟ ପଦକ୍ଷେପ। କିନ୍ତୁ ସବୁ ଫସଲର ଏମ୍‌ଏସ୍‌ପି. ଘୋଷଣା କରି ଆଇନ ଆଣିବା ଦରକାର। ଯାହାଦ୍ୱାରା ଚାଷୀ ଅଭାବି ବିକ୍ରୀର ଶୀକାର ହେବେନାହିଁ ବୋଲି ଋଷିକୂଲ୍ୟା ରୟତ ମହାସଭା ଦାବି କରିଛି। ନୂଆ ସରକାର ଦାଦନ ସମସ୍ୟାର ସମାଧାନ ପାଇଁ କୃଷିମନ୍ତ୍ରୀଙ୍କ ତତ୍ତ୍ୱାବଧାନରେ ଟାସ୍କଫୋର୍ସ୍ ମନ୍ତ୍ରୀ ଓ ସଚିବମାନଙ୍କୁ ନେଇ ଗଠନ କରିଛନ୍ତି। ସଚିବମାନେ ଜିଲ୍ଲା ବୁଲି ଦାଦନ ସମସ୍ୟା ସମ୍ପର୍କରେ ଅନୁଧାନ କରି ରିପୋର୍ଟ କରିବେ ଯାହାକି ସ୍ୱାଗତ ଯୋଗ୍ୟ। ପୂର୍ବରୁ କୃଷକ କମିଶନ ଗଠନ କରି ରିପୋର୍ଟ ପ୍ରଦାନ କରିଥିଲେ ସୁଦ୍ଧା ତାହା କାର୍ଯ୍ୟକାରୀ ନ ହୋଇ ନାଲିଫିତା ତଳେ ପଡ଼ି ରହିଛି। ସଚିବମାନେ ଜିଲ୍ଲା ପରିଦର୍ଶନ କରିବା ନିୟମ ଥିଲେ ସୁଦ୍ଧା ସେମାନେ ଲୋକସେବାସଦନ ଛାଡ଼ିବାକୁ ଚାହୁଁ ନାହାନ୍ତି ବୋଲି ଶ୍ରୀ ନାହାକ ଅଭିଯୋଗ କରିଛନ୍ତି। ଏପରି ସ୍ଥଳେ ଦାଦନ ସମସ୍ୟା କଥା କିଏ ବୁଝିବ ବୋଲି ପ୍ରଶ୍ନ ଉଠୁଛି। ମନ୍ତ୍ରୀ ଓ ବିଧାୟକମାନଙ୍କୁ ଏ ସମସ୍ୟା ବୁଝିବାପାଇଁ ସମୟ ନାହିଁ କି ଆଗ୍ରହ ନାହିଁ ବୋଲି ସେ ଗୁରୁତର ଅଭିଯୋଗ କରିଛନ୍ତି। ଯଦି ସରକାର ଜିଲ୍ଲାସ୍ତରରେ ସଭା କରି ଦାଦନ ସମସ୍ୟା ବୁଝି ସମାଧାନ କରିବା ପାଇଁ ନିର୍ଦ୍ଦେଶ ଦେଲେ ଆଗାମୀ ଦିନରେ ଦାଦନ ମୁକ୍ତ ଓଡ଼ିଶା ହୋଇପାରିବ ବୋଲି ଆଶା କରାଯାଇଛି। କୃଷିର ବିକାଶ ହେଲେ ଗ୍ରାମାଞ୍ଚଳରେ କୃଷକ, କୃଷି ଶ୍ରମିକ, ଜମିହୀନ ମୂଲିଆ ଆଦି ୮୦ଭାଗ ଲୋକ ଉପକୃତ ହେବେ। ଏଣୁ ସରକାର କୃଷି ଓ କୃଷକର ବିକାଶ ଲାଗି ଯୋଜନା ସହିତ ସ୍ୱତନ୍ତ୍ର ବଜେଟ ପ୍ରସ୍ତୁତ କରିବାକୁ ଋଷିକୁଲ୍ୟା ରୟତ ମହାସଭା ଅନୁରୋଧ କରିଛି।



ବିଶ୍ୱକୁ ପରିବର୍ତ୍ତନ କରିବା ପାଇଁ ଶିକ୍ଷା ହିଁ ସବୁଠାରୁ ଶକ୍ତିଶାଳୀ ଅସ୍ତ୍ର।
-ନେଲ୍‌ସନ୍ ମାଣ୍ଡେଲା

ସକାଳ
THE SAKALA

# କୃଷି-ଆତଙ୍କବାଦ

ସମୟ ବଦଳିବା ସହିତ ଆତଙ୍କବାଦର ସଂଜ୍ଞା, ଚରିତ୍ର ଓ ରୂପ ବଦଳିବାରେ ଲାଗିଛି। ଗୁଳିଗୋଳା, ହତ୍ୟା, ରକ୍ତପାତରୁ ଆରମ୍ଭ ହୋଇଥିବା ଆତଙ୍କ ଇତିମଧ୍ୟରେ ସାଇବର ବା କମ୍ପ୍ୟୁଟର ବାଟ ଦେଇ ଏବେ ବିଜ୍ଞାନଗାରରୁ ଜନ୍ମ ନେଉଛି। ପରିବର୍ତ୍ତିତ କୌଶଳରେ ଆତଙ୍କବାଦୀ ସାମ୍ନାକୁ ଆସୁ ନାହିଁ, କିନ୍ତୁ ତାହାର ପରାଭବର ପରିସର ଏକ ବିରାଟ ଅଞ୍ଚଳରେ ଅନୁଭୂତ ହେଉଛି। ପ୍ରାୟ ପାଞ୍ଚବର୍ଷ ତଳେ କୋଭିଡ୍-୧୯ର ଆତଙ୍କରେ ସମଗ୍ର ବିଶ୍ୱ ଥରିଉଠିଥିଲା, ଯାହାର ପ୍ରଭାବ ଏବେ ମଧ୍ୟ ସମ୍ପୂର୍ଣ୍ଣ ବିଲୋପ ହୋଇନାହିଁ। ପ୍ରମାଣିତ ନ ହେଲେ ମଧ୍ୟ ଏହାପଛରେ ଟିକା କମ୍ପାନୀଙ୍କ ବିଧିବଦ୍ଧ ଷଡ଼ଯନ୍ତ୍ର କ୍ରମଶଃ ପଦାକୁ ଆସୁଛି। କୋଭିଡ୍ ବା ସାର୍ସ ଆତଙ୍କବାଦର ଜନ୍ମପୀଠ ଚୀନ୍‌ରୁ ଏବେ ସେଭଳି ଆଉ ଏକ ଜୈବ ଆତଙ୍କ ଜନ୍ମ ନେଇ ଧୀରେ ଧୀରେ ବିଶ୍ୱ କୃଷି କ୍ଷେତ୍ରକୁ ପ୍ରଭାବିତ କରିବା ଆରମ୍ଭ କରିଛି।

ଗତ ଜୁନ୍ ମାସରେ ଚୀନ୍‌ର ଦୁଇଜଣ ଗୁପ୍ତଚର ଜୈବବିଜ୍ଞାନୀଙ୍କୁ ଆମେରିକା ପୁଲିସ୍ ସନ୍ଦେହରେ ଗିରଫ କରିବା ପରେ ଏହି ତଥ୍ୟ ପ୍ରଘଟ ହୋଇଥିଲା। ସେମାନେ ମାରାତ୍ମକ ଫୋଙ୍ଗସ୍ ବା କବକଜାତୀୟ ହାନିକାରକ ବୀଜାଣୁକୁ ଆମେରିକାର ସୋୟାବିନ୍ ଶସ୍ୟ କ୍ଷେତ୍ରରେ ପ୍ରୟୋଗ କରିବା ପାଇଁ କାର୍ଯ୍ୟକ୍ରମ ଆରମ୍ଭ କରିସାରିଥିବା ବେଳେ ଧରାପଡ଼ିଥିଲେ। ଫ୍ୟୁଜାରିୟମ୍ ଗ୍ରାମିନିରମ୍ ନାମକ ଏହି କବକ ଏତେ ଶକ୍ତିଶାଳୀ ଯେ ଏକରଏକର ବ୍ୟାପୀ ଶସ୍ୟ କ୍ଷେତ୍ରକୁ ଧ୍ୱଂସ କରିଦେଇପାରେ। ବିଶେଷକରି ଗହମ, ବାର୍ଲି, ମକା ଓ ଧାନକୁ ଏହା ସହଜରେ ଆକ୍ରମଣ କରିପାରେ। ଗବେଷଣାରୁ ଜଣାପଡ଼ିଛି ଯେ ଏହି ଫୋଙ୍ଗସ୍ କେବଳ ଶସ୍ୟକୁ ନଷ୍ଟ କରେ ନାହିଁ, ଯେଉଁ କେତେକ ଶସ୍ୟ ସଂଘର୍ଷ ଦ୍ୱାରା ବଞ୍ଚିଯାଆନ୍ତି ସେଥିରୁ ଭୋମିଟୋକ୍ସିନ୍ ନାମକ ଏକ ବିଷାକ୍ତ ରସାୟନ କ୍ଷରଣ ହୁଏ, ଯାହା ମଣିଷ ଓ ପଶୁମାନଙ୍କ ପ୍ରତି ଅତି ହାନିକାରକ। ଏହି କବକ ଆକ୍ରମଣରେ ଏ ପର୍ଯ୍ୟନ୍ତ ଆମେରିକାରେ ବାର୍ଷିକ ୧୦୦ କୋଟି ଡଲାରର ଶସ୍ୟ ହାନି ହୋଇସାରିଲାଣି।

ଏହାର ନିରାକରଣ ପାଇଁ ଏ ପର୍ଯ୍ୟନ୍ତ କୌଣସି କୀଟନାଶକ ଉଦ୍‌ଭାବନ ହୋଇ ନ ଥିବାରୁ ଅନ୍ତତଃ ଆଗାମୀ କିଛିବର୍ଷ ପର୍ଯ୍ୟନ୍ତ ଚୀନ୍ ବିଜ୍ଞାନାଗାରରୁ ଜନ୍ମ ନେଇଥିବା ଫୋଙ୍ଗସ୍ ବିଶ୍ୱ ଶସ୍ୟ କ୍ଷେତ୍ରରେ ଆଧିପତ୍ୟ ବିସ୍ତାର କରିବା ସୁନିଶ୍ଚିତ। ଧୀରେ ଧୀରେ ସେଗୁଡ଼ିକ ସମଗ୍ର ଅଞ୍ଚଳ, ଦେଶ ଏପରିକି ଆମଦାନୀ-ରପ୍ତାନୀ ଜରିଆରେ ସାରା ପୃଥିବୀକୁ ବ୍ୟାପୀ ବିଶ୍ୱ ଖାଦ୍ୟ ନିରାପତ୍ତାକୁ ପ୍ରଭାବିତ କରିବାର ଆଶଙ୍କା ପ୍ରକାଶ ପାଇଛି। କୃଷି-ଜୈବ-ରସାୟନ ବିଜ୍ଞାନୀମାନେ ଏହାକୁ 'ଆଗ୍ରୋ-ଟେରରିଜିମ୍' ବା 'କୃଷି-ଆତଙ୍କବାଦ' ଭାବରେ ଅଭିହିତ କରିଛନ୍ତି। ଏହି ଘଟଣା ଜଣାପଡ଼ିବା ପରେ ଆମେରିକା-ଚୀନ୍ ବାଣିଜ୍ୟ ରାଜିନାମା ଘୁଞ୍ଚି ଯାଇଛି ଏବଂ ଚୀନ୍ ଛାତ୍ରଛାତ୍ରୀଙ୍କ ଭିସା ଉପରେ ଆମେରିକା ପୁଣି ଥରେ କଟକଣା ଜାରି କରିଛି। ଅପରପକ୍ଷରେ ଚିରାଚରିତ ଢଙ୍ଗରେ ଚୀନ୍ ଆମେରିକାରର ଅଭିଯୋଗକୁ ଅସ୍ୱୀକାର କରିଛି।

ଆମେରିକା-ଚୀନ୍ ବାଣିଜ୍ୟିକ ତିକ୍ତତା ପୃଷ୍ଠଭୂମିରେ ଚୀନ୍‌ର ଏଭଳି କୃଷି ଆତଙ୍କବାଦ କେତେକାଂଶରେ ଗ୍ରହଣ କରାଯାଇପାରେ। କିନ୍ତୁ ଚୀନ୍‌ର ଏହି ଦୁଷ୍ଟାମୀରୁ ଯେ ଭାରତର କୃଷି କ୍ଷେତ୍ର ସୁରକ୍ଷିତ ରହିବ ତାହା ଆଶା କରିବା ବୃଥା। ଏବେ ଜାମ୍ମୁ-କାଶ୍ମୀର ସେଉ ଚାଷକୁ ଏକ ନୂଆ ଧରଣର ଫୋଙ୍ଗସ୍ ଆକ୍ରମଣ କରିଥିବା ସୂଚନା ମିଳିଛି। ସେଥିରେ ସେଉ କଷି ଥିବା ଅବସ୍ଥାରେ ହିଁ କଳା କଳା ଦାଗ ସୃଷ୍ଟି ହେଉଛି ଏବଂ ସମ୍ପୂର୍ଣ୍ଣ ଗଛ ଶୁଖି କଳା ପଡ଼ିଯାଉଛି। ଏହାକୁ ଜଳବାୟୁ ପରିବର୍ତ୍ତନର ପ୍ରଭାବ ବୋଲି ପ୍ରାଥମିକ ଆକଳନ କରାଯାଇଛି। କିନ୍ତୁ ଆମେରିକାରୁ ଚୀନ୍ ଜୀବବିଜ୍ଞାନୀ ଗୁପ୍ତଚର ଗିରଫ ହେବା ପରେ ଭାରତରେ ଜାମ୍ମୁକାଶ୍ମୀର ସେଉ ଚାଷରେ ଦେଖାଦେଇଥିବା ରୋଗକୁ ଗୁରୁତ୍ୱର ସହ ଗ୍ରହଣ କରିବା ଉଚିତ।

ପ୍ରୟୋଗକର୍ତ୍ତା ପାଇଁ କୃଷି ଆତଙ୍କବାଦ ସବୁଠାରୁ ସୁଲଭ, ସୁରକ୍ଷିତ ଓ ପ୍ରଭାବଶାଳୀ ଅସ୍ତ୍ର। କାରଣ ଏହା ସହଜରେ ଧରାପଡ଼େ ନାହିଁ କି ପ୍ରୟୋଗକାରୀର ପ୍ରମାଣ ରହେ ନାହିଁ। ବହୁ ଅଳ୍ପ ଖର୍ଚ୍ଚରେ ଶତ୍ରୁ ଦେଶ ବିରୋଧରେ ଏହାକୁ ପ୍ରୟୋଗ କରାଯାଇପାରେ, ଯାହା ମନ୍ଥର ବିଷ ଭଳି ସେହି ଦେଶର କୃଷି-ଅର୍ଥନୀତିକୁ ଧ୍ୱସ୍ତ କରିବାରେ ଅଭୂତପୂର୍ବ ସଫଳତା ଅର୍ଜନ କରିପାରେ। କୃଷି ଉତ୍ପାଦ ଯେ ଜୈବ ଆତଙ୍କବାଦର ମାଧ୍ୟମ ହୋଇପାରିବ, ସେହି ଧାରଣା ଓ ବିଶ୍ୱାସ ଆପାତତଃ ଦୃଢ଼ ହୋଇନଥିବାରୁ ସେ କ୍ଷେତ୍ରରେ ସେତେଟା ନିରାପତ୍ତା ବ୍ୟବସ୍ଥା ଗ୍ରହଣ କରାଯାଉନାହିଁ। ସନ୍ଦେହ ହେଲେ ମଧ୍ୟ ଆମଦାନୀ ଶସ୍ୟକୁ ଗୋଟିଗୋଟି କରି ଯାଞ୍ଚ କରିବା ଏକପ୍ରକାର ଅସମ୍ଭବ ବ୍ୟାପାର। ଖାଦ୍ୟ ସୁରକ୍ଷାରେ ଆମେରିକାର ସତର୍କତା ସର୍ବାଗ୍ରେ। ଯେତେବେଳେ ସେହି ଦେଶ ହିଁ କୃଷି-ଆତଙ୍କବାଦକୁ ପ୍ରତିହତ କରିପାରିଲା ନାହିଁ, ଅନ୍ୟ ଦେଶ କଥା ନ କହିବା ଭଲ। ତେଣୁ ଚୀନ୍ ଏବେ କୃଷି କ୍ଷେତ୍ରକୁ ହିଁ ଲକ୍ଷ୍ୟ କରିଛି।

ଶତ୍ରୁ ବିପକ୍ଷରେ ଜୈବ-ରସାୟନ ଆକ୍ରମଣ ନୂଆ କୌଶଳ ନୁହେଁ। ଦ୍ୱିତୀୟ ବିଶ୍ୱଯୁଦ୍ଧ ଓ ପରବର୍ତ୍ତୀ ସମୟରେ ଏଭଳି ଜୈବାସ୍ତ୍ର ପ୍ରୟୋଗ ହୋଇଥିବାର ପ୍ରମାଣ ରହିଛି। ଏପରିକି ପ୍ରଥମ ବିଶ୍ୱଯୁଦ୍ଧର ବହୁପୂର୍ବରୁ ପ୍ଲେଗ୍, ବସନ୍ତ, ହାଡ଼ଫୁଟି, ହଇଜା ଆଦି ମାରାତ୍ମକ ପ୍ରାଣଘାତୀ ମହାମାରୀ ଜୀବାଣୁ ଶତ୍ରୁ ଦେଶର ସୈନିକଙ୍କ ବିରୋଧରେ ପ୍ରୟୋଗ କରି ଯୁଦ୍ଧ ଜିତିବାର କଳାକୌଶଳରେ ଇତିହାସ ସମୃଦ୍ଧ। କିନ୍ତୁ କାଳକ୍ରମେ ସେହିସବୁ ମହାମାରୀ ପ୍ରତିଷେଧକ ଓ ନିରୋଧକ ଟିକା ଓ ଔଷଧ ଉଦ୍ଭାବନ ହୋଇସାରିବା ପରେ ସେହି ଜୈବାସ୍ତ୍ର ଆଉ କାମ୍ କରୁନାହିଁ। ତା'ବଦଳରେ ସାର୍ସ, କୋଭିଡ୍ ଭୂତାଣୁ ପରି ନୂଆ ନୂଆ ଭୂତାଣୁ ପ୍ରୟୋଗ କୌଶଳ ଉଦ୍‌ଭାବନ ହେବାରେ ଲାଗିଛି। ଏହିକ୍ରମରେ କୃଷି-ଆତଙ୍କବାଦ ଏକ ନୂଆ ପ୍ରଭାବଶାଳୀ କୌଶଳ ରୂପେ ଆତ୍ମପ୍ରକାଶ କରିଛି।

କୋଭିଡ୍ ୧୯ ଭଳି ମ୍ୟୁଟେସନ୍ ପ୍ରକ୍ରିୟାରେ ଏହି କବକ ବାରମ୍ବାର ଚରିତ୍ର ପରିବର୍ତ୍ତନ କରି ନୂଆ ପ୍ରଜାତି ସୃଷ୍ଟି କରିବାରେ ସକ୍ଷମ ବୋଲି ପ୍ରାଥମିକ ଗବେଷଣାରୁ ଜଣାପଡ଼ିଛି। ତେଣୁ ଆଗାମୀ ଦିନରେ ଗୋଟିଏ ନିର୍ଦ୍ଦିଷ୍ଟ କୀଟନାଶକ ଏକ୍ଷେତ୍ରରେ ପ୍ରଭାବଶାଳୀ ହେବ ନାହିଁ। ହୁଏତ କୋଭିଡ୍ ଟିକା ଭଳି ଏହା କୀଟନାଶକ କମ୍ପାନୀମାନଙ୍କର ଏକ ଅଭିସନ୍ଧି ହୋଇପାରେ। କିନ୍ତୁ ଆଗାମୀ ଦିନରେ ଯେ ଆମ ଜୀବନଧାରଣର ଉପାଦାନ ଆଉ ସୁରକ୍ଷିତ ନୁହେଁ ତାହା ଅବଧାର୍ଯ୍ୟ। କେତେବେଳେ କେଉଁ ଜରିଆରେ ଏଭଳି ହାନିକାରକ କବକ ଆମ ଶରୀରତନ୍ତ୍ରରେ ପ୍ରବେଶ କରିବ ତାହା କେହି ନିଶ୍ଚିତ କରିପାରିବେ ନାହିଁ। ତେଣୁ ଆଗାମୀ ସାଂଘାଇ ସହଯୋଗ ପରିଷଦ ବୈଠକରେ ଭାରତ ଏ ସମ୍ପର୍କରେ ଆଲୋଚନା ପାଇଁ ପ୍ରସ୍ତାବ ଓ ଦାବି ଜୋରଦାର କରିବା ଆବଶ୍ୟକ। ବିଶ୍ୱ ଖାଦ୍ୟ ନିରାପତ୍ତାକୁ ସୁନିଶ୍ଚିତ କରିବା ପାଇଁ ଜାତିସଂଘ ନେତୃତ୍ୱରେ ଏବେଠାରୁ ବିଶ୍ୱ ମଞ୍ଚ ପ୍ରଭାବଶାଳୀ ଢଙ୍ଗରେ ମିଳିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଉଚିତ ହେବ।

# ଗାଁରୁ ଆରମ୍ଭ ହେଉ ଜୈବଚାଷର ମୂଳଦୁଆ

ଡି ଶୁଭମ୍

ଗ୍ରାମୀଣ ଜୀବନର ପରିଭାଷା ସବୁବେଳେ ସ୍ୱତନ୍ତ୍ର। ଗାଁ ମାଟିର ବାସ୍ନା ଆଜି ବି ସମସ୍ତଙ୍କୁ ମୋହିତ କରେ। ସହରୀକରଣ ଭିତରେ ଆମେ ଯେବେ ଶିଳ୍ପ ବିପ୍ଳବର କଥା କହୁ ସେବେ ଗ୍ରାମୀଣ ଜୀବନର ଅକୁହା କଥା ମନକୁ ଆନ୍ଦୋଳିତ କରେ। ଗାଁ ରୁ ହିଁ ଆରମ୍ଭ ହୁଏ ଯେକୌଣସି ଯୋଜନାର ସଫଳତାର ଫର୍ଦ୍ଦ। ଏହି ଉପକ୍ରମରେ ଗାଁର ଅସଜଡ଼ା କଥାକୁ ସଜାଡ଼ିବାରେ ପଞ୍ଚାୟତର ଭୂମିକା ଅନିବାର୍ଯ୍ୟ। ପଞ୍ଚାୟତିରାଜ ଦିବସର ଇତିହାସ ଭାରତର ଗ୍ରାମୀଣ ସମ୍ପ୍ରଦାୟକୁ ସଶକ୍ତ କରିବା ସହ ଗାଁର ଲୋକମାନଙ୍କ ମତ ପରିପ୍ରକାଶ କରିବାରେ ମଧ୍ୟ ଯଥାସମ୍ଭବ ସାହାଯ୍ୟ କରେ। ଭାରତର ପାରମ୍ପରିକ ଗ୍ରାମ ପରିଷଦ ବ୍ୟବସ୍ଥାର ଏକ ଦୀର୍ଘ ଇତିହାସ ରହିଛି, ଯାହା ପ୍ରାଚୀନ କାଳରୁ ଆରମ୍ଭ ହୋଇଥିଲା। କୃଷି, ଜଳ, ପରିମଳ, ଶିକ୍ଷା ଓ ସ୍ୱାସ୍ଥ୍ୟ ସହିତ ଜଡ଼ିତ ବିଭିନ୍ନ ଗ୍ରାମୀଣ ବିକାଶ କାର୍ଯ୍ୟକ୍ରମ ଏବଂ ପଦକ୍ଷେପଗୁଡ଼ିକର ତଦାରଖ ଏବଂ କାର୍ଯ୍ୟକାରୀ କରିବା ସହ ଗାଁରେ ଭିତ୍ତିଭୂମିର ବିକାଶ ଦିଗରେ ପଞ୍ଚାୟତର ଭୂମିକା ସର୍ବାଗ୍ରେ ଥାଏ। ପଞ୍ଚାୟତଗୁଡ଼ିକ ସାମାଜିକ ସଶକ୍ତୀକରଣ ଓ ବିକାଶକୁ ପ୍ରୋତ୍ସାହିତ କରିବା ସହ ଜାତି, ଧର୍ମ, ବର୍ଣ୍ଣ, ଲିଙ୍ଗ ନିର୍ବିଶେଷରେ ନିଜ ପଞ୍ଚାୟତର ଅନ୍ତିମ ଅଧିବାସୀ ଯାଏଁ ଯୋଜନାର ଲାଭ ପହଁଚିବା ସୁନିଶ୍ଚିତ କରିବା ଏବଂ ପରିବେଶ ସୁରକ୍ଷା ଓ ସଂରକ୍ଷଣରେ ମଧ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରେ।

ଆମେ ଯେବେ ବି ଚାଷ ଓ ଚାଷୀର କଥା କହୁ ସବୁବେଳେ ଗାଁର କଥା ଆସେ। ଗ୍ରାମୀଣ ଜୀବନରେ ଚାଷର ଭୂମିକା ଯେତିକି ଗୁରୁତ୍ୱପୂର୍ଣ୍ଣ, ରାଜ୍ୟର ଅର୍ଥନୀତିକୁ ସୁଧାରିବାରେ ଏହାର ଅବଦାନ ତତୋଧିକ। ରାଜ୍ୟ ଓ ଦେଶର ବିକାଶରେ କୃଷିକୁ ପ୍ରଥମ ଇଞ୍ଜିନ କୁହାଯାଉଥିବା ବେଳେ ଏହାର ମୂଳଭିତ୍ତି ଆମ ସମସ୍ତଙ୍କ ସହଭାଗିତା ଉପରେ ନିର୍ଭର କରେ। ଗାଁ ମାଟିରୁ କିପରି ଏହି ସଫଳତାର ଧ୍ୱଜା ପ୍ରତିଟି ଜିଲ୍ଲା, ରାଜ୍ୟ ଓ ଦେଶରେ ପହଁଚିବ ତାହାର ଦାୟିତ୍ୱ ଆମମାନଙ୍କର। ଏ ଦିଗରେ ଜୈବ ଚାଷର ଭୂମିକା କଥା କାହାକୁ ବୁଝାଇବାର ଆବଶ୍ୟକତା ନାହିଁ। କାରଣ ଆମେ ନିଜେ ଜାଣିଛନ୍ତି ଜୈବ ଚାଷ ଓ ଏହାର ଉପକାରିତା ବିଷୟରେ। ଏ ଦିଗରେ ପ୍ରତି ପଞ୍ଚାୟତରେ ଜୈବ କୃଷକ ସମୂହ ଗଠନ ଦିଗରେ କାର୍ଯ୍ୟ କରିବା ଆମ ସମସ୍ତଙ୍କ ପାଇଁ ଆହ୍ୱାନ ହେଉ।

ରାସାୟନିକ ଚାଷ ଅମଳ ଉତ୍ପାଦନ ବଢ଼ାଏ। ଅପରପକ୍ଷରେ ଜୈବ ଚାଷରେ ଉତ୍ପାଦନ ଅପେକ୍ଷାକୃତ କମ୍ ଏକଥା ସମସ୍ତେ ଜାଣନ୍ତି। ତେଣୁ ଜୈବ ଚାଷକୁ ବିରୋଧ କରନ୍ତି। କିନ୍ତୁ ଆପଣ ଆଜି ଗାଁକୁ ଯା'ନ୍ତୁ, ଦେଖିବେ ଜୈବ ଚାଷର ପରିବେଶକୁ। ପ୍ରତିଟି ଗାଁର ଚାଷୀ ନିଜେ କହିବେ ଜୈବ ଚାଷର ଉପକାରିତା। ଆମେ ଚିରସ୍ଥାୟୀ କୃଷି ଦିଗରେ କାର୍ଯ୍ୟ କରୁଛୁ। ଅମଳ ବୃଦ୍ଧି ଆଉ ଅଧିକ ଟଙ୍କା ଆଶାରେ ଆମେ ନିଜ ଜ୍ଞାତସାରରେ ଯଦି ନିଜ ପରିବାର ଲୋକଙ୍କୁ ବିଷ ଖୁଆଇବା, ଏହାଠାରୁ ବଡ଼ ପାପର କଥା କିଛି ବି ନ ହୋଇପାରେ। ୧୯୬୦ ମସିହାରେ ସବୁଜ ବିପ୍ଳବ କୃଷି କ୍ଷେତ୍ରରେ ପରିସ୍ଥିତିକୁ ବଦଳାଇ ଦେଇଥିଲା, ଯେଉଁଠାରେ ଚାଷୀମାନଙ୍କୁ ଖାଦ୍ୟ ସୁରକ୍ଷା ବଜାୟ ରଖିବା ପାଇଁ ଅଧିକ ଅମଳକ୍ଷମ ବିହନ ଏବଂ ସାର ସହିତ ପରିଚିତ କରାଯାଇଥିଲା। ଏହା ଉତ୍ପାଦନ ବୃଦ୍ଧି ଲାଭ ସୁନିଶ୍ଚିତ କରିଥିଲା, କିନ୍ତୁ ଶେଷରେ ସାରର ଅତ୍ୟଧିକ ବ୍ୟବହାର ଯୋଗୁଁ ଜମି ଅନୁର୍ବର ହୋଇପଡୁଥିଲା। ଯେତେ ଅଧିକ ଅମଳକ୍ଷମ ବିହନ ଜମିରେ ବ୍ୟବହାର କରାଯାଏ, ଗଛ ସେତେ ଅଧିକ ପୋଷକତତ୍ତ୍ୱ ମାଟିରୁ ଗ୍ରହଣ କରିବାକୁ ବାଧ୍ୟ ହୁଏ।

ଆଜିକାଲି ଅନେକଗୁଡ଼ିଏ ଏଫପିଓ ବା କୃଷକ ଉତ୍ପାଦକ ସଂଗଠନମାନ ଗାଁ ମାନଙ୍କରେ ଗଠନ ହେଲାଣି। କିନ୍ତୁ ଗାଁର କଥା ଟିକେ ଅଲଗା। ଚାଷ ବାସ ସାରି ସନ୍ଧ୍ୟାରେ ଗାଁର ଚାଷୀ ଯେବେ ଏକାଠି ହୁଅନ୍ତି, ଅନେକ କଥା ସେଠାରେ ଆଲୋଚନା ହୁଏ। ଅନେକ ସମୟରେ ଯେବେ କ୍ଷେତ୍ର ପରିଦର୍ଶନରେ ଗାଁମାନଙ୍କୁ ଯାଉ ସେବେ ସଂଧ୍ୟାରେ ସେଠାରେ ସମୟ ଅତିବାହିତ କରି ଗ୍ରାମୀଣ ଅର୍ଥନୀତିକୁ ବୁଝିବାକୁ ଚେଷ୍ଟା କରୁ। ଉପଲବ୍ଧି ହୁଏ ଯେ ଗାଁରେ ଚାଷୀ ସମୂହ ହିଁ ବିକାଶର ମଙ୍ଗ ଧରିବା ପାଇଁ ସର୍ବୋତ୍ତମ। ପଞ୍ଚାୟତ ସ୍ତରରୁ ଏହା ଆରମ୍ଭ ହୋଇ ଜଣେ ଜଣେ ଅଧିକାରୀ ଗାଁ ମାନଙ୍କରେ ଏହି କାର୍ଯ୍ୟକୁ ପରିଚାଳନା କରିବା ଦିଗରେ ସାହାଯ୍ୟ କରିବା ଆବଶ୍ୟକ। ଏହି ଜୈବ କୃଷକ ସମୂହ ବା ଅର୍ଗାନିକ ଫାର୍ମର କ୍ଲଷ୍ଟର ସବୁ ପଞ୍ଚାୟତ ଗଠନ ହେବା ଜରୁରୀ। ଯଦି ଆମେ ଜୈବ ଚାଷକୁ ଅଧିକରୁ ଅଧିକ ପ୍ରସାର କରିବାକୁ ଚାହିଁବା ଏହାର ଗୁରୁତ୍ୱ ସୁଦୂରପ୍ରସାରୀ ହେବ।

ପ୍ରଥମରେ ପଞ୍ଚାୟତ ସ୍ତରରେ ଜୈବ କୃଷକ ସମୂହ ସବୁ ସମୟରେ ଗାଁ ମାନଙ୍କରେ ଜୈବ ଚାଷର ଉପକାରିତା ସହ ଏହାର ବର୍ତ୍ତମାନ ସ୍ଥିତି ବିଷୟରେ ଚାଷୀ ଓ ଜନସାଧାରଣଙ୍କୁ ଅବଗତ କରାଇବେ। ସାର ବିଷ ବନାମ ଜୈବ ସାର ଏହାର କାଯ୍ୟଶୈଳୀ ଏବଂ ପ୍ରସ୍ତୁତି ପ୍ରଣାଳୀ ବିଷୟରେ ଚାଷୀମାନଙ୍କୁ ବୁଝାଇବେ। କର୍ମଶାଳାର ଆୟୋଜନ କେବଳ ପ୍ରଶିକ୍ଷଣ ନୁହେଁ, ବରଂ ଏହାର ପ୍ରତ୍ୟକ୍ଷ ତତ୍ତ୍ୱାବଧାନ କରି ଏହାକୁ କିପରି ଚାଷୀ ନିଜ ଜମିରେ ପ୍ରୟୋଗ କରିବେ ସେ ଦିଗରେ କାର୍ଯ୍ୟକରିବାକୁ ପଡ଼ିବ। ଆମେ ସମସ୍ତେ ଜାଣିଛୁ ଜୈବିକ ଚାଷରେ ଉତ୍ପାଦନ ଅପେକ୍ଷାକୃତ କମ୍। କିନ୍ତୁ ଏହାକୁ ଭାବି ଯଦି ଆମେ ମାଟିରେ ଅଧିକରୁ ଅଧିକ ସାର ବିଷ ପ୍ରୟୋଗ କରିବା ଏହା ଆମକୁ ଅଧିକ ଅମଳ ଦେବ, କିନ୍ତୁ ଶରୀରକୁ ରୋଗାକ୍ରାନ୍ତ କରିବ। ତେଣୁ ଶରୀରକୁ ସୁସ୍ଥ କରିବା ସହ ଏହା ସବୁଜ ପରିବେଶ ଗଠନ ଦିଗରେ ଜୈବିକ କୃଷି ସହାୟକ ହେବ। ଜୀବାମୃତ, ଘନଜୀବାମୃତର ଉପକାରିତାକୁ କେବଳ ପାଟିରେ କହିଦେଲେ ନୁହେଁ, ବରଂ ଏହାକୁ ପ୍ରୟୋଗ କରି କିପରି ମାଟିରେ ଅଣୁଜୀବଙ୍କ ସଂଖ୍ୟା ବଢ଼ିବ, ତାହାକୁ ଚାଷ ଜମିରେ ପ୍ରୟୋଗ କରିବାକୁ ପଡ଼ିବ। ରାଜ୍ୟ ଓ କେନ୍ଦ୍ର ସ୍ତରରେ ଜୈବ ଚାଷର ପ୍ରସାର ଦିଗରେ କାମ କରୁଥିବା ଅନୁଷ୍ଠାନ ଏ ଦିଗରେ ସ୍ୱତନ୍ତ୍ର ପଦକ୍ଷେପ ନେଇ ଏହି କ୍ଲଷ୍ଟରଗୁଡ଼ିକର ଉନ୍ନତ କାଯ୍ୟଶୈଳୀ ଦିଗରେ ଚେଷ୍ଟା କରିବା ଆବଶ୍ୟକ।

ଏହି କୃଷକ ସମୂହ ପରବର୍ତ୍ତୀ ପର୍ଯ୍ୟାୟରେ ବିଭିନ୍ନ ସରକାରୀ ଯୋଜନା ସହାୟତାରେ ନିଜର ଏଫପିଓ ଗଠନ କରିପାରିବେ। ପଞ୍ଚାୟତର ସରପଞ୍ଚମାନେ ଏ ଦିଗରେ ଏକ ପାଇଲଟ ମୋଡ୍‌ରେ କାର୍ଯ୍ୟ କରିବା ଆବଶ୍ୟକ। ସପ୍ତାହରେ ଥରେ ଅନ୍ତତଃ ପ୍ରତି ଗାଁକୁ ଯାଇ ଏହି କୃଷକ ସମୂହମାନଙ୍କ ମନୋବଳ ବୃଦ୍ଧି କରିବାରେ ସାହାଯ୍ୟ କରିପାରିବେ। ପ୍ରଥମାବସ୍ଥାରେ କିଛି କିଛି ପଞ୍ଚୟତରୁ ଏହା ଆରମ୍ଭ ହେଲେ ପରବର୍ତ୍ତୀ ଅବସ୍ଥାରେ ଏହା ସମ୍ପୂର୍ଣ୍ଣ ଓଡ଼ିଶାରେ ପରିବ୍ୟାପ୍ତ ହୋଇପାରିବ। ଏହି କୃଷକ ସମୂହ ଦେଶୀ ବିହନ ସଂରକ୍ଷଣ କରିବା ଦିଗରେ କାର୍ଯ୍ୟ କରିବା ସହ ଅନ୍ୟ ଇଚ୍ଛୁକ ଚାଷୀମାନଙ୍କୁ ଏହାକୁ ପରୋକ୍ଷରେ ଯୋଗାଇ ଦେବାର ମାନସିକତା ସବୁ ଚାଷୀଙ୍କ ପାଖରେ ରହିବାର ଅବାଶ୍ୟତକା ଅଛି। ସେମାନଙ୍କର ଉତ୍ପାଦ କିପରି ସଠିକ ଭାବେ ବିକ୍ରୟ ହୋଇପାରିବ ସେ ଦିଗରେ ସରକାରୀ ଓ ବେସରକାରୀ ସ୍ତରରେ ଚିନ୍ତା କରିବାର ଅଛି। ଓଏନଡିସି ପ୍ଲାଟଫର୍ମ ମାଧ୍ୟମରେ ଚାଷୀମାନେ ନିଜ ଉତ୍ପାଦକୁ ବିକ୍ରୟ କରିପାରିବେ। ଜୈବ ଉତ୍ପାଦକୁ ପ୍ରମାଣୀକରଣ କରିବା ସହ ପ୍ରମାଣିତ ଉତ୍ପାଦକୁ ଜାତୀୟ ଓ ଅନ୍ତର୍ଜାତୀୟ ବଜାରରେ ବିକ୍ରୟ କରିବା ଦିଗରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମ କରାଯାଉ। ଚାଷୀଙ୍କ ଉତ୍ପାଦ ବିକ୍ରୟ ହୋଇପାରିଲେ ହିଁ ସେମାନେ ଅଧିକ ଚାଷ କରିବା ଦିଗରେ ଆଗ୍ରହୀ ହେବେ। ଗୋଟିଏ ଜମିରେ ଗୋଟିଏ ଫସଲ ଚାଷ ନ କରି ଫସଲ ବିବିଧିକରଣକୁ ଗୁରୁତ୍ୱ ଦେବା ଆବଶ୍ୟକ। ଏସବୁର ମିଳିତ ସମନ୍ୱୟ ରହିଲେ ହିଁ ଏକ ବିକଶିତ ଓଡ଼ିଶା ଗଠନର ସ୍ୱପ୍ନ ସାକାର ହୋଇପାରିବ।

(ଜୈବ ନିରୀକ୍ଷକ, ଓଡ଼ିଶା ରାଜ୍ୟ ଜୈବ ପ୍ରମାଣନ ସଂସ୍ଥା)
ଭୁବନେଶ୍ୱର, ମୋ: ୯୪୩୮୪୬୭୦୭୯

# ଏସି ତାପମାତ୍ରା ନିୟନ୍ତ୍ରଣ

ଇଂ ମାୟାଧର ସ୍ୱାଇଁ

ଦିନକୁ ଦିନ ପୃଥିବୀ ଉଷ୍ମ ହେବାରେ ଲାଗିଛି ଏବଂ ଏହା ସହିତ ଏୟାର କଣ୍ଡିସନିଂ (ଏସି)ର ବ୍ୟବହାର ବଢ଼ିବାରେ ଲାଗିଛି। ଘରେ ବ୍ୟବହୃତ ସମସ୍ତ ବୈଦ୍ୟୁତିକ ସରଞ୍ଜାମ ମଧ୍ୟରେ ଏସିରେ ସର୍ବାଧିକ ବିଦ୍ୟୁତ୍ ଖର୍ଚ୍ଚ ହୋଇଥାଏ। ଏହା ମଧ୍ୟ ବିଦ୍ୟୁତ୍ ଗ୍ରୀଡ ଉପରେ ଅଧିକ ଚାପ ପକାଇଥାଏ। ଖରାଦିନେ ଅଧିକ ବିଦ୍ୟୁତ୍ ଚାହିଦା ଥିବାରୁ ବିଦ୍ୟୁତ୍ କମ୍ପାନୀକୁ ଅନେକ ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼ିଥାଏ। ଗତ ଜୁନ୍ ମାସରେ ଦେଶରେ ସର୍ବାଧିକ ବିଦ୍ୟୁତ୍ ଚାହିଦା ୨୪୧୦୦୦ ମେଗାୱାଟ ଥିଲା ଏବଂ ଏଥିପାଇଁ ଏସି ହେଉଛି ମୁଖ୍ୟତଃ ଦାୟୀ।

ଏସି କୋଠରି ଭିତରୁ ଗରମ ବାୟୁକୁ ନେଇ ବାହାରେ ଛାଡ଼ିଦିଏ। ଅନ୍ୟ କେତେକ ଏସି କୋଠରି ଥଣ୍ଡା କରିବା ସହିତ ଶୀତଦିନେ ଏହାକୁ ଉଷୁମ ରଖିବା ପାଇଁ ଡିଜାଇନ ହୋଇଥାଏ। ଏସି ଏକ ରେଫ୍ରିଜିରାଣ୍ଟ ବ୍ୟବହାର କରେ, ଯାହା କୋଠରିର ଉତ୍ତାପକୁ ଶୋଷଣ କରେ ଏବଂ କମ୍ପ୍ରେସର ଦ୍ୱାରା ଏହାକୁ ବାହାରକୁ ପଠାଇଦିଏ। ଶୀତଦିନେ କୋଠରିକୁ ଉଷୁମ ରଖିବା ପାଇଁ ଏହା ଭିତରେ ତାପକ ବା ହିଟର୍ ଥାଏ। ଏଣୁ ଏହାର ନାମ ହେଉଛି ଏୟାରକଣ୍ଡିସନର ବା ଶୀତତାପ ନିୟନ୍ତ୍ରଣ ଯନ୍ତ୍ର। ନିକଟରେ କେନ୍ଦ୍ର ସରକାର ଏସି ତାପମାତ୍ରା ସେଟିଂକୁ ନିୟନ୍ତ୍ରଣ କରିବା ପାଇଁ ଗୋଟିଏ ପ୍ରସ୍ତାବ ଦେଇଛନ୍ତି ଏବଂ ଏହା ଖୁବ୍ ଶୀଘ୍ର ଆଇନ୍‌ରେ ରୂପାନ୍ତରିତ ହେବ ବୋଲି ପ୍ରକାଶ କରିଛନ୍ତି। ତାପମାତ୍ରା ସେଟିଂକୁ ୨୦ ଡିଗ୍ରୀ ଓ ୨୮ ଡିଗ୍ରୀ ସେଲସିୟସ ମଧ୍ୟରେ ରଖିବା ହେଉଛି ଏହି ପ୍ରସ୍ତାବ। ସରକାରଙ୍କ ଅନୁଯାୟୀ ଆମମାନଙ୍କର ଆରାମ ପାଇଁ ଏହି ତାପମାତ୍ରା ପରିସର ହେଉଛି ଯଥେଷ୍ଟ। ଏହି ନିୟମ ପ୍ରଣୟନ କରିବାର ଉଚିତ୍ କାରଣ ଅଛି। ତାପମାତ୍ରା ଯେତେ କମ୍ କରିବା, ଏସି ସେହି ଅନୁଯାୟୀ ଅଧିକ କାର୍ଯ୍ୟ କରିବ ଏବଂ ଏହା ଅଧିକ ବିଦ୍ୟୁତ୍ ବ୍ୟବହାର କରିବ। ଶକ୍ତି ମନ୍ତ୍ରଣାଳୟ ଅନୁଯାୟୀ ଏହାର ତାପମାତ୍ରା ସେଟିଂରେ ପ୍ରତି ଏକ ଡିଗ୍ରୀ ବୃଦ୍ଧି ପାଇଁ ଛଅ ପ୍ରତିଶତ ବିଦ୍ୟୁତ୍ ସଞ୍ଚୟ ହେବ। ଉଦାହରଣ ସ୍ୱରୂପ, ୨୪ ଡିଗ୍ରୀ ସେଲସିୟସ ତୁଳନାରେ ୧୮ ଡିଗ୍ରୀରେ ୩୬ ପ୍ରତିଶତ ଅଧିକ ବିଦ୍ୟୁତ୍ ଖର୍ଚ୍ଚ ହେବ।

ସାଧାରଣତଃ ଏସି ୨୦ ଡିଗ୍ରୀ ଓ ୨୮ ଡିଗ୍ରୀ ସେଲସିୟସ ତାପମାତ୍ରା ମଧ୍ୟରେ ଅଧିକ ଦକ୍ଷତାର ସହିତ କାର୍ଯ୍ୟ କରିଥାଏ। ଅନେକ ଗୃହ, ବ୍ୟାବସାୟିକ ପ୍ରତିଷ୍ଠାନ ଆଦିରେ ତାପମାତ୍ରାକୁ ୧୫ ଡିଗ୍ରୀ ସେଲସିୟସ୍‌ରେ ରଖା ଯାଇଥାଏ। କେତେକଙ୍କର ଧାରଣା ଯେ ତାପମାତ୍ରା କମ୍ କଲେ କୋଠରି ଶୀଘ୍ର ଥଣ୍ଡା ହୋଇଯାଏ। ପ୍ରକୃତରେ ଶୀତଳନ ହାର ଏସି କ୍ଷମତା ଉପରେ ନିର୍ଭର କରିଥାଏ, ତାପମାତ୍ରା ସେଟିଂ ଉପରେ ନୁହେଁ। ତାପମାତ୍ରା ୨୪ ଡିଗ୍ରୀ, ୨୦ ଡିଗ୍ରୀ କିମ୍ବା ଏପରିକି ୧୬ ଡିଗ୍ରୀରେ ସେଟିଂ କଲେ ସୁଦ୍ଧା ଏହା ୨୮ ଡିଗ୍ରୀରୁ କୋଠରିକୁ ଥଣ୍ଡା କରିବା ପାଇଁ ସମାନ ସମୟ ନେଇଥାଏ। ଅନ୍ୟ ଏକ ଭୁଲ୍ ଧାରଣା ହେଉଛି ଯେ କୋଠରି ବାହାର ତାପମାତ୍ରା ଅଧିକ ଥିଲେ ଏସି ସେଟିଂ ୨୦ ଡିଗ୍ରୀରେ ରଖିଲେ ଯଥେଷ୍ଟ ଥଣ୍ଡା ହେବ ନାହିଁ। ବାସ୍ତବରେ ବାହାର ତାପମାତ୍ରା ୩୫ ଡିଗ୍ରୀ, ୪୦ ଡିଗ୍ରୀ କିମ୍ବା ଏପରିକି ୪୫ ଡିଗ୍ରୀ ହେଲେ ମଧ୍ୟ ୨୦ ଡିଗ୍ରୀ ସେଟିଂ ଆରାମଦାୟକ ହୋଇଥାଏ।

ଏସି ତାପମାତ୍ରା ସେଟିଂ ଉପରେ ବିଦ୍ୟୁତ୍ ଖର୍ଚ୍ଚ ନିର୍ଭର କରୁଥିବାରୁ ଆମର ସ୍ୱାଚ୍ଛନ୍ଦ୍ୟକୁ ଜଳାଞ୍ଜଳି ନ ଦେଇ ତାପମାତ୍ରା ୨୦ ଡିଗ୍ରୀ ସେଲସିୟସ୍ ରଖିଲେ ଦେଶର ଅନେକ ବିଦ୍ୟୁତ୍ ଖର୍ଚ୍ଚ ବଞ୍ଚିଯିବ ଏବଂ ଏହାକୁ କଳକାରଖାନାରେ ବ୍ୟବହାର କରାଯାଇପାରିବ। ପୁନଶ୍ଚ ଆମର ମୋଟ ବିଦ୍ୟୁତ୍ ଉତ୍ପାଦନର ପ୍ରାୟ ୫୦ ପ୍ରତିଶତ ତାପଜ ବିଦ୍ୟୁତ୍ କେନ୍ଦ୍ରରୁ ଉତ୍ପନ୍ନ ହେଉଛି, ଯାହା ବାୟୁମଣ୍ଡଳକୁ ଅଙ୍ଗାରକାମ୍ଳ ନିର୍ଗତ କରୁଥିବାରୁ ଜଳବାୟୁ ପରିବର୍ତ୍ତନ ହେଉଛି। ଏଣୁ ଏସି ତାପମାତ୍ରା ନିୟନ୍ତ୍ରଣ ଦ୍ୱାରା ଆମ ପରିବେଶ ସୁରକ୍ଷା ହୋଇପାରିବ। ପୁନଶ୍ଚ ଏକ ନିର୍ଦ୍ଦିଷ୍ଟ ଅଞ୍ଚଳରେ ଏକସଙ୍ଗରେ ଅନେକ ଏସି ଚାଲିଲେ ଗ୍ରିଡର ଭୋଲ୍ଟେଜ କମିଯାଏ ଏବଂ ବିଦ୍ୟୁତ୍ ବିଚ୍ଛିନ୍ନ ମଧ୍ୟ ହୋଇପାରେ।

ଏସିରେ ବିଦ୍ୟୁତ୍ ଖର୍ଚ୍ଚ ହ୍ରାସ କରିବା ପାଇଁ ଏହାର ଦକ୍ଷତା ବଢ଼ାଇବାକୁ ପଡ଼ିବ। ଶକ୍ତି ଦକ୍ଷତା ପରିଷଦ ଏସିଗୁଡ଼ିକୁ ୧ରୁ ୫ ଷ୍ଟାର ଚିହ୍ନ ଦେଇଛି। ଷ୍ଟାର ୧ ହେଉଛି ସବୁଠାରୁ କମ୍ ଦକ୍ଷ ଓ ଷ୍ଟାର ୫ର ଦକ୍ଷତା ହେଉଛି ସବୁଠାରୁ ଅଧିକ। ଏଣୁ ଷ୍ଟାର ୧ ରୁ ୫ ପର୍ଯ୍ୟନ୍ତ ବିଦ୍ୟୁତ୍ ଖର୍ଚ୍ଚ କମ୍ ହୋଇଥାଏ, ମାତ୍ର ଏସି ଦାମ ବଢ଼ିଯାଏ। ଏଣୁ ପରିବେଶବିତ୍‌ମାନେ କେବଳ ଷ୍ଟାର ୫ ଏସି ପ୍ରଚଳନ ପାଇଁ ଦାବି କରିଥା'ନ୍ତି। ୨୦୨୦ ମସିହାରେ ଶକ୍ତି ଦକ୍ଷତା ପରିଷଦ ଏସି ତାପମାତ୍ରା ସେଟିଂକୁ ସର୍ବନିମ୍ନ ୨୪ ଡିଗ୍ରୀ ସେଲସିୟସ ରଖିବା ପାଇଁ ନିୟମ କରିଥିଲା। ମାତ୍ର ଏହା ଫଳପ୍ରଦ ହେଲା ନାହିଁ। ପ୍ରଥମତଃ ଏହି ମୂଲ୍ୟ ଅଧିକ ଥିଲା ଏବଂ ଦ୍ୱିତୀୟରେ ଏସି ନିର୍ମାତାମାନେ ନିର୍ମାଣ ସମୟରେ ଏଥିପାଇଁ ବ୍ୟବସ୍ଥା କଲେ ନାହିଁ। ଏଣୁ ନୂଆ ଭାବେ ଆସିବାକୁ ଥିବା ଆଇନ୍‌ରେ ବ୍ୟବସ୍ଥା ରହୁଛି ଯେ ଏସି ନିର୍ମାତାମାନେ ଏପରି ଡିଜାଇନ କରିବେ ଯେପରି ତାପମାତ୍ରା ସେଟିଂକୁ ୨୦ ଡିଗ୍ରୀରୁ କମ କିମ୍ବା ୨୮ ଡିଗ୍ରୀରୁ ଅଧିକ କରିହେବ ନାହିଁ। ଜାପାନ, ଅଷ୍ଟ୍ରେଲିଆ ଓ ୟୁରୋପର କେତେକ ଦେଶରେ ଏସି ତାପମାତ୍ରା ନିୟନ୍ତ୍ରଣ ପାଇଁ ଆଇନ ଅଛି। ଭାରତର ଏକ ଘଡ଼ିସନ୍ଧି ମୁହୂର୍ତ୍ତରେ ଏହି ନିଷ୍ପତ୍ତି ନେବାକୁ ପଡୁଛି ଯେତେବେଳେ ଶକ୍ତି ସମ୍ବନ୍ଧୀୟ କାର୍ବନ ଉତ୍ସର୍ଜନକୁ ହ୍ରାସ କରିବା ପାଇଁ ଆମ ଉପରେ ଜାଗତିକ ଚାପ ପଡୁଛି ଏବଂ ଭାରତ ୨୦୭୦ ମସିହା ସୁଦ୍ଧା ନେଟ୍ ଶୂନ୍ କାର୍ବନ ଉତ୍ସର୍ଜନ ଦେଶରେ ପରିଣତ ହେବା ପାଇଁ ଘୋଷଣା କରିଛି।

ମୋଟ ଉପରେ କହିଲେ ଏସି ତାପମାତ୍ରା ନିୟନ୍ତ୍ରଣ ଦ୍ୱାରା କମ୍ ବିଦ୍ୟୁତ୍ ବିଲ ଆସିବ, ବିଦ୍ୟୁତ୍ ଗ୍ରୀଡରେ ସ୍ଥିରତା ଆସିବ ଏବଂ ବାୟୁମଣ୍ଡଳକୁ କମ ଅଙ୍ଗାରକାମ୍ଳ ନିର୍ଗତ ହେବ। ପୁନଶ୍ଚ ଦେଖାଯାଇଛି ଯେ ବାହାରର ଝାଳବୁହା ଗରମରୁ ଭିତରର ଅତି ଥଣ୍ଡା ଅବସ୍ଥାକୁ ଆସିଲେ ଶ୍ୱାସକ୍ରିୟାଜନିତ ଚାପ ଓ ଶ୍ରାନ୍ତ ଦେଖାଦେଇପାରେ। କୋଠରି ତାପମାତ୍ରା ୨୨ରୁ ୨୬ ଡିଗ୍ରୀ ସେଲସିୟସ୍ ମଧ୍ୟରେ ରଖିଲେ ଆମ ସ୍ୱାସ୍ଥ୍ୟ ଉପରେ କୌଣସି ପ୍ରତିକୂଳ ପ୍ରଭାବ ନ ପକାଇ ଆମକୁ ଆରାମ ଦେଇପାରିବ ବୋଲି ବିଜ୍ଞାନଗତ ଭାବରେ ପ୍ରମାଣ କରାଯାଇଛି। ଏକ ଅଧ୍ୟୟନରୁ ଜଣାଯାଇଛି ଯେ ୫୦ ବର୍ଷରୁ ଅଧିକ ବୟସ୍କ ଲୋକ ୧୮ ଡିଗ୍ରୀ ସେଲସିୟସରୁ କମ୍ ତାପମାତ୍ରା ପରିବେଶରେ ରହିଲେ ସେମାନଙ୍କ ମଧ୍ୟରୁ ୧୬ ପ୍ରତିଶତ ଉଚ୍ଚ ରକ୍ତଚାପ, ନିମ୍ନ ଭିଟାମିନ୍ 'ଡି' ସ୍ତର ଏବଂ ହ୍ରାସିତ ଫୁସଫୁସ କ୍ରିୟା ଅନୁଭବ କରିଥା'ନ୍ତି। ଏଣୁ ସରକାରଙ୍କ ଆଇନ୍‌କୁ ମାନିବା ସହିତ ଏଥିନେଇ ସଚେତନତା ସୃଷ୍ଟି କରିବା ଆବଶ୍ୟକ।

(ସମ୍ପାଦକ, ସାଇନସ ହୋରିଜନ)
ଭୁବନେଶ୍ୱର, ମୋ: ୯୪୩୮୬୯୩୭୨୪

# ଲାଣ୍ଡିମାତା ମଠ ଓ ପିତା ଭୋଗ

ସ୍ୱପ୍ନେଶ୍ୱର

## ଲୋକକଥାରେ ଲୋକଦେବତା

ଶ୍ରୀମନ୍ଦିରର ଦକ୍ଷିଣ ଦ୍ୱାର ପାଖରେ ବୁଢ଼ୀଟିଏ କୁଡ଼ିଆଟିଏ କରି ବାସ କରୁଥିଲା। ବୁଢ଼ୀର ଆଗକୁ ପଛକୁ କେହି ନ ଥିଲେ। ଘରେ ମହାପ୍ରଭୁଙ୍କର ଚିତ୍ର ପ୍ରତିମାଟିଏ ରଖି ଭକ୍ତିର ସହ ପୂଜା କରେ। ବୁଢ଼ୀ ଭାବେ କାଳିଆ ତା'ର ପୁଅ। ଏ କଥା ପୁରୀବାସୀ ସମସ୍ତଙ୍କୁ ଜଣାଥିଲା। ତେଣୁ ସମସ୍ତେ ତା'କୁ 'ଲାଣ୍ଡିମାତା' ବୋଲି ଡାକୁଥିଲେ। ସବୁଦିନ ମନ୍ଦିରକୁ ଯାଇ ଯାଇ ନୀତିକାନ୍ତି ବିଷୟରେ ସେ ସବୁ ଜାଣିଥିଲା। ଯଦି କେବେ ଠାକୁରଙ୍କ ଭୋଗ ଲାଗିବାରେ ବିଳମ୍ବ ହୁଏ, ତା' ପୁଅକୁ ଭୋକ ଲାଗୁଥିବ ବୋଲି ବୁଢ଼ୀ କାନ୍ଦେ। ଅଣସର ସମୟରେ ଠାକୁରମାନେ ଜ୍ୱରରେ ପୀଡ଼ିତ ହୋଇ ଦର୍ଶନ ଦିଅନ୍ତି ନାହିଁ। ସେ ସମୟରେ ବୁଢ଼ୀ ଆଖିରୁ ଲୁହ ଶୁଖେ ନାହିଁ। ପୁଅର ଆରୋଗ୍ୟ କାମନା କରି ସେ ଉପବାସ ବ୍ରତ ରଖେ। ଜ୍ୱର ଦେବତାଙ୍କୁ ଆରାଧନା କରେ।

ଥରେ ବୁଢ଼ୀ ମନରେ ଏକ ଅଭୁତ ଖିଆଲ ଆସିଲା। ସେ ଚିନ୍ତା କଲା ଯେ ସୁଆର ପିଲାମାନେ ତା' ପୁଅ ପାଇଁ ଯାହା ସବୁ ଭୋଗ ପ୍ରସ୍ତୁତ କରୁଛନ୍ତି, ତା' ଭିତରୁ ଅଧିକାଂଶ ମଧୁର। ପିତା ଦିହକୁ ହିତ। ତେଣୁ ବୁଢ଼ୀ ଠିକ କଲା ଯେ ସେ ନିଜେ ପିତା ତୁଡଣ ରାନ୍ଧି ତା' ପୁଅକୁ ଖୁଆଇବ। ଦିନେ ଘରେ ଅତିଯତ୍ନର ସହ ପିତା ତୁଡଣ ରାନ୍ଧି ତାଟିଆରେ ରଖି କାନି ଘୋଡ଼େଇ ଲୁଚେଇ ନେଇଗଲା। ଗରୁଡ଼ ସ୍ତମ୍ଭ ପାଖରେ ଠିଆ ହୋଇ ତା' ତୁଡଣ ଗ୍ରହଣ କରିବା ପାଇଁ ମହାପ୍ରଭୁଙ୍କୁ ପ୍ରାର୍ଥନା କଲା। କିନ୍ତୁ ତାଟିଆର ତୁଡଣ ଅକ୍ଷୁଣ୍ଣ ଥିବା ଦେଖି ମନ ଦୁଃଖରେ ଘରକୁ ଫେରି ଗଲା। ତା' ପରଦିନ ପୁଣି ଅଧିକ ଯତ୍ନର ସହ ରାନ୍ଧି ମନ୍ଦିର ନେଇଗଲା ଏବଂ ଠାକୁରଙ୍କୁ ନିଉଛାଳି ହେଲା। କିନ୍ତୁ ମହାପ୍ରଭୁ ତୁଡଣ ଗ୍ରହଣ କରୁ ନ ଥିଲେ। ଏହିପରି ଅନେକ ଦିନ ଚାଲିଗଲା।

ଥରେ ଜଗନ୍ନାଥ ଦାସ ବୁଢ଼ୀକୁ କାନ୍ଦି କାନ୍ଦି ମନ୍ଦିରରୁ ଫେରୁ ଥିବାବେଳେ ଦେଖି କାରଣ ପଚାରିଲେ। ବୁଢ଼ୀର କଥା ଶୁଣି ଜଗନ୍ନାଥ ଦାସ କହିଲେ- 'ତୁ ଜାଣିନୁ କି ମାଉସୀ? ସେ ପରା ଭାବର ଠାକୁର। ତାଙ୍କୁ ଯଦି ମୁଣ୍ଡ ବାଡ଼େଇ କାନ୍ଦି ଡାକିବୁ, ସେ ତୋ ଭୋଗ ସ୍ୱୀକାର କରିବେ।' ତା' ପରଦିନ ବୁଢ଼ୀ ଯତ୍ନର ସହ ପିତା ତୁଡଣ ରାନ୍ଧି ତାଟିଆକୁ କାନି ତଳେ ରଖି ମନ୍ଦିରକୁ ଗଲା। ଗରୁଡ଼ ସ୍ତମ୍ଭ ପାଖରେ ଠିଆ ହୋଇ ମୁଣ୍ଡ ବାଡ଼େଇ କାନ୍ଦିଲା। ଧାର ଧାର ରକ୍ତ ବୋହିବାକୁ ଲାଗିଲା। ତା' ପରେ ସେ ଅନୁଭବ କଲା ଯେ ତାଟିଆଟା ହଠାତ୍ ହାଲୁକା ଲାଗିଲା। ସେ ଦେଖିଲା ଯେ ତାଟିଆ ଖାଲି। ଏହା ଦେଖି ବୁଢ଼ୀ ଆନନ୍ଦରେ କାନ୍ଦି କାନ୍ଦି ବାହାରକୁ ଗଲା। ସିଂହଦ୍ୱାରେ ଦାସ ଗୋସେଇଁଙ୍କୁ ସବୁ କଥା କହିଦେଇ ଘରକୁ ଧାଇଁଲା। ତା' ପର ଦିନଠାରୁ ପ୍ରତିଦିନ ବୁଢ଼ୀ ପିତା ତୁଡଣ ତାଟିଆ ନେଇ ମନ୍ଦିରକୁ ଯାଉଥିଲା ଏବଂ ତାଟିଆ ଖାଲି ହେବା ପରେ ଘରକୁ ଫେରୁଥିଲା।

ଦିନେ ବୁଢ଼ୀ ଚିନ୍ତା କଲା ଯେ ଯଦି କାଳିଆ ସବୁଦିନ ତାଟିଆ ଖାଲି କରି ତୁଡଣ ଖାଇ ଦେଉଥିଲା, ଅଧିକ ଟିକିଏ ନେଲେ ପିଲାଟା ଖୁସିରେ ଖାଆନ୍ତା। ତେଣୁ ସେ ଦିନ ଟିକିଏ ଅଧିକ ତୁଡଣ ରାନ୍ଧି ଗୋଟେ ବଡ଼ ତାଟିଆରେ ରଖି ନେଇ ଚାଲିଲା। ବଡ଼ ତାଟିଆଟାକୁ କାନି ତଳେ ନେଲା ବେଳେ ସେବକମାନେ ଦେଖିଦେଲେ। ତୁଡଣ ମନ୍ଦିର ଭିତରକୁ ଯାଇ ପାରିବ ନାହିଁ ବୋଲି ସେମାନେ ଶୁଣେଇ ଦେଲେ ଏବଂ ବୁଢ଼ୀକୁ ମନ୍ଦିରରୁ ବାହାର କରିଦେଲେ। ବୁଢ଼ୀ କାନ୍ଦି କାନ୍ଦି ଘରକୁ ଫେରିଲା। ତୁଡଣ ତାଟିଆକୁ ମହାପ୍ରଭୁଙ୍କ ଚିତ୍ରପ୍ରତିମା ଆଗରେ ରଖି ପ୍ରାର୍ଥନା କଲା। ମହାପ୍ରଭୁ ଭକ୍ତର ଡାକ ଶୁଣିଲେ। ସେଠାରେ ବିଜେ କରି ତାଟିଆ ଖାଲି କରି ଦେଲେ। ଏହା ଦେଖି ବୁଢ଼ୀର ଆନନ୍ଦ କହିଲେ ନ ସରେ।

ମନ୍ଦିରରେ ଧୂପବେଳେ ମହାପ୍ରଭୁ ସେବକମାନଙ୍କର ଚକ୍ଷୁରେ ଦେଖାଗଲେ ନାହିଁ। ଖବର ପାଇ ଗଜପତି ମହାରାଜା ଶ୍ରୀମନ୍ଦିରରେ ପହଞ୍ଚି ଗର୍ଭଗୃହରେ ଗୁହାରିଆ ପଡ଼ିଲେ। ସେଠାରେ ମହାପ୍ରଭୁ ଶୂନ୍ୟବାଣୀ କଲେ- 'ରାଉତ! ମୋର ଭକ୍ତ ଲାଣ୍ଡିମାତା ମୋତେ ସବୁଦିନ ପିତା ତୁଡଣ ଅର୍ପଣ କରେ। ମୁଁ ତାହା ମହାଆନନ୍ଦରେ ଗ୍ରହଣ କରେ। ଆଜି ସେବକମାନେ ତାଙ୍କୁ ମନ୍ଦିରକୁ ଆସିବାକୁ ଅନୁମତି ନ ଦେବାରୁ ମୁଁ ପିତା ଭୋଗ ପାଇବା ପାଇଁ ତା' ଘରେ ଅଛି। ଆଜିଠାରୁ ପ୍ରତିଦିନ ତା' ଘରୁ ପିତା ଭୋଗ ମୋତେ ସମର୍ପଣ କରିବାର ବନ୍ଦୋବସ୍ତ କର।' ଗଜପତି ଲାଣ୍ଡିମାତାଙ୍କ ଦ୍ୱାରା ପ୍ରସ୍ତୁତ ପିତା ଭୋଗ ସବୁଦିନ ମହାପ୍ରଭୁଙ୍କୁ ସମର୍ପଣ ହେବ ବୋଲି ଘୋଷଣା କଲେ। ଲାଣ୍ଡିମାତା ରହୁଥିବା ଯାଗାରେ ଲାଣ୍ଡିମାତା ମଠ ଗଢ଼ି ଉଠିଲା ଏବଂ ଅନେକ ବର୍ଷ ପର୍ଯ୍ୟନ୍ତ ପିତା ଭୋଗ ଯୋଗାଇବାର ଦାୟିତ୍ୱ ନେଲା। ଆଜିକାଲି ତରକାରୀରେ ମେଥି ପକେଇ ମହାପ୍ରଭୁଙ୍କ ରୋଷ ଘରେ ପ୍ରସ୍ତୁତ ପିତା ଭୋଗ ସମର୍ପଣ କରାଯାଉଛି।

ମୋ: ୯୯୦୦୦୮୩୪୩୩

ସକାଳ
THE SAKALA

ଯୋଗାଯୋଗ ଠିକଣା
NEWS & INFO
news@thesakala.com
CIRCULATION
circulation@thesakala.com
ADVERTISEMENT
advt@thesakala.com

THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

# ପୁଣି ରାସ୍ତାରେ ଦୌଡ଼ିବ ୨୦ ବର୍ଷ ପୁରୁଣା ଗାଡ଼ି

## ଦେବାକୁ ପଡିବ ମୋଟା ଅଙ୍କର ପଞ୍ଜୀକରଣ ଫି

ନୂଆଦିଲ୍ଲୀ,୨୬।୮(ଏଜେନ୍ସି): ଗାଡି ମାଲିକଙ୍କୁ ଆଶ୍ୱସ୍ତି! ଏଣିକି ୧୫ ବର୍ଷ ବଦଳରେ ୨୦ ବର୍ଷ ପାଇଁ ରାସ୍ତାରେ ଗଡ଼ିବ ଗାଡି। ହେଲେ ପୁରୁଣା ଗାଡ଼ିର ପଞ୍ଜିକରଣ ଲାଗି ଗାଡ଼ି ମାଲିକଙ୍କୁ ଦେବାକୁ ପଡିବ ମୋଟା ଅଙ୍କର ପଞ୍ଜୀକରଣ ଫି'। କାରଣ କେନ୍ଦ୍ର ସରକାର ୧୫ ବର୍ଷ ପୁରୁଣା ଯାନଗୁଡ଼ିକର ପଞ୍ଜୀକରଣକୁ ୨୦ ବର୍ଷ ପର୍ଯ୍ୟନ୍ତ ବୃଦ୍ଧି କରିବାକୁ ଅନୁମତି ଦେଇଛନ୍ତି। ଏଥିରେ ୨୦ ବର୍ଷ ପୁରୁଣା ଯାନର ପଞ୍ଜୀକରଣ ଲାଗି ଗାଡ଼ି ମାଲିକଙ୍କୁ ବର୍ଦ୍ଧିତ ନବୀକରଣ ଫି' ଦେବାକୁ ପଡିବ। ଏହି ନୂତନ ନିୟମ କେନ୍ଦ୍ରୀୟ ମୋଟର ଯାନ ନିୟମ (ତୃତୀୟ ସଂଶୋଧନ), ୨୦୨୫ ଅଧୀନରେ ଲାଗୁ କରାଯାଇଛି। ନୂଆ ନିୟମ ଅଗଷ୍ଟ ୨୦ରୁ ଲାଗୁ ହୋଇଛି। ଏହି ନିର୍ଦ୍ଦେଶନାମା ଦିଲ୍ଲୀ-ଏନସିଆର ବ୍ୟତୀତ ସମଗ୍ର ଦେଶରେ ଲାଗୁ ହେବ। କାରଣ ଦିଲ୍ଲୀ-ଏନସିଆରରେ ପୂର୍ବରୁ ୧୫ ବର୍ଷ ପୁରୁଣା ପେଟ୍ରୋଲ ଏବଂ ୧୦ ବର୍ଷ ପୁରୁଣା ଡିଜେଲ ଯାନ ଉପରେ ପ୍ରତିବନ୍ଧକ ଲଗାଯାଇଥିଲା। ଏହି ନବୀକରଣ ପ୍ରତି ୫ ବର୍ଷରେ କରିବାକୁ ପଡିବ ଏବଂ

**ପୂର୍ବରୁ ୧୫ ବର୍ଷ ପୁରୁଣା ଗାଡ଼ି ଚଳାଚଳ ଉପରେ ଲାଗିଥିଲା ରୋକ୍**

ଏଥିପାଇଁ ଏକ ସ୍ୱୀକୃତିପ୍ରାପ୍ତ ସ୍ୱୟଂଚାଳିତ ପରୀକ୍ଷଣ କେନ୍ଦ୍ର (ଏଟିଏସ୍) ରୁ ଫିଟନେସ୍ ପ୍ରମାଣପତ୍ର ହାସଲ କରିବା ବାଧ୍ୟତାମୂଳକ।

ଏହି ନୂଆ ନିୟମାନୁଯାୟୀ, ମୋଟରସାଇକେଲ ପଞ୍ଜୀକରଣ ନବୀକରଣ ପାଇଁ ୨୦୦୦ ଟଙ୍କା(ପୂର୍ବରୁ ୧୦୦୦ ଟଙ୍କା), ତିନି ଚକିଆ ଯାନ/କ୍ୱାଡ୍ରିସାଇକେଲ ପାଇଁ ୫୦୦୦ ଟଙ୍କା(ପୂର୍ବରୁ ୨୫୦୦ ଟଙ୍କା), ହାଲୁକା ମୋଟରଯାନ (କାରପରି ଏଲ୍ଏମ୍ଭି)୧୦,୦୦୦ ଟଙ୍କା (ପୂର୍ବରୁ ୫୦୦୦ ଟଙ୍କା),ଆମଦାନୀ ହୋଇଥିବା ଦୁଇ ଚକିଆ ଯାନ ୨୦,୦୦୦ ଟଙ୍କା, ଆମଦାନୀ ହୋଇଥିବା ଚାରି ଚକିଆ ଯାନ ୮୦,୦୦୦ ଟଙ୍କା ଏବଂ ଅନ୍ୟାନ୍ୟ ବର୍ଗର ଯାନ ପାଇଁ ୧୨,୦୦୦ ଟଙ୍କା ଦେବାକୁ ପଡିବ। ସେହିପରି ବାଣିଜ୍ୟିକ ଯାନ କ୍ଷେତ୍ରରେ ଟ୍ୟାକ୍ସି ୭୦୦୦ ଟଙ୍କା (ପୂର୍ବରୁ ୧୦୦୦ ଟଙ୍କା),ବସ୍/ଟ୍ରକ୍ ପଞ୍ଜୀକରଣ ପାଇଁ ୧୨,୫୦୦ ଟଙ୍କା (ପୂର୍ବରୁ ୧୫୦୦ ଟଙ୍କା) ପଡିବ। ଏହାଛଡା ପଞ୍ଜୀକରଣ ନବୀକରଣରେ ବିଳମ୍ବ ପାଇଁ ମଧ୍ୟ ବିଳମ୍ବିତ ଶୁଳ୍କ ଲାଗୁ ହେବ, ଯାହା ଘରୋଇ ଯାନ ପାଇଁ ପ୍ରତି ମାସରେ ୩୦୦ ଟଙ୍କା ଏବଂ ବାଣିଜ୍ୟିକ ଯାନ ପାଇଁ ପ୍ରତି ମାସରେ ୫୦୦ ଟଙ୍କା ଜରିମାନା ଲାଗୁ ହେବ।

# ରାସ୍ତା ଉପରେ ଦୁଇଘଣ୍ଟା ହାତୀପଲ



ଅନୁଗୋଳ, ୨୬।୮ (ସମିସ): ଅନୁଗୋଳ ବନଖଣ୍ଡର ଶାବଳଭଙ୍ଗା ଗ୍ରାମରେ ହାତୀ ଉପଦ୍ରବ ଦେଖିବାକୁ ମିଳିଛି। ଭୋର୍ ପ୍ରାୟ ୪ଟାରେ ୧୭ଘରିଆ ଏକ ହାତୀପଲ ଗାଁ ଶିବମନ୍ଦିର ନିକଟରେ ଥିବା କିଛି ବିଲରେ ଧାନ ତଳି ଖାଉଥିଲେ। ସକାଳ ହେବାରୁ ସେମାନେ ମନ୍ଦରଗିରି ଜଙ୍ଗଲକୁ ଫେରିବା ପାଇଁ ଅନୁଗୋଳ-ବନ୍ତଲା ରାସ୍ତା ପାର୍ ହୋଇଥିଲେ। କିନ୍ତୁ ରାସ୍ତାକଡ଼ରେ ଦିଆଯାଇଥିବା ସୋଲାର୍ ତାର କାରଣରୁ ସେମାନେ ଅପରପାର୍ଶ୍ୱକୁ ଯାଇ ପାରିନଥିଲା। ଫଳରେ ପ୍ରାୟ ଦୁଇ ଘଣ୍ଟା ଧରି ସେମାନେ ରାସ୍ତାପାର୍ଶ୍ୱରେ ଛିଡ଼ା ହୋଇ ରହିଥିଲେ। ଏଥିଯୋଗୁଁ ରାସ୍ତାରେ ଯାତାୟାତ ବାଧାପ୍ରାପ୍ତ ହୋଇଥିଲା। ଅପରପକ୍ଷେ, ହାତୀପଲଙ୍କୁ ଦେଖିବାକୁ ଶହଶହ ଲୋକଙ୍କ ଭିଡ଼ ଜମିଥିଲା।

କିଛି ଦିନ ହେଲା, ହାତୀପଲ ପାଚିଲା ତାଳ ଖାଇବା ଉଦ୍ଦେଶ୍ୟରେ ଜଙ୍ଗଲ ଛାଡ଼ି ଗାଁ ପାଖାପାଖି ଚାଲି ଆସିଛନ୍ତି। ତାଳ ଖାଇବା ସହ ଧାନ ଫସଲକୁ ମଧ୍ୟ ନଷ୍ଟ କରୁଛନ୍ତି। ଏକରଏକର ଜମିରେ ଧାନ ଫସଲ ଖାଇବା ସହ ଗୋଡ଼ରେ ଦଳି ନଷ୍ଟ କରି ଦେଉଛନ୍ତି। ହାତୀ ଉପଦ୍ରବ ବଢୁଥିବା କାରଣରୁ ହାତୀପଲଙ୍କୁ ଅଞ୍ଚଳରୁ ଘଉଡ଼ାଇବାକୁ ସ୍ଥାନୀୟ ଚାଷୀଙ୍କ ସମେତ ବିଭିନ୍ନ ସାମାଜିକ ଅନୁଷ୍ଠାନ ପକ୍ଷରୁ ବାରମ୍ବାର ବନବିଭାଗ ତଥା ଜିଲ୍ଲା ପ୍ରଶାସନକୁ ଅଭିଯୋଗ କରାଯାଉଥିଲେ ସୁଦ୍ଧା ପ୍ରଶାସନ ପକ୍ଷରୁ ଏଥିପ୍ରତି ଦୃଷ୍ଟି ଦେଉ ନଥିବା ସ୍ଥାନୀୟବାସୀ ଅଭିଯୋଗ ଆଣିଛନ୍ତି।

**ଏକର ଏକର ଫସଲ ନଷ୍ଟ କଲେ**

# ଆଜି ମିଳିବ ସିଏମ୍ କିଷାନ ଟଙ୍କା

ଭୁବନେଶ୍ୱର, ୨୬।୮(ସମିସ): ରାଜ୍ୟ ସରକାରଙ୍କ ସିଏମ୍-କିଷାନ ଯୋଜନାର କିସ୍ତି ଆସନ୍ତାକାଲି ମିଳିବ। 'ନୂଆଁଖାଇ'ର ଅବ୍ୟବହିତ ପୂର୍ବରୁ ଏହା ପ୍ରଦାନ କରାଯିବ। ପ୍ରତି ଚାଷୀଙ୍କ ବ୍ୟାଙ୍କଖାତାକୁ ସିଧାସଳଖ ୨ ହଜାର ଟଙ୍କା ଲେଖାଏଁ ପଠାଯିବ। ଏହାଦ୍ୱାରା ରାଜ୍ୟର ୫୨ଲକ୍ଷ କ୍ଷୁଦ୍ର ଓ ନାମମାତ୍ର ଚାଷୀ ଉପକୃତ ହେବେ। ଏହି ଯୋଜନାରେ ରାଜ୍ୟ ସରକାର ଦୁଇଟି କିସ୍ତିରେ ୪ ହଜାର ଟଙ୍କା ପ୍ରଦାନ କରୁଛନ୍ତି।

**ଉପକୃତ ହେବେ ୫୨ ଲକ୍ଷ ଚାଷୀ**

ସୂଚନାଯୋଗ୍ୟ, ଗତ ବର୍ଷ 'ନୂଆଁଖାଇ' ଅବସରରେ ରାଜ୍ୟ ସରକାର ସିଏମ୍-କିଷାନ ଯୋଜନାର ପ୍ରଥମ କିସ୍ତି ପ୍ରଦାନ କରିଥିଲେ। ପରବର୍ତ୍ତୀ ପର୍ଯ୍ୟାୟରେ ଦ୍ୱିତୀୟ କିସ୍ତି ଦିଆଯାଇଥିଲା। ଏବେ ପୁଣି ଚଳିତବର୍ଷର ପ୍ରଥମ କିସ୍ତି ଦିଆଯିବା ନେଇ ଆଜି କୃଷିମନ୍ତ୍ରୀ ତଥା ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ସବୁ ଜିଲ୍ଲାପାଳଙ୍କ ସହ ଆଲୋଚନା କରିଛନ୍ତି।

# ସବୁ ପୁରାତନ ମନ୍ଦିରର ହେବ ଜିଓ ଟ୍ୟାଗିଙ୍ଗ୍

ଭୁବନେଶ୍ୱର,୨୬।୮(ସମିସ): ଲୋକଲୋଚନ ଆଢୁଆଳରେ ରହିଥିବା ଓଡ଼ିଶାର ଐତିହ୍ୟ କୀର୍ତ୍ତିରାଜିକୁ ଖୋଜି ବାହାର କରିବା ସହ ସେସବୁର ଡାଟାବେସ୍ ପ୍ରସ୍ତୁତ କରାଯିବ। ସଂରକ୍ଷଣ, ସୌନ୍ଦର୍ଯ୍ୟକରଣ ଉପରେ ମଧ୍ୟ ଗୁରୁତ୍ୱ ଦିଆଯିବା ସାଙ୍ଗକୁ ପୁରାତନ ଐତିହ୍ୟ ଓ କିର୍ତ୍ତୀକରାଜିକୁ ପର୍ଯ୍ୟଟନ ସ୍ଥଳୀ ଭାବେ ପରିଚିତ କରାଯିବ। ମଙ୍ଗଳବାର ଲୋକସେବା ଭବନରେ ଅନୁଷ୍ଠିତ ଉଚ୍ଚସ୍ତରୀୟ ବୈଠକରେ ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡ଼ା କହିଛନ୍ତି ଯେ, ଓଡ଼ିଶାର ଐତିହ୍ୟ ବହୁ ପୁରୁଣା। ଐର ଖାରବେଳଙ୍କ ସମୟ, ବୌଦ୍ଧ କୀର୍ତ୍ତିରାଜି, ଖଣ୍ଡଗିରି ଓ ଉଦୟଗିରି ଏବଂ ପାଇକ ବିଦ୍ରୋହ ସମୟର ପ୍ରାୟ ୩ ହଜାରରୁ ଅଧିକ ଐତିହ୍ୟସ୍ଥଳ ଲୁକ୍କାୟିତ ହୋଇ ପଡ଼ିରହିଛି। ଏଥିରୁ ୮୨ଟି କୀର୍ତ୍ତିରାଜିକୁ ଭାରତୀୟ ପ୍ରନିତତ୍ତ୍ୱିକ ସଂସ୍ଥା ରକ୍ଷଣାବେକ୍ଷଣ କରୁଥିବାବେଳେ ୨୧୨ଟି ରାଜ୍ୟ ପ୍ରନିତାତ୍ତ୍ୱିକ ସଂସ୍ଥା ହାତରେ ରହିଛି। ତେବେ ବାକି ଥିବା ଐତିହ୍ୟ ସ୍ଥଳର ଉପଯୁକ୍ତ ରକ୍ଷଣାବେକ୍ଷଣ ପାଇଁ ପର୍ଯ୍ୟଟନ, ସଂସ୍କୃତି ଓ ପୂର୍ତ୍ତ ବିଭାଗ ସମନ୍ୱୟରେ ଏକ ଟାସ୍କଫୋର୍ସ ଗଠନର ଆବଶ୍ୟକତା ଉପରେ ଗୁରୁତ୍ୱ ଦେଇଥିଲେ।

ସେହିପରି ଓଡ଼ିଶାର କୋଣ ଅନୁକୋଣରେ ଥିବା ଐତିହ୍ୟ ଓ ପୁରାତନ କୀର୍ତ୍ତିରାଜିର ସୁରକ୍ଷା, ପାରିପାର୍ଶ୍ୱିକ ବିକାଶ ଓ ଭଲ ସଡ଼କ ଯୋଗାଯୋଗ ବ୍ୟବସ୍ଥା, ଲୋକଲୋଚନ ଆଢୁଆଳରେ ଥିବା ଐତିହ୍ୟସ୍ଥଳୀକୁ ବିଶ୍ୱର ସବୁ ସ୍ଥାନରୁ ପର୍ଯ୍ୟଟକଙ୍କ ଆଗମନ ପାଇଁ ସୁଗମ ବ୍ୟବସ୍ଥା ଉପରେ ଗୁରୁତ୍ୱ ଦେଇଥିଲେ। ପୁରାତନ ମନ୍ଦିରର ଜିଓ ଟ୍ୟାଗିଂ କରାଯିବା ସହ ଜଗନ୍ନାଥ ସଂସ୍କୃତି ସହ ଜଡ଼ିତ ବିଭିନ୍ନ କ୍ଷେତ୍ରର ଉନ୍ନତିକରଣ, ରାଜ୍ୟରେ ଥିବା ସବୁ ଶକ୍ତିପୀଠକୁ ଯୋଡ଼ି ଏକ କରିଡର ନିର୍ମାଣ କରିବାକୁ ପୁରାତନ ଐତିହ୍ୟ ସ୍ଥଳୀଗୁଡ଼ିକର ପ୍ରୋଫାଇଲ୍ ପ୍ରସ୍ତୁତି ଉପରେ ଗୁରୁତ୍ୱ ଦିଆଯାଇଛି। ସେହିପରି ପ୍ରାଥମିକ ପର୍ଯ୍ୟାୟରେ ପର୍ଯ୍ୟଟନ ଦୃଷ୍ଟିରୁ ଗୁରୁତ୍ୱ ବହନ କରୁଥିବା ରାଜ୍ୟର ୭୫ଟି ଐତିହ୍ୟ ସ୍ମାରକର ସୁରକ୍ଷା ପାଇଁ ପଦକ୍ଷେପ ନିଆଯିବା ଉପରେ ଆଲୋଚନା ହୋଇଛି। ବୈଠକରେ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ,ସଂସ୍କୃତ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ବିଭାଗର ସଚିବ ଡ. ବିଜୟ କେତନ ଉପାଧ୍ୟାୟ, ସ୍ୱତନ୍ତ୍ର ଶାସନ ସଚିବ ଦେବ ପ୍ରସାଦ ଦାସ, ପର୍ଯ୍ୟଟନ ବିଭାଗ କମିଶନର ବଲବନ୍ତ ସିଂ, ପୂର୍ତ୍ତ ବିଭାଗ ଉପଦେଷ୍ଟା ଜେ.କେ. ଦାସଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ।

- ବିଶ୍ୱସ୍ତରୀୟ ହେବ ଖାରବେଳ ସମୟର କୀର୍ତ୍ତିରାଜି
- ଜଗନ୍ନାଥ ସଂସ୍କୃତି ଓ ବୌଦ୍ଧ କୀର୍ତ୍ତିରାଜିକୁ ପ୍ରାଥମିକତା

# ରାଜସ୍ୱ ଅମଲାଙ୍କ ଆନ୍ଦୋଳନ ସ୍ଥଗିତ

ଭୁବନେଶ୍ୱର,୨୬।୮(ସମିସ): ସରକାରଙ୍କ ପ୍ରତିଶ୍ରୁତି, ବନ୍ୟା ଓ ପାର୍ବଣକୁକୁ ଦୃଷ୍ଟିରେ ରଖି ଆନ୍ଦୋଳନ ସ୍ଥଗିତ ରଖିଛି ରାଜସ୍ୱ ଅମଲା ସଂଘ। ଫଳରେ ଦୀର୍ଘ ୧୫ ଦିନି ଆନ୍ଦୋଳନ ପରେ ପ୍ରଶାସନିକ ଅଚଳାବସ୍ଥା ସ୍ୱାଭାବିକ ହୋଇଛି। ସଂଘ ସଭାପତି କହିଛନ୍ତି, ବନ୍ୟା ସ୍ଥିତିରେ ଯେମିତି ଲୋକ ଅସୁବିଧାର ସମ୍ମୁଖୀନ ନହେବେ ତେଣୁ ସରକାରଙ୍କ ସହ ଆଲୋଚନା ପରେ ଏଭଳି ନିଷ୍ପତ୍ତି ନେଇଛୁ। ସରକାର ଆମର କିଛି ଦାବି ମାନିବେ ବୋଲି ପ୍ରତିଶ୍ରୁତି ଦେଇଥିବା ସେ କହିଛନ୍ତି। ଏଠାରେ ଉଲ୍ଲେଖଯୋଗ୍ୟ ଯେ ଦୀର୍ଘ ୧୫ ଦିନ ହେଲେ ରାଜସ୍ୱ ଅମଲା କର୍ମଚାରୀ ଆନ୍ଦୋଳନରେ ବସିଥିଲେ। ଫଳ ସ୍ୱରୂପ ରାଜସ୍ୱ କାର୍ଯ୍ୟାଳୟରେ କାମ ଠପ୍ ହୋଇ ରହିଥିଲା। ରାଜସ୍ୱ କାର୍ଯ୍ୟାଳୟରେ ଅଚଳାବସ୍ଥା ଜାରି ରହିଥିଲା। ବାରମ୍ବାର ଅନୁରୋଧ ଓ ସରକାରଙ୍କ ନାଲିଆଖି ପରେ ମଧ୍ୟ ସେମାନେ ଆନ୍ଦୋଳନ ଜାରି ରଖିଥିଲେ। ମାତ୍ର ସୋମବାର ପୁଣି ଥରେ ରାଜସ୍ୱ ବିଭାଗ ପକ୍ଷରୁ ସବୁ ଜିଲ୍ଲାପାଳଙ୍କୁ ଚିଠି ଲେଖି ଛୁଟିରେ ଥିବା କର୍ମଚାରୀଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ପାଇଁ ନିର୍ଦ୍ଦେଶ ଦେଇଥିଲେ। ଯାହା ପରେ ରାଜସ୍ୱ କର୍ମଚାରୀମାନେ ଆନ୍ଦୋଳନକୁ ସ୍ଥଗିତ ରଖିବାକୁ ବାଧ ହୋଇଥିବା କୁହାଯାଉଛି।

# ବରିଷ୍ଠ ଓଏଏସ ଅଫିସରସ୍ତରରେ ଅଦଳବଦଳ

ଭୁବନେଶ୍ୱର,୨୬।୮(ସମିସ): ରାଜ୍ୟ ସରକାର ବରିଷ୍ଠ ଓଏଏସ ଅଫିସର ସ୍ତରରେ ଅଦଳବଦଳ କରିଛନ୍ତି। ଏନେଇ ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ମଙ୍ଗଳବାର ଏକ ବିଜ୍ଞପ୍ତି ଜାରି କରାଯାଇଛି। ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗର ନିର୍ଦ୍ଦେଶକ ତଥା ଅତିରିକ୍ତ ସ୍ୱତନ୍ତ୍ର ସଚିବ ଭାବେ କାର୍ଯ୍ୟରତ ବରିଷ୍ଠ ଓଏଏସ ଅଫିସର ଗଙ୍ଗାଧର ନାୟକଙ୍କୁ ଓଡ଼ିଶା ନଗର ଗୃହ ନିର୍ମାଣ ବୋର୍ଡ (ଓୟୁଏଚବି)ର ପରିଚାଳନା ନିର୍ଦ୍ଦେଶକ ଏବଂ ଓଡ଼ିଶା ଗ୍ରାମୀଣ ଗୃହ ଓ ଉନ୍ନୟନ ନିଗମ (ଓଆରଏଚଡିସି)ର ପରିଚାଳନା ନିର୍ଦ୍ଦେଶକ ସହ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗର ସ୍ୱତନ୍ତ୍ର ସଚିବ ଭାବେ ନିଯୁକ୍ତ କରାଯାଇଛି। ସେହିଭଳି ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗର ଅତିରିକ୍ତ ସଚିବ ଭାବେ ଦାୟିତ୍ୱ ତୁଲାଉଥିବା ଓଏଏସ ଅଫିସର ଶୁଭାନନ୍ଦ ମହାପାତ୍ରଙ୍କୁ ବଦଳି କରାଯାଇ ଗୃହ ନିର୍ମାଣ ନିର୍ଦ୍ଦେଶକ ସହ ଅତିରିକ୍ତ ସଚିବ ଭାବେ ଦାୟିତ୍ୱ ଦିଆଯାଇଛି। ଓଡ଼ିଶା ଅଧସ୍ତନ କର୍ମଚାରୀ ଚୟନ କମିଶନ(ଓଏସଏସସି)ର ଅତିରିକ୍ତ ସଚିବ ରଜନୀ କାନ୍ତ ସ୍ୱାଇଁ ଓଏସଏସସି ସଚିବ ଭାବେ ନିଯୁକ୍ତ ହୋଇଛନ୍ତି।

ସୂଚନା ଓ ଜନସମ୍ପର୍କ ବିଭାଗର ଅତିରିକ୍ତ ସଚିବ ବିଷ୍ଣୁପ୍ରିୟା ସାହୁ ସମବାୟ ବିଭାଗରେ ଅତିରିକ୍ତ ସଚିବ ଭାବେ ବଦଳି ହୋଇଛନ୍ତି। ଯାଜପୁର ପୂର୍ବତନ ଜିଲ୍ଲା ପରିଷଦର ମୁଖ୍ୟ ନିର୍ବାହୀ ଅଧିକାରୀ ଅଶୋକ କୁମାର ବେହୁରିଆଙ୍କୁ ସୂଚନା ଓ ଜନସମ୍ପର୍କ ବିଭାଗର ଅତିରିକ୍ତ ସଚିବ ଭାବେ ନିଯୁକ୍ତି ମିଳିଛି। ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ମୁକାବିଲା ପ୍ରାଧିକରଣର ସିଜିଏମ ଗାୟତ୍ରୀ ଦତ୍ତ ନାୟକଙ୍କୁ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗରେ ଯୁଗ୍ମ ସଚିବ ଭାବେ ବଦଳି କରାଯାଇଛି। ମାଲକାନଗିରି ପୂର୍ବତନ ଉପଜିଲ୍ଲାପାଳ ଦୁର୍ଯ୍ୟୋଧନ ଭୋଇଙ୍କୁ କଳାହାଣ୍ଡି ଜିଲ୍ଲା ପରିଷଦର ଅତିରିକ୍ତ ନିର୍ବାହୀ ଅଧିକାରୀ ଭାବେ ଦାୟିତ୍ୱ ଦିଆଯାଇଛି। ଓଡ଼ିଶା ଟାଉନ ପ୍ଲାନିଂ ନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟରେ ଓଏସଡି ଭାବେ କାର୍ଯ୍ୟରତ ଓଏଏସ ଅଫିସର ଚନ୍ଦ୍ରକାନ୍ତ ମଲ୍ଲିକ ଓଡ଼ିଶା କମ୍ପ୍ୟୁଟର ଆପ୍ଲିକେସନ ସେଣ୍ଟର (ଓକାକ)ରେ ବୈଦେଶିକ ସେବା ସର୍ତ୍ତାବଳୀରେ ଓଏସଡି ଭାବେ ବଦଳି ହୋଇଛନ୍ତି। ଓବିସି ସେଲର ଉପନିର୍ଦ୍ଦେଶକ ସରୋଜ କୁମାର ପଣ୍ଡାଙ୍କୁ ଜଳସମ୍ପଦ ବିଭାଗରେ ନୟାଗଡ଼ ଜିଲ୍ଲାର ବୃତଙ୍ଗ ଜଳସେଚନ ପ୍ରକଳ୍ପରେ ନିଯୁକ୍ତ କରାଯାଇଛି।

# ଏଆଇସିସି ଏସ୍‌ସି ପରାମର୍ଶଦାତା ପରିଷଦରେ ଭକ୍ତ

ଭୁବନେଶ୍ୱର,୨୬।୮(ସମିସ): ଅଖିଳ ଭାରତ କଂଗ୍ରେସ କମିଟି ପକ୍ଷରୁ ଅନୁସୂଚିତ ଜାତି (ଏସ୍‌ସି) ବିଭାଗର ପରାମର୍ଶଦାତା ପରିଷଦ ଗଠନ ହୋଇଛି। ଏହି କମିଟିରେ ପିସିସି ସଭାପତି ଭକ୍ତଚରଣ ଦାସ ସଦସ୍ୟ ଭାବେ ସ୍ଥାନ ପାଇଛନ୍ତି। ଏଆଇସିସି ପକ୍ଷରୁ ଗଠିତ ଏହି ପରିଷଦରେ ୪୧ ଜଣ ବରିଷ୍ଠ କଂଗ୍ରେସ ନେତାଙ୍କୁ ସ୍ଥାନ ଦିଆଯାଇଥିବା ବେଳେ ଓଡ଼ିଶାରୁ ଭକ୍ତଙ୍କୁ ସ୍ଥାନ ମିଳିଛି। ଏହି ନିଯୁକ୍ତି ପରେ କଂଗ୍ରେସ ସଭାପତି ମଲ୍ଲିକାର୍ଜୁନ ଖଡ଼ଗେ, ବିରୋଧୀ ଦଳର ନେତା ରାହୁଲ ଗାନ୍ଧୀ ଏଆଇସିସି ସାଧାରଣ ସମ୍ପାଦକ (ସଙ୍ଗଠନ) କେସି ଭେନୁଗୋପାଳଙ୍କୁ ଭକ୍ତ ଧନ୍ୟବାଦ ଜଣାଇଛନ୍ତି।

# ନିହାର ମହାନ୍ତିଙ୍କ ଜାମିନ ଖାରଜ

କଟକ, ୨୬।୮(ସମିସ): ଓଟିଇଟି ପ୍ରଶ୍ନପତ୍ର ଲିକ୍ ଘଟଣାରେ କ୍ରାଇମବ୍ରାଞ୍ଚ ଦ୍ୱାରା ଗିରଫ ହୋଇଥିବା ମାଧ୍ୟମିକ ଶିକ୍ଷା ପରିଷଦ(ବୋର୍ଡ)ର ପ୍ରାକ୍ତନ ଉପ ସଭାପତି ଡ. ନିହାର ରଂଜନ ମହାନ୍ତି ଓ ଅନ୍ୟ ଜଣେ ଅଭିଯୁକ୍ତ ଅଜୟ ସାହୁଙ୍କ ଜାମିନ ଆବେଦନ ଆଜି ଖାରଜ ହୋଇଯାଇଛି। କଟକ ତୃତୀୟ ଅତିରିକ୍ତ ଦୌରା ଅଦାଲତ ଦୁଇ ଅଭିଯୁକ୍ତଙ୍କ ନିୟମିତ ଜାମିନ ଆବେଦନର ଶୁଣାଣି କରିବା ସହ ଏହାକୁ ଖାରଜ କରିଛନ୍ତି।

## ଅବଶିଷ୍ଟାଂଶ

### ଆଜିଠୁ ୫୦%...

ଭାରତୀୟ ସାମଗ୍ରୀ ଉପରେ ୫୦% ଶୁଳ୍କ ଲାଗୁ ହେବା ପରେ ଏହାର ଚାହିଦା ହ୍ରାସ ପାଇବାର ଆଶଙ୍କା ରହିଛି। ଏହାଦ୍ୱାରା ଏହି ସାମଗ୍ରୀ ସହ ସଂପୃକ୍ତ ଶିଳ୍ପ ଗୁରୁତର ଭାବେ ପ୍ରଭାବିତ ହେବ। ଶୁଳ୍କ ପ୍ରଭାବରେ ଦେଶରେ ଶିଳ୍ପପତିମାନେ ଉତ୍ପାଦନ ହ୍ରାସ କରିବାକୁ ବାଧ୍ୟ ହେବେ ଓ ପରିଣତିସ୍ୱରୂପ ଦେଶରେ ଲୋକଙ୍କ ଆୟ କମିବା ସହ ଚାକିରି ଉଭେଇଯିବ ବୋଲି ବଜାର ବିଶେଷଜ୍ଞମାନେ ଆକଳନ କରୁଛନ୍ତି। ଭାରତୀୟ ଅର୍ଥନୀତି ଓ ମୋଟ ଘରୋଇ ଉତ୍ପାଦ ମଧ୍ୟ ହ୍ରାସ ପାଇବ ବୋଲି ଅର୍ଥନୀତିଜ୍ଞମାନେ ଆକଳନ କରିଛନ୍ତି। ଟାରିଫ୍ ପୂର୍ବରୁ ଏହାର ସିଧାସଳଖ ପ୍ରଭାବ ଭାରତୀୟ ସେୟାର ବଜାରରେ ଆଜି ଅନୁଭୂତ ହୋଇଛି। ଆଜି ଷ୍ଟକ୍ ଏକ୍ସଚେଞ୍ଜରେ ସେନସେକ୍ସ ୮୦୦ ପଏଣ୍ଟ ତଳକୁ ଖସିବା ହେଉଛି ଏହାର ଉଦାହରଣ।

ଟ୍ରମ୍ପ ପ୍ରଶାସନର ୫୦% ଶୁଳ୍କ ଯୋଗୁଁ ଭାରତର ୮୭ ବିଲିୟନ ଡଲାରର ରପ୍ତାନି ପ୍ରଭାବିତ ହେବାର ଆଶଙ୍କା ରହିଛି। ଭାରତ ପ୍ରତିବର୍ଷ ଆମେରିକାକୁ ପ୍ରାୟ ୮୦ ବିଲିୟନ ଡଲାର ସାମଗ୍ରୀ ରପ୍ତାନି କରିଥାଏ, ଯାହା ମୋଟ ରପ୍ତାନିର ୧୮ ପ୍ରତିଶତ ଏବଂ ଜିଡିପିର ପ୍ରାୟ ୨.୫ ପ୍ରତିଶତ। ୫୦% ଶୁଳ୍କ ରପ୍ତାନିକୁ ୫୦ ପ୍ରତିଶତ ପର୍ଯ୍ୟନ୍ତ ହ୍ରାସ କରିବାର ସମ୍ଭାବନା ଥିବାରୁ ଜିଡିପି ମଧ୍ୟ ୦.୪% ପ୍ରତିଶତ ହ୍ରାସ ପାଇବାର ଆଶଙ୍କା ରହିଛି। ସେହିପରି ଏବେ ଫାର୍ମା କ୍ଷେତ୍ରରେ ଆମେରିକା ୨୫୦% ଶୁଳ୍କ ଲାଗୁ ଧମକ ଦେଇଥିବାରୁ ଏହାକୁ ନେଇ ଭାରତୀୟ ଫାର୍ମା କମ୍ପାନୀଗୁଡ଼ିକ ବେଶ୍ ଚିନ୍ତିତ। ଯଦି ଆମେରିକା ସହିତ କୌଣସି ବାଣିଜ୍ୟ ଚୁକ୍ତି ନ ହୁଏ ବା ଶୁଳ୍କ ହ୍ରାସ କରା ନ ଯାଏ, ତେବେ ଏହା ଦେଶର ୪୮.୨ ବିଲିୟନ ଡଲାର ମୂଲ୍ୟର ରପ୍ତାନି ଉପରେ ସିଧାସଳଖ ପ୍ରଭାବ ପଡ଼ିବ।

ଭାରତରୁ ଆମେରିକାକୁ ଅଧିକାଂଶ ଅଳଙ୍କାର, ପୋଷାକ, ଯନ୍ତ୍ରପାତି ଏବଂ ରାସାୟନିକ ପଦାର୍ଥ ରପ୍ତାନି କରାଯାଏ। ୫୦% ଶୁଳ୍କ ଆମେରିକାରେ ଏହି ଜିନିଷଗୁଡ଼ିକୁ ମହଙ୍ଗା କରିବ। ଯାହା ଫଳରେ ସେଠାରୁ ଅର୍ଡର ହ୍ରାସ ପାଇବ। କମ୍ ଅର୍ଡର ଯୋଗୁଁ କମ୍ପାନୀଗୁଡ଼ିକୁ ସେମାନଙ୍କର ଉତ୍ପାଦନ ହ୍ରାସ କରିବାକୁ ପଡିବ, ଯାହା ଦ୍ୱାରା କର୍ମଚାରୀ ଛଟେଇ ହୋଇପାରନ୍ତି। ତେଣୁ ଏହି କ୍ଷେତ୍ରଗୁଡ଼ିକରେ ଲୋକେ ଚାକିରି ହରାଇବାର ଆଶଙ୍କା ରହିଛି। ଏହାବାଦ୍ ୫୦% ଶୁଳ୍କ ଆମେରିକାକୁ ରପ୍ତାନି ହ୍ରାସ କରିବ। ଏହାଦ୍ୱାରା ଭାରତର ଜିଡିପି ଅଭିବୃଦ୍ଧି ୦.୨% ରୁ ୦.୬% ହ୍ରାସ ପାଇବ ଏବଂ ସରକାରଙ୍କୁ ନିଜର ବାଣିଜ୍ୟ ନୀତିରେ ପରିବର୍ତ୍ତନ କରିବାକୁ ପଡ଼ିବ। ଆମେରିକା ଉପରେ ନିର୍ଭରଶୀଳତା ହ୍ରାସ କରିବା ପାଇଁ ସରକାରଙ୍କୁ ୟୁରୋପ, ରୁଷ କିମ୍ବା ଅନ୍ୟ ଦେଶରେ ବାଣିଜ୍ୟ ବୃଦ୍ଧି କରିବାକୁ ପଡିବ। ତେବେ ଭାରତ ଉପରେ ଶୁଳ୍କ ବୃଦ୍ଧି ଯୋଗୁଁ ଆମେରିକାର ବଜାରରେ ଚୀନ, ବାଂଲାଦେଶ, ପାକିସ୍ତାନ ଓ ଭିଏତନାମ ଲାଭବାନ ହେବେ ବୋଲି କୁହାଯାଉଛି। କାରଣ କମ୍ ଶୁଳ୍କ ଯୋଗୁଁ ଏହି ଦେଶର ସାମଗ୍ରୀ ଆମେରିକା ବଜାରରେ ଶସ୍ତାରେ ମିଳିବ।

### ରାଜ୍ୟରେ ଆରମ୍ଭ...

ସରକାର' ଢ଼ାଞ୍ଚାରେ ରାଜ୍ୟ ସରକାର ଆରମ୍ଭ କରିଛନ୍ତି 'ଆମ ଶାସନ' କାର୍ଯ୍ୟକ୍ରମ। ମଙ୍ଗଳବାର ଲୋକସେବା ଭବନରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସରକାରୀ ଯୋଜନା ଓ କାର୍ଯ୍ୟକ୍ରମର ସଫଳ ରୂପାୟନ ପାଇଁ ଆରମ୍ଭ କରିଛନ୍ତି 'ଆମ ଶାସନ'। ଏହି ବ୍ୟବସ୍ଥାରେ ଲୋକମାନେ ଉଭୟ ଅନ୍‌ଲାଇନ ଓ ଅଫଲାଇନ୍ ମାଧ୍ୟମରେ ସେମାନଙ୍କର ମତାମତ ବା ପରାମର୍ଶ ସରକାରଙ୍କୁ ଦେଇପାରିବେ। ରାଜ୍ୟ ସରକାରଙ୍କ ୱେବସାଇଟ୍ ଚାଟ୍‌ବଟ୍, ହ୍ୱାଟ୍ସଆପ୍ ଚାଟ୍‌ବଟ୍ +୯୧-୭୪୦୦୨୨୧୯୦୩, ଟୋଲ୍ ଫ୍ରି ନମ୍ବର ୧୪୪୭୧ ଜରିଆରେ ନିଜ ଅଭିଯୋଗ ଓ ପରାମର୍ଶ ଦିଆଯାଇ ପାରିବ। ଏହାସହିତ ମୁଖ୍ୟମନ୍ତ୍ରୀ, ମନ୍ତ୍ରୀ ଏବଂ ଉଚ୍ଚ ପ୍ରଶାସନିକ ଅଧିକାରୀମାନେ ମଧ୍ୟ ଟେଲିଫୋନ୍ ଜରିଆରେ ମତାମତ ଗ୍ରହଣ କରିବେ।

କାର୍ଯ୍ୟକ୍ରମକୁ ଶୁଭାରମ୍ଭ କରି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ସୁଶାସନର କେନ୍ଦ୍ରବିନ୍ଦୁ ହେଉଛନ୍ତି ନାଗରିକ। ତେଣୁ ସମସ୍ତ ସରକାରୀ କାର୍ଯ୍ୟକ୍ରମ, ଯୋଜନା, ସର୍ବୋପରି ସରକାରୀ ସେବା ବ୍ୟବସ୍ଥାକୁ ନାଗରିକ କୈନ୍ଦ୍ରିକ କରାଯାଇଛି। ଜନସାଧାରଣଙ୍କ ମତାମତ ବିନା କୌଣସି ଯୋଜନା ସଫଳ ହୋଇ ପାରିବ ନାହିଁ। 'ଆମ ଶାସନ' ସରକାର ଓ ପ୍ରଶାସନରେ ସ୍ୱଚ୍ଛତା, ପାରଦର୍ଶିତା, ଦାୟିତ୍ୱବୋଧତା ଓ ଉତ୍ତରଦାୟିତ୍ୱତା ଆଣିବ। ସେହିପରି ସରକାର ଓ ଲୋକଙ୍କ ମଧ୍ୟରେ ଥିବା ଦୂରତା ହ୍ରାସ ପାଇବ। ଲୋକଙ୍କ ମତାମତକୁ ସମ୍ମାନ ଜଣାଇ ବିଧିବ୍ୟବସ୍ଥାରେ ଆବଶ୍ୟକୀୟ ପରିବର୍ତ୍ତନ କରାଯିବ। ସୂଚନା ଯୋଗ୍ୟ ଯେ ବର୍ତ୍ତମାନ ଅନଲାଇନ ଜରିଆରେ ସରକାର ୩୨ଟି ବିଭାଗର ୪୨୮ ଟି ସେବା ଯୋଗାଇ ଦେଉଛନ୍ତି। ଆମ ଶାସନ କାର୍ଯ୍ୟକ୍ରମରେ ପ୍ରଥମ ପର୍ଯ୍ୟାୟରେ ୮ଟି ବିଭାଗର ୧୩ଟି ସେବା ପାଇଁ ଫିଡ୍‌ବ୍ୟାକ୍ ବ୍ୟବସ୍ଥା ଆରମ୍ଭ କରାଯାଇଛି। ଏଗୁଡିକ ହେଲା ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗର ଅନ୍ତ୍ୟୋଦୟ ଗୃହ ଯୋଜନା, ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗର ମଧୁବାବୁ ପେନ୍‌ସନ ଯୋଜନା, ମହିଳା ଓ ଶିଶୁ ବିକାଶ ବିଭାଗର ସୁଭଦ୍ରା ଯୋଜନା, ଅନୁସୂଚିତ ଜନଜାତି ଓ ଜାତି ବିଭାଗର ସହିଦ ମାଧୋ ସିଂ ହାତଖର୍ଚ୍ଚ ଯୋଜନା, କୃଷି ଓ କୃଷକ ସଶକ୍ତିକରଣ ବିଭାଗର ଶ୍ରୀଅନ୍ନ ଓ ସିଏମ୍ କିଷାନ ଯୋଜନା, ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗର ଧାନ ସଂଗ୍ରହ କାର୍ଯ୍ୟକ୍ରମ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ଇନ୍ ପେସେଣ୍ଟ ଓ ଆଉଟ୍ ପେସେଣ୍ଟ ସେବା ଓ ଆୟୁଷ୍ମାନ ବୟୋବନ୍ଦନା ଯୋଜନା ଏବଂ ଗୃହ ବିଭାଗର ରଓଜ, ଅଗ୍ନି ନିରାପତ୍ତା ସାର୍ଟିଫିକେଟ୍ ପ୍ରଦାନ ଓ ପିଟିସନ।

ଆଜି କାର୍ଯ୍ୟକ୍ରମ ଆରମ୍ଭ ପରେ ବିଭିନ୍ନ ଜିଲ୍ଲାର କିଛି ହିତାଧିକାରୀଙ୍କ ସହ ମୁଖ୍ୟମନ୍ତ୍ରୀ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମରେ ଉପ ମୁଖ୍ୟମନ୍ତ୍ରୀ କେ.ଭି ସିଂହଦେଓ, ଇଲୋକ୍ଟ୍ରୋନିକ୍ସ ଓ ଆଇ.ଟି ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ, ଶିଳ୍ପ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ, ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି ବିଦ୍ୟା ବିଭାଗ ପ୍ରମୁଖ ଶାସନ ସଚିବ ବିଶାଲ ଦେବ, ସ୍ୱାସ୍ଥ୍ୟ ବିଭାଗ ସଚିବ ଅଶ୍ୱତୀ ଏସ୍. ପ୍ରମୁଖ ଉପସ୍ଥିତ ଥିଲେ।

# ଚମ୍ପା ରାସପେଦାଙ୍କୁ ମୁଖ୍ୟମନ୍ତ୍ରୀଙ୍କ ସମ୍ବର୍ଦ୍ଧନା

ଭୁବନେଶ୍ୱର, ୨୬।୮(ସମିସ): ବିଶେଷ ଅନୁନ୍ନତ ଜନଜାତି ସମୁଦାୟ (ପିଭିଟିଜି) ଶ୍ରେଣୀଭୁକ୍ତ ଦିଦାୟୀ ଜନଜାତିର ପ୍ରଥମ ଝିଅ ଭାବେ ଡାକ୍ତରୀ ପଢ଼ିବା ପାଇଁ ମନୋନୀତ ଥିବା ଚମ୍ପା ରାସପେଦାଙ୍କୁ ଆଜି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସମ୍ବର୍ଦ୍ଧିତ କରିଛନ୍ତି। ତାଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିବା ସହ ଉପହାର ଭାବେ ଏକ ଲାପଟପ୍ ଦେଇଛନ୍ତି। ଏହାସହ ଭଲ ପାଠ ପଢ଼ି ଜଣେ ଉତ୍ତମ ଡାକ୍ତର ଭାବେ ଲୋକଙ୍କ ସେବା କରିବାକୁ ପ୍ରୋତ୍ସାହିତ କରିଛନ୍ତି। ଅପରପକ୍ଷେ, ମୁଖ୍ୟମନ୍ତ୍ରୀଙ୍କ ପ୍ରେରଣା ଓ ପରାମର୍ଶ ପାଠ ପଢ଼ିବାକୁ ସର୍ବଦା ପ୍ରୋତ୍ସାହିତ କରିବ ବୋଲି ନିଜ ପ୍ରତିକ୍ରିୟାରେ ଚମ୍ପା କହିଛନ୍ତି।



ସୂଚନାଯୋଗ୍ୟ, ମାଲକାନଗିରି ଜିଲ୍ଲା କୋରୁକୋଣ୍ଡା ବ୍ଲକ୍‌ର ଆମ୍ଲିବେଡ଼ା ଗ୍ରାମର ଚମ୍ପା ପ୍ରଥମ ଦିଦାୟୀ ସମ୍ପ୍ରଦାୟର ପ୍ରଥମ ଡାକ୍ତରୀ ଛାତ୍ରୀ ଭାବେ ବାଲେଶ୍ୱରସ୍ଥିତ ଫକୀରମୋହନ ମେଡିକାଲ କଲେଜ ଏବଂ ହସ୍ପିଟାଲରେ ପାଠପଢ଼ିବେ। ତାଙ୍କ ବାପା ଲଚମୁ ରାସପେଦା ଚାଷକାର୍ଯ୍ୟ କରୁଥିବାବେଳେ ମା' ଗୃହିଣୀ। ଏକସାଧାରଣ ଆଦିବାସୀ ଚାଷୀ ପରିବାରରୁ ଆସୁଥିବା ଚମ୍ପା ଦୃଢ଼ ନିଷ୍ଠା ବଳରେ ସଫଳତା ପାଇଛନ୍ତି। ସେ ଖଇରପୁଟ ବ୍ଲକ୍ ନନ୍ଦିନୀଗୁଡ଼ାସ୍ଥିତ ପିଭିଟିଜି ବାଳିକା ଶିକ୍ଷା ବିଦ୍ୟାଳୟରୁ ଶିକ୍ଷାରମ୍ଭ କରିବା ପରେ ଚିତ୍ରକୋଣ୍ଡାସ୍ଥିତ ଏସ୍ଏସ୍‌ଡି ବାଳିକା ଉଚ୍ଚ ବିଦ୍ୟାଳୟରୁ ଦଶମ ଓ ଗୋବିନ୍ଦପାଲି ଏସ୍ଏସ୍‌ଡି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରୁ ୨୦୨୧ରେ ଯୁକ୍ତଦୁଇ ବିଜ୍ଞାନରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ଆର୍ଥିକ ଅନଟନ ଉଚ୍ଚଶିକ୍ଷାରେ ଡୋରି ବାନ୍ଧିଦେବା ପରେ ନିଜର ଦୃଢ଼ ଇଚ୍ଛାଶକ୍ତି ବଳରେ ସେ ଡାକ୍ତର ହେବାର ସ୍ୱପ୍ନକୁ ସାକାର କରିଛନ୍ତି।


**AFFIDAVIT**

By virtue of an affidavit sworn Before Notary Public, Angul, dated 04/08/2025, I, Sujan Bhutia, Address At-Pandarabharania, Po-Budhapank, Ps- Banarpal, Dist-Angul, Odisha, Pin Code-759128 declare that I have changed the name of my son Chiranjivee Bhutia to Priyansu Bhutia Henceforth he shall be knows as **Priyansu Bhutia** for all propose.

**AFFIDAVIT**

By virtue of an affidavit sworn before Executive Magistrate, Bhubaneswar vide Serial No. 116 dt. 26.08.2025, I, Subhashree Priyadarshnee Sahoo resident of Pratima Nivas, Paltanpadia, near Hengulai Temple, P.S./Dist. Khordha, Odisha, declare that I have changed my name from Subhashree Priyadarshnee Sethi to Subhashree Priyadarshnee Sahoo. Henceforth I shall be known as Subhashree Priyadarshnee Sahoo for all purposes.

**Subhashree Priyadarshnee Sahoo**

**AFFIDAVIT**

By virtue of an affidavit sworn before Executive Magistrate Bhograi Tahasil on dated-11/03/2025, I, **Mr. Braja Kishore Das,** Address AT/PO-Sankhari, PS- Bhograi, DIST-Balasore, PIN-756037 Odisha, declare that I have changed the name of my Son from **RIYANSH DAS** (old name) to **RAYANSH DAS** (new name). Henceforth, he shall be known as **RAYANSH DAS** (new name) for all purposes.

**Applicant Name: Braja Kishore Das**

**AFFIDAVIT**

I, Nakamani Hembram D/o Jadunath Hembrom, Resident of At-Jagda, PO/PS-Jhirpani, Rourkela Dist-Sundargarh PIN-769042, Odisha declare by this affidavit No.A/15 dtd 31.08.2024 that now onwards I shall be known as **NAKMANI NILIMA HEMBROM** for all future purposes.

**AFFIDAVIT**

By virtue of an affidavit sworn before Notary Public, Puri, dated 16/08/2025 I Subhashree Samantaray, Address: At- Balarampur, Po.-Rameswar, Via-J ankia, Dist. -Khorda, Pin-752020, Odisha declare that I have changed my name from **Suvashree Samantaray** to **Subhashree Samantaray**. Henceforth, I shall be known as **Subhashree Samantaray** for all purposes.

**AFFIDAVIT**

I, Sachit Agrawal S/o Ram Kumar Agarwal, Resident of At-W 5, Civil Township, Raghunathpali, Rourkela-4, Dist-Sundargarh PIN-769004, Odisha declare by this affidavit No.1625 dtd 26.08.2025 that now onwards I shall be known as **SACHIT AGARWAL** for all future purposes.

**AFFIDAVIT**

I, Usharani Nayak D/o Banabihari Das, Resident of Village-Alana, PO-Alanahat, Nuagaon, Dist-Jagatsinghapur, Odisha declare by this affidavit No.9373 dtd 18.10.2021 that now onwards I shall be known as **USHARANI DAS** for all future purposes.

**BRAHMAPUR MUNICIPAL CORPORATION**

No. 12468, Date: 23/08/25 C-962

**REQUEST FOR PROPOSAL**

Sealed RFP are invited to be reached from reputed Event Management Companies for organising the **"Event for LSG Day Celebration 2025" at Brahmapur.** The detailed terms & conditions are available at our office website www.berhampur.gov.in.The last date of receipt of tenders in this office by **28/08/2025, 05:00 PM** and will be opened on **29/08/2025 at 11:00** AM in the office of undersigned.

The Authority reserves the right to accept or reject any RFP without assigning any reason thereof.

Sd/- Commissioner
Brahmapur Municipal Corporation

OIPR-13035/11/0059/2526

**ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ, ସମ୍ବଲପୁର**
**ODISHA STATE OPEN UNIVERSITY,SAMBALPUR**
Established by an Act of Government of Odisha.

No. 1999/OSOU/2025 Dt. 26.08.2025

**EXPRESSION OF INTEREST**

OSOU intends to implement the **"e-Evaluation (Web based online Digital Evaluation)"** of Answer scripts through OSM Book scanning of Answer scripts without cutting/de-threading of Answer books. EOI is invited from the agencies having experience in the said services.

The interested agency may visit our website www.osou.ac.in for more details. Last date of submission of EOI with technical and financial bid in separate sealed envelopes are **26.09.2025.**

For more details visit our website:
**www.osou.ac.in**
Sd-
Registrar

**BLOCK EDUCATION OFFICE, NUAGAON, DIST.- NAYAGARH**

ଏତଦ୍ ଦ୍ୱାରା ଶ୍ରୀ ଉମେଶ ଚନ୍ଦ୍ର କର, ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ, ନୂଆଗାଁ, ସା/ପୋଷ୍ଟ/ଥାନା-ନୂଆଗାଁ, ଜିଲା-ନୟାଗଡ଼ଙ୍କୁ ସୂଚିତ କରାଯାଉଅଛି କି, ଆପଣ ଦୀର୍ଘ ଦିନ ଧରି ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ, କାର୍ଯ୍ୟାଳୟରେ ଅନୁପସ୍ଥିତ ଅଛନ୍ତି । ଆପଣଙ୍କୁ ବାରମ୍ବାର ସୂଚନା ଦେଲେ ମଧ୍ୟ ଆପଣ କାର୍ଯ୍ୟରେ ଯୋଗ ଦେଉନାହାନ୍ତି । ଆପଣ ଦେଇଥିବା ଠିକଣାରେ ଯୋଗାଯୋଗ କରିଥିଲେ ମଧ୍ୟ ଯୋଗାଯୋଗ ସମ୍ଭବ ହୋଇପାରୁନାହିଁ । ଆପଣଙ୍କୁ ସୂଚିତ କରାଯାଉଅଛି କି ଆପଣ ୦୭ (ସାତ ) ଦିନ ମଧ୍ୟରେ କାର୍ଯ୍ୟରେ ଯୋଗ ନ ଦେଲେ ରାଜ୍ୟ ସରକାରଙ୍କ ନିୟମ ଅନୁଯାୟୀ ଆପଣଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ।

SD/- BLOCK EDUCATION OFFICE,
NUAGAON

### ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହେଲେ ଛେଳିଗଡ଼ ପ୍ରକଳ୍ପ ବିସ୍ଥାପିତ

# ପୁନର୍ବାର ବିସ୍ଥାପିତ ଅଧିନିୟମ ଆଣିବାକୁ ଦାବି

ପାରଳାଖେମୁଣ୍ଡି,୨୬।୮ (ସମିସ)



ଗଜପତି ଜିଲ୍ଲା ସଦରମହକୁମା ପାରଳାଖେମୁଣ୍ଡି ସ୍ଥିତ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଜିଲ୍ଲାପାଳଙ୍କୁ ଛେଳିଗଡ଼ ମଧ୍ୟମ ଜଳପ୍ରକଳ୍ପର ପାଞ୍ଚ ରାଜସ୍ୱ ପଞ୍ଚାୟତର ବିସ୍ଥାପିତ ଭେଟି ପୁନର୍ବାର ବିସ୍ଥାପିତ ଅଧିନିୟମ ଆଣିବା ନିମନ୍ତେ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ଜିଲ୍ଲାର ଆର୍. ଉଦୟଗିରି ବ୍ଲକ ଛେଳିଗଡ଼ ପଞ୍ଚାୟତ ଅନ୍ତର୍ଗତ କାକିଲି, ତିଳିଗାଁ, ବିଦ୍ୟାଧରପୁର, ଚଢ଼ିଆପଦର ଓ ସୁଗୁବା ପ୍ରଭୃତି ୫ ଗ୍ରାମର ଲୋକେ ଛେଳିଗଡ଼ ମଧ୍ୟମ ଜଳପ୍ରକଳ୍ପ ଯୋଗୁ ବିସ୍ଥାପିତ ହେବାକୁ ଥିବାବେଳେ ବର୍ତ୍ତମାନ ସୁଦ୍ଧା ଉଚିତ ମୂଲ୍ୟରେ କ୍ଷତିପୂରଣ ମିଳିନଥିବା ଅଭିଯୋଗ କରିଛନ୍ତି। ଥଇଥାନ କଲୋନୀର ଅବ୍ୟବସ୍ଥା ଓ ଆର୍ଥିକ ସହାୟତାରେ ଅନିୟମିତତାକୁ ନେଇ ବିସ୍ଥାପିତ ପରିବାର ଅସନ୍ତୋଷ ପ୍ରକାଶ କରିଛନ୍ତି। ୧୫ ଦଫା ଦାବି ସମ୍ବଳିତ ସ୍ମାରକପତ୍ରରେ ମୁଖ୍ୟ କରି ଚାଷ ଜମି ପ୍ରଦାନ, ଜଙ୍ଗଲ ଜମି କ୍ଷତି ପୂରଣ ପ୍ରଦାନ, ନୂତନ ଭାବେ ସର୍ଭେ ହୋଇଥିବା ଡ଼ିପିଙ୍କୁ ଥଇଥାନ ସହାୟତା ରାଶି ତୁରନ୍ତ ପ୍ରଦାନ, ଜମି ଚିହ୍ନଟ କରିବା, ପ୍ରକୃତ ବିସ୍ଥାପିତ ଚିହ୍ନଟ ନ ହେବା କାରଣରୁ ଥଇଥାନ ରାଶି ମଞ୍ଜୁରରେ ଅହେତୁକ ବିଳମ୍ବ, ପ୍ରତ୍ୟେକ ବିସ୍ଥାପିତ ଗ୍ରାମ କଲୋନିକୁ ସ୍ମାର୍ଟ କଲୋନି କରିବା, ବିସ୍ଥାପିତ ପରିବାରର ଶିକ୍ଷିତ ଯୁବକ ଓ ଯୁବତୀଙ୍କୁ ନିଯୁକ୍ତି , ବର୍ତ୍ତମାନର ବଜାର ମୂଲ୍ୟ ଅନୁସାରେ କ୍ଷତିପୁର ରାଶି ପ୍ରଦାନ, ବିସ୍ଥାପିତ ହରାଉଥିବା ଜମି ହେକ୍ଟର ପିଚ୍ଛା ୧୫ଲକ୍ଷ ଟଙ୍କା ପ୍ରଦାନ , ଘରବାରି ଜମିର ହେକ୍ଟର ପ୍ରତି ୧୮ ଲକ୍ଷ ଟଙ୍କା ମଞ୍ଜୁର କରିବା ଭଳି ଦାବି ରହିଛି। ଏହା ସହ ୧୯୯୪ ଆକ୍ଟକୁ ବାଦ ଦେଇ ୨୦୧୩ ଆକ୍ଟ ଓ ୨୦୨୫-୨୬ ଆକ୍ଟକୁ ମାନ୍ୟତା ଦେଲେ ବିସ୍ଥାପିତ ହେବାକୁ ଥିବା ପରିବାର ଗ୍ରାମବାସୀବୃନ୍ଦ ଉପକୃତ ହେବେ ବୋଲି ସ୍ମାରକପତ୍ରରେ ଜଣାଇଛନ୍ତି। ସ୍ମାରକପତ୍ର ପ୍ରଦାନ ବେଳେ ଜିଲ୍ଲା ପରିଷଦ ଅଧ୍ୟକ୍ଷ ଜି.ତିରୁପତି ରାଓ, ବରିଷ୍ଠ ବିଜେଡି ନେତା ଜଗବନ୍ଧୁ ଦାଶ, ଛେଳିଗଡ ବୁଡି ଅଞ୍ଚଳ ବିସ୍ଥାପିତ ସଂଗ୍ରାମ ସମିତି ସଭାପତି ଚୈତନ୍ୟ ସାହୁ, ସମ୍ପାଦକ ରମାକାନ୍ତ ପ୍ରଧାନ, କୋଷାଧ୍ୟକ୍ଷ ନରତ୍ତମ୍ବ ରଇତ, ଓ ଉପଦେଷ୍ଟା ରବୀନ୍ଦ୍ର ନାୟକଙ୍କ ସହ ବହୁ ବିସ୍ଥାପିତ ଉପସ୍ଥିତ ଥିଲେ।

## ଗଜପତିରେ ଦୁଇଦିନ ହେଲା ଲଗାଣ ବର୍ଷା ଜାରି

ପାରଳାଖେମୁଣ୍ଡି,୨୬।୮ (ସମିସ): ଗଜପତି ଜିଲ୍ଲା ସଦରମହକୁମା ପାରଳାଖେମୁଣ୍ଡି ସମେତ ସମସ୍ତ ବ୍ଲକରେ ଲଗାଣ ବର୍ଷା ଗତ ଦୁଇ ଦିନ ହେଲା ଜାରି ରହିଛି। ରବିବାର ସନ୍ଧ୍ୟା ଠାରୁ ଆରମ୍ଭ ହୋଇଥିବା ଲଗାଣ ବର୍ଷା ସୋମବାର ଅତି ପ୍ରବଳ ହୋଇଥିଲା। ତେବେ ମଙ୍ଗଳବାର ସନ୍ଧ୍ୟାରୁ ବର୍ଷା ସାମାନ୍ୟ କମିଛି। ଜିଲ୍ଲାରେ ଗତକାଲି ବିଳମ୍ବିତ ରାତ୍ର ସୁଦ୍ଧା ମୋଟ ୩୩୯ ମିଲିମିଟର ବୃଷ୍ଟିପାତ ହୋଇଥିବା ବେଳେ ହାରାହାରି ୪୨.୩୭ ମିଲିମିଟର ବର୍ଷା ରେକର୍ଡ ହୋଇଛି। ପାରଳାଖେମୁଣ୍ଡିରେ ସର୍ବାଧିକ ବର୍ଷା ରେକର୍ଡ ହୋଇଥିବା ବେଳେ ମୋହନା ବ୍ଲକରେ ସର୍ବନିମ୍ନ ବର୍ଷା ରେକର୍ଡ ହୋଇଛି। ଜିଲ୍ଲା ଜରୁରୀକାଳୀନ ବିଭାଗର ସୂଚନା ଅନୁସାରେ କାଶୀନଗର ବ୍ଲକରେ ୫୦ ମିମି, ପାରଳାଖେମୁଣ୍ଡି ସହର ୬୮ ମିମି, ଗୋଷାଣିରେ ୪୮.୨ ମିମି, ରାୟଗଡ ୪୧.୨ମିମି, ଗୁମ୍ମା ୬୧.୦ ମିମି, ନୂଆଗଡରେ ୩୪.୨ ମିମି, ଆର୍. ଉଦୟଗିରିରେ ୩୫.୪ ମିମି, ମୋହନା ବ୍ଲକରେ ୧.୨ମିମି ବର୍ଷା ରେକର୍ଡ ହୋଇଛି। ଲଗାଣ ବର୍ଷା ଯୋଗୁଁ ଜିଲ୍ଲାର ମହେନ୍ଦ୍ରତନୟା ଓ ବଂଶଧାରା ସମେତ ସମସ୍ତ ଜଳାଶୟ ଓ ଛୋଟ ବଡ ନାଳରେ ଜଳସ୍ତର ବୃଦ୍ଧି ପାଇଛି। ବର୍ଷା ଯୋଗୁ ସାଧାରଣ ଜୀବନଯାତ୍ରା ପ୍ରଭାବିତ ହୋଇଛି।

## ଓଡ଼ିଶା ଆଦର୍ଶ ବିଦ୍ୟାଳୟରେ ୨ ଛାତ୍ରଙ୍କ ମଧ୍ୟରେ ଗଣ୍ଡଗୋଳ

ଦାରିଙ୍ଗବାଡି,୨୬।୮ (ସମିସ): ଦାରିଙ୍ଗବାଡିସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟରେ ଆଜି ଅପରାହ୍ନରେ କୌଣସି କାରଣକୁ ନେଇ ଅଷ୍ଟମ ଶ୍ରେଣୀରେ ପଢୁଥିବା ୨ ଛାତ୍ରଙ୍କ ମଧ୍ୟରେ କଥା କଟାକଟି ଓ ପରେ

### ଜଣେ ଗୁରୁତର; ବ୍ରହ୍ମପୁର ସ୍ଥାନାନ୍ତର

ଗଣ୍ଡଗୋଳ ହୋଇଥିଲା। ଏଥିରେ ଜଣେ ଛାତ୍ରଙ୍କ ମାଡ଼ରେ ଆଉ ଜଣେ ଛାତ୍ର ଗୁରୁତର ଆହତ ହୋଇଛନ୍ତି। ଦାରିଙ୍ଗବାଡି ସ୍ୱାସ୍ଥ୍ୟକେନ୍ଦ୍ରରେ ପ୍ରାଥମିକ ଚିକିତ୍ସା ପରେ ଡାକ୍ତର ଅଧିକ ଚିକିତ୍ସା ପାଇଁ ବ୍ରହ୍ମପୁର ମେଡିକାଲ ରେଫର କରିଥିଲେ। ଗୁରୁତର ଛାତ୍ରଙ୍କ କାନକୁ ମାଡ଼ ହୋଇଥିବା ଜଣାଯାଇଛି। କେଉଁ କାରଣରୁ ଦୁଇ ଛାତ୍ରଙ୍କ ମଧ୍ୟରେ ଗଣ୍ଡଗୋଳ ହେଲା ତାହା ଜଣାପଡିନାହିଁ।

### ପାଣିରେ ପଡ଼ିଲା ଲକ୍ଷାଧିକ ଟଙ୍କା

## ଉଦ୍‌ଘାଟନ ପୂର୍ବରୁ ଉଡ଼ିଗଲାଣି ଯାତ୍ରୀ ବିଶ୍ରାମାଗାର ଛାତ

ଜି.ଉଦୟଗିରି,୨୬।୮ (ସମିସ)



ଜି.ଉଦୟଗିରି ସହରରେ ଆଜି ବି ଯାତ୍ରୀ ବିଶ୍ରାମାଗାର ନାହିଁ। ଫଳରେ ଯାତ୍ରୀନାହିଁ ନଥିବା ହଇରାଣ ହେଉଥିବା ବେଳେ ଜି.ଉଦୟଗିରି ତହସିଲ ଗେଟ୍ ନିକଟରେ ବର୍ଷେ ହେଲା ନିର୍ମାଣ ହୋଇଥିବା ଯାତ୍ରୀ ବିଶ୍ରାମାଗାର ଉଦ୍‌ଘାଟନ ନହୋଇ ଏବେ ନଷ୍ଟ ହେବାକୁ ବସିଛି। ଉପର ଆଲୁମିନିୟମ ସିଟ୍ ଉଡ଼ିଗଲାଣି, ଗାଈଗୋରୁଙ୍କ ଗୁହାଳ, ମଦୁଆଙ୍କ ଆଡ୍ଡା ଏଠାରେ ଜମୁଛି। ଯାହାକୁ ନେଇ ଚିନ୍ତା ପ୍ରକଟ କରିଛନ୍ତି ବୁଦ୍ଧିଜୀବୀ। ବାରମ୍ବାର ଦୃଷ୍ଟି ଆକର୍ଷଣ କଲା ପରେ ମଧ୍ୟ କର୍ତ୍ତୃପକ୍ଷ ଦୃଷ୍ଟି ନଦେବା ଦୁଃଖର ବିଷୟ ବୋଲି କହିଛନ୍ତି। ଗୋଟିଏ ପଟେ ଯାତ୍ରୀମାନେ ଖରା, ବର୍ଷା, ଶୀତରୁ ରକ୍ଷା ପାଇବାକୁ ସଂଘର୍ଷ କରୁଥିବା ବେଳେ ଅନ୍ୟପଟେ ଲକ୍ଷାଧିକ ଟଙ୍କା ଯାତ୍ରୀ ବିଶ୍ରାମାଗାର ନଷ୍ଟ ହେବାକୁ ବସିଛି। ସରକାରକା ମାଲ୍ ଦରିଆ ମେ ଡାଲ୍ ନୀତିରେ ଅର୍ଥ ନଷ୍ଟ ହେଉଥିଲେ ମଧ୍ୟ ଦେଖିବାକୁ କେହି ନାହାନ୍ତି। ଏସମ୍ପର୍କରେ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେବାର ଆବଶ୍ୟକତା ରହିଛି।

## ଗଞ୍ଜେଇ ଜବତ; ଆନ୍ତଃରାଜ୍ୟ ମାଫିଆ ଗିରଫ



ବାଲିଗୁଡ଼ା,୨୬।୮ (ସମିସ): କ.ନୁଆଗାଁ ପୁଲିସ ୧୯ କେଜି ୬୦୦ ଗ୍ରାମ ଗଞ୍ଜେଇ ଓ ଏକ କାର୍ ଜବତ କରିବା ସହ ଏକ ଆନ୍ତଃରାଜ୍ୟ ଗଞ୍ଜେଇ ମାଫିଆକୁ ଗିରଫ୍ କରିବାରେ ସଫଳ ହୋଇଛି। ଗିରଫ ମାଫିଆ ଗୁଜରାଟ ରାଜକୋଟ୍ ସିଟି ଜୟପ୍ରକାଶ ନଗରର ଅମିତ ସାନ୍ଧି ବୋଲି ଜଣାପଡିଛି। ଏ ନେଇ ଏକ ମାମଲା ରୁଜୁ କରି ଅଭିଯୁକ୍ତକୁ କୋର୍ଟ ଚାଲାଣ କରାଯାଇଥିବା କ.ନୁଆଗାଁ ଥାନା ଅଧିକାରୀ ଅଶୋକ କୁମାର ହାଁସଦା କହିଛନ୍ତି।

## ଫୁଲବାଣୀ ବିଧାୟକଙ୍କ ଗୋଚ୍ଛାପଡ଼ା ହାଇସ୍କୁଲ ପରିଦର୍ଶନ



ଫିରିଙ୍ଗିଆ,୨୬।୮ (ସମିସ): ଫିରିଙ୍ଗିଆ ବ୍ଲକ ଗୋଚ୍ଛାପଡ଼ାସ୍ଥିତ ଆଦିବାସୀ ଉନ୍ନୟନ ବିଭାଗ ଦ୍ୱାରା ପରିଚାଳିତ ସରକାରୀ ଉଚ୍ଚବିଦ୍ୟାଳୟ ପରିଦର୍ଶନ କରି ଫୁଲବାଣୀ ବିଧାୟକ ଉମାଚାରଣ ମଲିକ ସ୍ଥିତି ପରଖିଛନ୍ତି। ବିଧାୟକ ସ୍କୁଲରେ ପହଞ୍ଚିବା ପରେ ପ୍ରଧାନ ଶିକ୍ଷକ ରମେଶ ସାହୁଙ୍କ ସହ ସମସ୍ତ ଶିକ୍ଷକ/ଶିକ୍ଷୟିତ୍ରୀ ଓ ଛାତ୍ରଛାତ୍ରୀ ସ୍ୱାଗତ ଜଣାଇଥିଲେ। ପରେ ବିଧାୟକ ବିଦ୍ୟାଳୟ ପରିଦର୍ଶନ କରିବା ସହ ସମସ୍ତ ଶିକ୍ଷକ/ଶିକ୍ଷୟିତ୍ରୀ ଓ ଛାତ୍ରଛାତ୍ରୀଙ୍କ ସହ ଆଲୋଚନା କରିଥିଲେ। ଏହାସହ ବିଦ୍ୟାଳୟରେ ଥିବା ଶହେ ଶଯ୍ୟା ବିଶିଷ୍ଟ ଛାତ୍ର ନିବାସ ବୁଲି ଦେଖିଥିଲେ। ବିଧାୟକ ପ୍ରଧାନଶିକ୍ଷକ ରମେଶ ସାହୁଙ୍କ ସହ ବିଦ୍ୟାଳୟର ଭିତ୍ତିଭୂମିର ବିକାଶ କିଭଳି ହୋଇପାରିବ ସେନେଇ ଆଲୋଚନା କରିଥିଲେ। ବିଦ୍ୟାଳୟର ପରିବେଶ ଓ ସ୍ୱଚ୍ଛତାକୁ ଦେଖି ବିଧାୟକ ପ୍ରଧାନ ଶିକ୍ଷକଙ୍କୁ ଧନ୍ୟବାଦ ଦେବା ସହ ଖୁସି ବ୍ୟକ୍ତ କରିଥିଲେ। ବିଧାୟକଙ୍କ ପରିଦର୍ଶନ ସମୟରେ କନ୍ଧମାଳ ଜିଲ୍ଲା ବରିଷ୍ଠ ବିଜେପି ନେତା ରମେଶ ମହାନ୍ତିଙ୍କ ସହ ପୂର୍ବତନ ଫିରିଙ୍ଗିଆ ମଣ୍ଡଳ ସଭାପତି ଗଣେଶ୍ୱର ସାହୁ ଓ ଅନ୍ୟମାନେ ଉପସ୍ଥିତ ଥିଲେ।

## ଉଚ୍ଚ ମାଧ୍ୟମିକ ବିଦ୍ୟାଳୟକୁ ଉନ୍ନୀତ ହେଲା ଉଚ୍ଚ ବିଦ୍ୟାଳୟ

ବ୍ରାହ୍ମଣୀଗାଁ,୨୬।୮ (ସମିସ): ଦାରିଙ୍ଗବାଡ଼ି ବ୍ଲକ କାଟିଙ୍ଗିଆ ଓ ସିକରମାହା ଗ୍ରାମରେ ଥିବା ଉଚ୍ଚ ବିଦ୍ୟାଳୟକୁ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ମାନ୍ୟତା ସରକାରଙ୍କ ତରଫରୁ ଦିଆଯାଇଛି। ଉଭୟ ବିଦ୍ୟାଳୟରେ ପ୍ରତି ବର୍ଷ ୧୨୮ ଜଣ ଯୁକ୍ତ ଦୁଇକଳା ଛାତ୍ରଛାତ୍ରୀ ଅଧ୍ୟୟନ କରିପାରିବେ। ଏହା ଏକ ଦଳିତ ଓ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳ ହୋଇଥିବାରୁ ଉଚ୍ଚତର ଅଧ୍ୟୟନ ନିମନ୍ତେ ଛାତ୍ରଛାତ୍ରୀଙ୍କ ପ୍ରତି ସୁବିଧା ଜନକ ହେବ। ଏଥି ନିମନ୍ତେ ଏ ଅଞ୍ଚଳରେ ଗ୍ରାମବାସୀଙ୍କ ମଧ୍ୟରେ ଖୁସିର ଲହରୀ ଖେଳିଯାଇଛି। ବ୍ରାହ୍ମଣୀଗାଁସ୍ଥିତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଯୁକ୍ତ ଦୁଇ ବିଜ୍ଞାନ ଖୋଲିବାକୁ ଦାବି ହେଉଛି।

### ● ଲୁଇସିଂ କୁଇ ସମାଜ ଉପଶାଖା ଗୃହ ନିର୍ମାଣ

## ଜାଗା ଯୋଗାଇ ଦେବାକୁ ତହସିଲଦାରଙ୍କୁ ଦାବିପତ୍ର



ଫିରିଙ୍ଗିଆ,୨୬।୮ (ସମିସ)

ଫିରିଙ୍ଗିଆ ବ୍ଲକ ଲୁଇସିଂ ପଞ୍ଚାୟତ ଲୁଇସିଂ ଅଞ୍ଚଳରେ କୁଇ ସମାଜ ତରଫରୁ ଏକ ଉପଶାଖା ଗୃହ ନିର୍ମାଣ ପାଇଁ ଭୂମି ପ୍ରଦାନ ପାଇଁ ଶାଖାର ଏକ ପ୍ରତିନିଧି ଦଳ ତହସିଲଦାର ଜ୍ୟୋତି ପ୍ରକାଶ ସେଠୀଙ୍କୁ କାର୍ଯ୍ୟାଳୟରେ ଭେଟି ଲିଖିତ ଦାବିପତ୍ର ପ୍ରଦାନ କରିଛନ୍ତି। କୁଇ ସମାଜ ଉପଶାଖା କୁଇ ସମାଜ ସେବା ସମିତିର ଅଂଶବିଶେଷ ହୋଇଥିବା ବେଳେ ୨୫ କିଲୋମିଟର ଦୂରରେ ଗୋଚ୍ଛାପଡ଼ାରେ କୁଇ ସମାଜର ଏକ ଶାଖା କାର୍ଯ୍ୟାଳୟ ରହିଛି। ଲୁଇସିଂ ଅଞ୍ଚଳରେ କୋଡିଏରୁ ଅଧିକ ରାଜସ୍ୱ ଗ୍ରାମ ରହିଛି। ଏହା ବ୍ଲକର ଉପାନ୍ତ ଅଞ୍ଚଳ ଏବଂ ଅଧିକାଂଶ ଆଦିବାସୀ କୁଇ ସମ୍ପ୍ରଦାୟର ଜନସାଧାରଣ ବସବାସ କରୁଛନ୍ତି। ୬ ସହରୁ ଅଧିକ ଘର ସଂଖ୍ୟା ମଧ୍ୟ ରହିଛି। ସାଧାରଣ ଭାବରେ କୁଇ ସମାଜର ଘର କିମ୍ବା ଜାଗା ନଥିବାରୁ ବୈଠକ ହୋଇ ପାରୁନାହିଁ। ଯାହାକୁ ନେଇ କୁଇ ସମାଜ ଲୁଇସିଂ ଉପଶାଖା ତରଫରୁ ସଭାପତି ରାମଚନ୍ଦ୍ର ମଲିକଙ୍କ ନେତୃତ୍ୱରେ ଏକ ଟିମ ତହସିଲଦାରଙ୍କୁ ଭେଟି ଗୃହ ନିର୍ମାଣ ପାଇଁ ଜମି ପ୍ରଦାନ ସହ ରେକର୍ଡ଼ ଭୁକ୍ତ କରିବାକୁ ଲିଖିତ ଦାବିପତ୍ର ପ୍ରଦାନ କରିଛନ୍ତି। ଏହି ଅବସରରେ ଉପ ଶାଖାର ଉପସଭାପତି ପାନାରା କହଁର, ସମ୍ପାଦକ ଜୟରାମ ମଲିକ, ସହସମ୍ପାଦକ ଘାସିରାମ ସାହୁ, ଉପଦେଷ୍ଟା ଭୁବନେଶ୍ୱର ସାହୁ, ସହସମ୍ପାଦକ ଗୋବିନ୍ଦ ମଲିକ ଓ ଯୁବସଭ୍ୟ ସୁଶାନ୍ତ ସାହୁଙ୍କ ସହ ଅନ୍ୟମାନେ ଉପସ୍ଥିତ ଥିଲେ।

## ଦୁଷ୍କର୍ମ ମାମଲାରେ ନାବାଳକ ଦଣ୍ଡିତ

ପାରଳାଖେମୁଣ୍ଡି,୨୬।୮ (ସମିସ) : ଗଜପତି ଜିଲ୍ଲା କିଶୋର ନ୍ୟାୟପରିଷଦ ଦୁଷ୍କର୍ମ ମାମଲାରେ ଜଣେ ନାବାଳକକୁ ଦୋଷୀ ସାବ୍ୟସ୍ତ କରିଛନ୍ତି। ଜିଲ୍ଲା କିଶୋର ନ୍ୟାୟ ପରିଷଦର ପ୍ରିନ୍ସପାଲ ମାଜିଷ୍ଟ୍ରେଟ୍ ପ୍ରସନ୍ନ କୁମାର ବେହେରା ସଦସ୍ୟ ଭାଗ୍ୟଲକ୍ଷ୍ମୀ ନାୟକ ଓ ରବୀନ୍ଦ୍ର କୁମାର ପାଳ ଆର୍.ଉଦୟଗିରି ଥାନା କେସ୍ ନମ୍ବର ୭୯/୨୧ ଭାରତୀୟ ପିଙ୍ଗଳ କୋଡ୍ ର ୩୬୩, ୩୬୬, ୩୭୬ (୨)(ଏନ୍), ୩୭୬(୩) ଓ ପକ୍‌ସୋ ଆଇନର ଧାରା ୬ରେ ହୋଇଥିବା ମାମଲାର ଶୁଣାଣି କରିଛନ୍ତି। ଏଥିରେ ଦୋଷୀ ନାବାଳକକୁ ଦୁଇ ବର୍ଷ ଦଣ୍ଡାଦେଶ ଶୁଣାଇବା ସହ ତାଙ୍କ ଚରିତ୍ରରେ ସୁଧାର ଆଣିବାକୁ ବ୍ରହ୍ମପୁର ସ୍ଥିତ ସ୍ୱତନ୍ତ୍ର ଗୃହରେ ରଖାଯିବା ନିମନ୍ତେ ନିର୍ଦ୍ଦେଶ ଦେଇଛନ୍ତି। ସରକାରଙ୍କ ତରଫରୁ ଏହି ମାମଲା ସରକାରୀ ଓକିଲ ଏଲ୍.ସଞ୍ଜୀବ ରାଓ ଓ ନାବାଳକଙ୍କ ତରଫରୁ ବରିଷ୍ଠ ଓକିଲ ଶାନ୍ତନୁ ଆଚାର୍ଯ୍ୟ ପରିଚାଳନା କରୁଥିଲେ।

## ଗଜପତି ଜିଲ୍ଲାରେ ସାରର ଅଭାବୀ ବିକ୍ରି; ଚାଷୀ ହୀନସ୍ତା

ପାରଳାଖେମୁଣ୍ଡି,୨୬।୮ (ସମିସ): ଗଜପତି ଜିଲ୍ଲାରେ ଧାନ ବିକ୍ରୟଠାରୁ ଆରମ୍ଭ କରି ଜଳସେଚନ ପରେ ଏବେ ଚାଷୀ ଚାଷ ପାଇଁ ସାର ଅଭାବରୁ ହନ୍ତସନ୍ତ ହେଉଛି। ତିନିଥର ଧାନ ଜମିରେ ପ୍ରୟୋଗ ହେଉଥିବା ସାର ପାଇଁ ୟୁରିଆ ଦରକାର ପଡେ। ସେ ଡିଏପି, ପଟାସ ଓ ଏମୋନିଆରେ ୟୁରିୟା ନ ମିଶାଇଲେ କିଆରିରେ ପ୍ରୟୋଗ ହୋଇପାରେନି ସାର। ଏପରି ପରିସ୍ଥିତିରେ ଜିଲ୍ଲାକୁ ୧୪୫୦୦ ମେଟ୍ରିକ ଟନ୍ ୟୁରିଆ ଆବଶ୍ୟକ ଥିଲାବେଳେ ୭ହଜାର ମେଟ୍ରିକ ଟନ୍ ୟୁରିଆ ସରକାର ଗଜପତି ଜିଲ୍ଲାକୁ ପଠାଇଛନ୍ତି। ୫ ହଜାର ମେଟ୍ରିକ ଟନ୍ ବିଭିନ୍ନ ସୋସାଇଟିକୁ ଚାଷୀଙ୍କୁ ଦେବାକୁ ପଠାଇଥିବା ବେଳେ ବିକ୍ରୟ କରିବାକୁ ୨ ହଜାର ମେଟ୍ରିକ ଟନ୍ ଶତାଧିକ ପ୍ରଧାନମନ୍ତ୍ରୀ କୃଷି ସମୃଦ୍ଧି କେନ୍ଦ୍ର ଗୁଡିକୁ ସରକାର ୟୁରିଆ ପଠାଇଥିଲେ। ବର୍ତ୍ତମାନ ମଧ୍ୟ ଜିଲ୍ଲାକୁ ୭ହଜାର ୫୦୦ ମେଟ୍ରିକ ଟନ୍ ୟୁରିଆ ଆବଶ୍ୟକ ଥିବା ଗଜପତି ଜିଲ୍ଲା କୃଷକ ସଂଘର ସଭାପତି ସୂର୍ଯ୍ୟନାରାୟଣ ପଟ୍ଟନାୟକ କହିଛନ୍ତି। ତେବେ ଆସିଥିବା ୫ହଜାର ମେଟ୍ରିକ୍ ଟନ୍ ୟୁରିଆ ବିଭିନ୍ନ ସୋସାଇଟିକୁ ବ୍ୟାପକ ଅନିୟମିତତା ଢାଞ୍ଚାରେ ୟୁରିଆ ବଣ୍ଟନ ହୋଇଥିବା ଶ୍ରୀ ପଟ୍ଟନାୟକ ଅଭିଯୋଗ କରିଛନ୍ତି। ସରକାରୀ ନିୟମ ରହିଛି ପଞ୍ଜିକୃତ ଚାଷୀଙ୍କ ଫିଙ୍ଗର ପ୍ରିଣ୍ଟ୍ ନେଇ ୟୁରିଆ ବିକ୍ରୟ କରିବା କଥା। କିନ୍ତୁ ବିଭିନ୍ନ ସୋସାଇଟରେ ମନଇଛା ଯାହାକୁ ପାଇଲେ ତାହାକୁ ଏହି ୟୁରିଆ ବଣ୍ଟନ ହୋଇଗଲା ଫଳରେ ସରକାରଙ୍କୁ ୫ହଜାର ମେଟ୍ରିକ ଟନ୍‌ର ୟୁରିଆ ବଣ୍ଟନ କୃଷି ବିଭାଗ ପ୍ରମାଣ କରିପାରୁ ନଥିବା ବେଳେ ଯେଉଁ ସବୁ ପ୍ରଧାନମନ୍ତ୍ରୀ କୃଷି ସମୃଦ୍ଧି କେନ୍ଦ୍ରଗୁଡିକ ରହିଛି ସେଠାରେ ୪୫ କିଲୋ ବିଶିଷ୍ଟ ୟୁରିଆ ବ୍ୟାଗ୍ ୨୬୫ ଟଙ୍କା ସ୍ଥାନରେ ୧୫୦୦ ଟଙ୍କା ପର୍ଯ୍ୟନ୍ତ ପ୍ରତ୍ୟେକ ବ୍ୟାଗ୍ ବିକ୍ରି ହେଉଛି। ଏମାନେ ମଧ୍ୟ ବହୁ ସଂଖ୍ୟାରେ ବିନା ଫିଙ୍ଗର ପ୍ରିଣ୍ଟରେ ବିକ୍ରି କରୁଛନ୍ତି। ଜିଲ୍ଲା କୃଷି ଅଧିକାରୀ ମାର୍କଫେଡ୍ ଜରିଆରେ ଏମାନଙ୍କୁ ୟୁରିଆ ଯୋଗାଇଥିବା ବେଳେ ପଞ୍ଜିକୃତ ଚାଷୀଙ୍କୁ ଦିଆଯାଉଛି କି ନାହିଁ ତାହା ବର୍ତ୍ତମାନ ବହୁତ ବଡ଼ ପ୍ରଶ୍ନ ହୋଇ କୃଷି ବିଭାଗ ସମ୍ମୁଖରେ ଛିଡ଼ା ହୋଇଛି। ଏପରିକି ବ୍ୟାପକ କଳାବଜାରୀ ଏବଂ ଏହି ୭ ହଜାର ମେଟ୍ରିକ ଟନର ୟୁରିଆ ବଣ୍ଟନରେ ପଞ୍ଜିକୃତ ଚାଷୀ ପାଇଥିବା ଭଳି ତଥ୍ୟ ସରକାରଙ୍କୁ କୃଷି ବିଭାଗ ଦେଇପାରୁନାହିଁ। ସେପଟେ ବିଭାଗ ତଥ୍ୟ ଦେଇପାରୁ ନଥିବାରୁ ସରକାର ମଧ୍ୟ ଆଉ ଆବଶ୍ୟକ ୭୫୦୦ ମେଟ୍ରିକ ଟନ୍ ୟୁରିଆ କେବେ ପଠାଇବେ ତାହା ଅନିଶ୍ଚିତତା ଘେରରେ ରହିଛି। ସେପଟେ ୫ହଜାର ମେଟ୍ରିକ ଟନ ୟୁରିଆ ବଣ୍ଟନର ସଠିକ୍ ତଥ୍ୟ ସରକାରଙ୍କୁ କୃଷି ବିଭାଗ ଦେଇପାରୁ ନଥିବାରୁ ସରକାର ଗଜପତି ଜିଲ୍ଲାରେ ୟୁରିଆ ମହଜୁଦ ଥିବା ଚିନ୍ତା କରି ଚୁପ ରହିଥିବା ଶ୍ରୀ ପଟ୍ଟନାୟକ ଅଭିଯୋଗ କରିଛନ୍ତି। ସଠିକ୍ ସମୟରେ ଯଦି ୟୁରିଆ ଧାନଗଛକୁ ନମିଳେ ତେବେ ଚଳିତଥର ହୋଇଥିବା ଭଲ ବର୍ଷା ଧାନଚାଷକୁ ପ୍ରଭାବିତ କରିବ ବୋଲି ଚାଷୀଙ୍କ ମହଲରେ ଭୟ ଉଙ୍କିମାରିଛି। ଜିଲ୍ଲାରେ ୯ ହଜାର ୫୦୦ ହେକ୍ଟର ଚାଷଜମି ରହିଥିବା ବେଳେ ୩୫୦୦ ହେକ୍ଟର ଚାଷ ଜମିରେ ଧାନ ଚାଷ ହେଉଛି। ତେବେ ବିଭିନ୍ନ ସମସ୍ୟା ଘରବାରି ଓ ଜମିମାଫିଆଙ୍କ ଲୋଲୁପ ଦୃଷ୍ଟି ଯୋଗୁ ବର୍ତ୍ତମାନ ୩୦୦୦ ହେକ୍ଟର ଚାଷ ଜମିରେ ଧାନ ଚାଷ ହେଉଛି। ମୋଟ ୧୫୫୮୯ ଚାଷୀ ପଞ୍ଜୀକୃତ ହୋଇଥିବା ବେଳେ ପାରଳାଖେମୁଣ୍ଡିର ୧୬ ଗୋଟି ମୌଜା ସମେତ ଗୋଷାଣି ବ୍ଲକର ୨୧ଟି, କାଶୀନଗରର ୧୨, ଗୁମ୍ମାର ୪ଟି ଓ ରାୟଗଡ ୩ଟି ପଞ୍ଚାୟତର ବହୁଳ ମାତ୍ରାରେ ଧାନଚାଷ ହେଉଛି। ଅଧିକା ମାତ୍ରାରେ ହେଉଥିବା ଏହି ଧାନଚାଷ ସବୁବେଳେ ବିଭିନ୍ନ କାରଣ ଯୋଗୁଁ ପ୍ରଭାବିତ ହେଉଥିବା ବେଳେ ଚଳିତଥର ସାରକୁ ନେଇ ପ୍ରଭାବିତ ହେବା ପରିସ୍ଥିତି ସୃଷ୍ଟି ହୋଇଛି।

## ବିଭିନ୍ନ ପର୍ଯ୍ୟଟନସ୍ଥଳୀ ବୁଲିଲେ ଉପଜିଲ୍ଲାପାଳ



ଦାରିଙ୍ଗବାଡି,୨୬।୮ (ସମିସ): ବାଲିଗୁଡ଼ା ଉପଜିଲ୍ଲାପାଳ ପ୍ରଣୀତା ଦାସ ଦାରିଙ୍ଗବାଡ଼ି ଗସ୍ତ କରି ବିଭିନ୍ନ ପର୍ଯ୍ୟଟନ ବୁଲି ଦେଖିଥିଲେ। ଦାରିଙ୍ଗବାଡିରେ ରହିଥିବା କଫି ବଗିଚା, କଫି ବଗିଚା ମଧ୍ୟରେ ଥିବା କଫି କେଫେ, ହିଲ ଭିୟୁ ପଏଣ୍ଟ, ନେଚର ପାର୍କ, ଡୁଲୁରୀ ପାଇନ ବଣ ଆଦି ପର୍ଯ୍ୟଟନ ବୁଲିବା ସହ ଏହାର ଆହୁରି ଅଧିକ କିଭଳି ସୌନ୍ଦର୍ଯ୍ୟକରଣ ହୋଇପାରିବ ସେନେଇ ଆଲୋଚନା କରିଥିଲେ। ସେହିପରି ଦଣ୍ଡିମାହାରେ ଥିବା ହଳଦୀ ପ୍ରକ୍ରିୟାକରଣ କେନ୍ଦ୍ର ବୁଲି ଦେଖିଥିଲେ। ଉପଜିଲ୍ଲାପାଳଙ୍କ ଗସ୍ତ ସମୟରେ ବିଡ଼ିଓ ପ୍ରୀତି ରଞ୍ଜନ ରଥ, ତହସିଲଦାର ଫାଲଗୁନି କୁମାର, ସହକାରୀ ଯନ୍ତ୍ରୀ ସଞ୍ଜୟ ରଥ, ମୃତ୍ତିକା ସଂରକ୍ଷଣ ବିଭାଗର ପିଆଇ ପ୍ରଫୁଲ୍ଲ ପ୍ରଧାନ ଓ ଓଏଲଏମ ବିପିଏମ ପିଣ୍ଟୁ ନାୟକ ଉପସ୍ଥିତି ଥିଲେ।

# ନୀର ମଲ୍ଲିକଙ୍କୁ ସମ୍ମାନିତ କଲା ଜିଲ୍ଲା ପ୍ରଶାସନ

ପାରଳାଖେମୁଣ୍ଡି,୨୬।୮ (ସମିସ)

ଗଜପତି ଜିଲ୍ଲା ମୋହନା ବ୍ଲକ ପଦାଗାଁ, ଅଡ଼ବା ପଞ୍ଚାୟତର ନୀର ମଲ୍ଲିକ ଚଳିତ ବର୍ଷ

### ବିଭିନ୍ନ ବାଧାବିଘ୍ନ ସତ୍ତ୍ୱେ ନିଟ୍‌ରେ ହୋଇଛନ୍ତି କୃତକାର୍ଯ୍ୟ

ନିଟ୍ ପରୀକ୍ଷାରେ ସଫଳତାର ସହ ଉତ୍ତୀର୍ଣ୍ଣ ହୋଇ ପ୍ରଥମ କାଉନ୍‌ସେଲିଂ ପର୍ଯ୍ୟାୟରେ ମନୋନୟନ ହୋଇ ପୁରୀ ସ୍ଥିତ ଶ୍ରୀ ଜଗନ୍ନାଥ ଭେଷଜ ମହାବିଦ୍ୟାଳୟରେ ସ୍ଥାନ ପାଇଛନ୍ତି। ସେ ଜଣେ ଗରିବ ଓ ମାତୃପିତୃହୀନ ଛାତ୍ର ହୋଇଥିବା ବେଳେ ବିଭିନ୍ନ ବାଧାବିଘ୍ନ ସତ୍ତ୍ୱେ ପ୍ରତିଯୋଗିତାମୂଳକ ପରୀକ୍ଷାରେ ଏପରି ସଫଳତା ହାସଲ କରିଥିବାରୁ ଜିଲ୍ଲାପାଳ ମଧୁମିତା ଅଭିଯୋଗ ଶୁଣାଣିରେ ନୀର ମଲ୍ଲିକଙ୍କୁ ମାନପତ୍ର ଏବଂ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରିବା ସହ ମିଶନ ବାତ୍ସଲ୍ୟ କାର୍ଯ୍ୟକ୍ରମର ପରବର୍ତ୍ତି ଯତ୍ନରେ ମାସିକ ୪୦୦୦ ଟଙ୍କା ଆର୍ଥିକ ସହାୟତା ବ୍ୟବସ୍ଥା କରିଛନ୍ତି। ଏହି ଟଙ୍କା ନୀରଙ୍କୁ ୨୩ ବର୍ଷ ବୟସ ପର୍ଯ୍ୟନ୍ତ ମିଳିବ ବୋଲି ଜିଲ୍ଲା ପ୍ରଶାସନ ସୂଚନା ଦେଇଛି। ଏହି ସମୟରେ ସ୍ୱେଚ୍ଛାସେବୀ ଅନୁଷ୍ଠାନ 'ଗରିବର ବନ୍ଧୁ'ର କର୍ମକର୍ତ୍ତା ଏବଂ ଆରକ୍ଷୀ ଅଧିକ୍ଷକ ଯତୀନ୍ଦ୍ର କୁମାର ପଣ୍ଡା,



ପାରଳାଖେମୁଣ୍ଡି ଉପଜିଲ୍ଲାପାଳ ଅନୁପ ପଣ୍ଡା, ଜିଲ୍ଲାପରିଷଦର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଶଙ୍କର କେର୍କେଟା ଓ ମୋହନା ପଞ୍ଚାୟତ ସମିତିର ଅଧ୍ୟକ୍ଷ ରଞ୍ଜିବ ଶବର ଉପସ୍ଥିତ ଥିଲେ। ଏହାସହ ନୀରଙ୍କୁ ମୁଖ୍ୟମନ୍ତ୍ରୀ ମେଧାବୀ ଛାତ୍ର ସହାୟତା ଯୋଜନାରେ ଅନ୍ତର୍ଭୁକ୍ତ କରି ଆସନ୍ତା ୫ ବର୍ଷର ସମ୍ପୂର୍ଣ୍ଣ ଖର୍ଚ୍ଚ ଜିଲ୍ଲା ପ୍ରଶାସନ ଏବଂ ସରକାର କିପରି ବହନ କରିବେ ତାହାର ବ୍ୟବସ୍ଥା କରିବାକୁ ଜିଲ୍ଲାପାଳ ଜିଲ୍ଲା ମଙ୍ଗଳ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛି। ଏପରିକି ଜିଲ୍ଲା ପ୍ରଶାସନ ଜିଲ୍ଲା ଖଣିଜ ପାଣ୍ଠିରୁ କିଛି ଆର୍ଥିକ ସହଯୋଗ ଯୋଗାଇ ଦେବାପାଇଁ ମଧ୍ୟ ପ୍ରତିଶ୍ରୁତି ଦେଇଥିବାର ସୂଚନା ମିଳିଛି। ନୀର ମଲ୍ଲିକଙ୍କର ସଫଳତା ପଛରେ ତାଙ୍କର ବଡ଼ ଭାଇ ଓ ସ୍ୱେଚ୍ଛାସେବି ଅନୁଷ୍ଠାନ ଗରିବର ବନ୍ଧୁଙ୍କ ପ୍ରମୁଖ ଭୂମିକା ରହିଥିବା ଜିଲ୍ଲା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।

# ବ୍ୟବସାୟୀଙ୍କ ଠାରୁ ଲୁଟ୍ ଘଟଣା; ୪ କୋର୍ଟଚାଲାଣ

ଦିଗପହଣ୍ଡି,୨୬।୮ (ସମିସ): ଦିଗପହଣ୍ଡି ବ୍ଲକ କେ. ନୂଆଗାଁ ଥାନା ଅନ୍ତର୍ଗତ ବିଜୟ ଲକ୍ଷ୍ମୀ ନାରାୟଣପୁର ଗ୍ରାମ ଛକ ନିକଟରେ ଜଣେ ପାନମସଲା ବ୍ୟବସାୟୀଙ୍କୁ ମାଡ଼ମାରି ଟଙ୍କା ଲୁଟି ନେବା ଘଟଣାରେ କେ. ନୂଆଗାଁ ପୁଲିସ ୪ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେମାନେ ହେଲେ କେ. ନୂଆଗାଁ ଥାନା କୁମ୍ଭରଡା ଗ୍ରାମର ଜିତୁ ଓରଫ ଜିତେନ୍ଦ୍ର ପ୍ରଧାନ, ନୂଆପଡା ଗ୍ରାମର ନାନା ଓରଫ ନୃସିଂହ ପ୍ରସାଦ ପଣ୍ଡା, ଜଗମୋହନପୁର ଗ୍ରାମର ଦୀପକ ଗୌଡ଼ ଏବଂ ଦିଗପହଣ୍ଡି ଥାନା ଲଙ୍ଗଳଦେଇ ଗ୍ରାମର କାଳିଆ ଦାସ।

ଜୁଲାଇ ୨୨ରେ ଅଭିଯୁକ୍ତମାନେ ଶେରଗଡ଼ ଥାନା ଧବଳପୁର ଗ୍ରାମର ପାନମସଲା ବ୍ୟବସାୟୀ କ୍ରିଷ୍ଣା କୁମାର ବିଷୋୟୀଙ୍କ ପିକଅପ୍ ଭ୍ୟାନକୁ ଅଟକାଇ ଗାଡ଼ି ଭଙ୍ଗାରୁଜା କରିବା ସହ ତାଙ୍କୁ ଜୋର ଜବରଦସ୍ତ ନିକଟସ୍ଥ ଜଙ୍ଗଲ ଆଡ଼କୁ ନେଇ ସେଠାରେ ମାଡ଼ମାରି ମସଲା ବିକ୍ରିକରି ସେ ଧରିଥିବା ୪ ଲକ୍ଷ ଟଙ୍କା ସମେତ ଏକ ମୋବାଇଲ ଫୋନ୍ ଛଡ଼ାଇ ନେଇଥିଲେ। ବ୍ୟବସାୟୀ ଜଣକ ଥାନାରେ ଏତଲା ଦେବା ପରେ ପୁଲିସ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲେ। ଦୀପକ ଏବଂ କାଳିଆକୁ ପୁଲିସ ତାମିଲନାଡୁର କୋଏମ୍ବାଟୁର ସହରରୁ ଧରିବାରେ ସକ୍ଷମ ହୋଇଥିବା ବେଳେ ଅନ୍ୟ ୨ ଅଭିଯୁକ୍ତଙ୍କୁ ସେମାନଙ୍କ ଗ୍ରାମରୁ ଗିରଫ କରିଥିଲା। ଅଭିଯୁକ୍ତ କାଳିଆଠାରୁ ନଗଦ ୪୫ ହଜାର ଟଙ୍କା ଏବଂ ଏକ ମୋବାଇଲ ମଧ୍ୟ ଜବତ କରିଥିଲା। ମଙ୍ଗଳବାର ଗିରଫ ସମସ୍ତ ଅଭିଯୁକ୍ତଙ୍କୁ ଦିଗପହଣ୍ଡି କୋର୍ଟଚାଲାଣ କରାଯିବା ପରେ ଜାମିନ ଆବେଦନ ଖାରଜ ହେବାରୁ ଦିଗପହଣ୍ଡି ସବ୍‌ଜେଲ ହାଜତକୁ ପଠାଇ ଦିଆଯାଇଛି।

### ମୃତ ବ୍ୟକ୍ତିଙ୍କୁ ଜୀବିତ ଦର୍ଶାଇ ଜମି ବିକ୍ରି

# ନକଲି ଜମି ମାଲିକ ସହ ୨ ଗିରଫ

ଗଞ୍ଜାମ,୨୫।୮ (ସମିସ)

ଗଞ୍ଜାମ ପୁଲିସ ଏକ ଗୁରୁତର ଜମି ଜାଲିଆତି ଓ ବିକ୍ରି ମାମଲାର ପର୍ଦ୍ଦାଫାସ୍ କରିଛି। ଏହି ମାମଲାରେ ପୁଲିସ ତିନି ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ବ୍ରହ୍ମପୁର ଅଞ୍ଚଳର ମନୋଜ କୁମାର ଗୌଡ଼ (୩୦), ଦିଲ୍ଲୀପ ମାଳି (୫୧) ଓ ଦଣ୍ଡପାଣି ବେହେରା (୭୮)। ସେମାନଙ୍କ ଠାରୁ ନକଲି ଆଧାର କାର୍ଡ ଓ ବ୍ୟାଙ୍କ ପାସ୍‌ବୁକ ପୁଲିସ ଜବତ କରିଛି। ସେମାନେ ମୃତ ଲୋକଙ୍କୁ ଜୀବିତ ଦର୍ଶାଇ ଜମି ବିକ୍ରି କରିଥିବା ଅଭିଯୋଗରେ ବନ୍ଧା ହୋଇଥିବା ଏସ୍‌ଆଇ ଅନିରୁଦ୍ଧ ସ୍ୱାଇଁ କହିଛନ୍ତି। ଅଭିଯୁକ୍ତଙ୍କ ମୋବାଇଲ ଟ୍ରାକିଂ କରି ଏସ୍‌ଆଇ ଶ୍ରୀ ସ୍ୱାଇଁ ଅଭିଯୁକ୍ତଙ୍କୁ ବ୍ରହ୍ମପୁର ଅଞ୍ଚଳରୁ ଗିରଫ କରିଥିଲେ।

ସୂଚନାନୁସାରେ ବ୍ରହ୍ମପୁର ଉପକଣ୍ଠ ହଳଦିଆପଦର ବାସିନ୍ଦା ଦଣ୍ଡପାଣି ବେହେରାଙ୍କ ୨୦୦୪ରେ ମୃତ୍ୟୁ ଘଟିଥିଲା। ମୃତ ଦଣ୍ଡପାଣିଙ୍କ ନାମରେ ଗଞ୍ଜାମ ବ୍ଲକ ଅନ୍ତର୍ଗତ ମଲାଡ଼ ପଞ୍ଚାୟତରେ ଦୁଇ ଏକର ୬୪୨ ଡେସିମେଲ ଜମି ରହିଥିଲା। ପରିବାର ପ୍ରାୟ ସଦସ୍ୟମାନେ ବାହାରେ ସ୍ଥାୟୀ ଭାବରେ ଥିବାରୁ ସେହି ଜମି ବିଷୟରେ ଗୁରୁତ୍ୱ ଦେଉନଥିଲେ। ମୃତ ବ୍ୟକ୍ତିଙ୍କ ଦଣ୍ଡପାଣି ବେହେରା ହୋଇଥିବାରୁ ଏହାର ସୁଯୋଗ ଅଭିଯୁକ୍ତ ଦଣ୍ଡପାଣି ବେହେରା ଜମି ମାଲିକ ଓ ଅନ୍ୟ ଦୁଇଜଣ ଦଲାଲ ସାଜି ଜାଲିଆତି ଭାବେ ଜମି ବିକ୍ରି କରିଥିଲେ। ତେବେ ମଣ୍ଡିରେ ଧାନ ବିକ୍ରି ପାଇଁ ଆବେଦନ କରିବା ପାଇଁ ସିସ୍ଟୁ ରସିଦ କରିବା ସମୟରେ ମୃତ ଦଣ୍ଡପାଣୀଙ୍କ ପୁଅ ମାନସ ବେହେରା ଘଟଣା ସମ୍ପର୍କରେ ଜାଣିବାକୁ ପାଇଥିଲେ। ଏନେଇ ଅଗଷ୍ଟ ୨୦ରେ ମାନସ ଗଞ୍ଜାମ ଥାନାରେ ଲିଖିତ ଅଭିଯୋଗ କରିଥିଲେ।

ଏହା ଆଧାରରେ କେସ୍ ନଂ. ୨୭୦/୨୦୨୫ରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା ଗଞ୍ଜାମ ଥାନା ପୁଲିସ। ଥାନା ଆଇଆଇସି ଦାୟତ୍ୱରେ ଥିବା ଶ୍ରଦ୍ଧାଞ୍ଜଳି ସୁବୁଦ୍ଧିଙ୍କ ନେତୃତ୍ୱରେ ଆରମ୍ଭ ହୋଇଥିଲା ଖୋଳତାଡ଼। ରିପୋର୍ଟ ଅନୁସାରେ ୨୦୨୪ରେ ଅଭିଯୁକ୍ତମାନେ ନକଲି ଆଧାର କାର୍ଡ ବ୍ୟବହାର କରି ୭୮ ବର୍ଷୀୟ ଦଣ୍ଡପାଣି ବେହେରାଙ୍କ ପରିଚୟ ଦେଇ ସ୍ଥାନୀୟ ବ୍ୟକ୍ତି ଡି. ବିକାଶଙ୍କୁ ଜମି ବିକ୍ରି କରିଥିଲେ। ୨୦୨୪ ସେପ୍ଟେମ୍ବର ୧ରେ ଗଞ୍ଜାମ ସବ୍-ରେଜିଷ୍ଟ୍ରାର ଅଫିସରେ ଏହି ଜମିର ରେଜିଷ୍ଟ୍ରି ହୋଇଥିଲା। ଅଧିକା ଟଙ୍କା ଥିବା ଜମିକୁ କମ ଟଙ୍କାରେ ମିଳୁଥିବାରୁ ଜମି କିଣା ଯାଇଥିଲା। ଉକ୍ତ ଘଟଣାରେ ମୋଟ ୧୫ ଲକ୍ଷ ଟଙ୍କା କାରବାର ହୋଇଥିବା ପୁଲିସ ସ୍ପଷ୍ଟ କରିଛି। ଯାହାର ୧.୫ ଲକ୍ଷ ଟଙ୍କା ଦଣ୍ଡପାଣିଙ୍କୁ ଦିଆଯାଇଥିଲା ଏବଂ ୧୩.୫ ଲକ୍ଷ ଟଙ୍କା ଦୁଇ ଦଲାଲଙ୍କ ମଧ୍ୟରେ ବଣ୍ଟା ହୋଇଥିଲା। ତେବେ ତଦନ୍ତ ଶେଷ ହେଲାପରେ ଘଟଣାର ପ୍ରକୃତ ସତ୍ୟାସତ୍ୟ ସ୍ପଷ୍ଟ ହେବ ବୋଲି ପୁଲିସ କହିଛି।

# ଗଂଜାମ ମହାବିଦ୍ୟାଳୟରେ ଚାରାରୋପଣ

ଗଞ୍ଜାମ,୨୬।୮ (ସମିସ): ଗଂଜାମ ମହାବିଦ୍ୟାଳୟର ଯୁବ ରେଡ଼କ୍ରସ ୟୁନିଟ ଓ ଗ୍ରାସିମ ଇଣ୍ଡଷ୍ଟ୍ରି ଲିମିଟେଡ୍, ଗଂଜାମର ମିଳିତ ଆନୁକୂଲ୍ୟରେ ମହାବିଦ୍ୟାଳୟ ପରିସରରେ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷା ଡ଼. ସ୍ମରଣିକା ହୋତାଙ୍କ ତତ୍ତ୍ୱାବଧାନରେ ଚାରାରୋପଣ କରାଯାଇଥିଲା। ଗ୍ରାସିମ ଇଣ୍ଡଷ୍ଟ୍ରିର ସିଏସ୍‌ଆର ମୁଖ୍ୟ ସୁସ୍ମିତା ବେହେରା ଓ କର୍ମଚାରୀ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମକୁ ଗଂଜାମ ମହାବିଦ୍ୟାଳୟ ଯୁବ ରେଡକ୍ରସ ୟୁନିଟର କାଉନ୍‌ସିଲର ଅଧ୍ୟାପକ ସୂର୍ଯ୍ୟନାରାୟଣ ମୁଦୁଲି ଓ ଅଧ୍ୟାପିକା ଖୁସବୁ ନାଜ୍ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ପ୍ରାଧ୍ୟାପିକା ମମତା ପାଢ଼ୀ, ଡ଼. ପୀତାମ୍ବର ବେହେରା, ଡ଼. ଦୁର୍ଗା ପ୍ରସାଦ ଦାଶ, ଅଧ୍ୟାପକ ସୁମନ ସେଠୀ, ଅରୁନ୍ଧତୀ ସିଂ, ଶୁଭେନ୍ଦୁ ବିକାଶ ଟହଲ, ଗୀତାଞ୍ଜଳୀ ବେହେରା, ଶ୍ରୀଧର ବଡ଼େଇ, ତଥା ମହାବିଦ୍ୟାଳୟ କର୍ମଚାରୀ ପ୍ରଦୀପ ପଟ୍ଟନାୟକ, ରଘୁନାଥ ରେଡ୍ଡୀ, ଅଜୟ ବାରିକ, ଚକ୍ରପାଣି ରେଡ୍ଡୀ ଓ କଲେଜର ୩୦ରୁ ଊର୍ଦ୍ଧ୍ୱ ଯୁବ ରେଡ଼କ୍ରସର ସ୍ୱେଚ୍ଛାସେବୀ ଯୋଗଦେଇ ଚାରା ରୋପଣ କରିଥିଲେ।

# ଲଗାଣ ବର୍ଷା, ଜଳଭଣ୍ଡାର ଗେଟ୍ ଖୋଲିଲା

ଲମତାପୁଟ,୨୬।୮ (ସମିସ): ଲମତାପୁଟରେ ବର୍ଷା ଲାଗି ରହିଛି। ବର୍ଷା ଯୋଗୁଁ ଜଳ ଭଣ୍ଡାରରେ ଜଳସ୍ତର ବଢ଼ିବାରେ ଲାଗିଛି। ଜଳ ଭଣ୍ଡାରର ସୁରକ୍ଷାକୁ ଦୃଷ୍ଟିରେ ରଖି ବିଭାଗୀୟ ଅଧିକାରୀ ୨ଟି ଜଳ ଭଣ୍ଡାରରୁ ଚାରଟି ଗେଟ ଖୋଲିଛନ୍ତି। ଜଳାପୁଟ ମୁଖ୍ୟ ଜଳ ଭଣ୍ଡାରର ବିପଦ ସଂକେତ ୨୭୫୦ ଫୁଟ ରହିଥିବା ବେଳେ ବର୍ତ୍ତମାନ ୨୭୪୮.୧୫ ଫୁଟ ଜଳସ୍ତର ରହିଛି। ଡ୍ୟାମର ୫,୬ ନମ୍ବର ଗେଟ ଖୋଲାଯାଇ ୧୦ ହଜାର କ୍ୟୁସେକ ଜଳ ମାଛକୁଣ୍ଡ ଡି ଡ୍ୟାମକୁ ଛଡ଼ାଯାଇଛି। ସେହିଭଳି ମାଛକୁଣ୍ଡ ଡି ଡ୍ୟାମରେ ମଧ୍ୟ ଜଳସ୍ତର ବଢିବାରୁ ବିଭାଗୀୟ ଅଧିକାରୀ ଡି ଡ୍ୟାମର ୬ ଏବଂ ୭ ନମ୍ବର ଗେଟକୁ ଖୋଲିଛନ୍ତି। ଡି ଡ୍ୟାମର ବିପଦ ୨୫୯୦ ଫୁଟ ରହିଥିବା ବେଳେ ବର୍ତ୍ତମାନ ୨୫୮୭ ଫୁଟ ଛୁଇଁବା ପରେ ମାଛକୁଣ୍ଡ ଡି ଡ୍ୟାମରୁ ମଧ୍ୟ ୨ଟି ଗେଟ ଖୋଲାଯାଇ ପ୍ରତି ସେକେଣ୍ଡରେ ୬ ହଜାର କ୍ୟୁସେକ ଜଳ ନିଷ୍କାସିତ କରାଯାଉଛି।

# ସ୍ୱାୟତ୍ତଶାସନ ଦିବସ ପାଇଁ ପ୍ରତିଯୋଗିତା

କୋଦଳା,୨୬।୮ (ସମିସ): କୋଦଳା ଏନଏସିରେ ଅନୁଷ୍ଠିତ ହେବାକୁ ଥିବା ସ୍ୱାୟତ୍ତ ସାଶନ ଦିବସରେ ବିଭିନ୍ନ ପ୍ରତିଯୋଗିତାରେ ଭାଗନେବାକୁ ଏନଏସି କାଯ୍ୟନିର୍ବାହୀ ଅଧିକାରୀଙ୍କ ପତ୍ର ନୁଯାୟୀ ମଙ୍ଗଳବାର କୋଦଳା ଲକ୍ଷ୍ମୀ ନାରାୟଣ ସ୍ନାତକ ମହାବିଦ୍ୟାଳୟ ପରିସରରେ ବିଭିନ୍ନ ପ୍ରତିଯୋଗିତା ତଥା ଓଡ଼ିଆ ରଚନା, ଇଂରାଜୀ ଭାଷଣ, ଚିତ୍ରାଙ୍କନ ଅନୁଷ୍ଠିତ ହୋଇଥିଲା।

ଏଥିରେ କୃତକାର୍ଯ୍ୟ ହୋଇଥିବା ଛାତ୍ରଛାତ୍ରୀଙ୍କ ନାମ ତାଲିକା ଏନ୍‌ଏସି କୋଦାଳକୁ ସୁପାରିସ କରାଯାଇଛି। କାର୍ଯ୍ୟକ୍ରମ ମହାବିଦ୍ୟାଳୟର ଅଧକ୍ଷ ରଘୁନାଥ ମୁଦୁଲି ଓ କାର୍ଯ୍ୟକ୍ରମର ସଂଯୋଜିକା ଓଡ଼ିଆ ବିଭାଗୀୟ ଅଧ୍ୟାପିକା ରଞ୍ଜୁବାଳା ନନ୍ଦଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିଲା।

# ପ୍ରସିକ୍ୟୁସନ ଅଭିଯୋଜନ ନିର୍ଦ୍ଦେଶାଳୟ ଉଦ୍‌ଘାଟିତ



ଛତ୍ରପୁର,୨୬।୮ (ସମିସ): ନୂତନ ଅପରାଧିକ ଆଇନ-୨୦୨୪ର ପ୍ରଣୟନ ପରେ ଅଭିଯୋଜନ ବିଭାଗକୁ ପୂର୍ବ ଅପେକ୍ଷା ଅଧିକ ସୁଦୃଢ଼ କରିବା ତଥା ଅସହାୟଙ୍କୁ ତ୍ୱରିତ ନ୍ୟାୟ ଦେବା ନିମନ୍ତେ କେନ୍ଦ୍ର ସରକାରଙ୍କ ନିର୍ଦ୍ଦେଶରେ ସବୁ ରାଜ୍ୟ ତଥା ଜିଲ୍ଲାସ୍ତରରେ ନୂତନ ଭାବେ ଜିଲ୍ଲା ଅଭିଯୋଜନ ବିଭାଗ ପ୍ରତିଷ୍ଠା କରାଯାଇଛି। ଏହି କ୍ରମରେ ଆଜି ଗଞ୍ଜାମ ଜିଲ୍ଲାର ସଦର ମହକୁମା ଛତ୍ରପୁରସ୍ଥିତ ଜିଲ୍ଲା ମୁଖ୍ୟାଳୟ ପରିସରରେ ଗଞ୍ଜାମ ଜିଲ୍ଲାପାଳ ଭି. କୀର୍ତ୍ତି ଭାସନଙ୍କ ଦ୍ୱାରା ଗଞ୍ଜାମ ଏସ୍‌ପି ଶୁଭେନ୍ଦୁ କୁମାର ପାତ୍ର, ଭାରପ୍ରାପ୍ତ ଅଭିଯୋଜନ ନିର୍ଦ୍ଦେଶକ ଅଜିତ ପଟ୍ଟନାୟକ, ଗଞ୍ଜାମ ଜିଲ୍ଲା ଉପନିର୍ଦ୍ଦେଶକ ସୁବ୍ରତ ମହାନ୍ତି, ସ୍ପେଶାଲ ଅଫିସର ଜନ୍ମେଜୟ ପଲେଇ, ଜିଲ୍ଲା ଅଭିଯୋଜନ ଅଧିକାରୀ ବିଶ୍ୱଜିତ ବରାଳ, ଛତ୍ରପୁର ଓକିଲ ସଂଘର ସଭାପତି ପ୍ରଦୀପ କୁମାର ପାଢ଼ୀ ଓ ଅନ୍ୟ ଅଭିଯୋଜନ ଅଧିକାରୀ ତଥା ସରକାରୀ ଓକିଲଙ୍କ ଉପସ୍ଥିତିରେ ଜିଲ୍ଲା ଅଭିଯୋଜନ ବିଭାଗର ଉଦଘାଟନ ହୋଇଯାଇଛି। ଜନସାଧାରଣଙ୍କୁ ତ୍ୱରିତ ନ୍ୟାୟ ମିଳିପାରିବ ତଥା ବଢୁଥିବା ଅପରାଧକୁ କମ କରାଯାଇପାରିବ ସେ ଉପରେ ଗୁରୁତ୍ୱାରୋପ କରିଥିଲେ।

# ଇଫ୍‌କୋ ଅଧିକାରୀଙ୍କ ଜୀବିକା ବିକାଶ ପ୍ରକଳ୍ପ ପରିଦର୍ଶନ



ପୁରୁଷୋତ୍ତମପୁର,୨୬।୮ (ସମିସ): ଗଞ୍ଜାମ ଜିଲ୍ଲା ପୁରୁଷୋତ୍ତମପୁର ବ୍ଲକର ପ୍ରତାପୁର ଗାଁର ରାଜୀବଗାନ୍ଧୀ ସେବାକେନ୍ଦ୍ର ଠାରେ ଇଫ୍‌କୋର ଗ୍ରାମାଞ୍ଚଳ ଜୀବିକା ବିକାଶ ପ୍ରକଳ୍ପ କାର୍ଯ୍ୟରତ ବରିଷ୍ଠ ଅଧିକାରୀମାନେ ପହଞ୍ଚିଥିଲେ। ଏହି ଅଧିକାରୀଙ୍କ ମଧ୍ୟରେ ରହିଥିଲେ ଇଫ୍‌କୋ ନୂଆଦିଲ୍ଲୀର କ୍ଷେତ୍ର ଅଧିକାରୀ ଶ୍ରୀ ଲକ୍ଷ୍ମୀ, ଇଫ୍‌କୋ ଭୁବନେଶ୍ୱରର କ୍ଷେତ୍ର ଅଧିକାରୀ ସନ୍ଧ୍ୟାରାଣୀ ବେହେରା ଓ ଇଫ୍‌କୋ କଟକର କ୍ଷେତ୍ର ଅଧିକାରୀ ଅର୍ପଣ ଖାନ୍ନା ରହିଥିଲେ। ଇଫକୋ ପକ୍ଷରୁ ଚାଲୁ ରହିଥିବା ଗ୍ରାମାଞ୍ଚଳ ଜୀବିକା ବିକାଶ ପ୍ରକଳ୍ପରେ କାର୍ଯ୍ୟରତ ଥିବା ମହିଳା ମାନେ ଏଥିରେ ଅଂଶଗ୍ରହଣ କରିଥିଲେ। ଏହି ପ୍ରକଳ୍ପ ଦ୍ୱାରା ଗ୍ରାମାଞ୍ଚଳର ମହିଳାମାନେ କିଭଳି ଭାବେ ସ୍ୱାଭାଲମ୍ବୀ ହୋଇପାରିବେ ସେ ନେଇ ସମୀକ୍ଷା କରିଥିଲେ। ଇଫ୍‌କୋ ଗତ ୧୫ ବର୍ଷ ଧରି ଏହି ପ୍ରକଳ୍ପକୁ କାର୍ଯ୍ୟକାରୀ କରିଆସୁଛି ଏହି ପ୍ରକଳ୍ପର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଗ୍ରାମାଞ୍ଚଳର ମହିଳାଙ୍କୁ ସଶକ୍ତୀକରଣ କରିବା। ବିଭିନ୍ନ କ୍ଷେତ୍ରରେ ଏହି ପ୍ରକଳ୍ପ କାମ କରିଥାଏ। ଏହି କ୍ରମରେ ପ୍ରତାପୁରରେ ରହିଥିବା ଏକ ସ୍ୱୟଂ ସହାୟକ ଗୋଷ୍ଠୀକୁ ଇଫ୍‌କୋ ନିଜ ପ୍ରକଳ୍ପରେ ଅନ୍ତର୍ଭୁକ୍ତ କରିଛି। ଏହି ପ୍ରକଳ୍ପରେ ମହିଳାମାନେ ସିଲେଇ କାମ କରୁଛନ୍ତି। ମହିଳାମାନେ ସିଲେଇ କାମ କରିବା ନିମନ୍ତେ ବିଭିନ୍ନ କ୍ଷେତ୍ରରେ ସାହାଯ୍ୟ କରୁଛି ଇଫ୍‌କୋ। ତାହାର ତଦାରଖ କରିବା ସହିତ ସ୍ଥାନୀୟ ଇଫ୍‌କୋ କର୍ମଚାରୀ ମହିଳାମାନଙ୍କୁ ଏଭଳି ପ୍ରକଳ୍ପରେ ସହଯୋଗ କରିଥିଲେ।

### ଦାମ୍ପତ୍ୟ କଳହକୁ ନେଇ କଙ୍ଗାରୁ କୋର୍ଟରେ ୭ ଲକ୍ଷ ଜରିମାନା

# ବାପ-ପୁଅଙ୍କୁ ମାଡ଼ ମାରି ୨ଲକ୍ଷ ଟଙ୍କା ଅସୁଲ

ମୋହନା,୨୬।୮ (ସମିସ): ପ୍ରଥମେ ପ୍ରେମ ବିବାହ, ପରେ ଦାମ୍ପତ୍ୟ କଳହକୁ ନେଇ ବସିଲା କଙ୍ଗାରୁ କୋର୍ଟ। ସେଠାରେ ସ୍ୱାମୀଙ୍କୁ ମାଡ଼ ମରାଯିବା ସହ ୭ ଲକ୍ଷ ଟଙ୍କାର ଜରିମାନା କରାଯାଇଛି। ଗଜପତି ଜିଲ୍ଲା ଅଡ଼ବା ଅଞ୍ଚଳରୁ ଆସିଛି ଏଭଳି ଅଭିଯୋଗ। ଥାନାରେ ହୋଇଥିବା ଅଭିଯୋଗ ଅନୁଯାୟୀ, ଅଡ଼ବା ଥାନା ତୋରାଣିପାଣି ଗ୍ରାମର ହେବଲ ଶବର ବର୍ଷକ ପୂର୍ବେ କୁଟୁଣୀଗଣ୍ଡା ଗ୍ରାମର ପ୍ରିୟଙ୍କା ରଇତଙ୍କୁ ପ୍ରେମ ବିବାହ କରିଥିଲେ। ବିବାହର କିଛିଦିନ ପରେ ଉଭୟଙ୍କ ମଧ୍ୟରେ କୋ÷ଣସି କାରଣରୁ ଝଗଡ଼ା ହେବାପରେ ପ୍ରିୟଙ୍କା ବାପ ଘରକୁ ଚାଲିଯାଉଥିଲେ। ଏହା ମଧ୍ୟରେ ବାପଘରେ ସ୍ତ୍ରୀ ଏକ ପୁତ୍ର ସନ୍ତାନ ଜନ୍ମ ଦେଇଥିଲେ। ପରେ ନବଜାତକର ମୃତ୍ୟୁ ହୋଇଥିଲା। ହାବଲ ବୁଝାସୁଝା କରି ସ୍ତ୍ରୀଙ୍କୁ ଘରକୁ ଆଣିଥଲା। କିନ୍ତୁ ପରେ ପୁଣି ଉଭୟଙ୍କ ମଧ୍ୟରେ କଳହ ହେବାରୁ ସ୍ତ୍ରୀ ପ୍ରିୟଙ୍କା



ଲୁଚି ବାପଘରକୁ ଚାଲିଯାଇଥିଲେ। ଏହାପରେ ଗତ ଅଗଷ୍ଟ ୨୧ରେ ଉଭୟ ଗ୍ରାମର ଭଦ୍ରବ୍ୟକ୍ତିଙ୍କୁ ନେଇ କୁଟୁଣୀଗଣ୍ଡାରେ କଙ୍ଗାରୁ କୋର୍ଟ ବସିଥିଲା। ସେଠାରେ ସ୍ତ୍ରୀର ପରିବାର ବର୍ଗ ଏବଂ ଗ୍ରାମର କିଛି ଲୋକ ହେବଲ ଏବଂ ତାଙ୍କ ବାପା କର୍ନେଲ ଶବରଙ୍କୁ ମାଡ଼ ମାରିବା ସହ ୭ ଲକ୍ଷ ୩୦ ହଜାର ଟଙ୍କା ଜରିମାନା ମାଗିଥିଲେ। ଜୀବନ ଭୟରେ ଧାରକରଜ କରି ୨ ଲକ୍ଷ ୫ ହଜାର ୫ ଶହ ୫୧ ଟଙ୍କା ଉକ୍ତ ବୈଠକରେ ସଭାପତିତ୍ୱ କରୁଥିବା ବ୍ୟକ୍ତିଙ୍କୁ ପ୍ରଦାନ କରିଥିଲେ। ବକେୟା ଟଙ୍କା ସେପ୍ଟେମ୍ବର ୧ରେ ଦେବାକୁ ପ୍ରତିଶ୍ରୁତି ଦେଇଥିଲେ। ବର୍ତ୍ତମାନ ଟଙ୍କା ଯୋଗାଡ଼ ହୋଇ ନ ପାରିବାରୁ ଜୀବନ ଭୟରେ ପୁଲିସର ଦ୍ୱାରସ୍ଥ ହୋଇଥିବା କହିଛନ୍ତି ହାବେଲ। ଅନ୍ୟପଟେ କଙ୍ଗାରୁ କୋର୍ଟ ଘଟଣାକୁ ଅସ୍ୱୀକାର କରିଥିବା ବେଳେ ଅଭିଯୋଗ ଅନୁଯାୟୀ ପ୍ରକୃତ ଘଟଣାର ତଦନ୍ତ ଚାଲିଥିବା ଥାନା ଅଧିକାରୀ ଶୁଭ୍ରାନ୍ତ କୁମାର ପଣ୍ଡା ସୂଚନା ଦେଇଛନ୍ତି।

# 'ମୋ ପ୍ରତିଭା ମୋ ପରିଚୟ' କାର୍ଯ୍ୟକ୍ରମ

ଛତ୍ରପୁର,୨୬।୮ (ସମିସ): ବିବିଧା ଫାଉଣ୍ଡେସନ ଫର ଆର୍ଟ ଏଣ୍ଡ କଲଚରର ୮ମ ବାର୍ଷିକ ଉତ୍ସବ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଛତ୍ରପୁର ଜିଲ୍ଲା ସଂସ୍କୃତି ଭବନରେ ମୋ ପ୍ରତିଭା ମୋ ପରିଚୟ କାର୍ଯ୍ୟକ୍ରମ ପାଳନ ହୋଇଯାଇଛି। ସମ୍ପାଦକ ପ୍ରଶାନ୍ତ କୁମାର ପଟ୍ଟନାୟକଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଛତ୍ରପୁର ଏନଏସି ଓ ବ୍ଲକସ୍ତରୀୟ ଦିନତମାମ କଳାକାର ମାନଙ୍କ ଦ୍ୱାରା ଚିତ୍ରାଙ୍କନ, ସଂଗୀତ ଓ ନୃତ୍ୟ ପ୍ରତିଯୋଗିତା ହୋଇଥିଲା। ଜିଲ୍ଲା ସଂସ୍କୃତି ପରିଷଦର ସଦସ୍ୟ ଅରୁଣ କୁମାର ଶତପଥି, ଛତ୍ରପୁର ନୃତ୍ୟ ନିର୍ଦ୍ଦେଶକ ସଂଘର ସଭାପତି କେ.ସତ୍ୟନାରାୟଣ ରେଡ୍ଡୀ, ଓଡିଶୀ ନୃତ୍ୟ ଶିଳ୍ପୀ ଅଳକା ସାହୁ ଯୋଗଦେଇ ପ୍ରତିଯୋଗୀମାନଙ୍କୁ ଉତ୍ସାହିତ କରିଥିଲେ। ସନ୍ଧ୍ୟା ଉଦ୍‌ଘାଟନୀ ସାଂସ୍କୃତିକ କାର୍ଯ୍ୟକ୍ରମରେ ଅତିଥିଭାବେ ପୂର୍ବତନ ବିଧାୟକ ଅଶୋକ କୁମାର ଚୌଧୁରୀ, ଉତ୍କଳ ସଂଗୀତ ମହାବିଦ୍ୟାଳୟର ସ୍ୱତନ୍ତ୍ର କର୍ତ୍ତବ୍ୟରତ ଅଧିକାରୀ ଅମୀୟ କୁମାର ଧଳ, ଛତ୍ରପୁର ବାର ଆସୋସିସନର ସଭାପତି ପ୍ରଦୀପ କୁମାର ପାଢ଼ୀ,



କେନ୍ଦ୍ରୀୟ ବିସ୍‌ମିଲ୍ଲା ଖାଁ ଯୁବପୁରସ୍କାରପ୍ରାପ୍ତ ଯୁବ ଲୋକନୃତ୍ୟ ଗୁରୁ ଆଲୋକ ବିଷୋୟୀ, ବିବିଧା ଫାଉଣ୍ଡେସନ ଫର୍ ଆର୍ଟ ଏଣ୍ଡ କଲଚରର ସଦସ୍ୟ ତଥା ଅଭିନୟ ନୃତ୍ୟ ଶିଳ୍ପୀ ରାମେଶ୍ୱର ପଣ୍ଡା ମଞ୍ଚାସୀନ ହେବା ସହ ସବୁବେଳେ ସ୍ଥାନୀୟ କଳାକାରଙ୍କୁ ଉତ୍ସାହିତ କରିବାକୁ ପ୍ରୟାସ ଜାରି ରଖିଛି ବୋଲି ପ୍ରଶଂସା କରିଥିଲେ। ସାଂସ୍କୃତିକ କାର୍ଯ୍ୟକ୍ରମରେ ପ୍ରଥମେ ଓଡିଶୀ, କେନ୍ଦରା, ଦଣ୍ଡନାଚ ଗାହାଣୀ, ଗୁରୁ ସମୀର କୁମାର ବେହେରାଙ୍କ କାଠ ପାଦ ନୃତ୍ୟ, ସ୍ୱର୍ଗତ ଅକ୍ଷୟ ମହାନ୍ତିଙ୍କ ଗୀତରେ ରାମେଶ୍ୱର ପଣ୍ଡାଙ୍କ ନୃତ୍ୟରେ ଝୁମିଲେ ଦର୍ଶକ, ଶେଷରେ ପ୍ରତିଯୋଗିତାର ବିଜୟୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରି କଳାକାରଙ୍କୁ ସମ୍ମାନିତ କରାଯାଇଥିଲା ବେଳେ ସାନ୍ତାନୁ କୁମାର ସାହୁ, ଆଶା ଦାସ, ବର୍ଷା ଦାସ ସହଯୋଗ କରିଥିଲେ।

# ଏନ୍‌ଏସି ପକ୍ଷରୁ ସ୍ୱଚ୍ଛତା ସଚେତନତା



ବୁଗୁଡା,୨୫।୮ (ସମିସ): ବୁଗୁଡ଼ା ବିଜ୍ଞାପିତ ଅଞ୍ଚଳ ପରିଷଦ ପକ୍ଷରୁ ଆସନ୍ତା ସ୍ୱାୟତ ଶାସନ ଦିବସ ପାଳନ ଉପଲକ୍ଷେ ସ୍ୱଚ୍ଛତା ସଚେତନତା ଶୋଭାଯାତ୍ରା ଓ ପଥପ୍ରାନ୍ତ ନାଟକ ପରିବେଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ସରକାରଙ୍କ "ଗରିମା' ଯୋଜନା ଆନୁକୂଲ୍ୟରେ ମୁଖ୍ୟ ପରିମଳ କର୍ମଚାରୀଙ୍କ ସୁରକ୍ଷା ଓ ମର୍ଯ୍ୟାଦା ପାଇଁ ସ୍ଥାନୀୟ ନୂଆ ବସ୍‌ଷ୍ଟାଣ୍ଡ ପରିସରରେ ମହେଶ୍ୱର ନାଟ୍ୟ ସେବା ପରିଷଦର କଳାକାରଙ୍କ ଦ୍ୱାରା ଜନସଚେତନତାମୂଳକ ପଥପ୍ରାନ୍ତ ନାଟକ ପରିବେଷଣ ହୋଇଥିଲା ବେଳେ ତାହା ଲୋକଙ୍କୁ ବହୁତ ପ୍ରଭାବିତ କରିଥିଲା। ସେହିପରି ଶ୍ରୀ ବିରଞ୍ଚି ନାରାୟଣ ବାଳିକା ଉଚ୍ଚ ବିଦ୍ୟାଳୟର ଛାତ୍ରୀଙ୍କ ସମେତ ଏସଏଚଜି ମହିଳା, ସ୍ୱଚ୍ଛସାଥୀ, ସଫେଇ ଓ ଅନ୍ୟ କର୍ମଚାରୀଙ୍କୁ ନେଇ ଏକ ସ୍ୱଚ୍ଛତା ସଚେତନତା ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ବିଭୂତି ଭୂଷଣ ବେହେରାଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଉକ୍ତ ଶୋଭାଯାତ୍ରା କାର୍ଯ୍ୟକ୍ରମ ଅଧକ୍ଷ ଚିତ୍ରସେନ ପ୍ରଧାନଙ୍କ ଦ୍ୱାରା ଶୁଭାରମ୍ଭ ହୋଇଥିଲା ବେଳେ ତାହା ଏନ୍‌ଏସି କାର୍ଯ୍ୟାଳୟରୁ ବାହାରି ନଗର ପରିକ୍ରମା କରି ଜନସଚେତନତା ସୃଷ୍ଟି କରିଥିଲା।

# ମାଗଣା ଚକ୍ଷୁ ପରୀକ୍ଷା ଶିବିର

ପୋଲସରା,୨୬।୮ (ସମିସ): ପୋଲସରା ବ୍ଲକ ଅନ୍ତର୍ଗତ ହାତୀଓଟରେ ସମଗ୍ର ଶିକ୍ଷା, ଗଞ୍ଜାମ ଏବଂ ହାତୀଓଟ ନୋଡାଲ୍ ହାଇସ୍କୁଲ ଦ୍ୱାରା ଏକ ଚକ୍ଷୁ ପରୀକ୍ଷା ଶିବିର ଆୟୋଜିତ ହୋଇଯାଇଛି। କାର୍ଯ୍ୟକ୍ରମରେ ସୁରେନ୍ଦ୍ର ସାଇ ଦିବ୍ୟ ଦୃଷ୍ଟି ପକ୍ଷରୁ ଚକ୍ଷୁ ପରୀକ୍ଷା କରାଯାଇଥିଲା। ଏହି ଶିବିରରେ ମୋଟ ୨୨୫ ଜଣ ଛାତ୍ରଛାତ୍ରୀଙ୍କ ପରୀକ୍ଷା କରାଯାଇଥିବା ବେଳେ ସେମାନଙ୍କ ମଧ୍ୟରୁ ୧୧୨ ଜଣ ଛାତ୍ରଛାତ୍ରୀଙ୍କୁ ମାଗଣା ଚଷମା ପ୍ରଦାନ କରିବାକୁ ଚିହ୍ନଟ କରାଯାଇଥିଲା ଓ ୫ ଜଣ ଛାତ୍ରଛାତ୍ରୀଙ୍କ ଚକ୍ଷୁ ସମସ୍ୟା ଥିବାରୁ ସେମାନଙ୍କୁ ଜିଲ୍ଲା ଚକ୍ଷୁ ପରୀକ୍ଷା କେନ୍ଦ୍ରକୁ ପଠାଯିବ ବୋଲି ନିଷ୍ପତ୍ତି ନିଆଯାଇଥିଲା? କାର୍ଯ୍ୟକ୍ରମରେ ହାତୀଓଟ ନୋଡାଲ୍ ହାଇସ୍କୁଲର ପ୍ରଧାନ ଶିକ୍ଷକ ଉମା ଶଙ୍କର ଦାସ ଏବଂ ବିଦ୍ୟାଳୟର ଶିକ୍ଷକ ନିରାନନ୍ଦ ସାହୁ, ଶଙ୍କର ପ୍ରଧାନ, ଶୁଭକାନ୍ତ ସାହୁ, ସୁନୀତା କୁମାରୀ ବଡ଼ ଜେନା, ରମେଶ ଚନ୍ଦ୍ର ସ୍ୱାଇଁ, ସମୀର କୁମାର ଦଳେଇ,ସବିତା ରାଉତ, ଗଣପତି ସାହୁ, ସୁଶାନ୍ତ କୁମାର ସ୍ୱାଇଁ, କର୍ମଚାରୀ ଆଶିଷ କୁମାର ପାତ୍ର, ଏବଂ ଦୀପକ କୁମାର ପ୍ରଧାନ ଉପସ୍ଥିତ ଥିଲେ। ଡାକ୍ତର ସିଲା ସୀତାରାମ, ଚକ୍ଷୁ ବିଶେଷଜ୍ଞ ଡାକ୍ତର ଏ. ନାଗେଶ୍ୱର ରାଓ ଆଚାରୀ ଏବଂ ସୃଷ୍ଟି ସାହୁ ଛାତ୍ରଛାତ୍ରୀମାନଙ୍କର ପରୀକ୍ଷା କରିଥିଲେ। ପୋଲସରା ବ୍ଲକ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟରୁ ବ୍ଲକ ଶିକ୍ଷା ଅଧିକାରୀ ଶ୍ରୀହର୍ଷବାବୁ ଖାଡ଼ଙ୍ଗା, ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ ପ୍ରଭାସିନି ତ୍ରିପାଠୀ, ବ୍ଲକ ସମ୍ବଳ ଶିକ୍ଷକ ଉପେନ୍ଦ୍ର କୁମାର ସେଠୀ ଏବଂ କମଳିନୀ ମହାପାତ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସିଆରସିସି ରାକେଶ ରୋଶନ ବେହେରା ଶିବିର ପରିଚାଳନାରେ ସହଯୋଗ କରିଥିଲେ।

# ଶେରଗଡ଼ରେ ସାର ସଂକଟ; ଚଢ଼ା ଦରରେ କିଣୁଛି ଚାଷୀ

ଶେରଗଡ,୨୬।୮ (ସମିସ)

ଧାନ ରୁଆ ସରିଲାଣି, ଏବେ ଚାଷୀ ବିଲରେ ସାର ପକାଇବ। ସାର ପକାଇବା ଲାଗି ଏହା ପ୍ରକୃଷ୍ଟ ସମୟ ହୋଇଥିବାବେଳେ ଚାଷୀ ପାଖରେ କିନ୍ତୁ ସାର ନାହିଁ। ସ୍ଥାନୀୟ ସୋସାଇଟିକୁ ସାର ଲାଗି ଗଲେ ଚାଷୀଙ୍କୁ ନିରାଶ ହୋଇ ଫେରିବାକୁ ପଡୁଛି। ଫଳରେ ଚାଷୀମାନଙ୍କୁ ବଜାରରୁ ଚଢ଼ା ଦରରେ ସାର କିଣିବାକୁ ପଡୁଛି। ଯେଉଁଠି ସାରର ମୂଲ୍ୟ ୩ ଶହ ଟଙ୍କା ଧାର୍ଯ୍ୟ କରାଯାଇଛି, ତାହା ବଜାରରେ ୫ ଶହରୁ ଊର୍ଦ୍ଧ୍ୱ ଟଙ୍କାରେ ବିକ୍ରି ହେଉଛି। ମୁଖ୍ୟତଃ ଚାଷୀଙ୍କୁ ସେମାନଙ୍କ ଅଞ୍ଚଳରେ ଥିବା ସୋସାଇଟି ଜରିଆରେ ସାର ଯୋଗାଇ ଦିଆଯାଇଥାଏ। ଏହା ବ୍ୟତିତ ଜିଲ୍ଲା କୃଷି ବିଭାଗ ପକ୍ଷରୁ କିଛି ବ୍ୟବସାୟୀଙ୍କୁ ସାର ବିକ୍ରି ଲାଗି ଲାଇସେନ୍ସ ପ୍ରଦାନ କରାଯାଇଥାଏ। ସେମାନେ ସରକାରୀ ଧାର୍ଯ୍ୟ ମୂଲ୍ୟରେ ସାର ବିକ୍ରି କରିବେ। ଶେରଗଡ ବ୍ଲକରେ ମୋଟ ୧୫ ଶହ ମେଟ୍ରିକ୍‌ଟନ ସାରର ଆବଶ୍ୟକତା ରହିଛି।

ଏହି ସାର ଯୋଗାଣ ଲାଗି ୧୫ଟି ସୋସାଇଟି ଏବଂ ୩୦ରୁ ଊର୍ଦ୍ଧ୍ୱ ବ୍ୟବସାୟୀଙ୍କୁ ଲାଇସେନ୍ସ ପ୍ରଦାନ କରାଯାଇଛି। କିନ୍ତୁ ବର୍ତ୍ତମାନ ସୁଦ୍ଧା ମାତ୍ର ୫୫୦ ମେଟ୍ରିକ୍ ଟନ ସାର ପହଞ୍ଚିଛି। ଯାହାକି ଆବଶ୍ୟକତାର ପ୍ରାୟ ମାତ୍ର ୩୦ ପ୍ରତିଶତ। ଏବେ ବିଲରେ ରୁଆ କାର୍ଯ୍ୟ ଶେଷ ହୋଇ ଯାଇଥିବାରୁ ଚାଷୀଙ୍କ ଲାଗି ସାରର ନିହାତି ଆବଶ୍ୟକତା ରହିଛି। ସାର ଲାଗି ବିଭିନ୍ନ ସୋସାଇଟିରେ ଧାଡି ଲଗାଉଛନ୍ତି ଚାଷୀ। ହେଲେ ଅଧିକାଂଶ ସୋସାଇଟିରେ ସାର ନଥିବା ଦେଖିବାକୁ ମିଳୁଛି। କଳାବଜାରରେ କେବଳ ୟୁରିଆ ମିଳୁଛି, ଏହି ୟୁରିଆ ସରକାରୀ ମୂଲ୍ୟରେ ୨୭୦ ଟଙ୍କା ଧାର୍ଯ୍ୟ କରାଯାଇଥିବା ବେଳେ କଳାବଜାରରେ ଚାଷୀଙ୍କୁ ୫ ଶହରୁ ୫୫୦ ଟଙ୍କାରେ ବିକ୍ରି କରାଯାଉଛି। ସାରର ଆବଶ୍ୟକତା ଥିବାରୁ ଚାଷୀ ଚଢ଼ା ଦରରେ ଏହି ସାର କିଣିବାକୁ ବାଧ୍ୟ ହେଉଛି। ଡିଏପି, ଗ୍ରୋମୋର, ପଟାସ, ସୁପର ଆଦି ସାର ବଜାରରେ ନାହିଁ କହିଲେ ଚଳେ। ଲାଇସେନସ ପ୍ରାପ୍ତ ଦୋକାନୀ ଗୁଡିକ ମଧ୍ୟରୁ କେତେକ ସାର ଜାଣିକି କୃତ୍ରିମ ଅଭାବ ସୃଷ୍ଟି କରୁଛନ୍ତି ବୋଲି ଅଭିଯୋଗ ହେଉଛି। ଫଳରେ ସେମାନଙ୍କୁ ଏହାର ଫାଇଦା ମିଳୁଛି। କିନ୍ତୁ ସାର ଯୋଗାଣରେ ଦେଖା ଦେଇଥିବା ବିଭ୍ରାଟରେ ଯାହାର ବି ଭୁଲ ଥାଉନା କାହିଁକି ଚାଷୀ କିନ୍ତୁ ଶୋଷଣର ଶିକାର ହେଉଛି ଓ ଚାଷ କାର୍ଯ୍ୟ ବାଧାପ୍ରାପ୍ତ ହେଉଛି। ଯଦି ତୁରନ୍ତ ଚାଷୀଙ୍କ ନିକଟରେ ସାର ନପହଞ୍ଚେ ତେବେ କେବଳ ଚାଷୀ କ୍ଷତିଗ୍ରସ୍ତ ହେବେନି ଧାନ ଉତ୍ପାଦନ ହ୍ରାସ ପାଇବ।

ଏନେଇ ବ୍ଲକ କୃଷି ଅଧିକାରୀ ଜ୍ୟୋତି ରଞ୍ଜନ ମିଶ୍ର ପ୍ରକାଶ କରିଛନ୍ତି ଯେ, ପ୍ରତ୍ୟେକ ପ୍ୟାକ୍ସ ମାନଙ୍କ ଅଞ୍ଚଳରେ ଚାଷୀଙ୍କ ଆବଶ୍ୟକତା ରହିଛି, ତାହାର ତାଲିକା ଅଛି, ଆସନ୍ତା ଦିନେ ଦୁଇ ଦିନ ମଧ୍ୟରେ ସାର ଆସି ପହଞ୍ଚିବ,ପରେ ପ୍ରତ୍ୟେକ ପ୍ୟାକସକୁ ଏହା ପହଞ୍ଚାଯିବ ବୋଲି ପ୍ରକାଶ କରିଛନ୍ତି।

# ସରିଲା ପଞ୍ଜୀକରଣ; ଗତବର୍ଷ ଠାରୁ ଅଧିକ ଚାଷୀ ସାମିଲ

ଶେରଗଡ଼,୨୬।୮ (ସମିସ): କଡ଼ା ନିୟମ, ହନ୍ତସନ୍ତ ସ୍ଥିତି, ଅସନ୍ତୋଷ ଓ ଶେଷରେ କୋହଳ ନିୟମ ଭିତରେ ସୋମବାର ସରିଛି ଖରିଫ ଧାନ ବିକ୍ରି ଲାଗି ଚାଷୀ ପଞ୍ଜିକରଣ। ଏଥର ଚାଷୀଙ୍କ ସଂଖ୍ୟା ଗତବର୍ଷ ଠାରୁ ଟପିଯାଇଛି। ଗତବର୍ଷ ୬୨୯୧ ଜଣ ଚାଷୀ ପଞ୍ଜିକରଣ କରିଥିବାବେଳେ ଚଳିତ ବର୍ଷ ସୋମବାର ସୁଦ୍ଧା ୬୮୪୪ ଜଣ ଚାଷୀ ପଞ୍ଜୀକରଣ କରିସାରିଛନ୍ତି। ଅନେକ ସମିତିରେ ପଞ୍ଜୀକରଣ ଚାଲିଥିବାରୁ ସମ୍ପୂର୍ଣ୍ଣ ଶେଷ ହେବା ବେଳକୁ ୭ ହଜାର ଛୁଇଁବ ବୋଲି ଆଶା କରାଯାଉଛି। ଗତବର୍ଷ ଅପେକ୍ଷା ପ୍ରାୟ ୬ ଶହ ବଢିବ ବୋଲି ଆଶା କରାଯାଉଛି। ଶେଷ ବେଳକୁ ସରକାର ନିୟମ କୋହଳ କରିବାରୁ ଦ୍ରୁତ ପଞ୍ଜୀକରଣ ହୋଇପାରିଛି। ଗତବର୍ଷ ଠାରୁ ଧାନର ମୂଲ୍ୟ କ୍ୱିଣ୍ଟାଲ ପ୍ରତି ୩୧ ଶହ ଟଙ୍କାକୁ ବଢି ଥିବାରୁ ଚଳିତ ବର୍ଷ ଚାଷୀ ପଞ୍ଜୀକରଣ କରିବାକୁ ଆଗ୍ରହୀ ଥିଲେ। ମାତ୍ର ଉତ୍ତରାଧିକାରୀ ପ୍ରମାଣ ପତ୍ର ଭାବେ ବଂଶାବଳୀ ପ୍ରମାଣପତ୍ର ଓ ଅନୁମତି ପତ୍ରର ଗୋଲକ ଧନ୍ଦା ଭିତରେ ଚାଷୀ ନୟାନ୍ତ ହୋଇ ପଡ଼ିଥିଲା। ଆରଆଇଙ୍କ ଠାରୁ ବଂଶାବଳୀ ପ୍ରମାଣପତ୍ର ଆଣିବା ଓ ଭାଇ ଭାଇ ଭିତରେ ଅନୁମତି ପତ୍ର ଆଣିବାର ଜଟିଳ ବ୍ୟବସ୍ଥା ଭିତରେ ଚାଷୀ ହନ୍ତସନ୍ତ ହୋଇ ପଡିଥିଲା। ଅନେକ ଚାଷୀ ଏହି ସମସ୍ୟା କାରଣରୁ ପଞ୍ଜୀକରଣ କରିପାରିନଥିଲେ। ଅସନ୍ତୋଷ ବଢିବା ପରେ ଅନୁମତି ଆବଶ୍ୟକ ନାହିଁ, ସ୍ୱ ଘୋଷଣା ପତ୍ର ଦେଇ ପଞ୍ଜୀକରଣ ହୋଇପାରିବ ବୋଲି ରାଜ୍ୟ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ ଘୋଷଣା କରିଥିଲେ। ମାତ୍ର ବିଭାଗୀୟ ଚିଠି ନହେବାରୁ ସ୍ୱ ଘୋଷଣା ପତ୍ର କେବଳ ଘୋଷଣାରେ ରହିଯାଇଥିଲା। ପଞ୍ଜୀକରଣ ବହୁ ପଛରେ ରହିଥିଲା। ଶେଷବେଳକୁ ସରକାର ପୁଣି ପଞ୍ଜିକରଣ ଅବଧି ଆଉ ୫ ଦିନ ଅର୍ଥାତ ୨୫ ତାରିଖ ପର୍ଯ୍ୟନ୍ତ ବଢାଇବା ସହ ସ୍ୱ ଘୋଷଣା ପତ୍ର ନେଇ ଚିଠି ପ୍ରକାଶ ପାଇଥିଲା। ଏହା ପରଠାରୁ ପଞ୍ଜିକରଣ ଦ୍ରୁତ ଗତିରେ ବଢିଚାଲିଲା ଏବଂ ଚାଷୀ ସ୍ୱ ଘୋଷଣା ପତ୍ର ଦେଇ ପଞ୍ଜିକରଣ କଲେ। ଶେଷ ବେଳକୁ ଏତେ ବଢିଲା ଯେ,ସଂଖ୍ୟା ଗତବର୍ଷକୁ ଟପିଯାଇଛି। ଗତବର୍ଷ ୬୨୯୧ ଚାଷୀ ପଞ୍ଜିକରଣ କରିଥିବା ବେଳେ ଚଳିତ ବର୍ଷ ଲାଗି ସୋମବାର ସନ୍ଧ୍ୟା ସୁଦ୍ଧା ୬୮୪୪ ଜଣ ଚାଷୀ ପଞ୍ଜିକରଣ କରିସାରିଲେଣି। ରାତି ୧୨ଟା ପର୍ଯ୍ୟନ୍ତ ଆବେଦନ ରହିଥିବା ବେଳେ ସମସ୍ତ ସମିତି ଗୁଡିକରୁ ଆସିବା ପରେ ସଂଖ୍ୟା ୭ ହଜାର ଛୁଇଁବ ବୋଲି ବିଭାଗ ପକ୍ଷରୁ ଆଶା କରାଯାଉଛି। ଶେଷ ବେଳକୁ କୋହଳ ନିୟମ ଦ୍ୱାରା ଅନେକ ଚାଷୀ ପଞ୍ଜିକରଣ କରି ଧାନ ବିକ୍ରି କରିବାର ସୁଯୋଗ ପାଇପାରିବେ।






## ଭବିଷ୍ୟତର ଯୁଦ୍ଧ ଅଧିକ ବିପଜ୍ଜନକ ହେବ: ସିଡିଏସ୍ ଅନିଲ ଚୌହାନ

ମହୁ, ୨୬।୮ (ଏଜେନ୍ସି): ଭାରତ ଶାନ୍ତିପ୍ରିୟ ଦେଶ ହୋଇଥିଲେ ବି ଶାନ୍ତିବାଦୀ ନୁହେଁ। ଶତ୍ରୁ ଏହି ଭୁଲ୍ ବୁଝାମଣାର ଶିକାର ନ ହେଉ। ଦେଶର ସେନା ଯୁଦ୍ଧ ପାଇଁ ସର୍ବଦା ପ୍ରସ୍ତୁତ ହୋଇ ରହିଛି। କାରଣ ଶାନ୍ତି ପାଇଁ ଯୁଦ୍ଧ ଦରକାର ବୋଲି ଚିଫ୍ ଅଫ୍ ଡିଫେନ୍ସ ଷ୍ଟାଫ (ସିଡିଏସ) ଜେନେରାଲ ଅନିଲ ଚୌହାନ କହିଛନ୍ତି। ମଧ୍ୟପ୍ରଦେଶ ମହୁ ସ୍ଥିତ 'ଆର୍ମି ୱାର କଲେଜ'ରେ ଆୟୋଜିତ ରଣ ସମ୍ବାଦ କାର୍ଯ୍ୟକ୍ରମ-୨୦୨୫ରେ ସାମିଲ ହୋଇ ସିଡିଏସ ଏହି ଟିପ୍ପଣୀ ଦେଇଛନ୍ତି। ସିଡିଏସ୍ କହିଥିଲେ ଯେ ଶକ୍ତି ବିନା ଶାନ୍ତି ଏକ 'ୟୁଟୋପିଆନ୍' ଧାରଣା ମାତ୍ର। ସେ ଏକ ଲାଟିନ୍ ଉକ୍ତିର ଉଦାହରଣ ଦେଇ କହିଥିଲେ ଯେ ଯଦି ତୁମେ ଶାନ୍ତି ଚାହୁଁଛ, ତେବେ ଯୁଦ୍ଧ ପାଇଁ ପ୍ରସ୍ତୁତ ରୁହ। କାରଣ ଶାନ୍ତି କେବଳ ଶକ୍ତିରୁ ଆସିପାରିବ। 'ଅପରେସନ୍ ସିନ୍ଦୂର' ଏକ ନୂତନ ଯୁଗର ଯୁଦ୍ଧ ଥିଲା। ଏଥିରୁ ଅନେକ ଶିକ୍ଷା ପାଇଲୁ। ଏହା ମଧ୍ୟରୁ ଅଧିକାଂଶକୁ କାର୍ଯ୍ୟକାରୀ କରିବାକୁ ପ୍ରୟାସ ଚାଲିଛି।

## ଆପ୍ ନେତା ସୌରଭ ଭରଦ୍ୱାଜଙ୍କ ଘରେ ଇଡି ଚଢ଼ଉ

ନୂଆଦିଲ୍ଲୀ, ୨୬।୮ (ଏଜେନ୍ସି): ଆଉ ଜଣ ଆମ୍ ଆଦମୀ ପାର୍ଟି (ଆପ୍) ନେତା ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ରାଡ଼ାରରେ ଆସିଛନ୍ତି। ପୂର୍ବତନ ମନ୍ତ୍ରୀ ତଥା ଆପ୍ ନେତା ସୌରଭ ଭରଦ୍ୱାଜଙ୍କ ଘର ସମେତ ୧୩ ସ୍ଥାନ ଏଜେନ୍ସି ଚଢ଼ଉ କରିଛି। ହସ୍ପିଟାଲ ନିର୍ମାଣ ଦୁର୍ନୀତି ମାମଲାରେ ଏହି କାର୍ଯ୍ୟାନୁଷ୍ଠାନ ନିଆଯାଇଛି। ଦିଲ୍ଲୀର ଦୁର୍ନୀତି ନିବାରଣ ଶାଖା (ଏସିବି) ବର୍ଷେ ତଳେ ଆପ୍ ସରକାର ସମୟରେ ସ୍ୱାସ୍ଥ୍ୟ ଭିତ୍ତିଭୂମି ସହିତ ଜଡିତ ପ୍ରକଳ୍ପରେ ବଡ଼ ଧରଣର ଦୁର୍ନୀତି ଅଭିଯୋଗର ତଦନ୍ତ ଆରମ୍ଭ କରିଥିଲା। ଜୁନ୍ ମାସରେ ପୂର୍ବତନ ସ୍ୱାସ୍ଥ୍ୟମନ୍ତ୍ରୀ ସୌରଭ ଭରଦ୍ୱାଜ ଏବଂ ସତ୍ୟେନ୍ଦ୍ର ଜୈନଙ୍କ ବିରୋଧରେ ମାମଲା ରୁଜୁ କରିଥିଲା। ପରେ ଏସିବି ମାମଲାକୁ ଇଡିକୁ ହସ୍ତାନ୍ତର କରିଥିଲା। କେନ୍ଦ୍ରୀୟ ଏଜେନ୍ସି ଜୁଲାଇରେ ମାମଲା ରୁଜୁ କରିଥିଲା। ଏହାକୁ ନେଇ କେଜ୍ରିୱାଲ କେନ୍ଦ୍ର ସରକାରଙ୍କୁ ନିଶାଣ କରିଛନ୍ତି। ସେ କହିଛନ୍ତି ଯେ କେନ୍ଦ୍ର ସରକାର ଆପ୍ ପଛରେ ପଡ଼ିଛନ୍ତି ବୋଲି ଏହି ଚଢ଼ଉ ଦର୍ଶାଉଛି। ସରକାର ଆମର ସ୍ୱରକୁ ଦମନ କରିବାକୁ ଚାହୁଁଛନ୍ତି। ଆମେ ବିଜେପିକୁ ଭୟ କରୁନୁ।

## ବିଜେପି ନେତାଙ୍କଠାରୁ ମେଡାଲ ନେଲେନି ଡିଏମ୍‌କେ ନେତାଙ୍କ ପୁଅ

ଚେନ୍ନଇ, ୨୬।୮ (ଏଜେନ୍ସି): ତାମିଲନାଡୁରେ ରାଜନୈତିକ ବିବାଦ ପର ପିଢି ପର୍ଯ୍ୟନ୍ତ ପହଞ୍ଚି ଗଲାଣି। ବିଭିନ୍ନ କାର୍ଯ୍ୟକ୍ରମରୁ ଏଭଳି ଦୃଶ୍ୟ ସାମ୍ନାକୁ ଆସୁଛି। ତାମିଲନାଡୁ ଡିଏମକେ ନେତା ତଥା ମନ୍ତ୍ରୀ ଟିଆରବି ରାଜାଙ୍କ ପୁଅ ସୂର୍ଯ୍ୟ ରାଜା ବାଲୁ ବିଜେପି ନେତା ଆନାମଲାଇଙ୍କଠାରୁ ମେଡାଲ ନେବାକୁ ମନା କରିଦେଇଛନ୍ତି। ଆନାମଲାଇ ମେଡାଲ ପିନ୍ଧାଇବାକୁ ଆଗକୁ ବଢ଼ିବା ସମୟରେ ବାଲୁ ପଛକୁ ହଟି ଯାଇଥିଲେ। ଅନେକ ପ୍ରୟାସ ସତ୍ତ୍ୱେ ବି ସେ ମେଡାଲ ନେଇ ନ ଥିଲେ। ଶେଷରେ ବିଜେପି ନେତା ତାଙ୍କ ହାତକୁ ମେଡାଲ ଧରାଇ ଦେଇଥିଲେ। ସୋମବାର ଅନୁଷ୍ଠିତ ତାମିଲନାଡୁର ୫୧ତମ ରାଜ୍ୟ ସୁଟିଂ ଖେଳ ସମ୍ମାନ ସମାରୋହରେ ଏହି ଦୃଶ୍ୟ ଦେଖିବାକୁ ମିଳିଥିଲା। ଆନାମଲାଇଙ୍କୁ ମୁଖ୍ୟ ଅତିଥି ଭାବେ ଏହି କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ଗତ ୧୩ ଦିନରେ ଦ୍ୱିତୀୟ ଥର ପାଇଁ ଏଭଳି ଘଟଣା ଘଟିଛି।

## ଆରଏସଏସ ଗୀତ ଗାଇଥିବାରୁ କ୍ଷମା ମାଗିଲେ ଶିବକୁମାର

ବେଙ୍ଗାଲୁରୁ, ୨୬।୮ (ଏଜେନ୍ସି): ବିଧାନସଭାରେ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ (ଆରଏସଏସ)ର ଗୀତ ଗାଇବାକୁ ନେଇ କର୍ଣ୍ଣାଟକ ଉପମୁଖ୍ୟମନ୍ତ୍ରୀ ଡିକେ ଶିବକୁମାରଙ୍କୁ ନିଜ ଦଳରେ ସମାଲୋଚନା କରାଯାଉଛି। ଶେଷରେ ସେ ଏଥିପାଇଁ ବିଧାନସଭାରେ ହିଁ କ୍ଷମା ମାଗିଛନ୍ତି। ଏହି ଗୀତ ଗାଇଥିବାରୁ ଯଦି କାହାର ଭାବନାକୁ ଆଘାତ ଲାଗିଛି ତେବେ କ୍ଷମା ମାଗୁଛି ବୋଲି କହିଛନ୍ତି। ଆରଏସଏସ ପ୍ରଶଂସା କରିବା ତାଙ୍କ ଉଦ୍ଦେଶ୍ୟ ନ ଥିଲା ବୋଲି ସେ ସ୍ପଷ୍ଟ କରିଛନ୍ତି। ଶିବକୁମାର କହିଛନ୍ତି ଯେ ସେ ଜଣେ କଂଗ୍ରେସ ସଦସ୍ୟ। ମୃତ୍ୟୁ ପର୍ଯ୍ୟନ୍ତ କଂଗ୍ରେସ ସଦସ୍ୟ ହୋଇ ରହିବେ। ସାରା ଦେଶକୁ ଏହି ବାର୍ତ୍ତା ଦେବାକୁ ଚାହୁଁଛି ଯେ ନିଜକୁ କଂଗ୍ରେସ ପାଇଁ ମୁଁ ସମର୍ପି ଦେଇଛି। ଗାନ୍ଧୀ ପରିବାର ମୋ ପାଇଁ ଭଗବାନ ଏବଂ ମୁଁ ତାଙ୍କ ଭକ୍ତ। ସୂଚନା ଅନୁଯାୟୀ କର୍ଣ୍ଣାଟକ କଂଗ୍ରେସ ସଭାପତି ପଦରେ ଥାଇ ସେ କିଛି ଦିନ ତଳେ ବିଧାନସଭାରେ ଆରଏସଏସ ଗୀତ ଗାଇ ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରି ଦେଇଥିଲେ। ଗତ ୨୧ ତାରିଖରେ ଶିବକୁମାର ଆରଏସଏସ ପ୍ରାର୍ଥନା 'ନମସ୍ତେ ସଦା ବତ୍ସଲେ ମାତୃଭୂମେ'ର କିଛି ଧାଡ଼ି ପଢ଼ିଥିଲେ। ଏହା ଭାଇରାଲ ହେବାରୁ ଶିବକୁମାର ଏହି ଗୀତ ଗାଇ କାହାକୁ ପ୍ରଭାବିତ କରିବାକୁ ଚେଷ୍ଟା କରୁଛନ୍ତି ବୋଲି ବରିଷ୍ଠ କଂଗ୍ରେସ ନେତା ବି.କେ. ହରିପ୍ରସାଦ ପ୍ରଶ୍ନ କରିଥିଲେ।

## ଇରାନ ରାଷ୍ଟ୍ରଦୂତଙ୍କୁ ହଟାଇଲା ଅଷ୍ଟ୍ରେଲିଆ

କାନବେରା,୨୬।୮ (ଏଜେନ୍ସି) : ଅଷ୍ଟ୍ରେଲିଆ ମଙ୍ଗଳବାର ଇରାନ ରାଷ୍ଟ୍ରଦୂତଙ୍କୁ ଦେଶରୁ ବାହାର କରିଦେଇଛି। ସିଡନୀ ଏବଂ ମେଲବୋର୍ଣ୍ଣରେ ଇହୁଦୀ ସମ୍ପ୍ରଦାୟ ଉପରେ ଆକ୍ରମଣ ପାଇଁ ଏହି କାର୍ଯ୍ୟାନୁଷ୍ଠାନ ନିଆଯାଇଛି ବୋଲି ଅଷ୍ଟ୍ରେଲିଆ ପ୍ରଧାନମନ୍ତ୍ରୀ ଅନ୍ଥୋନି ଆଲବାନିସ କହିଛନ୍ତି। ସେ ସୂଚନା ଦେଇଛନ୍ତି ଯେ ୨୦୨୪ ଅକ୍ଟୋବରରେ ସିଡନୀର ଲୁଇସ୍ କଣ୍ଟିନେଣ୍ଟଲ କିଚେନ ଏବଂ ୨୦୨୪ ଡିସେମ୍ବର ୬ରେ ମେଲବୋର୍ଣ୍ଣର ଅଦାସ ସଭାଗୃହରେ ଆକ୍ରମଣ କରାଯାଇଥିଲା। ଇରାନ ଏଥିପାଇଁ ଯୋଜନା ପ୍ରସ୍ତୁତ କରିଥିଲା ଏବଂ ପରେ ଆକ୍ରମଣ କରିଥିବା ନେଇ ପ୍ରମାଣ ମିଳିଛି। ଏହା ଅଷ୍ଟ୍ରେଲିଆ ପାଇଁ ବିପଜ୍ଜନକ। ସମାଜର ଏକତାକୁ ଭାଙ୍ଗି ଅଶାନ୍ତି ସୃଷ୍ଟି ଇରାନର ଉଦ୍ଦେଶ୍ୟ । ଇସ୍ରାଏଲ-ହମାସ ଯୁଦ୍ଧ ଆରମ୍ଭ ହେବା ପରେ ଅଷ୍ଟ୍ରେଲିଆରେ ଇହୁଦୀ ସ୍କୁଲ୍, ଘର, ମନ୍ଦିର ଉପରେ ଆକ୍ରମଣ ବୃଦ୍ଧି ପାଇଛି। ଆଲ୍‌ବାନିଜ କହିଛନ୍ତି ଯେ ଅଷ୍ଟ୍ରେଲିଆ ମଧ୍ୟ ତେହରାନ ସ୍ଥିତ ନିଜ ଦୂତାବାସକୁ ବନ୍ଦ କରିଦେଇଛି। ଏହା ସହିତ ଇରାନର ଇସଲାମିକ ରିଭୋଲ୍ୟୁସନାରୀ ଗାର୍ଡ କ୍ରପ୍ସକୁ ସେ ଆତଙ୍କବାଦୀ ସଂଗଠନ ଘୋଷଣା କରିଛନ୍ତି।

# ୪୮ ଘଣ୍ଟା ଧରି ଜମ୍ମୁ-କଶ୍ମୀର, ହିମାଚଳରେ ପ୍ରକୃତିର ତାଣ୍ଡବ



## ବାଦଲଫଟା ବର୍ଷା, ଭୂସ୍ଖଳନ ନେଲା ୧୦ ଜୀବନ ଖସୁଛି ଅତଡ଼ା, ବୈଷ୍ଣୋ ଦେବୀ ଯାତ୍ରା ସ୍ଥଗିତ

ନୂଆଦିଲ୍ଲୀ, ୨୬।୮ (ଏଜେନ୍ସି): ଜମ୍ମୁ-କଶ୍ମୀର ଏବଂ ହିମାଚଳ ପ୍ରଦେଶରେ ଗତ ୪୮ ଘଣ୍ଟା ଧରି ଚାଲିଛି ପ୍ରକୃତିର ତାଣ୍ଡବ। ବାଦଲଫଟା ବର୍ଷା ଏବଂ ବନ୍ୟା ଯୋଗୁଁ ଘର ସହିତ ଦୋକାନ ବଜାର ସବୁ ଭାସି ଯାଇଛି। ବଡ଼ ବଡ଼ କୋଠା ଭୁଶୁଡ଼ି ପଡ଼ିଛି, ରାସ୍ତା ବିଚ୍ଛିନ୍ନ ଏବଂ ଶତାଧିକ ଘର ବନ୍ୟା ପାଣି ଘେରରେ। ପ୍ରକୃତିର ଏହି ତାଣ୍ଡବରେ ୧୦ ଜଣ ବ୍ୟକ୍ତି ପ୍ରାଣ ହରାଇଥିବା ବେଳେ ଅନେକ ଲୋକ ଆହତ ହୋଇଛନ୍ତି। ପ୍ରବଳ ବର୍ଷା ଯୋଗୁଁ ଅତଡ଼ା ଖସୁଥିବାରୁ ବୈଷ୍ଣୋବଯାତ୍ରାକୁ ବର୍ତ୍ତମାନ ପାଇଁ ସ୍ଥଗିତ ରଖାଯାଇଛି।


ବର୍ଷା ଓ ବନ୍ୟା ଯୋଗୁଁ ସର୍ବାଧିକ କ୍ଷତିଗ୍ରସ୍ତ ହୋଇଛି ଜମ୍ମୁ ଅଞ୍ଚଳ। ଆଜି ବାଦଲଫଟା ବର୍ଷା ଯୋଗୁଁ ୪ ଜଣ ବ୍ୟକ୍ତି ପ୍ରାଣ ହରାଇଥିବା ବେଳେ ୧୦ଟି ଘର ଭାସିଯାଇଛି। ଜମ୍ମୁ, କଠୁଆ, ସାମ୍ବା ଏବଂ କିସ୍ତୱାର ଅଞ୍ଚଳରେ ଏବେ ବି ଭୀଷଣ ବର୍ଷା ଜାରି ରହିଛି। ଏହାପୂର୍ବରୁ ମଧ କିସ୍ତୱାରରେ ବାଦଲଫଟା ବର୍ଷା ହୋଇଥିଲା। ଇତିମଧ୍ୟରେ ଜମ୍ମୁ-କଶ୍ମୀରର ରିଆସି ଜିଲ୍ଲା ତ୍ରିକୁଟ ପର୍ବତରେ ଅବସ୍ଥିତ ମାତା ବୈଷ୍ଣବ ଦେବୀ ମନ୍ଦିରକୁ ଯାଇଥିବା ରାସ୍ତାରେ ଅତଡ଼ା ଖସିବାରୁ ୬ ଜଣ ପ୍ରାଣ ହରାଇଛନ୍ତି ଏବଂ ୧୪ ଜଣ ଆହତ ହୋଇଛନ୍ତି। ବିଭିନ୍ନ ସ୍ଥାନରେ ରାସ୍ତା ଦବି ଯାଇଥିବାରୁ ବୈଷ୍ଣବ ଯାତ୍ରାକୁ ବର୍ତ୍ତମାନ ପାଇଁ ସ୍ଥଗିତ ରଖାଯାଇଛି। ପ୍ରବଳ ବର୍ଷା ଓ ବନ୍ୟା ଯୋଗୁଁ ଜମ୍ମୁ ଅଞ୍ଚଳରେ ସମସ୍ତ ସରକାରୀ ଅଫିସ ଓ ଶିକ୍ଷାନୁଷ୍ଠାନକୁ ବନ୍ଦ କରିଦିଆଯାଇଛି। ଜମ୍ମୁ-ଶ୍ରୀନଗର ଜାତୀୟ ରାଜପଥକୁ ଗାଡ଼ି ଚଳାଚଳ ପାଇଁ ବନ୍ଦ କରି ଦିଆଯାଇଛି। ତାୱି ନଦୀରେ ବନ୍ୟାଜଳ ସ୍ତର ବୃଦ୍ଧି ପାଉଥିବାରୁ ସମଗ୍ର ଜମ୍ମୁ ଅଞ୍ଚଳ ପାଇଁ ଆଲର୍ଟ ଜାରି କରାଯାଇଛି। ଲୋକମାନଙ୍କୁ ନିରାପଦ ସ୍ଥାନକୁ ନିଆଯାଉଛି।

ସେହିଭଳି ହିମାଚଳ ପ୍ରଦେଶରେ ମଧ୍ୟ ପରିସ୍ଥିତି ଗମ୍ଭୀର ରହିଛି। ପ୍ରବଳ ବର୍ଷା ଯୋଗୁଁ ବେଆସ ନଦୀରେ ବନ୍ୟା ଆସି ମନାଲି ଓ ଆଖପାଖ ଅଞ୍ଚଳରେ ବ୍ୟାପକ କ୍ଷତି ପହଞ୍ଚାଇଛି। ବନ୍ୟା ଓ ଅତଡ଼ା ଖସିବା ଯୋଗୁଁ ଅନେକ ଘର, ବ୍ୟାବସାୟିକ ପ୍ରତିଷ୍ଠାନ ଓ ହୋଟେଲ ଭାସିଯାଇଛି। ବ୍ୟାପକ ଅଞ୍ଚଳ ଜଳମଗ୍ନ ହୋଇଯାଇଥିବାରୁ ବାହ୍ୟ ଜଗତରୁ ବିଚ୍ଛିନ୍ନ ହୋଇଯାଇଛି। ନଦୀ ପାଣି ଉଛୁଳିବାରୁ ମନାଲିରେ ଏକ ବହୁତଲା ବିଶିଷ୍ଟ ହୋଟେଲ ଏବଂ ୪ଟି ଦୋକାନ ଘର ଭାସିଯାଇଛି। ବନ୍ୟା ଯୋଗୁଁ ମନାଲି-ଲେହ ରାଜପଥର ବିଭିନ୍ନ ସ୍ଥାନରେ ବଡ଼ ବଡ଼ ଖାଲ ସୃଷ୍ଟି ହୋଇଛି। କୁଲ୍ଲୁ-ମନାଲି ଜାତୀୟ ରାଜପଥ ମଧ୍ୟ ଅନେକ ସ୍ଥାନରେ ଦବି ଯାଇଛି କିମ୍ବା ଭାସିଯାଇଛି। ମନାଲି ନିକଟବର୍ତ୍ତୀ ଅଞ୍ଚଳରେ ଶତାଧିକ ଲୋକ ପାଣି ଘେରରେ ରହିଛନ୍ତି। ସେମାନଙ୍କ ପାଖରେ ରିଲିଫ ପହଞ୍ଚିପାରି ନାହିଁ। ବିଦ୍ୟୁତ ଯୋଗାଣ ବି ବିଚ୍ଛିନ୍ନ ହୋଇଯାଇଛି। ବହାଙ୍ଗରେ ଏକ ଦୁଇ ମହଲା ହୋଟେଲ ଭାସିଯାଇଥିବା ବେଳେ ଦୁଇଠି ରେସ୍ତୋରାଁ ଏବଂ ଦୁଇଟି ଦୋକାନଘର ଭୁଶୁଡ଼ି ପଡ଼ିଛି। ଏହି ଅଞ୍ଚଳରେ ବ୍ୟାପକ କ୍ଷତି ହୋଇଥିଲେ ମଧ୍ୟ କୌଣସି ଜୀବନହାନିର ଖବର ମିଳିନାହିଁ। ଏହି ଅଞ୍ଚଳରେ ସମସ୍ତ ଶିକ୍ଷାନୁଷ୍ଠାନକୁ ବନ୍ଦ କରି ଦିଆଯାଇଛି। ଗତ ଜୁନ ମାସ ୨୦ ତାରିଖରୁ ହିମାଚଳ ପ୍ରଦେଶରେ ବର୍ଷା ଓ ବନ୍ୟା ଲାଗି ରହିଛି। ବର୍ଷା ଓ ବନ୍ୟା ଯୋଗୁଁ ବ୍ୟାପକ କ୍ଷତି ହୋଇଛି। ଜୁନ୍ ୨୦ରୁ ଆଜି ପର୍ଯ୍ୟନ୍ତ ବର୍ଷା ଓ ବନ୍ୟା ଯୋଗୁଁ ରାଜ୍ୟରେ ୧୫୬ ଜଣ ଲୋକ ପ୍ରାଣ ହରାଇଥିବା ବେଳେ ୩୮ ଜଣ ଏବେ ବି ନିଖୋଜ ରହିଛନ୍ତି। ଅନେକ ସ୍ଥାନ ଏବେ ବି ବିଚ୍ଛିନ୍ନ ରହିଥିବା ବେଳେ ବିଦ୍ୟୁତ ଯୋଗାଣ ସ୍ୱାଭାବିକ ହୋଇପାରୁ ନାହିଁ।

## ଅମ୍ବାନୀଙ୍କ ବନତାରାର ଯାଞ୍ଚ ହେବ

### କମିଟି ଗଠନ କଲେ ସୁପ୍ରିମକୋର୍ଟ

ନୂଆଦିଲ୍ଲୀ, ୨୬।୮ (ଏଜେନ୍ସି): କୋହ୍ଲାପୁରର ମାଧୁରୀ ହାତୀକୁ ନେଇ ଶିଳ୍ପପତି ମୁକେଶ ଅମ୍ବାନୀଙ୍କୁ ତୀବ୍ର ସମାଲୋଚନା କରାଯାଉଛି। ଏପରି ସମୟରେ ଗୁଜୁରାଟ ଜାମନଗର ସ୍ଥିତ ଅମ୍ବାନୀଙ୍କ ବନ୍ୟଜନ୍ତୁ ଉଦ୍ଧାର ଏବଂ ପୁନର୍ବାସ କେନ୍ଦ୍ର 'ବନତାରା'ର ଯାଞ୍ଚ ପାଇଁ ସୁପ୍ରିମକୋର୍ଟ ସୋମବାର ନିର୍ଦ୍ଦେଶ ଦେଇଛନ୍ତି। ଏଥିପାଇଁ ୪ ସଦସ୍ୟ ବିଶିଷ୍ଟ ସ୍ୱତନ୍ତ୍ର ତଦନ୍ତକାରୀ ଦଳ (ଏସଆଇଟି) ଗଠନ କରିଛନ୍ତି। ରିଲାଏନ୍ସ ଫାଉଣ୍ଡେସନ ଏହି ବନାତାରାକୁ ଚଳାଉଛି। ସୁପ୍ରିମକୋର୍ଟର ପୂର୍ବତନ ବିଚାରପତି ଜେ. ଚେଲେମେଶ୍ୱର ଏହି ଏସଆଇଟିର ନେତୃତ୍ୱ ନେବେ। ଏହି ଟିମ୍‌ରେ ହାଇକୋର୍ଟର ପୂର୍ବତନ ମୁଖ୍ୟ ବିଚାରପତି ରାଘବେନ୍ଦ୍ର ଚୌହାନ, ମୁମ୍ବଇ ପୁଲିସର ପୂର୍ବତନ କମିଶନର ହେମନ୍ତ ନାଗରାଲେ ଏବଂ ସୀମା ଶୁଳ୍କ ଅଧିକାରୀ ଅନିଶ ଗୁପ୍ତା ସାମିଲ ଅଛନ୍ତି। ଆସନ୍ତା ୧୨ ତାରିଖ ସୁଦ୍ଧା ଏହି କମିଟି ରିପୋର୍ଟ ପ୍ରଦାନ କରିବ। ୧୫ ତାରିଖରେ ମାମଲାର ପରବର୍ତ୍ତୀ ଶୁଣାଣି ହେବ। ରିପୋର୍ଟ ଆଧାରରେ ପରବର୍ତ୍ତୀ ପଦକ୍ଷେପ ନିଆଯିବ ବୋଲି ଜଷ୍ଟିସ ପଙ୍କଜ ମିତ୍ତଲ ଏବଂ ପି ଭି ବରାଲେଙ୍କ ଖଣ୍ଡପୀଠ କହିଛନ୍ତି। ଓକିଲ ସିଆର ଜୟା ସୁକିନ ଏବଂ ଦେବ ଶର୍ମା ପକ୍ଷରୁ ଦାଏର ଦୁଇଟି ଜନସ୍ୱାର୍ଥ ମାମଲା (ପିଆଇଏଲ)ର ଶୁଣାଣି କରି କୋର୍ଟ ଏହି ନିର୍ଦ୍ଦେଶ ଦେଇଛନ୍ତି। ଯାଞ୍ଚ କେବଳ ସତ୍ୟ ଏବଂ ତଥ୍ୟ ଆଧାରିତ ହେବ। ଏସ୍‌ଆଇଟି ଗଠନ କରି କୌଣସି ସଂସ୍ଥାର କାର୍ଯ୍ୟ ପ୍ରଣାଳୀ ଉପରେ ପ୍ରଶ୍ନ ଉଠା ଯାଉନାହିଁ ବୋଲି ଖଣ୍ଡପୀଠ କହିଛନ୍ତି। କୋହ୍ଲାପୁରର ଜୈନ ମଠରେ ଥିବା ହାତୀ ମାଧୁରୀକୁ ଚିକିତ୍ସା ନାମରେ ବନତାରା ନେବା ପରେ ଏହି ଆବେଦନ ଦାଏର କରାଯାଇଥିଲା। ଏସ୍‌ଆଇଟି ୫ଟି ପଏଣ୍ଟକୁ ନେ ଯାଞ୍ଚ କରିବ। ଭାରତ ଏବଂ ବିଦେଶରୁ ହାତୀ ଆଣିବା ବେଳେ ବନ୍ୟଜନ୍ତୁ ସଂରକ୍ଷଣ ନିୟମ, ଚିଡ଼ିଆଖାନା ନିୟମ, ଅନ୍ତର୍ଜାତୀୟ ପ୍ରଜାତି ବାଣିଜ୍ୟ ଚୁକ୍ତି, ଆମଦାନୀରପ୍ତାନୀ ଆଇନ ଏବଂ ଅନ୍ୟ ଆଇନଗତ ନିୟମ ପାଳନ କରାଯାଉଛି କି ନାହିଁ ଯାଞ୍ଚ କରାଯିବ।



## ଶାହାରୁଖ, ଦୀପିକାଙ୍କ ବିରୋଧରେ ଏତଲା

ଭରତପୁର, ୨୬।୮ (ଏଜେନ୍ସି): ଅନ୍‌ଲାଇନ ଗେମିଂ ପାଇଁ ବିଜ୍ଞାପନ କରି ସେଲିବ୍ରିଟି ଫସିବା ପରେ ଏବେ ଆଉ ଏକ ମାମଲା ସାମ୍ନାକୁ ଆସିଛି। ଖରାପ ଗାଡ଼ି ପାଇଁ ମାର୍କେଟିଂ କରୁଥିବା ଅଭିଯୋଗରେ ବଲିଉଡ ଅଭିନେତା ଶାହାରୁଖ ଖାନ୍ ଏବଂ ଅଭିନେତ୍ରୀ ଦୀପିକା ପାଦୁକୋନଙ୍କ ବିରୋଧରେ ରାଜସ୍ଥାନ ଭରତପୁରରେ ଏତଲା ରୁଜୁ କରାଯାଇଛି। ଏହି ଏତଲାରେ ଉଭୟ ବ୍ରାଣ୍ଡ ଆମ୍ବାସାଡରଙ୍କ ସହିତ ହୁଣ୍ଡାଇ କମ୍ପାନୀର ଏମ୍‌ଡି ଅନସୋକିମ, ହୋଲ୍ ଟାଇମ ଡାଇରେକ୍ଟର ଆଣ୍ଡ ଚିଫ୍ ଅପରେଟିଂ ଅଫିସର ତରୁଣ ଗର୍ଗ ଏବଂ ଶୋ'ରୁମ ମାଲିକଙ୍କ ନାମ ରହିଛି। ଭରତପୁରର ଓକିଲ କୀର୍ତ୍ତି ସିଂହଙ୍କ ଆବେଦନ ଉପରେ ଶୁଣାଣି କରି କୋର୍ଟ ଏତଲା ନିର୍ଦ୍ଦେଶ ରୁଜୁ ପାଇଁ ନିର୍ଦ୍ଦେଶ ଦେଇଥିଲେ। ସହରର ମଥୁରା ଗେଟ୍ ଥାନା ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଦେଇଛି। ଏତଲାରେ କୀର୍ତ୍ତି ସିଂହ କହିଛନ୍ତି ଯେ ସେ ୨୦୨୨ ଜୁନ୍‌ରେ ୨୩ ଲକ୍ଷ ୯୭ହଜାର ୩୫୩ ଟଙ୍କା ଦେଇ ହରିୟାଣା ସୋନିପତ ସ୍ଥିତ ମାଲୱା ଅଟୋ ସେଲ୍ସ ପ୍ରାଇଭେଟ୍ ଲିମିଟେଡ୍ କୁଣ୍ଡଲି କିଣିଥିଲେ। ତେବେ ରାସ୍ତାରେ ଅନ୍ୟ ଗାଡ଼ିକୁ ଅତିକ୍ରମ କରିବା ସମୟରେ କାର୍ ପିକ୍-ଅପ ନେଉନାହିଁ। କେବଳ ଆର୍‌ପିଏମ ବଢୁଛି। କାରର ଓଡୋମିଟରରେ ମାଲ୍ ଫଙ୍କସନ ଲେଖାଯାଇଥିବା ଚିହ୍ନ ଦେଖାଯାଉଛି। ୬-୭ ମାସ ଚଳାଇବା ପରେ କାର୍‌ରେ ଯାନ୍ତ୍ରିକ ତ୍ରୁଟି ଦେଖା ଯାଇଥିଲା। ଅଧିକ ବେଗରେ ଗଲେ ଶବ୍ଦ ହୋଇ ଗାଡ଼ି ଥରୁ ଥିଲା। ଇଞ୍ଜିନ ଖରାପ ହେବା ସଙ୍କେତ ଦେଉଥିଲା। ଏଥିଯୋଗଁ ଅନେକ ଦୁର୍ଘଟଣାରୁ ସେ ଅଳ୍ପକେ ବର୍ତ୍ତି ଯାଇଥିଲେ। କମ୍ପାନୀକୁ ଜଣାଇବାରୁ ଏହା ଉତ୍ପାଦନ ଜନିତ ତ୍ରୁଟି, ତେଣୁ ଠିକ୍ କରିହେବନି ବୋଲି କୁହାଯାଇଥିଲା। ଏଭଳି ହେଲେ ଘଣ୍ଟାଏ ପର୍ଯ୍ୟନ୍ତ କମ୍ ବେଗରେ ଗାଡ଼ି ଚଲାଇବାକୁ ପରାମର୍ଶ ଦିଆଯାଇଥିଲା। କଳାକାର ଏଭଳି ଗାଡ଼ିର ବିଜ୍ଞାପନ କରିବା ଅନୁଚିତ। କାରଣ ସେମାନଙ୍କୁ ଦେଖି ହିଁ ଲୋକେ ଗାଡ଼ି କିଣୁଛନ୍ତି।

### ଯୌତୁକ ପାଇଁ ଜିଅନ୍ତା ପୋଡ଼ି ହତ୍ୟା ମାମଲା

## ସିସିଟିଭି ଫୁଟେଜ୍ କହୁଛି ଭିନ୍ନ କାହାଣୀ

ନୋଏଡ଼ା, ୨୬।୮ (ଏଜେନ୍ସି): ଗ୍ରେଟର ନୋଏଡ଼ାର ନିକି ଭାଟି ହତ୍ୟା ମାମଲା ସାରା ଦେଶକୁ ସ୍ତବ୍ଧ କରିଦେଇଛି। ଯୌତୁକ ପାଇଁ ସ୍ୱାମୀ ଏବଂ ଶଶୁର ଘର ଲୋକେ ତାଙ୍କୁ ହତ୍ୟା କଲେ ବୋଲି ଅଭିଯୋଗ ହୋଇଛି। ଏପରି ସମୟରେ ନିକିର ମୃତ୍ୟୁକୁ ନେଇ ଭିନ୍ନ ଭିନ୍ନ ଦାବି ସଂଶୟ ବଢ଼ାଇ ଦେଇଛି। ଗତ ୨୧ ତାରିଖରେ ନିକିଙ୍କୁ ତାଙ୍କ ସ୍ୱାମୀ ଏବଂ ଶଶୁର ଘର ଲୋକେ କିରୋସିନ ଢାଳି ନିଆଁ ଲଗାଇ ଦେଇଥିଲେ। କିନ୍ତୁ ତାଙ୍କ ପଡ଼ିଶା ଘର ଲୋକଙ୍କ ଅନୁଯାୟୀ ନିକି ଏବଂ ତାଙ୍କ ଭଉଣୀ କାଞ୍ଚନ ସବୁବେଳେ ଇନ୍‌ଷ୍ଟାଗ୍ରାମରେ ବ୍ୟସ୍ତ ରହୁଥିଲେ। ଦୁଇ ଭଉଣୀ ମିଶି ରିଲ୍ସ କରୁଥିଲେ। ଏହାକୁ ନେଇ ପରିବାରରେ ଅସନ୍ତୋଷ ସୃଷ୍ଟି ହୋଇଥିଲା। ନିକିଙ୍କ ସ୍ୱାମୀ ବିପିନ ତାଙ୍କୁ ଏପରି ନ କରିବାକୁ କହିଥିଲେ। କିନ୍ତୁ ସେ ନ ମାନିବାରୁ ଉଭୟଙ୍କ ସମ୍ପର୍କରେ ତିକ୍ତତା ସୃଷ୍ଟି ହୋଇଥିଲା।

ଏହା ମଧ୍ୟରେ ନିକିଙ୍କ ଭଉଣୀ କାଞ୍ଚନଙ୍କ ଦାବିକୁ ନେଇ ମଧ୍ୟ ପ୍ରଶ୍ନ ଉଠୁଛି। ସେ ବିପିନଙ୍କ ସାନ ଭାଇର ରୋହିତକୁ ବିବାହ କରିଥିଲେ। ଭଉଣୀ ମୃତ୍ୟୁ ଖବର ପାଇଁ ସେ ଚେତା ହରାଇ ଥିବା କହିଥିଲେ। ଏହି ସମୟରେ ଶଶୁର ଘର ଲୋକେ ଫେରାର ହୋଇ ଯାଇଥିବା କାଞ୍ଚନ ଦାବି କରିଥିଲେ। କିନ୍ତୁ ଗ୍ରେଟର ନୋଏଡାରେ ନିକିଙ୍କ ଅନ୍ତିମ ସଂସ୍କାର ସମୟରେ ଶଶୁର ଘର ଲୋକେ ଛିଡ଼ା ହୋଇଥିବା ଦେଖାଯାଉଛି। ଏହାର କିଛି ଘଣ୍ଟା ପରେ ନିକିଙ୍କ ପରିବାର ତାଙ୍କ ସ୍ୱାମୀ ବିପିନ, କାଞ୍ଚନଙ୍କ ସ୍ୱାମୀ ରୋହିତ, ତାଙ୍କ ଶ୍ୱଶୁର ଏବଂ ଶାଶୁଙ୍କ ବିରୋଧରେ ହତ୍ୟା ମାମଲା ରୁଜୁ କରାଯାଇଥିଲା। ସେହିପରି ଗତ ସପ୍ତାହରେ ଏକ ଭିଡିଓ ସାମ୍ନାକୁ ଆସିଥିଲା। ଏଥିରେ ବିପିନ ଏବଂ ଅନ୍ୟ ଜଣେ ମହିଳା ନିକିଙ୍କ ଚୁଟି ଧରି ଟାଣି ନେଉଥିବା ଦେଖାଯାଇଥିଲା। ବିପିନ ସାର୍ଟ ପିନ୍ଧି ନ ଥିବାବେଳେ ତାଙ୍କ ପେଟ ଏବଂ ପିଠିରେ ରକ୍ତ ଲାଗିଥିଲା। ଅନ୍ୟ କ୍ଲିପ୍‌ଗୁଡ଼ିକରେ ନିକି ନିଆଁରେ ଜଳୁଥିବା ସମୟରେ ସିଡ଼ି ଦେଇ ତଳକୁ ଖସୁଥିବା ଏବଂ ପରେ ତଳେ ବସିଥିବାର ଦେଖାଯାଉଥିଲା। ଗତ ସୋମବାର ସାମ୍ନାକୁ ଆସିଥିବା ଆଉ ଏକ ଭିଡିଓରେ ନିକିଙ୍କୁ ଆକ୍ରମଣ ସମୟରେ ମୁଖ୍ୟ ଅଭିଯୁକ୍ତ ବିପିନ ଏକ ଡେଜରାତି ଦୋକାନ ବାହାରେ ଛିଡ଼ା ହୋଇଥିବା ଦେଖାଯାଉଛି। ଏହା ତାଙ୍କ ଘରର ବିପରୀତ ଦିଗରେ ରହିଛି। ସନ୍ଧ୍ୟା ୫ଟା ୪୨ରେ ବିପିନ ଛିଡ଼ା ହୋଇଥିବାବେଳେ ଅନ୍ୟ ଜଣେ ବ୍ୟକ୍ତି ତାଙ୍କ ସହ ସାମିଲ ହେଉଛନ୍ତି। ପରେ ୫ଟା ୪୭ରେ ଆଉ କିଛି ବ୍ୟକ୍ତି ଆସି ତାଙ୍କ ସହ ଚର୍ଚ୍ଚା କରୁଛନ୍ତି। ଏହି ସମୟରେ ଚେକ୍ ସାର୍ଟ ପିନ୍ଧି ଥିବା ବ୍ୟକ୍ତି ଘରକୁ ଦୌଡୁଛି। ଭିଡ଼ ବଢ଼ିବା ପରେ ଜଣେ ବ୍ୟକ୍ତି କାର୍‌ରେ ବସି ପଳାଉଛି। ବିପିନଙ୍କ ଜଣେ ସମ୍ପର୍କୀୟ ଦାବି କରିଛନ୍ତି ଯେ ସିଲିଣ୍ଡର ବିସ୍ଫୋରଣରୁ ନିକି ଦେହରେ ନିଆଁ ଲାଗିଥିଲା। ତା ପରେ ବିପିନ ଚିତ୍କାର କରି ନିକିଙ୍କୁ ହସ୍ପିଟାଲକୁ ନେଇଥିଲେ। ଏହି ଭିଡିଓ ପୁଣିଥରେ ମାମଲାର ଯାଞ୍ଚ ପାଇଁ ପୁଲିସକୁ ଖୋରାକ ଯୋଗାଉଛି।

## ଟ୍ରମ୍ପଙ୍କ ଫୋନ୍ ଉଠାଉ ନାହାନ୍ତି ମୋଦୀ!

ନୂଆଦିଲ୍ଲୀ, ୨୬।୮ (ଏଜେନ୍ସି): ଚଢ଼ା ଶୁଳ୍କକୁ ନେଇ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ମଧ୍ୟରେ ତିକ୍ତତା ବୃଦ୍ଧି ପାଇଛି। ଏହାକୁ ନେଇ ଆଲୋଚନା କରିବାକୁ ଟ୍ରମ୍ପ ମୋଦୀଙ୍କୁ ଚାରି ଥର ଫୋନ୍ କଲେଣି। ତେବେ ମୋଦୀ କୌଣସି ଥର ତାଙ୍କ ତାଙ୍କ ଫୋନ୍‌ର ଉତ୍ତର ଦେଇ ନ ଥିଲେ। ଜର୍ମାନୀ ଖବରକାଗଜ ଏଫଏଜେଡ୍ ଏହି ଦାବି କରିଛି। ତେବେ ଟ୍ରମ୍ପ କେଉଁ ଦିନ ଫୋନ୍ କରିଥିଲେ ତାହାର କୌଣସି ସୂଚନା ଦିଆଯାଇ ନାହିଁ। ରିପୋର୍ଟ ଅନୁଯାୟୀ ଟ୍ରମ୍ପଙ୍କ ଆକ୍ରମକ ବାଣିଜ୍ୟ ନୀତି ଏବଂ ଭାରତକୁ 'ମୃତ ଅର୍ଥନୀତି' କହିବାକୁ ନେଇ ମୋଦୀ କ୍ଷୁବ୍ଧ ହୋଇଛନ୍ତି। ପୂର୍ବରୁ ଦୁଇ ନେତାଙ୍କ ମଧ୍ୟରେ ଭଲ ସମ୍ପର୍କ ଥିଲା। କିନ୍ତୁ ଏବେ ଆମେରିକା ସହ ବାଣିଜ୍ୟ ଚୁକ୍ତି ନେଇ ଆଲୋଚନାକୁ ମଧ୍ୟ ଭାରତ ରଦ୍ଦ କରିଦେଇଛି। ଆମେରିକ ପ୍ରତିନିଧିମଣ୍ଡଳକୁ ନୂଆଦିଲ୍ଲୀ ଆସିବାକୁ ଦିଆଯାଇ ନାହିଁ। ଟ୍ରମ୍ପ ଭାରତ ଉପରେ ମୋଟ ୫୦ ପ୍ରତିଶତ ଶୁଳ୍କ ଲଗାଇଛନ୍ତି। ଏଥିରୁ ୨୫ ପ୍ରତିଶତ ପୂର୍ବରୁ କାର୍ଯ୍ୟକାରୀ ହୋଇଥିବାବେଳେ ଆଉ ୨୫ ପ୍ରତିଶତ ବୁଧବାରଠାରୁ ଲାଗୁ ହେବ। ରୁଷ୍‌ଠାରୁ ତୈଳ କିଣିବାକୁ ନେଇ ଟ୍ରମ୍ପ ଭାରତ ଉପରେ ଅତିରିକ୍ତ ୨୫ ପ୍ରତିଶତ ଶୁଳ୍କ ଲଗାଇଛନ୍ତି। ବିଶେଷଜ୍ଞଙ୍କ ମତାମତ ଆଧାରରେ ଖବରକାଗଜ ପକ୍ଷରୁ କୁହାଯାଇଛି ଯେ ଟ୍ରମ୍ପ ପ୍ରଥମେ ବାଣିଜ୍ୟ କ୍ଷତିକୁ ନେଇ ଏକ ଦେଶକୁ ଆକ୍ରମଣ କରନ୍ତି। ଏହା ପରେ ଉଚ୍ଚ ଶୁଳ୍କ ଧମକ ଦିଅନ୍ତି। ଏହାରି ଭୟରେ ଆଲୋଚନା ଆରମ୍ଭ ହୁଏ ଏବଂ ଶେଷରେ ସେ ଉଚ୍ଚ ଶୁଳ୍କ ଲାଗୁ କରି ଏବଂ କିଛି ରିହାତି ଦେଇ ନିଜକୁ ବିଜେତା ବୋଲି କୁହନ୍ତି। ଅନେକ ଦେଶ ସହିତ ଏଭଳି ଘଟିଛି। ଆମେରିକୀୟ ବଜାର ଉପରେ ନିଜ ସ୍ଥିତି କେତେ ମଜବୁତ ତାହା ଟ୍ରମ୍ପ ଦେଖାଇଦେବକୁ ଚାହୁଁଛନ୍ତି, କିନ୍ତୁ ଏଥର ମୋଦୀ ମୁଣ୍ଡ ନୁଆଁଇବାକୁ ମନା କରିଦେଇଛନ୍ତି।

# ଶତ୍ରୁକୁ ଚକ୍‌ମା ଦେବେ ଉଦୟଗିରି, ହିମଗିରି

ମୁମ୍ବଇ, ୨୬।୮ (ଏଜେନ୍ସି):



### ଖଞ୍ଜାଯାଇଛି ବାରାକ-୮, ବ୍ରହ୍ମୋସ କ୍ଷେପଣାସ୍ତ୍ର

### ଆଇଏନଏସରେ ସାମିଲ ହେଲେ ନୌସେନାର ଦୁଇ ଯୁଦ୍ଧ ଜାହାଜ

ଭାରତୀୟ ନୌସେନା ଇତିହାସ ସୃଷ୍ଟି କରିଛି। ପ୍ରଥମ ଥର ଦୁଇଟି ଭିନ୍ନ ଭିନ୍ନ ସିପୟାର୍ଡରେ ନିର୍ମିତ ଦୁଇଟି ଷ୍ଟିଲ୍‌ଥ ଯୁଦ୍ଧ ଜାହାଜ ଆଇଏନଏସ ଉଦୟଗିରି ଏବଂ ଆଇଏନଏସ ହିମଗିରି ଦିନକେ ନୌସେନାରେ ସାମିଲ ହୋଇଛି। ବିଶାଖାପାଟଣା ନୌସେନା ବେସ୍‌ରେ ମଙ୍ଗଳବାର ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ଏହାକୁ ନୌସନାକୁ ସମର୍ପିଛନ୍ତି। ସ୍ୱଦେଶୀ ଜ୍ଞାନକୌଶଳରେ ନିର୍ମିତ ଏହି ଦୁଇଟି ଯୁଦ୍ଧ ଜାହାଜ ନୌସେନାର କ୍ଷମତାକୁ ଅଧିକ ବୃଦ୍ଧି କରିଛି। ଉଭୟ ଯୁଦ୍ଧଜାହାଜ ପ୍ରକଳ୍ପ-୧୭ଏର ଅଂଶବିଶେଷ। ଏହି ଅବସରରେ ରାଜନାଥ ଆମେରିକାର ଏଫ-୩୫ ବିମାନକୁ ଉପହାସ କରିଥିଲେ। ନୌସେନା ମୁଖ୍ୟ ଆଡମିରାଲ ଦିନେଶ କୁମାର ତ୍ରିପାଠୀ ଏହି କାର୍ଯ୍ୟକ୍ରମକୁ ସମ୍ବୋଧନ କରି ପାକିସ୍ତାନକୁ ଚେତାବନୀ ଦେଇଛନ୍ତି। ସେ କହିଛନ୍ତି ଯେ ଯଦି ଆବଶ୍ୟକ ପଡ଼େ ଭାରତୀୟ ନୌସେନା ଆଗ ପାକିସ୍ତାନରେ ଆକ୍ରମଣ କରିବ। ଅପରେସନ ସିନ୍ଦୂର ଆଗକୁ ମଧ ଜାରି ରହିବ। ଅନିଶ୍ଚିତତା ଏବଂ ପ୍ରତିଯୋଗିତାର ଏହି ଯୁଗରେ ସମୁଦ୍ରରେ ଶକ୍ତି ପ୍ରଦର୍ଶନ କରି ଭାରତୀୟ ନୌସେନା ଶତ୍ରୁମାନଙ୍କୁ ଦୃଢ଼ ଜବାବ ଦେବ। ଅପରେସନ ସିନ୍ଦୂର ସମୟରେ ଏହି କ୍ଷମତାକୁ ଭଲ ଭାବରେ ପ୍ରଦର୍ଶନ କରାଯାଇଥିଲା।

ପ୍ରତିରକ୍ଷା ମନ୍ତ୍ରାଳୟ ପକ୍ଷରୁ କୁହାଯାଇଛି ଯେ ଏଗୁଡ଼ିକୁ ସ୍ୱତନ୍ତ୍ର ଭାବେ ଡିଜାଇନ୍ କରାଯାଇଛି। ଶତ୍ରୁର ରାଡାର, ଇନଫ୍ରାରେଡ୍ ଏବଂ ଶବ୍ଦ ସେନ୍‌ସର ଏହି ଯୁଦ୍ଧ ଜାହାଜକୁ ଧରିପାରିବ ନାହିଁ। ଭାରତ-ପ୍ରଶାନ୍ତ ମହାସାଗରୀୟ କ୍ଷେତ୍ରରେ ଏହି ଯୁଦ୍ଧଜାହାଜକୁ ନିୟୋଜିତ କରାଯିବ। ଉକ୍ତ ଅଞ୍ଚଳରେ ବାୟୁସେନାର ପର୍ଯ୍ୟବେକ୍ଷଣ କ୍ଷମତା ବୃଦ୍ଧି ପାଇବ। ଉଭୟ ଯୁଦ୍ଧଜାହାଜରେ ବ୍ରହ୍ମୋସ୍ ସୁପରସୋନିକ୍ କ୍ଷେପଣାସ୍ତ୍ର ଏବଂ ଭାରତ-ଇସ୍ରାଏଲ ଦ୍ୱାରା ନିର୍ମିତ ବାରାକ-୮ ଦୀର୍ଘ ଦୂରଗାମୀ ବାୟୁ କ୍ଷେପଣାସ୍ତ୍ର ପ୍ରଣାଳୀ (ଏଲଆରଏସଏଏମ) ଖଞ୍ଜା ଯାଇଛି। ଏଥିରେ ସମୁଦ୍ର ଯୁଦ୍ଧରେ ୭୬ ଏମଏମର ନୌସେନା ବନ୍ଧୁକ ଏବଂ ପାଣି ତଳେ ଚାଲୁଥିବା ଟର୍ପିଡୋ ବିସ୍ଫୋରକ ଅସ୍ତ୍ର ମଧ୍ୟ ଲାଗିଛି।

କୋଲକାତାର ଗାର୍ଡେନ୍ ରିଚ୍ ସିପିବିଲ୍ଡର୍ସ ଆଣ୍ଡ ଇଞ୍ଜିନିୟର୍ସ (ଜିଆରଏସଇ) ଆଇଏନଏସ ହିମଗିରୀକୁ ନିର୍ମାଣ କରିଛି। ପୁରୁଣା ଆଇଏନଏସ ହିମଗିରିର ନାମରେ ଏହାକୁ ନାମିତ କରାଯାଇଛି। ସେହିପରି ମୁମ୍ବଇର ମଝଗାଁଓ ଡକ୍ ସିପ୍‌ବିଲ୍ଡର୍ସ ଲିମିଟେଡ୍ ଆଇଏନଏସ ଉଦୟଗିରୀକୁ ନିର୍ମାଣ କରିଛି। ଆନ୍ଧ୍ରପ୍ରଦେଶର ଉଦୟଗିରି ପର୍ବତମାଳା ନାମରେ ଏହାର ନାମ ରଖାଯାଇଛି। ମାତ୍ର ୩୭ ମାସରେ ଏହାର ନିର୍ମାଣ କରାଯାଇଛି। ଆଇଏନଏସ ହିମଗିରିର ଓଜନ ୬,୬୭୦ ଟନ୍ ଏବଂ ଲମ୍ବ ୧୪୯ ମିଟର। ଏହା ଦୀର୍ଘ ଦିନ ପର୍ଯ୍ୟନ୍ତ ଅଭିଯାନରେ ଭାଗ ନେଇପାରିବ। ଏଥିରେ କ୍ଲୋଜ-ଇନ ୱିପନ ସିଷ୍ଟମ, ଟର୍‌ପିଡୋ ଟ୍ୟୁବ୍ସ, ଆଣ୍ଟି-ସବମେରାଇନ ରକେଟ୍ ଲଞ୍ଚର, ଆଡଭାନ୍ସ ଇଲେକ୍‌ଟ୍ରୋନକି ୱାରଫେୟାର ସିଷ୍ଟମ ରହିଛି।

## ଆଜିର ରାଶିଫଳ

**ମେଷ:** ଦିନଟି ଭଲରେ କଟିବ। ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ। ଆର୍ଥିକ ସ୍ଥିତି ଭଲ ରହିବ। ବନ୍ଧୁଙ୍କ ସହାୟତା ମିଳିବ। ବ୍ୟବସାୟ ପାଇଁ ନୂଆ ଯୋଜନା ପ୍ରସ୍ତୁତ କରିବେ। ନକାରାତ୍ମକ ଚିନ୍ତା ଦୂର ହେବ।

**ବୃଷ:** ଯାତ୍ରା ଯୋଗ ଅଛି। ଜୀବନସାଥୀଙ୍କ ସହ ସୁଖମୟ ସମୟ ଅତିବାହିତ କରିବେ। ନିବେଶରୁ ଦୂରେଇ ରୁହନ୍ତୁ। କୌଣସି ଶୁଭ ଖବର ମିଳିବ। ଛାତ୍ରଛାତ୍ରୀ ମନପସନ୍ଦ କାର୍ଯ୍ୟରେ ସମୟ ଅତିବାହିତ କରିବେ।

**ମିଥୁନ:** ଯାନବାହନ କିଣିବେ। ଧାର୍ମିକ ପୁସ୍ତକ ପ୍ରତି ଆଗ୍ରହ ବଢ଼ିବ। ପ୍ରେମିକ-ପ୍ରେମିକାଙ୍କ ପାଇଁ ଦିନଟି ଭଲ। ପରୋପକାର କାର୍ଯ୍ୟରେ ନିଜକୁ ନିୟୋଜିତ କରିବେ। ଘରେ ମାଙ୍ଗଳିକ କାର୍ଯ୍ୟ ଅନୁଷ୍ଠିତ ହେବ।

**କର୍କଟ:** ଅଫିସ୍‌ରେ କାର୍ଯ୍ୟଭାର ବଢ଼ିବ। କୌଣସି କାର୍ଯ୍ୟରେ ସମସ୍ୟା ଦେଖା ଦେବ। ଅଯଥା ଖର୍ଚ୍ଚ ବୃଦ୍ଧି ପାଇବ। ବିବାହରେ ସମସ୍ୟା ଆସିବ। ପ୍ରତିଯୋଗିତାମୂଳକ ପରୀକ୍ଷାରେ ବିଦ୍ୟାର୍ଥୀ କୃତକାର୍ଯ୍ୟ ହେବେ।

**ସିଂହ:** ବ୍ୟବସାୟରେ ଆଶାଜନକ ପରିଣାମ ମିଳିବ ନାହିଁ। ଜୀବନସାଥୀଙ୍କ ସହଯୋଗ ମିଳିବ। ବାପାଙ୍କ ସ୍ୱାସ୍ଥ୍ୟ ସମସ୍ୟାକୁ ନେଇ ଚିନ୍ତାରେ ରହିବେ। ଦାମ୍ପତ୍ୟ ଜୀବନ ସୁଖମୟ ହେବ।

**କନ୍ୟା:** ଚାକିରିକୁ ନେଇ କୌଣସି ସମସ୍ୟା ଦେଖା ଦେବ। ପାରିବାରିକ ଜୀବନ ସୁଖମୟ ହେବ। ଘରେ ପୂଜାପାଠ ଆୟୋଜନ କରିବେ। ଅଟକିଥିବା କାର୍ଯ୍ୟ ପୂରା ହେବ। ଆୟର ନୂଆ ଅବସର ପ୍ରାପ୍ତ ହେବ।

**ତୁଳା:** ଦିନଟି ମିଶ୍ରଫଳ ପ୍ରଦାନ କରିବ। ଆର୍ଥିକ ସ୍ଥିତି ମଜଭୁତ୍ ହେବ। ବିବାହ ପ୍ରସ୍ତାବ ଆସିବ। ରାଜନୀତିରେ ସଫଳତା ମିଳିବ। ଛାତ୍ରଛାତ୍ରୀ କ୍ୟାରିୟର ପାଇଁ ନୂଆ ଯୋଜନା କରିବେ।

**ବିଛା:** ଆଇଟି ଓ ବ୍ୟାଙ୍କ କ୍ଷେତ୍ରରେ ସଫଳତା ମିଳିବ। ଅଫିସ୍‌ରେ ବରିଷ୍ଠ ଅଧିକାରୀଙ୍କ ସହଯୋଗ ମିଳିବ। ବୈବାହିକ ଜୀବନ ସୁଖଶାନ୍ତିରେ କଟିବ। ବିଦ୍ୟାର୍ଥୀ ପଢ଼ାରେ ମନୋନିବେଶ କରିବେ।

**ଧନୁ:** ପରିବାର ଲୋକଙ୍କ ସହଯୋଗ ମିଳିବ। ସ୍ୱାସ୍ଥ୍ୟରେ ସୁଧାର ଆସିବ। ଆୟ ତୁଳନାରେ ବ୍ୟୟ ଅଧିକ ହେବ। କଥାରେ ମଧୁରତା ରକ୍ଷା କରିବେ। ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖା ଦେବ।

**ମକର:** ଦିନଟିରେ କର୍ମଚଞ୍ଚଳ ରହିବେ। ବ୍ୟବସାୟରେ ଲାଭ ମିଳିବ। ଛାତ୍ରଛାତ୍ରୀ କଠିନ ପରିଶ୍ରମ କରିବେ। ପଡ଼ୋଶୀଙ୍କ ସହ ମତାନ୍ତର ହେବ। ପୈତୃକ ସମ୍ପତ୍ତିରୁ ଲାଭ ମିଳିବ। ପ୍ରେମ ସମ୍ବନ୍ଧ ସୁଖମୟ ହେବ।

**କୁମ୍ଭ:** ବ୍ୟବସାୟକୁ ନେଇ ଦୂରସ୍ଥାନକୁ ଯାତ୍ରା କରିବେ। ନିବେଶରୁ ଦୂରେଇ ରୁହନ୍ତୁ। ଘରେ ପୂଜାପାଠ ଆୟୋଜନ ହେବ। ବିବାହ ସମସ୍ୟା ସମାଧାନ ହେବ। ଯାନବାହନ କ୍ରୟର ଯୋଗ ଅଛି।

**ମୀନ:** ଚାକିରିରେ ବନ୍ଧୁଙ୍କ ସହାୟତା ମିଳିବ। ଅଫିସ୍‌ରେ ସହକର୍ମୀଙ୍କ ସହ ମତାନ୍ତର ଦେଖା ଦେବ। ନୂଆ କାର୍ଯ୍ୟ ଆରମ୍ଭ କରିବାର ଉତ୍ତମ ସମୟ। ସ୍ୱାମୀ-ସ୍ତ୍ରୀ ମଧ୍ୟରେ ଉତ୍ତମ ବୁଝାମଣା ରହିବ।

## ଆଜିର ଇତିହାସ

- ୧୮୭୦ : ଭାରତର ପ୍ରଥମ ଶ୍ରମିକ ସଂଗଠନ ଭାବେ ଶ୍ରମଜୀବୀ ସଂଘର ସ୍ଥାପନା।
- ୧୯୫୦ : ଟେଲିଭିଜନ ଇତିହାସରେ ପ୍ରଥମଥର ପାଇଁ ବିବିସି ସିଧା ପ୍ରସାରଣ କଲା।
- ୧୯୯୦ : ୱାଶିଂଟନସ୍ଥିତ ଇରାକୀ ଦୂତାବାସର ୩୬ କର୍ମଚାରୀଙ୍କୁ ଆମେରିକା ବାହାର କରଥିଲା।
- ୨୦୦୩ : ୬୦ ହଜାର ବର୍ଷ ପରେ ମଙ୍ଗଳ ଗ୍ରହ ପୃଥିବୀର ସବୁଠୁ ନିକଟତର ହୋଇଥିଲା।

## ଗଣଦେବତା ଶ୍ରୀଗଣେଶ



ଭାରତୀୟ ସଂସ୍କୃତିରେ ବିଘ୍ନରାଜ ବିନାୟକ ସର୍ବ ପୂଜ୍ୟ ଗଣ ଦେବତାର ଆସନ ଅଳଙ୍କୃତ କରି ଶ୍ରୀଗଣେଶ ନାମରେ ଖ୍ୟାତ ହୋଇଛନ୍ତି। ଭାରତୀୟ ଧର୍ମ ଧାରାରେ ବୈଦିକ କାଳରୁ ଶ୍ରୀଗଣପତିଙ୍କ ଉପାସନାର ଉନ୍ମେଷ ଘଟିଥିବା ଜଣାଯାଏ। ବୈଦିକ ମନ୍ତ୍ରରେ ଗଣପତିଙ୍କୁ ସର୍ବ ସିଦ୍ଧିଦାତା, ସର୍ବ ମଙ୍ଗଳମୟ ରୂପେ ଅଭିହିତ କରାଯାଇଛି। ସେ ବୈଦିକ ଦେବତା ଅଗ୍ରପୂଜ୍ୟ ବିଘ୍ନ ବିନାଶକାରୀ ବିନାୟକ। ସେ ବକ୍ରତୁଣ୍ଡ ଓ ସର୍ବ କାର୍ଯ୍ୟ ସିଦ୍ଧିଦାତା ଗଣେଶ ଭାବରେ ଆରାଧିତ ହୋଇ ଆସୁଛନ୍ତି। ଆଦି ଦେବତା ଭାବେ ପ୍ରତ୍ୟେକ ଶୁଭ କାର୍ଯ୍ୟ, ପୂଜା, ଲେଖାପଢ଼ା ଓ ଧାର୍ମିକ କ୍ରିୟା ଆରମ୍ଭରେ ତାଙ୍କର ଆବାହନ କରାଯାଏ। ଗଜାନନଙ୍କୁ ପଞ୍ଚଦେବତାମାନଙ୍କ ମଧ୍ୟରୁ ଜଣେ ବୋଲି କୁହାଯାଏ। ହିନ୍ଦୁ ଧର୍ମରେ ବିବାହ ହେଉ କି ବ୍ରତ ଘର କି ଘର ପ୍ରତିଷ୍ଠା ସର୍ବପ୍ରଥମେ ଶ୍ରୀଗଣେଶଙ୍କୁ ପୂଜା କରାଯିବା ବିଧି ରହିଛି। ଭାଦ୍ରବ ଶୁକ୍ଳପକ୍ଷ ଚତୁର୍ଥୀ ତିଥିରେ ପାଳନ କରାଯାଏ ବିଦ୍ୟାର ଦେବତା ଆଦିଦେବ, ଅଗ୍ରପୂଜ୍ୟ ପ୍ରଭୁ ଶ୍ରୀଗଣେଶଙ୍କ ପୂଜା। ଗଣେଶ ପୂଜା ସର୍ବଭାରତୀୟ ପୂଜା ଭାବରେ ପ୍ରସିଦ୍ଧି ଲାଭ କରି ଆସିଛି। ଶ୍ରୀଗଣେଶ ବିଦ୍ୟାଦାତା ଓ ସିଦ୍ଧି ଦାତା ଭାବେ ବିଦ୍ୟାର୍ଥୀମାନଙ୍କ ଦ୍ୱାରା ପୂଜିତ ହୋଇଥାନ୍ତି। ଖାସ୍ ସେଥିପାଇଁ ଶିକ୍ଷାନୁଷ୍ଠାନମାନଙ୍କରେ ଶ୍ରୀଗଣେଶଙ୍କ ପୂଜାର୍ଚ୍ଚନା ମହାଆଡ଼ମ୍ବରରେ ପାଳନ କରାଯାଏ। ସମସ୍ତ ପ୍ରକାର ଫଳ, ଚୁଡା ଘଷା, ବେସନ ସେଉ, ବୁନ୍ଦି ଗଣେଶଙ୍କୁ ଭୋଗ ରୂପେ ଅର୍ପଣ କରାଗଲେ ବି ମୋଦକ ଓ ରାଶିଲଡୁ ତାଙ୍କର ପ୍ରିୟ ଭୋଗ। ମହାରାଷ୍ଟ୍ରରେ ଏହା ଏକ ଗଣପର୍ବ ହୋଇଥିବାବେଳେ ଓଡିଶାର ଖୋର୍ଦ୍ଧା ଜିଲ୍ଲା ଜଟଣୀରେ ଗଣେଶ ପୂଜା ପ୍ରସିଦ୍ଧ। ଶିବ ପୁରାଣ ଅନୁଯାୟୀ, ଦେବୀ ପାର୍ବତୀ ନିଜଦେହରୁ ନିର୍ଗତ ମଇଳାରୁ ଏକ ମୂର୍ତ୍ତି ଗଠନ କଲେ ଏବଂ ତାକୁ ଜୀବଦାନ ଦେଲେ। ପାର୍ବତୀ ତାଙ୍କୁ ଦ୍ୱାର ଜଗାଇ ଭିତରକୁ କାହାକୁ ପ୍ରବେଶ ନ କରେଇବା ପାଇଁ ଆଦେଶ ଦେଇ ସ୍ନାନ କରିବାକୁ ଗଲେ। ଠିକ୍ ସେହି ସମୟରେ ମହାଦେବ ସେଠାକୁ ଆସି ଭିତରକୁ ପ୍ରବେଶ କରିବାରୁ ବାଳକ ଗଣେଶ ନିଜ ପିତାଙ୍କୁ ଚିହ୍ନି ନ ପାରି ବାଟ ଛାଡ଼ିଲେ ନାହିଁ। ମହାଦେବ ବୁଝାଇବାକୁ ଚେଷ୍ଟା କରି ବିଫଳ ହେବା ପରେ କ୍ରୋଧ ଜର୍ଜରିତ ହୋଇ ଗଣେଶଙ୍କ ଶିରଚ୍ଛେଦନ କଲେ। ପରେ ପାର୍ବତୀଙ୍କ ନିକଟରୁ ଶ୍ରୀଗଣେଶଙ୍କ ପରିଚୟ ପାଇ ଫେରି ଆସି ଦେଖିଲା ବେଳକୁ ମୁଣ୍ଡହୀନ ଗଣ୍ଡିଟି ପଡ଼ିଛି। ଏହା ଦେଖି ମାତା ପାର୍ବତୀ ଅଧୀର ହୋଇ ପଡ଼ିଥିଲେ। ପାର୍ବତୀ ଉତ୍ତେଜିତ ହୋଇ ଉଗ୍ରରୂପ ଧାରଣ କରିଥିଲେ। ସୃଷ୍ଟିକୁ ଧ୍ୱଂସ କରି ଦେବାକୁ କହିଥିଲେ। ପାର୍ବତୀଙ୍କୁ ସୃଷ୍ଟି କର୍ତ୍ତା ବ୍ରହ୍ମା ବୁଝାଇବାକୁ ଚେଷ୍ଟା କରିଥିଲେ। ତାଙ୍କ ସମ୍ମୁଖରେ ପାର୍ବତୀ ଦୁଇଟି ସର୍ତ୍ତ ରଖିଥିଲେ। ପ୍ରଥମେ ଗଣେଶଙ୍କୁ ଜୀବ ଦାନ ଦିଆଯିବ ଅନ୍ୟଟି ସେ ଅଗ୍ରପୂଜ୍ୟ ହେବେ। ଏଥିରେ ବ୍ରହ୍ମା ରାଜି ହୋଇଥିଲେ। ଅପରପକ୍ଷରେ ଶିବ ଗଣେଶଙ୍କୁ ଜୀବଦାନ ଦେବା ପାଇଁ ତାଙ୍କ ଅନୁଚରଙ୍କୁ ପଠାଇ ଯେଉଁ ପ୍ରାଣୀକୁ ପ୍ରଥମେ ଦେଖିବ ଯିଏକି ଉତ୍ତର ଦିଗକୁ ମୁଣ୍ଡ ଦେଇ ଶୋଇଥିବ ତା'ର ଶିର ଛେଦନ କରି ନେଇ ଆସିବ ବୋଲି କହିଥିଲେ। ଶିବଦୂତ ଏକ ହାତୀ ମୁଣ୍ଡ ଆଣି ଆସିଥିଲେ। ବିଘ୍ନେଶଙ୍କ ମୁଣ୍ଡରେ ହାତୀ ମୁଣ୍ଡଟିକୁ ଲଗାଇ ତାଙ୍କୁ ଜୀବନ୍ୟାସ ପ୍ରଦାନ କରାଯାଇଥିଲା। ଏହାପରେ ସେ ଗଜାନନ ନାମରେ ନାମିତ ହୋଇଥିଲେ ଓ ଅଗ୍ରପୂଜ୍ୟ ଭାବେ ପୂଜା ପାଇଥିଲେ। ପୌରାଣିକ ମତେ, ଗଣେଶ ବ୍ୟାସୋକ୍ତ ମହାଭାରତର ଲେଖକ। ଭାଦ୍ରବ ମାସ ଶୁକ୍ଳ ପକ୍ଷ ଚତୁର୍ଥୀ ଦିନ ପିଲା ଖଡ଼ି ଧରିବା (ଅକ୍ଷର ଲେଖା ଶିଖିବା) ଆରମ୍ଭ କରନ୍ତି। ସମୂହ ଖଡ଼ି ଛୁଆଁ କାର୍ଯ୍ୟକ୍ରମ ବିଭିନ୍ନ ମନ୍ଦିର ଓ ପୂଜାମଣ୍ଡପମାନଙ୍କରେ ଆୟୋଜିତ ହୁଏ। ଭକ୍ତି ସହକାରେ ଶ୍ରୀଗଣେଶଙ୍କ ପୂଜାର୍ଚ୍ଚନା କଲେ ମାନବର ସମସ୍ତ ଆଶା ଆକାଂକ୍ଷା ପ୍ରଭୁଙ୍କ ଦ୍ୱାରା ପୂର୍ଣ୍ଣ ହୋଇଥାଏ ବୋଲି ଭାରତୀୟ ଜନମାନସରେ ବିଶ୍ୱାସ ରହିଛି।

## 'ସନି ସଂସ୍କାରୀ କୀ ତୁଲସୀ କୁମାରୀ'ର ସୁଟିଂ ଶେଷ



ବଲିଉଡ୍ ଅଭିନେତା ବରୁଣ ଧୱନ୍‌ଙ୍କ ଫିଲ୍ମ 'ସନି ସଂସ୍କାରୀ କୀ ତୁଲସୀ କୁମାରୀ'ର ସୁଟିଂ ଇତିମଧ୍ୟରେ ଶେଷ ହୋଇଛି। ବରୁଣ ନିଜେ ଏସମ୍ପର୍କରେ ଇନ୍‌ଷ୍ଟାଗ୍ରାମ୍‌ରେ ଏକ ପୋଷ୍ଟ ସେୟାର୍ କରି ସୂଚନା ଦେଇଛନ୍ତି। ବରୁଣ ଏହି ପୋଷ୍ଟରେ ଲେଖିଛନ୍ତି- 'ସନି ସଂସ୍କାରୀ କୀ ତୁଲସୀ କୁମାରୀ'ର ସୁଟିଂ ସରିଲା। ମୁଁ ପୁଣି ଥରେ ଶଶାଙ୍କ ଖୈତାନଙ୍କ ନିର୍ଦ୍ଦେଶନାରେ ଅକ୍ଟୋବର ୨ରେ ପରଦାକୁ ଫେରୁଛି।' ସେ ଏହା ସହ ଫିଲ୍ମର ଫଟୋ ମଧ୍ୟ ସେୟାର୍ କରିଛନ୍ତି। ତେବେ ଶଶାଙ୍କଙ୍କ ସହ ଏହା ବରୁଣଙ୍କ ତୃତୀୟ ଫିଲ୍ମ। ଏହାପୂର୍ବରୁ ଶଶାଙ୍କଙ୍କ ସହ ବରୁଣ 'ହମ୍‌ଟି ଶର୍ମା କି ଦୁଲହନିୟା' ଓ 'ବଦ୍ରୀନାଥ କି ଦୁଲହନିୟା'ରେ କାମ କରିଥିଲେ। ଏହି ଦୁଇଟି ଫିଲ୍ମରେ ବରୁଣଙ୍କ ବିପକ୍ଷରେ ଆଲିଆ ଭଟ୍ଟ ଦେଖାଯାଇଥିଲେ। 'ସନି ସଂସ୍କାରୀ କୀ ତୁଲସୀ କୁମାରୀ'ରେ କିନ୍ତୁ ବରୁଣଙ୍କ ବିପକ୍ଷରେ ଜାହ୍ନବୀ କପୁର ଦେଖାଯିବେ। ଫିଲ୍ମର ରିଲିଜ୍ ଡେଟ୍ ଏହାପୂର୍ବରୁ ଅନେକ ଥର ପରିବର୍ତ୍ତନ କରାଯାଇଛି। ଏବେ ଏହା ଅକ୍ଟୋବର ୨ରେ ରିଲିଜ୍ ହେବ ବୋଲି ଫାଇନାଲ ହୋଇଛି। ଏଥିରେ ବରୁଣ ଓ ଜାହ୍ନବୀଙ୍କ ସହ ଅକ୍ଷୟ ଓବରୟ, ସାନ୍ୟା ମଲହୋତ୍ରା, ମନୀଷ ପଲ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ଦେଖାଯିବେ। ଏହାର ପ୍ରଯୋଜନା ଦାୟିତ୍ୱରେ ଧର୍ମା ପ୍ରଡକ୍ସନ୍ ରହିଛି।

## ଅପରାଧ ରୋକିବ ହୋଲୋଗ୍ରାଫିକ୍ ପୁଲିସ୍



ଦକ୍ଷିଣ କୋରିଆ ରାଜଧାନୀ ସିଓଲ ସହରର ସ୍ଥାନେ ସ୍ଥାନେ ଏବେ ହୋଲେଗ୍ରାଫିକ୍ ପୁଲିସ୍ ମୁତୟନ କରାଯାଇଛି। ଲୋକଙ୍କ ସୁରକ୍ଷାକୁ ଆଖି ଆଗରେ ରଖି ଏହି ହାଇଟେକ୍ ପୁଲିସ୍‌କୁ ନିୟୋଜିତ କରାଯାଇଛି। ତେବେ ସ୍ଥାନୀୟ ପୁଲିସ୍ ଏହାକୁ ନେଇ ବେଶ୍ ଆଶାୟୀ ଥିବାବେଳେ ସାଧାରଣ ଲୋକେ କିନ୍ତୁ ଏଥିରେ ଖୁସି ନାହାନ୍ତି। ପ୍ରତିଦିନ ସନ୍ଧ୍ୟା ୭ଟାରୁ ୧୦ଟା ମଧ୍ୟରେ ଜଙ୍ଗ-ଗୁ, ଜୁଡୋଙ୍ଗ ନଂ ୩ ପାର୍କରେ ୧୭୦ ସେଣ୍ଟିମିଟର ଉଚ୍ଚତା ବିଶିଷ୍ଟ ହୋଲୋଗ୍ରାଫିକ୍ ପୁଲିସ୍ କର୍ମୀଙ୍କୁ ଦେଖିବାକୁ ମିଳିଥାଏ। ପ୍ରୋଜେକ୍ଟର ମାଧ୍ୟମରେ ଏହି ଛାୟାକୃତି ପୁଲିସ୍ ଅଫିସର୍‌କୁ ଦେଖିବାକୁ ମିଳୁଛି। ସିସିଟିଭି ଅପରାଧୀମାନଙ୍କ ଉପରେ ତୀକ୍ଷ୍ଣ ନଜର ରଖିଛି ଓ ଜରୁରିକାଳୀନ ସ୍ଥିତିରେ ପୁଲିସ୍ ତୁରନ୍ତ ଲୋକଙ୍କୁ ସାହାଯ୍ୟ କରିବ ବୋଲି ଏହି ହୋଲୋଗ୍ରାଫିକ୍ ପୁଲିସ୍ ଲୋକଙ୍କୁ ମନେ ପକାଇ ଦେଉଛି। ହୋଲୋଗ୍ରାମିକା ନାମକ କମ୍ପାନି ଏହାକୁ ତିଆରି କରିଛି। ଗତବର୍ଷ ଅକ୍ଟୋବର ମାସରେ ଏହାକୁ ପରୀକ୍ଷାମୂଳକ ଭାବେ ଲଗାଯାଇଥିଲା। ତେବେ ଜୁଡୋଙ୍ଗ ନଂ ୩ ପାର୍କରେ ଏହା ଲଗାଯିବା ପରେ ସେଠାରେ ଅପରାଧ ଘଟଣା କମ୍ ହୋଇଥିବା ଦେଖାଯାଇଛି। ଯଦିଓ ଏହାକୁ ନେଇ ସ୍ଥାନୀୟ ପୁଲିସ୍ ଖୁସି ଅଛି କିନ୍ତୁ ସାଧାରଣ ଲୋକେ ଏହାକୁ ନେଇ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ଲୋକଙ୍କ କହିବା ଅନୁସାରେ, ଏଭଳି ପୁଲିସ୍‌କୁ ଦେଖି ଲୋକେ ଭୂତପ୍ରେତ ମନେକରି ଯାଉ ନାହାନ୍ତି।

# ଖେଳ

### ୟୁଏସ୍ ଓପନ ଗ୍ରାଣ୍ଡସ୍ଲାମ୍ ଟେନିସ


## କାର୍ଲୋସ୍ ଆଲକାରାଜଙ୍କ ବିଜୟ ଅଭିଯାନ

ନ୍ୟୁୟର୍କ,୨୬।୮ (ଏଜେନ୍ସି)

ପୁରୁଷ ଟେନିସ ଜଗତର ନୂଆ ସୁପରଷ୍ଟାର ସ୍ପେନ୍‌ର କାର୍ଲୋସ ଆଲକାରାଜ ନୂଆ ହେୟାରକଟ୍‌ରେ ୟୁଏସ୍ ଓପନର ପ୍ରଥମ ରାଉଣ୍ଡ ମ୍ୟାଚ୍‌ରେ ବିଜୟୀ ହୋଇଛନ୍ତି। ଖେଳ ଅପେକ୍ଷା ଦର୍ଶକ ଓ ସମର୍ଥକ ମାନେ ତାଙ୍କ ହେୟାରକଟ୍‌କୁ ଅଧିକ ପ୍ରଶଂସା କରୁଥିବା ଦେଖାଯାଇଥିଲା। ସୋମବାର ଅନୁଷ୍ଠିତ ପ୍ରଥମ ରାଉଣ୍ଡ ମୁକାବିଲାରେ ସେ ଆମେରିକାର ରିଲି ଓପେଲକାଙ୍କୁ ପରାସ୍ତ କରି ଦ୍ୱିତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି। ଏହି ମ୍ୟାଚ୍ ଜିତିବାକୁ ତାଙ୍କୁ କିଛିଟା ସଂଘର୍ଷ କରିବାକୁ ପଡ଼ିଥିଲା। ସେ କିନ୍ତୁ୧୭ଟି ଅନ୍‌ଫୋର୍ସଡ ତ୍ରୁଟି କରି ୬-୪, ୭-୫, ୬-୪ ସିଧାସଳଖ ସେଟ୍‌ରେ ବିଜୟୀ ହୋଇଥିଲେ। ଦ୍ୱିତୀୟ ରାଉଣ୍ଡରେ ତାଙ୍କର ମୁକାବିଲା ହେବ ଇଟାଲୀର ୨୪ ବର୍ଷୀୟ ମାଟିଓ ବେଲୁଚିଙ୍କ ସହ। ବେଲୁଚି ପ୍ରଥମ ରାଉଣ୍ଡରେ ଚୀନ୍‌ର ଜାନଚେନ୍ ସାଙ୍ଗ୍‌ଙ୍କୁ ୭-୬, ୧-୬, ୬-୦, ୬-୩ ସେଟ୍‌ରେ ହରାଇ ଦ୍ୱିତୀୟ ରାଉଣ୍ଡରେ ପ୍ରବେଶ କରିଥିଲେ। ଦ୍ୱିତୀୟ ଦିନ ମଧ୍ୟ ସିଡେଡ ଖେଳାଳିଙ୍କ ବିଜୟ ଅଭିଯାନ ଅବ୍ୟାହତ ରହିଛି। ଏମାନଙ୍କ ମଧ୍ୟରେ ୯ମ ସିଡ୍ କାରେନ ଖାଚାନୋଭ୍, ୧୧ଶ ସିଡ୍ ହୋଲଗର ର୍ୟୁନ୍, ୧୨ଶ ସିଡ୍ କାସ୍‌ପର ରୁଡ୍, ୧୫ଶ ସିଡ ଆନ୍ଦ୍ରେ ରୁବ୍‌ଲେଭ୍ ପ୍ରମୁଖ ବିଜୟୀ ହୋଇ ଦ୍ୱିତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି।

### ■ ହାରିଲେ ମାଡିସନ କିଜ୍

ମହିଳା ଏକକରେ ପୂର୍ବତନ ଗ୍ରାଣ୍ଡସ୍ଲାମ୍ ଚାମ୍ପିଅନ ଆମେରିକାର ମାଡିସନ କିଜ୍ ପ୍ରଥମ ରାଉଣ୍ଡରେ ବିଦାୟ ନେଇଛନ୍ତି। ସୋମବାର ଖେଳାଯାଇଥିବା ମୁକାବିଲାରେ ସେ ମେକ୍ସିକୋର ରେନାଟା ଜାରୁଜୁଆଙ୍କଠାରୁ ୧-୨ ସେଟ୍‌ରେ ପରାଜିତ ହୋଇଥିଲେ। ସେହିପରି ଦ୍ୱାଦଶ ସିଡ୍ ଏଲିନା ଭିଟୋଲିନା ମଧ୍ୟ ପ୍ରଥମ ରାଉଣ୍ଡରୁ ବିଦାୟ ନେଇଛନ୍ତି। ଏମାନଙ୍କ ବ୍ୟତୀତ ଅନ୍ୟ ସିଡେଡ ଖେଳାଳି ପ୍ରଥମ ରାଉଣ୍ଡରେ ବିଜୟୀ ହୋଇଛନ୍ତି। ସେମାନଙ୍କ ମଧ୍ୟରେ ୫ମ ସିଡ୍ ମୀରା ଆନ୍ଦ୍ରିଭା, ୯ମ ସିଡ ଏଲେନା ରିବାକିନା, ୧୧ଶ ସିଡ୍ କାରୋଲିନା ମୁଚୋଭା, ୧୫ତମ ସିଡ୍ ଡାରିଆ କାସତକିନା, ୧୯ତମ ସିଡ୍ ଏଲିସେ ମେର୍ଟେନ୍ସ ଓ୨୮ତମ ସିଡ୍ ମାଗଡାଲେନା ଫ୍ରେଚ୍ ପ୍ରମୁଖ ବିଜୟ ହାସଲ କରିଛନ୍ତି।



### ■ ୪୫ ବର୍ଷରେ ଖେଳିଲେ ଭେନସ

୨୦୧୧ରେ ଗୁରୁତର ଅସୁସ୍ଥତା ପରେ ଭେନସ ୱିଲିୟମ୍ସଙ୍କ ପ୍ରତିଯୋଗିତାମୂଳକ ଟେନିସ ଖେଳିବା ଏକ ପ୍ରକାର ସ୍ୱପ୍ନ ହୋଇଯାଇଥିଲା। କିନ୍ତୁ ସେ ଗତ ଜୁଲାଇରେ ପ୍ରତିଯୋଗିତାମୂଳକ ଟେନିସ ଖେଳି ସମସ୍ତଙ୍କ ଅନୁମାନକୁ ଭୁଲ ପ୍ରମାଣିତ କରିଦେଇଥିଲେ। ଏହା ମଧ୍ୟରେ ଅସୁସ୍ଥତାକୁ ପଛରେ ପକାଇ ଭେନସ ପୁଣିଥରେ ଟେନିସ କୋର୍ଟକୁ ଫେରିଥିଲେ। ୭ଥରର ଗ୍ରାଣ୍ଡସ୍ଲାମ୍ ଚାମ୍ପିଅନ ଭେନସ ଫିଟ୍ ହେବା ପରେ ପ୍ରଥମଥର ଏପରି ଏକ ବଡ଼ ଟୁର୍ଣ୍ଣାମେଣ୍ଟରେ ଖେଳିଥିଲେ। ଅନ୍ୟତମ ଶ୍ରେଷ୍ଠ ଖେଳାଳି ତଥା ୧୧ଶ ସିଡ ଚେକ୍ ଗଣରାଜ୍ୟର କାରୋଲିନା ମୁଚୋଭାଙ୍କଠାରୁ ଲଢ଼େଇ କରି ହାରିଥିଲେ। ମୁଚୋଭା ଏହି ମ୍ୟାଚ୍‌କୁ ୬-୩, ୨-୬, ୬-୧ରେ ଜିତିଥିଲେ ମଧ୍ୟ ଭେନସଙ୍କ ନିକଟରେ ଏବେ ବି ଟପ୍ କ୍ଲାସ୍ ଟେନିସ ଖେଳିବାର ଶକ୍ତିଥିବା କଥା ପ୍ରମାଣିତ କରିଥିଲେ।

### ସହଜରେ ଜିତିଲେ ସ୍ୱିଆଟେକ, ମୁସେଟୀ

ମହିଳା ବିଭାଗରେ ଦ୍ୱିତୀୟ ସିଡ୍ ଇଗା ସ୍ୱିଆଟେକ ୟୁଏସ୍ ଓପନ ମହିଳା ଏକକ ଦ୍ୱିତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି। ମଙ୍ଗଳବାର ଖେଳାଯାଇଥିବା ପ୍ରଥମ ରାଉଣ୍ଡ ମୁକାବିଲାରେ ୬ଥରର ଗ୍ରାଣ୍ଡସ୍ଲାମ୍ ଚାମ୍ପିଅନ ସ୍ୱିଆଟେକ୍ ୬-୧, ୬-୨ ସିଧାସଳଖ ସେଟ୍‌ରେ କଲମ୍ବିଆର ଏମିଲିଆନୋ ଆରାଙ୍ଗୋଙ୍କୁ ପରାସ୍ତ କରିଥିଲେ। ପୋଲାଣ୍ଡର ଏହି ଚାମ୍ପିଅନ ଖେଳାଳି ଦ୍ୱିତୀୟ ରାଉଣ୍ଡରେ ନେଦରଲାଣ୍ଡସର ସୁଜାନା ଲାମେନ୍ସଙ୍କୁ ଭେଟିବେ। ମହିଳା ଏକକର ଅନ୍ୟ ମୁକାବିଲାରେ ବ୍ରାଜିଲର ବିଏଟ୍ରିଜ୍ ହାଦାଦ ମାୟା ଲଢୁଆ ଖେଳ ପ୍ରଦର୍ଶନ କରି ୬-୩, ୧-୬, ୬-୧ ସେଟ୍‌ରେ ବ୍ରିଟେନର ସୋନୟ କର୍ତାଲଙ୍କୁ ହରାଇ ଦ୍ୱିତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି। ଅନ୍ୟ ଏକ ମ୍ୟାଚ୍‌ରେ ୨୭ ନମ୍ବର ସିଡ୍ ୟୁକ୍ରେନ୍‌ର ମାର୍ତ୍ତା କୋଷ୍ଟ୍ୟୁକ୍ ୬-୪, ୬-୪ ସିଧାସଳଖ ସେଟ୍‌ରେ ବ୍ରିଟେନର କାଟି ବୋଲଟରଙ୍କୁ ହରାଇ ଦ୍ୱିତୀୟ ରାଉଣ୍ଡକୁ ଉନ୍ନୀତ ହୋଇଛନ୍ତି। ମଙ୍ଗଳବାର ଖେଳାଯାଇଥିବା ପୁରୁଷ ଏକକ ମୁକାବିଲାରେ ଇଟାଲୀର ଯୁବ ଖେଳାଳି ତଥା ୧୦ମ ସିଡ୍ ୨୪ ବର୍ଷୀୟ ଲୋରେଞ୍ଜୋ ମୁସେଟୀ ୩-୧ (୬-୭, ୬-୩, ୬-୪, ୬-୪)ସେଟ୍‌ରେ ଫ୍ରାନ୍ସର ଗିଓଭାନି ପେଟଶୀ ପେରୀକାର୍ଡଙ୍କୁ ପରାସ୍ତ କରି ଦ୍ୱିତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି।

## ଗୋଆରେ ଚେସ୍ ବିଶ୍ୱକପ୍

ନୂଆଦିଲ୍ଲୀ,୨୬।୮ (ଏଜେନ୍ସି): ଫିଡେ ବା ପୁରୁଷ ଚେସ୍ ବିଶ୍ୱକପ୍ ଭାରତର ଗୋଆରେ ଅକ୍ଟୋବର ୩୧ରୁ ନଭେମ୍ବର ୨୭ ଯାଏ ଅନୁଷ୍ଠିତ ହେବ। ନକ୍‌ଆଉଟ ଭିତ୍ତିରେ ଖେଳାଯିବାକୁ ଥିବା ଏହି ପ୍ରତିଯୋଗିତାରେ ସମଗ୍ର ବିଶ୍ୱରୁ ୨୦୬ ଜଣ ଖେଳାଳି ଅଂଶଗ୍ରହଣ କରିବେ। ଏଥିରେ ମୋଟ ୧୭.୫ କୋଟି ଟଙ୍କାର ପୁରସ୍କାର ପ୍ରଦାନ କରାଯିବାକୁ ଥିଲାବେଳେ ୩ଜଣ ଖେଳାଳି ୨୦୨୬ କ୍ୟାଣ୍ଡିଡେଟ୍ସ ଚେସ୍‌ରେ ଭାଗ ନେବାକୁ ଯୋଗ୍ୟତା ଅର୍ଜନ କରିବେ। ପ୍ରଥମ ୫୦ଜଣଙ୍କ ସ୍ଥାନରେ ଥିବା ଖେଳାଳିମାନେ ଦ୍ୱିତୀୟ ରାଉଣ୍ଡରୁ ଖେଳ ଆରମ୍ଭ କରିବେ। ପ୍ରତ୍ୟେକ ରାଉଣ୍ଡରେ ୨ଟି କ୍ଲାସିକ୍ ମ୍ୟାଚ୍ ଖେଳାଯିବ। ଆବଶ୍ୟକ ହେଲେ ରାପିଡ ଓ ବ୍ଲିଜ୍‌ରେ ଟାଇବ୍ରେକ୍ ମ୍ୟାଚ୍ ଅନୁଷ୍ଠିତ ହେବ। ଏବେ ଓପନ ବା ପୁରୁଷ କାଟାଗୋରୀରେ ଡି ଗୁକେଶ, ମହିଳା ବିଭାଗରେ ଦିବ୍ୟା ଦେଶମୁଖ ବିଶ୍ୱକପ୍, ଚେସ୍ ଅଲିମ୍ପିଆଡ଼ରେ ଉଭୟ ଦଳ ଚାମ୍ପିଅନ ଆଖ୍ୟା ଅର୍ଜନ କରିଛନ୍ତି।

## ତ୍ରିପୁରାରୁ ଖେଳିବେ ହନୁମା

ଅଗରତାଲା,୨୬।୮ (ଏଜେନ୍ସି): ଘରୋଇ କ୍ରିକେଟରେ ଆନ୍ଧ୍ରପ୍ରଦେଶ ପକ୍ଷରୁ ୪୪ଟି ଓ ହାଇଦ୍ରାବାଦ୍ ପକ୍ଷରୁ ୪୦ଟି ପ୍ରଥମଶ୍ରେଣୀ ମ୍ୟାଚ୍ ଖେଳିଥିବା ବ୍ୟାଟର ହନୁମା ବିହାରୀ ଚଳିତ ସିଜନରେ ତ୍ରିପୁରା ପକ୍ଷରୁ ଖେଳିବାକୁ ଚୁକ୍ତିବଦ୍ଧ ହୋଇଛନ୍ତି। ଆଜି ଆନ୍ଧ୍ର ପକ୍ଷରୁ ତାଙ୍କୁ ଏନ୍‌ଓସି ଦେବା ପରେ ଏହା ସ୍ପଷ୍ଟ ହୋଇଛି। ଭାରତ ପକ୍ଷରୁ ୨୦୧୮ରୁ ୨୦୨୨ ମଧ୍ୟରେ ୧୬ଟି ଟେଷ୍ଟ ଖେଳିଥିବା ଏହି ଖେଳାଳି ନିକଟରେ ଆନ୍ଧ୍ର ପ୍ରିମିୟର ଲିଗ୍‌ରେ ଖେଳିଥିଲେ। ସେ ତ୍ରିପୁରା ଦଳର ନେତୃତ୍ୱ ନେବେ।

### ଜୟନ୍ତ ମହାପାତ୍ର ସ୍ମାରକୀ ଫୁଟବଲ

## କିସ୍-ବିକାଶ ସେମିଫାଇନାଲ ମୁକାବିଲା

ଭୁବନେଶ୍ୱର,୨୬।୮ (ସମିସ): କିସ୍ ଓ ବିକାଶ ରେସିଡେନସିଆଲ ସ୍କୁଲ ମଧ୍ୟରେ ଏଠାରେ ଚାଲିଥିବା ଜୟନ୍ତ ମହାପାତ୍ର ସ୍ମାରକୀ ଭୁବନେଶ୍ୱର ଆନ୍ତଃସ୍କୁଲ ଫୁଟବଲ ଟୁର୍ଣ୍ଣାମେଣ୍ଟର ସେମିଫାଇନାଲ ମୁକାବିଲା ଅନୁଷ୍ଠିତ ହେବ। ସେହପରି ପ୍ରଥମ ସେମିରେ ଡିଏଭି ପୋଖରୀପୁଟ ସହ ଓଡିଏମ୍ ଗ୍ଲୋବାଲ ସ୍କୁଲର ମୁକାବିଲା ହେବ। ଉଭୟ ସେମିଫାଇନାଲ ଭୁବନେଶ୍ୱର ଫୁଟବଲ ଏକାଡେମୀ ପରିସରରେ ଅଗଷ୍ଟ ୨୮ ତାରିଖ ଗୁରୁବାର ଖେଳାଯିବ। ଆଜି ଅନୁଷ୍ଠିତ ଦୁଇଟିଯାକ କ୍ୱାର୍ଟର ଫାଇନାଲ ମୁକାବିଲା ଏକତରଫା ହୋଇଥିଲା। ଆଜିର ପ୍ରଥମ ତଥା ଟୁର୍ଣ୍ଣାମେଣ୍ଟର ତୃତୀୟ କ୍ୱାର୍ଟର ଫାଇନାଲ ମୁକାବିଲାରେ କିସ୍ ୧୧-୦ ଗୋଲରେ ବକ୍ସି ଜଗବନ୍ଧୁ ଇଂଲିଶ ମିଡିୟମ୍ ସ୍କୁଲ୍‌କୁ ପରାସ୍ତ କରି ସେମିଫାଇନାଲରେ ପ୍ରବେଶ କରିଥିଲା। ବିଜୟୀ ଦଳ ପକ୍ଷରୁ ସୋନାରାମ ସୋରେନ୍ ଓ ଉପେନ୍ଦ୍ର ଅମାନତ୍ୟ ହ୍ୟାଟ୍ରିକ୍ ଗୋଲ ସ୍କୋର କରିଥିଲେ। ବଚନ ପୂର୍ତ୍ତି ମଧ୍ୟ ୨ଟି ଗୋଲ ସ୍କୋର କରିଥିଲେ। ସୋନାରାମଙ୍କୁ ଆଜିର ଅତିଥି ତଥା ଚାର୍ଟାର୍ଡ ଆକାଉଣ୍ଟାଣ୍ଟ ସତ୍ୟଜିତ ମିଶ୍ର ପୁରସ୍କାର ପ୍ରଦାନ କରିଥିଲେ। ସେହିପରି ଦ୍ୱିତୀୟ ମ୍ୟାଚ୍ ମଧ୍ୟ ଏକତରଫା ହୋଇଥିଲା। ଏଥିରେ ବିକାଶ ରେସିଡେନ୍ସିଆଲ ସ୍କୁଲ ୭-୦ ଗୋଲରେ ମଦର୍ସ ପବ୍ଲିକ୍ ସ୍କୁଲ୍‌କୁ ପରାସ୍ତ କରି ଶେଷ ଦଳ ଭାବେ ସେମିଫାଇନାଲରେ ପ୍ରବେଶ କରିଛି। ବିଜୟୀ ଦଳ ପକ୍ଷରୁ ଆର୍ଯ୍ୟନ ଲେନୀ ହ୍ୟାଟ୍ରିକ୍ ଗୋଲ ସ୍କୋର କରି ଅତିଥି ତଥା ପୂର୍ବତନ ପରିବହନ ମନ୍ତ୍ରୀ ପଦ୍ମନାଭ ବେହେରାଙ୍କଠାରୁ ପୁରସ୍କାର ଗ୍ରହଣ କରିଥିଲେ।



ଆର୍ଯ୍ୟନ ଲେନୀ



ସୋନାରାମ ସୋରେନ୍

### ଏସିଆନ ସୁଟିଂ ଚାମ୍ପିଅନସିପ୍

## ଡବଲ ସ୍ୱର୍ଣ୍ଣ ଜିତିଲେ ସିଫ୍ଟ କୌର

ନୂଆଦିଲ୍ଲୀ,୨୬।୮ (ଏଜେନ୍ସି)



ଭାରତର ଆଉ ଜଣେ ସୁଟର ସିଫ୍‌ଟ କୌର ସାମ୍ରା କାଜାଖସ୍ଥାନରେ ଚାଲିଥିବା ଏସିଆନ୍ ସୁଟିଂ ଚାମ୍ପିଅନସିପ୍‌ରେ ଡବଲ ସ୍ୱର୍ଣ୍ଣପଦକ ବିଜୟୀ ହୋଇଛନ୍ତି। ମଙ୍ଗଳବାର ଅନୁଷ୍ଠିତ ମହିଳା ୫୦ ମିଟର ରାଇଫଲ ୩ ପୋଜିସନରେ ସେ ଉଭୟ ବ୍ୟକ୍ତିଗତ ଓ ଦଳଗତ ବିଭାଗରେ ସ୍ୱର୍ଣ୍ଣପଦକ ହାସଲ କରିଛନ୍ତି। ଗତକାଲି ନୀରୁ ଧାଣ୍ଡା ମହିଳା ଟ୍ରାପ୍ ଇଭେଣ୍ଟରେ ଡବଲ ସ୍ୱର୍ଣ୍ଣ ପଦକ ଜିତିଥିଲେ। ଆଜି ଅନୁଷ୍ଠିତ ଇଭେଣ୍ଟରେ ସିଫ୍‌ଟ କୌର ଫାଇନାଲ ମୁକାବିଲାରେ ସର୍ବାଧିକ ୪୫୯.୨ ପଏଣ୍ଟ ପାଇ ପ୍ରଥମ ସ୍ଥାନରେ ରହିଥିଲେ। ଚୀନ୍‌ର ୟାଙ୍ଗ ୟୁଜି ୪୫୮.୮ ପଏଣ୍ଟ ପାଇ ରୌପ୍ୟ ଓ ଜାପାନର ନୋବୋଟା ମିସାକି କାଂସ୍ୟ ପଦକ ହାସଲ କରିଛନ୍ତି। ବ୍ୟକ୍ତିଗତ ବିଭାଗରେ ସ୍ୱର୍ଣ୍ଣ ଜିତିବା ପରେ ସିଫ୍ଟଙ୍କ ନେତୃତ୍ୱରେ ଆଶୀ ଚୋକସୀ ଓ ଅଞ୍ଜୁମ ମୌଦଗିଲ୍ ୧୭୫୦ ପଏଣ୍ଟ ସ୍କୋର କରି ପ୍ରଥମ ସ୍ଥାନ ଅଧିକାର କରିବା ସହ ସ୍ୱର୍ଣ୍ଣ ପଦକ କବ୍‌ଜା କରିଥିଲେ।

**ଶୀର୍ଷରେ ଶ୍ରୀୟଙ୍କା :** ଭାରତ ତଥା ଓଡ଼ିଶାର ସୁଟର ଶ୍ରୀୟଙ୍କା ଷଡଙ୍ଗୀ ଏହି ଇଭେଣ୍ଟର କ୍ୱାଲିଫିକେସନ ରାଉଣ୍ଡରେ ପ୍ରଥମ ସ୍ଥାନ ଅଧିକାର କରିଥିଲେ। କିନ୍ତୁ ସେ ମେଡାଲ ଲାଗି ଖେଳିପାରି ନ ଥିଲେ। ସେ କେବଳ ର୍ୟାଙ୍କିଙ୍ଗ୍ ପଏଣ୍ଟ ପାଇବା ଲାଗି ଖେଳୁଥିବାରୁ ଫାଇନାଲ ଖେଳି ନ ଥିଲେ। ସିଫ୍‌ଟ କୌର ଏହାକୁ ମିଶାଇ ଏସିଆନ୍ ଚାମ୍ପିଅନସିପ୍‌ରେ ଚତୁର୍ଥ ସ୍ୱର୍ଣ୍ଣ ପଦକ ବିଜୟୀ ହୋଇଛନ୍ତି।

■ ରାଜ୍ୟଗୋଷ୍ଠୀ ଭାରୋତ୍ତୋଳନ

## ମୀନାଙ୍କୁ ସ୍ୱର୍ଣ୍ଣ ସ୍ନେହାଙ୍କୁ ରୌପ୍ୟ

ଭୁବନେଶ୍ୱର,୨୬।୮ (ସମିସ): ଅହମ୍ମଦାବାଦ୍‌ରେ ଚାଲିଥିବା ରାଜ୍ୟଗୋଷ୍ଠୀ ଭାରୋତ୍ତୋଳନରେ ମଙ୍ଗଳବାର ଆଉ ୨ ଓଡ଼ିଆ ପ୍ରତିଯୋଗୀ ପଦକ ଜିତିବାରେ ସମର୍ଥ ହୋଇଛନ୍ତି। ଜୁନିଅର ୫୮ କେଜିରେ ମିନା ସାନ୍ତା-ଏ ସ୍ୱର୍ଣ୍ଣ ଓ ମହିଳା ୫୩ କିଲୋ କାଟାଗୋରୀରେ ସ୍ନେହା ସୋରେନ୍ ରୌପ୍ୟ ପଦକ ବିଜୟୀ ହୋଇଛନ୍ତି। ନବରଙ୍ଗପୁରର ଝିଅ ମିନା ସ୍ନାଚ୍‌ରେ ୮୪, କ୍ଲିନ୍ ଆଣ୍ଡ ଜର୍କରେ ୧୦୧ ଓ ମୋଟରେ ୧୮୫ କେଜି ଓଜନ ଉଠାଇ ସ୍ୱର୍ଣ୍ଣ ଜିତିଛନ୍ତି। ସେହିପରି ମୟୁରଭଞ୍ଜର ଝିଅ ସ୍ନେହା ସ୍ନାଚ୍‌ରେ ୮୧, କ୍ଲିନ୍ ଆଣ୍ଡ ଜର୍କରେ ୧୦୪ କେଜି ସହ ମୋଟ ୧୮୫ କେଜି ଓଜନ ଉଠାଇ ଦ୍ୱିତୀୟ ସ୍ଥାନରେ ରହିଥିଲେ। ଉଭୟ କଳିଙ୍ଗ ଷ୍ଟାଡିୟମ୍‌ରେ ଥିବା ଭାରୋତ୍ତୋଳନ ହାଇ ପରଫର୍ମାନ୍ସ ସେଣ୍ଟରରେ କୋଚ୍ ଗୋପାଳକୃଷ୍ଣ ଦାସଙ୍କଠାରୁ ପ୍ରଶିକ୍ଷଣ ନେଉଛନ୍ତି।





## ଏସିଆ କପ୍ ମହିଳା ହକି: ଭାରତୀୟ ଦଳରେ ଓଡ଼ିଶାରୁ ଏକା ସୁନେଲିତା

ଭୁବନେଶ୍ୱର,୨୬।୮ (ସମିସ): ଚୀନ୍‌ର ହାଙ୍ଗଝୋଉଠାରେ ସେପ୍ଟେମ୍ବର ୫ରୁ ୧୪ ତାରିଖ ଯାଏ ମହିଳା ଏସିଆ କପ୍ ହକି ଲାଗି ଭାରତ ଏକ ୨୦ ଜଣିଆ ଦଳ ଘୋଷଣା କରିଛି। ମିଡ୍‌ଫିଲ୍ଡର ସଲିମା ଟେଟେ ଏହି ଦଳର ନେତୃତ୍ୱ ନେଉଥିଲାବେଳେ ଏଥିରେ ଜଣେ ମାତ୍ର ଓଡ଼ିଆ ଖେଳାଳି ସ୍ଥାନ ପାଇଛନ୍ତି। ସେ ହେଲେ ମିଡ୍‌ଫିଲ୍ଡର ସୁନେଲିତା ଟପ୍ପୋ। ଏହି ଚୟନରେ ଭିନ୍ନ ଭିନ୍ନ କାରଣରୁ ଆଉ ୩ଜଣ ଓଡ଼ିଶା ଖେଳାଳି ସ୍ଥାନ ପାଇବାରୁ ବଞ୍ଚିତ ହୋଇଛନ୍ତି। ବିହାରର ରାଜଗିରଠାରେ ଅଗଷ୍ଟ ୨୯ରୁ ଆରମ୍ଭ ହେବାକୁ ଯାଉଥିବା ପୁରୁଷ ଏସିଆ କପ୍‌ରେ ଅମିତ ରୋହିଦାସ୍ ଓ ଶିଳାନନ୍ଦ ଲାକ୍ରା ସ୍ଥାନ ପାଇଛନ୍ତି। ନୀଳମ ସଞ୍ଜୀପ ଖେସ ରିଜର୍ଭ ଖେଳାଳି ରହିଛନ୍ତି।



### ପୁରୁଷ ଏସିଆ କପ୍‌ରେ ମାଗଣା ଟିକଟ

ଦର୍ଶକମାନେ ମାଗଣାରେ ପୁରୁଷ ଏସିଆ କପ୍ ଖେଳ ଦେଖିପାରିବେ ବୋଲି ହକି ଇଣ୍ଡିଆ ସଭାପତି ଦିଲୀପ ତିର୍କୀ ଘୋଷଣା କରିଛନ୍ତି। କିନ୍ତୁ ଏଥିଲାଗି ଦର୍ଶକମାନେ www.ticketgenie.in ଆପ୍‌ରେ ଟିକଟ ବୁକିଂ କରିବାକୁ ହେବ।

ବୁଚି ବାବୁ ଆମନ୍ତ୍ରଣୀୟ କ୍ରିକେଟ

## ରାଜେଶଙ୍କ ଶତକ; ଓଡ଼ିଶା ୩୧୪/୧୦

କଟକ,୨୬।୮ (ସମିସ): ବୁଚି ବାବୁ ଆମନ୍ତ୍ରଣୀୟ କ୍ରିକେଟ ଟୁର୍ଣ୍ଣାମେଣ୍ଟର ୩ୟ ତଥା ଅନ୍ତିମ ଲିଗ୍ ମ୍ୟାଚ୍ ମଙ୍ଗଳବାର ଠାରୁ ଆରମ୍ଭ ହୋଇଛି। ଚେନ୍ନାଇର ଏସ୍‌ଏସଏନ ଗ୍ରାଉଣ୍ଡରେ ଓଡ଼ିଶା ଜମ୍ମୁ ଓ କଶ୍ମୀରକୁ ଭେଟିଛି। ପ୍ରଥମ ଦୁଇଟି ମ୍ୟାଚ୍‌ରେ ପରାଜୟର ସମ୍ମୁଖୀନ ହୋଇଥିବା ଓଡ଼ିଶା ଶେଷ ଲିଗ୍‌ରେ





ବିଜୟୀ ହେବା ଲକ୍ଷ୍ୟ ରଖିଛି। ଜମ୍ମୁ ଓ କଶ୍ମୀର ଅଧିନାୟକ ଅବଦୁଲ ସମାଦ ଟସ୍ ଜିତି ଓଡ଼ିଶାକୁ ବ୍ୟାଟିଂ ନିମନ୍ତ୍ରଣ ଦେଇଥିଲେ। ୯୦ଓଭର ବିଶିଷ୍ଟ ପ୍ରଥମ ଇନିଂସ୍ ଖେଳର ୨ ଓଭର ବାକି ଥାଇ ଓଡ଼ିଶା ୩୧୪ ରନରେ ଅଲଆଉଟ ହୋଇଥିଲା। ଓପନର ଓମ ଟି ମୁଣ୍ଡେ ୮ରନ ଏବଂ ଶୁଭ୍ରାଂଶୁ ଶେଖର ସେନାପତି ଶୂନରେ ପ୍ୟାଭିଲିୟନ ଫେରିବା ସହ ଦଳ ପ୍ରାଥମିକ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ଅନ୍ୟତମ ଓପନର ବିନୟ ପାଇକରାୟ ୨୦ରନ କରିଥିଲେ। ମଧ୍ୟକ୍ରମରେ ୱିକେଟ କିପର ରାଜେଶ ଧୂପରଙ୍କ ୧୦୪ରନ, ଗୋବିନ୍ଦ ପୋଦ୍ଦାରଙ୍କ ୭୪ରନ, କାର୍ତ୍ତିକ ବିଶ୍ୱାଳଙ୍କ ୫୩ରନ ବଳରେ ଦଳ ୩୦୦ପାର୍ କରିଥିଲା। ଅନୀଲ ପରିଡା ୨୨ରନର ପାଳି ଖେଳିଥିଲେ। ଜମ୍ମୁ ଓ କଶ୍ମୀର ପକ୍ଷରୁ ବଂଶଜ ଶର୍ମା ଓ ଆବିଦ ମୁସ୍ତାକ ୪ଟି ଲେଖାଏ ୱିକେଟ ଦଖଲ କରିଥିଲେ।







PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ: ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS